# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ମେ ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, May 21/2025 | Page 14 | ₹ 7.00

୫୧ଶ ଭାଗ ୧୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 175 | ମୂଲ୍ୟ ₹୭/-





**‘ୱାର୍ ୨’: ହ୍ରିତିକ୍-ଜୁନିୟର ଏନ୍‌ଟିଆର୍ ଲଢ଼େଇ**

‘ୱାର୍ ୨’ ଫିଲ୍ମର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି। ଏଥିରେ ଅଭିନେତା ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ ଅନେକ ଆକ୍ସନ ଦୃଶ୍ୟ ଥିବାର ଦେଖିବାକୁ ମିଳିଛି। **୦୨**

**୧୪** **ଯୁଦ୍ଧବୀରଙ୍କ ପ୍ରଭାବୀ ବୋଲିଂ**

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରି ୩ଉଇକେଟ ହାସଲ କରିଛନ୍ତି ରାଜସ୍ଥାନ ରୟାଲ୍ସର ଯୁଦ୍ଧବୀର ସିଂ ଚରକ।




## ଆଜି ପ୍ରକାଶ ପାଇବ ଯୁକ୍ତ ୨ ପରୀକ୍ଷାଫଳ

**ଭୁବନେଶ୍ୱର,୨୦।୫(ସୁଚିସ୍ମିତା ସାହୁ)**

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାଫଳ ବୁଧବାର ଅପରାହ୍ନ ୪ଟାରେ ପ୍ରକାଶ ପାଇବ। ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ପ୍ରକାଶ ପାଇବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ରେଜଲ୍ଟ www.results.odisha.gov.in, www.chseodisha.nic.in, www.results.digilocker.gov.in ମାଧ୍ୟମରେ ଜାଣିପାରିବେ। ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା/ଅଧ୍ୟକ୍ଷ ପରୀକ୍ଷା ଫଳାଫଳ ଘୋଷଣାର ଏକ ଘଣ୍ଟା ପରେ ସାମ୍ସ ଇ ସ୍ପେସ୍‌ରୁ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଟାବୁଲେଶନ ରେଜିଷ୍ଟର ପାଇପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ଫେବୃଆରୀ ୧୫ରୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଯୁକ୍ତ୨ ପରୀକ୍ଷା ହୋଇଥିଲା। ମୋଟ ୩ ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କଳା ବିଭାଗରେ ୨,୪୭,୩୯୧, ବିଜ୍ଞାନରେ ୧,୧୪,୯୮୦, ବାଣିଜ୍ୟରେ ୨୫,୫୨୬ ଏବଂ ଧନ୍ଦାମୂଳକ ବିଷୟରେ ୫,୭୨୧ ଜଣ ପରୀକ୍ଷା ଦେଇଥିଲେ। ୧,୨୭୬ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନପତ୍ର ମହଜୁଦ ପାଇଁ ୨୦୫ଟି ହବ୍ ବ୍ୟବସ୍ଥା କରାଯାଇଥିଲା।



ଜମ୍ମୁ-କଶ୍ମୀରସ୍ଥିତ ପୁଞ୍ଛ ସେକ୍ଟର ଏଲ୍‌ଓସି ନିକଟରେ ଠାବ ହୋଇଥିବା ପାକିସ୍ତାନୀ ସେନାର ଗୁଳିଗୋଳା ଓ ମୋର୍ଟାର ଶେଲ୍ ଦେଖାଉଛନ୍ତି ଜଣେ ଭାରତୀୟ ଯବାନ।

## ଜୁଲାଇ ୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ,୨୦।୫(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୧ରୁ ପରୀକ୍ଷା ଆରମ୍ଭ ହୋଇ ୧୦ରେ ଶେଷ ହେବ। ପ୍ରଥମ ଦିନ ଜୁଲାଇ ୧ରେ ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ଅଲଟରନେଟିଭ ଇଂଲିଶ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୨ରେ ସାମାଜିକ ବିଜ୍ଞାନ, ଜୁଲାଇ ୪ରେ ଗଣିତ, ଜୁଲାଇ ୭ରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ଜୁଲାଇ ୮ରେ ଟିଏଲଭି ପ୍ରାକ୍ଟିକାଲ, ଜୁଲାଇ ୯ରେ ବିଜ୍ଞାନ ଏବଂ ଜୁଲାଇ ୧୦ରେ ତୃତୀୟ ଭାଷା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ସି, ଭୋକେଶନାଲ ଟ୍ରେଡ୍ ଥିଓରି ପରୀକ୍ଷା ହେବ। ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀମାନେ ସମାନ ପ୍ରଶ୍ନପତ୍ର ଓ ଗୋଟିଏ ସିଟିଂରେ ପରୀକ୍ଷା ଦେବେ। ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ଯାଏ ହେବ। କେବଳ ଗଣିତ ବିଷୟ ୧୧ଟା ୪୫ରେ ସରିବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ସପ୍ଲିମେଣ୍ଟାରି ପରୀକ୍ଷା ଜୁନ୍ ୩୦ରୁ ଜୁଲାଇ ୧୦ ପର୍ଯ୍ୟନ୍ତ ହେବ। ପ୍ରଥମ ଦିନ ଜୁନ୍ ୩୦ରେ ଗୃହ ବିଜ୍ଞାନ, ଜୁଲାଇ ୧ରେ ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ଜୁଲାଇ ୨ରେ ସାମାଜିକ ବିଜ୍ଞାନ, ଜୁଲାଇ ୩ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ, ଜୁଲାଇ ୪ରେ ଗଣିତ, ଜୁଲାଇ ୬ରେ ଗୃହ ବିଜ୍ଞାନ ପ୍ରାକ୍ଟିକାଲ, ୭ରେ ଇଂଲିଶ, ୮ରେ ପେଣ୍ଟିଂ ଥିଓରି, ୯ରେ ବିଜ୍ଞାନ ଏବଂ ୧୦ ତାରିଖରେ ହିନ୍ଦୀ, ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ।

## ଜୁନ୍ ୧ ଯାଏ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର,୨୦।୫(ସୁଚିସ୍ମିତା ସାହୁ)**

ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବୃଦ୍ଧି କରାଯାଇଛି। ରାଜ୍ୟରେ ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାବେଳେ ଯୁକ୍ତ ୩ ନାମଲେଖା ପାଇଁ ମଙ୍ଗଳବାର ଆବେଦନ ଅବଧି ଶେଷ ହେଉଥିଲା, ଯାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଥିଲେ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ନାମଲେଖା ଆବେଦନର ଅବଧିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଏପ୍ରିଲ ୧୬ରେ ଆରମ୍ଭ ହୋଇ ମେ ୨୦ ତାରିଖ ଭିତରେ ଶେଷ ହୋଇଥାଏ। ହେଲେ ଏପର୍ଯ୍ୟନ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ କରି ନ ଥିବାବେଳେ ଅନ୍ୟପଟେ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଶେଷ ହେଉଛି। ଏନେଇ ଅଭିଭାବକ ଏବଂ ଶିକ୍ଷାବିତମାନେ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଫଳରେ ସରକାର ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବୃଦ୍ଧି କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯେଉଁମାନେ ସିଏଏଫ୍‌ରେ ଆବେଦନ କରିଛନ୍ତି, ସେମାନେ ମାର୍କସିଟ୍ ଅପ୍‌ଲୋଡ୍ କରିପାରିବେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସିଲେକ୍ସନ ଡେଡ୍‌ଲାଇନ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ଆସନ୍ତା ଜୁନ ୧ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ଏଥିସହିତ ଯୁକ୍ତ ୨ ପରୀକ୍ଷାରେ ରଖିଥିବା ନିଜର ମାର୍କ ମଧ୍ୟ ଜୁନ ୧ ତାରିଖ ସୁଦ୍ଧା ଅପଲୋଡ୍ କରିପାରିବେ।

# କ୍ୟାବିନେଟ୍‌ରେ ମନ୍ତ୍ରୀଙ୍କୁ ଗୁରୁତ୍ୱ

**ରାଜ୍ୟ ସରକାର କ୍ୟାବିନେଟ୍‌ରେ ଢାଞ୍ଚାଗତ ପରିବର୍ତ୍ତନ ଆଣିଛନ୍ତି। ଏଥିରେ ମନ୍ତ୍ରୀମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ସଚିବମାନଙ୍କୁ ଦୂରେଇ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏବେ ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ କୌଣସି ପ୍ରସ୍ତାବ କ୍ୟାବିନେଟ୍‌ରେ ଆଗତ ହୋଇପାରିବ ନାହିଁ। ୫ ଦିନ ପୂର୍ବରୁ କ୍ୟାବିନେଟ୍ ବୈଠକର ଦିନ ଧାର୍ଯ୍ୟ ହେବା ସହ ୩ ଦିନ ପୂର୍ବରୁ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପଠାଯିବ। କ୍ୟାବିନେଟ୍ ଗୃହରେ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ବ୍ୟତୀତ ଅନ୍ୟ କୌଣସି ସଚିବ ଉପସ୍ଥିତ ରହିବେ ନାହିଁ। ଆବଶ୍ୟକ ସ୍ଥଳେ ବିଭାଗୀୟ ସଚିବମାନଙ୍କୁ ଉପସ୍ଥିତ ରହିବାକୁ ଅନୁମତି ମିଳିପାରେ। ଗଣତନ୍ତ୍ରରେ ଅମଲା ନୁହନ୍ତି, ବରଂ ନିର୍ବାଚିତ ସରକାର ଲୋକଙ୍କ ନିକଟରେ ଉତ୍ତରଦାୟୀ ହୋଇଥିବାରୁ ମନ୍ତ୍ରୀମାନଙ୍କୁ ସେମାନଙ୍କ କ୍ଷମତା ପ୍ରୟୋଗର ସୁଯୋଗ ପ୍ରଦାନ କରାଯାଇଥିବା କୁହାଯାଉଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସମୀକ୍ଷକମାନେ ସ୍ୱାଗତ କରିଛନ୍ତି।**

## ସଚିବଙ୍କୁ ବୈଠକ ମନା

**ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ସଚିବମାନଙ୍କ କ୍ଷମତାରେ ଅଙ୍କୁଶ ଲଗାଇଛନ୍ତି। ଏଣିକି କ୍ୟାବିନେଟ୍ ବୈଠକରେ ସଚିବମାନେ ଉପସ୍ଥିତ ରହିପାରିବେ ନାହିଁ। ନିଜ ବିଭାଗର ପ୍ରସ୍ତାବ ମନ୍ତ୍ରୀମାନେ ହିଁ କ୍ୟାବିନେଟ୍ ବୈଠକରେ ଉପସ୍ଥାପନ କରିବେ। କ୍ୟାବିନେଟ୍ ଢାଞ୍ଚାରେ ପରିବର୍ତ୍ତନ କରିବା ସହ ସରକାର ଏଭଳି କିଛି ନିଷ୍ପତ୍ତି ନେଇଛନ୍ତି। ଏଣିକି କ୍ୟାବିନେଟ୍ ବୈଠକ ବସିବାର ୫ ଦିନ ପୂର୍ବରୁ ତାରିଖ ଚୂଡ଼ାନ୍ତ ହେବ। ୩ ଦିନ ପୂର୍ବରୁ ଏଜେଣ୍ଡା ଫାଇନାଲ ହୋଇଯିବା ସହ କ୍ୟାବିନେଟ୍ ବୈଠକକୁ ୨ ଦିନ ଥିବ ମନ୍ତ୍ରୀମାନଙ୍କ ନିକଟରେ ଫାଇଲ୍ ପହଞ୍ଚିଯିବ। ଏହି ନିଷ୍ପତ୍ତି ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଏନେଇ ସବୁ ବିଭାଗର ସଚିବଙ୍କ ପାଖକୁ ଚିଠି ଲେଖାଯାଇଛି।

ସଂସଦୀୟ ବ୍ୟାପାର ସଚିବ ସବୁ ବିଭାଗକୁ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ଏଣିକି କୌଣସି ପ୍ରସ୍ତାବ କ୍ୟାବିନେଟ୍‌କୁ ଆସିପାରିବ ନାହିଁ। ପୂର୍ବ ସରକାର ସମୟରେ ମନ୍ତ୍ରୀମାନେ ଶେଷ ସମୟରେ କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ପାଉଥିବା ବେଳେ କ’ଣ ସବୁ ପ୍ରସ୍ତାବ ରହିଛି ସେକଥା ଜାଣିପାରୁ ନ ଥିଲେ। ହେଲେ ଏଥର କ୍ୟାବିନେଟ୍ ବୈଠକର ସେହି ପୁରୁଣା ଢାଞ୍ଚା ପରିବର୍ତ୍ତନ କରାଯିବା ସହ ଆଇଏଏସ୍ ଅଫିସରଙ୍କ ପତିଆରାରେ ହ୍ରାସ କରିଦିଆଯାଇଛି। କ୍ୟାବିନେଟ୍ ଏଜେଣ୍ଡାଗୁଡ଼ିକ ଏଣିକି ମନ୍ତ୍ରୀମାନେ ଉପସ୍ଥାପିତ କରିବାକୁ ଥିବାବେଳେ ଏଜେଣ୍ଡାଗୁଡ଼ିକରେ ଥିବା ପ୍ରସ୍ତାବ ସମ୍ପର୍କରେ ସଚିବମାନେ କ୍ୟାବିନେଟ୍ ରୁମ୍‌ରେ ନ ବସି ତା’ର ପାଖ ରୁମ୍‌ରେ ବସି ଜାଣିବେ। ଆବଶ୍ୟକ ହେଲେ ବିଭାଗୀୟ ସଚିବ କ୍ୟାବିନେଟ୍ ବୈଠକ ଚାଲିଥିବା ରୁମ୍‌କୁ ଯାଇପାରିବେ। କ୍ୟାବିନେଟ୍‌ରେ ପ୍ରସ୍ତାବଗୁଡ଼ିକ ଉପରେ ମୋହର ବାଜିବା ପରେ ତାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବା ମନ୍ତ୍ରୀମାନଙ୍କ ଦାୟିତ୍ୱ। ଏହାସହ କ୍ୟାବିନେଟ୍ ବୈଠକ ବସିବାର ୩ଟି କାର୍ଯ୍ୟଦିବସ ପୂର୍ବର ସନ୍ଧ୍ୟା ୫ଟା ଭିତରେ ଏଜେଣ୍ଡା ନ ପାଇଲେ ଆଉ ଗ୍ରହଣ କରିବ ନାହିଁ। ଯଦି ୩ ଦିନ ପୂର୍ବର ଦିବସରେ ଛୁଟି ପଡୁଥାଏ ତେବେ ତା’ର ଆଉ ଗୋଟିଏ ଦିନ ଆଗରୁ ଏଜେଣ୍ଡା ପ୍ରଦାନ କରିବାକୁ ବାଧ୍ୟ। ଯଦି କୌଣସି ସଚିବଙ୍କୁ ଏଜେଣ୍ଡା ବାବଦରେ କିଛି ମତାମତ ନେବାକୁ କୁହାଯାଏ ତେବେ ସେ ଆସି ଦେଇପାରିବେ ନ ହେଲେ ସେମାନଙ୍କ ଉପସ୍ଥିତିରେ ଆବଶ୍ୟକତା ନାହିଁ।

ଏନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, କୌଣସି ମନ୍ତ୍ରୀ କେତେ ଖର୍ଚ୍ଚ ହେବ, ଯେଉଁ ଏଜେଣ୍ଡା ଆସିବ ତା’ର କ’ଣ ସବୁ ଆଇନ ଲାଗୁ ହେବ ସେନେଇ କିଛି ଅବଗତ ଅଛନ୍ତି କି? ସବୁ କିଛି ଅଫିସରମାନଙ୍କ ଉପରେ ନିର୍ଭର କରିବ। ଅଫିସରମାନେ ଗୁମାସ୍ତା ଭଳି କାର୍ଯ୍ୟ ତୁଲାନ୍ତି। ବିନା ଗୁମାସ୍ତାରେ ମାଲିକ କ’ଣ କରିପାରିବ। ଯଦି ଅଫିସରମାନଙ୍କୁ ତଡ଼ିବେ ତା’ ହେଲେ ତ କ୍ୟାବିନେଟ୍ ବୈଠକ ହୋଇପାରିବ ନାହିଁ। କେଉଁମାନେ ସବୁ କିଛି ଲେଖିକି ରଖିବ ବୋଲି ସହଦେବ ପ୍ରଶ୍ନ କରିଛନ୍ତି। ☞ପୃଷ୍ଠା-୪

# ମୁମ୍ବାଇରେ ୨ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ

**ମୁମ୍ବାଇ/ଭୁବନେଶ୍ୱର (ବନ୍ଦନା ସେଠୀ), ୨୦।୫**

ହଂକଂ, ସିଙ୍ଗାପୁର ଓ ଥାଇଲାଣ୍ଡରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ଏହି ଘାତକ ଭୂତାଣୁ ଭାରତ ପାଇଁ ଚିନ୍ତାଜନକ ହୋଇଛି। ମୁମ୍ବାଇର କେଇଏମ୍ ହସ୍ପିଟାଲରେ ଚିକିତ୍ସାଧୀନ ୨ କୋଭିଡ୍ ରୋଗୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଜଣେ ୫୯ ବର୍ଷୀୟା ମହିଳା ମୁଖ କର୍କଟ ରୋଗରେ ପୀଡ଼ିତ ଥିବାବେଳେ ଅନ୍ୟ ଜଣେ ନାବାଳକ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟ ସ୍ଥିତି ଗମ୍ଭୀର ରହିଥିଲା ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କୋଭିଡ୍ ମହାମାରୀ ଯୋଗୁ ଦୁହିଁଙ୍କ ମୃତ୍ୟୁ ଘଟି ନ ଥିବାରୁ ଆତଙ୍କିତ ନ ହେବାକୁ କୁହାଯାଇଛି। ଦେଶରେ ବର୍ତ୍ତମାନ ୨୫୭ ସକ୍ରିୟ ମାମଲା ଥିବାବେଳେ ସଂକ୍ରମିତଙ୍କ ମଧ୍ୟରୁ ୧୬୪ ଜଣ ମେ’ ୧୨ ପରେ ଚିହ୍ନଟ ହୋଇଛନ୍ତି।



## ଓଡ଼ିଶାରେ ନାହାନ୍ତି ନୂଆ ଆକ୍ରାନ୍ତ, ସତର୍କତା ପାଇଁ ପରାମର୍ଶ

ଦେଶରେ ବଢୁଥିବା କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏକାଧିକ ରୋଗରେ ଆକ୍ରାନ୍ତଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ନୂଆ କୋଭିଡ୍ ମାମଲା ଠାବ ହୋଇନାହିଁ। କେହି ସଂକ୍ରମିତ ହୋଇଥିବା ଜଣାପଡ଼ିଲେ ତାଙ୍କର ଜେନୋମ୍ ସିକ୍ୱେନ୍ସିଂ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ବିଶେଷକରି ବହୁବିଧ ରୋଗରେ ଆକ୍ରାନ୍ତ ଲୋକେ ସାବଧାନ ରହିବା ପାଇଁ ସେ କହିଛନ୍ତି। କିଡ୍‌ନୀଜନିତ ରୋଗୀଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ଏବେ ବ୍ୟାପିଥିବା କୋଭିଡ ଓମିକ୍ରନ୍ ସବ୍‌ଭାରିଆଣ୍ଟ ଓଡ଼ିଶାରୁ ଚିହ୍ନଟ ହେଲେ ଜିନମ୍ ସିକ୍ୟୁଏନ୍ସ ପାଇଁ ପଠାଯିବ। ତେବେ ଏପର୍ଯ୍ୟନ୍ତ କେନ୍ଦ୍ରରୁ ଏନେଇ କୌଣସି ମାର୍ଗଦର୍ଶିକା ଜାରି କରାଯାଇ ନ ଥିବା ସୂଚନା ଦିଆଯାଇଛି।

## ୪/୫ ଦିନରେ କେରଳ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ,୨୦।୫ (ପି.ଟି.)**

ଆଗାମୀ ୪ରୁ ୫ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମଙ୍ଗଳବାର କହିଛି। ଏଥିପାଇଁ ପାଗ ଅନୁକୂଳ ରହିଛି। ସାଧାରଣତଃ ମୌସୁମୀ ଜୁନ୍ ୧ରେ କେରଳରେ ପହଞ୍ଚୁଥିବାବେଳେ ଏଥର ସପ୍ତାହେ ପୂର୍ବରୁ ପହଞ୍ଚିବା ଆଶା କରାଯାଉଛି। ମେ’ ୨୭ରେ ମୌସୁମୀ କେରଳ ଛୁଇଁପାରେ ବୋଲି ଆଇଏମ୍‌ଡି ପୂର୍ବରୁ ପୂର୍ବାନୁମାନ କରିଥିଲା। ମୌସୁମୀ ଆସନ୍ତା ୪ରୁ ୫ ଦିନ ମଧ୍ୟରେ କେରଳ ଛୁଇଁଲେ ୨୦୦୯ ପରେ ଏହା ପ୍ରଥମ ଘଟଣା ହେବ। ସ୍ୱାଭାବିକ ଭାବେ ମୌସୁମୀ ଜୁନ୍ ୧ରେ କେରଳ ଏବଂ ଜୁଲାଇ ୮ ସୁଦ୍ଧା ସମଗ୍ର ଦେଶରେ ପହଞ୍ଚିଥାଏ। ସେପ୍ଟେମ୍ବର ୧୭ରୁ ଏହା ଉତ୍ତର-ପଶ୍ଚିମ ଭାରତରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରି ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଫେରିଯାଇଥାଏ। ଚଳିତବର୍ଷ ଏଲ୍ ନିନୋ ସ୍ଥିତି ସମ୍ଭାବନା ନ ଥିବାରୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଗତ ମାସରେ ପୂର୍ବାନୁମାନ କରିଥିଲା। ଗତ ୫୦ ବର୍ଷର ହାରାହାରି ବୃଷ୍ଟିପାତ ୮୭ ସେଣ୍ଟିମିଟରର ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ପର୍ଯ୍ୟନ୍ତକୁ ସ୍ୱାଭାବିକ ବୃଷ୍ଟିପାତ ବିବେଚନା କରାଯାଇଥାଏ। ୯୦ ପ୍ରତିଶତରୁ କମ୍ ବୃଷ୍ଟିପାତକୁ ବର୍ଷାଭାବ ଏବଂ ୯୦ରୁ ୯୫ ପ୍ରତିଶତ ବର୍ଷାକୁ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ଧରାଯାଇଥାଏ। ସେହିପରି ୧୦୫ରୁ ୧୧୦ ପ୍ରତିଶତ ବର୍ଷାକୁ ସ୍ୱାଭାବିକଠାରୁ ଅଧିକ ଏବଂ ୧୧୦ ପ୍ରତିଶତରୁ ଅଧିକ ବର୍ଷା ହେଲେ ଏହାକୁ ଅତ୍ୟଧିକ ବୃଷ୍ଟିପାତ ବିବେଚନା କରାଯାଏ।

# ଲୁଟ୍ ପାଇଁ ୭ ମାସରେ ୨୫ ବିବାହ

**ଭୋପାଳ, ୨୦।୫**

ଅନୁରାଧା ପାଶ୍ୱାନ (୨୩) ନାମ୍ନୀ ଜଣେ ଯୁବତୀ ଗତ ୭ ମାସ ମଧ୍ୟରେ ବିଭିନ୍ନ ସହରର ୨୫ରୁ ଅଧିକ ଯୁବକଙ୍କୁ ବିବାହ କରି ସେମାନଙ୍କଠାରୁ ଟଙ୍କା, ସୁନାଗହଣା ଆଦି ଲୁଟି ଫେରାର ହୋଇଯାଉଥିଲେ। ମଙ୍ଗଳବାର ରାଜସ୍ଥାନ ପୋଲିସ ତାଙ୍କୁ ମଧ୍ୟପ୍ରଦେଶର ଭୋପାଳରୁ ଗିରଫ କରିଛି। ଅନେକ ରାଜ୍ୟ ପୋଲିସର ୱାଣ୍ଟେଡ୍ ଲିଷ୍ଟରେ ଲୁଟେରା କନ୍ୟା ଭାବେ ଅନୁରାଧାଙ୍କର ନାଁ ରହିଥିଲା। ପ୍ରତ୍ୟେକ ଥର ସେ କୌଣସି ନୂତନ ସହରରେ ନିଜ ନୂଆ ନାଁ ସହ ଅଲଗା ଅଲଗା ଲୋକଙ୍କୁ ଟାର୍ଗେଟ କରୁଥିଲେ।

ପୋଲିସର ସୂଚନା ଅନୁଯାୟୀ, ଅନୁରାଧାଙ୍କୁ ଏହି କାର୍ଯ୍ୟରେ ଏକ ଗ୍ୟାଙ୍ଗ୍ ସାହାଯ୍ୟ କରୁଥିଲା। ଗ୍ୟାଙ୍ଗ୍‌ର ସଦସ୍ୟମାନେ ଅନୁରାଧାଙ୍କ ବିବାହ ପାଇଁ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିବା ସହ ସମ୍ଭାବ୍ୟ ବର ଏବଂ ତାଙ୍କ ପରିବାରକୁ ଅନୁରାଧାଙ୍କ ଫଟୋ ଏବଂ ପ୍ରୋଫାଇଲ ଦେଖାଉଥିଲେ। ବିବାହ କରାଇବା ପାଇଁ ମଧ୍ୟସ୍ଥି ଭାବେ ଉକ୍ତ ଗ୍ୟାଙ୍ଗ୍‌ର ସଦସ୍ୟମାନେ ବର ପକ୍ଷଙ୍କଠାରୁ ୨ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଏହାପରେ ରୀତିନୀତି ଅନୁଯାୟୀ ଅନୁରାଧାଙ୍କ ବିବାହ ହେଉଥିଲା। ବିବାହର ଅଳ୍ପ କିଛିଦିନ ପର୍ଯ୍ୟନ୍ତ ଅନୁରାଧା ଜଣେ ଆଦର୍ଶ ବୋହୂ ଭାବେ ଶ୍ୱଶୁର ଘରେ ସମସ୍ତଙ୍କର ହୃଦୟ ଜିଣୁଥିଲେ। ତେବେ ଠିକଣା ଦେଖି ସେ ଖାଦ୍ୟରେ ନିଦ ବଟିକା ମିଶାଇ ଶ୍ୱଶୁର ଘର ଲୋକଙ୍କୁ ବେହୋସ୍ କରୁଥିଲେ ଏବଂ ଘରର ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା,



ଅନୁରାଧା ପାଶ୍ୱାନ

ନଗଦ ଏବଂ ମୂଲ୍ୟବାନ୍ ଜିନିଷ ପତ୍ର ନେଇ ଫେରାର୍ ହୋଇଯାଉଥିଲେ। ଅନୁରାଧାଙ୍କଠାରୁ ଠକାମିର ଶିକାର ହୋଇଥିବା ରାଜସ୍ଥାନର ସୱାଇ ମାଧୋପୁର ନିବାସୀ ବିଷ୍ଣୁ ଶର୍ମା ଗତ ୩ରେ ଏହି ଲୁଟେରା କନ୍ୟାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସୱାଇ ମାଧୋପୁର ପୋଲିସ ଅନୁରାଧାଙ୍କୁ ଧରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ମୁତାବକ ଜଣେ କନ୍‌ଷ୍ଟେବଲଙ୍କୁ ନକଲି ବର ଭାବେ ପ୍ରସ୍ତୁତ କରାଯାଇଥିଲା। ସମ୍ଭାବ୍ୟ ବର ଭାବେ କନ୍‌ଷ୍ଟେବଲ ଜଣକ ଭୋପାଳରେ ବିଭିନ୍ନ ମଧ୍ୟସ୍ଥିଙ୍କ ସହ ଯୋଗାଯୋଗ କରିଥିଲେ। ଜଣେ ମଧ୍ୟସ୍ଥି ତାଙ୍କୁ ଅନୁରାଧାଙ୍କ ଫଟୋ ଦେଖାଇଥିଲେ ଏବଂ ବିବାହ ପାଇଁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଏହାପରେ ପୋଲିସ ଅନୁରାଧା ଓ ତାଙ୍କୁ ସହାୟତା କରୁଥିବା ବିବାହ ଠକେଇ ଗ୍ୟାଙ୍ଗ୍‌ର କେତେଜଣ ସଦସ୍ୟଙ୍କୁ ଗିରଫ କରିଛି।

## ଆଜିର ସମ୍ପାଦକୀୟ

**ସହରୀ ବନ୍ୟା**

## ଆଜିର ମନ୍ତବ୍ୟ

“କେନ୍ଦ୍ର ସରକାର ପହଲଗାମ୍ ଆକ୍ରମଣର ଆତଙ୍କବାଦୀମାନଙ୍କୁ ଧରିବା ପରିବର୍ତ୍ତେ ଖବରଦାତାମାନଙ୍କୁ ଗିରଫ କରୁଛନ୍ତି।

**-ଜୟରାମ ରମେଶ, କଂଗ୍ରେସ ନେତା**

## ସଂକ୍ଷେପରେ

### ନ୍ୟାୟିକ ସେବା ପରୀକ୍ଷା ଦେଇପାରିବେନି ସଦ୍ୟ ଆଇନ ସ୍ନାତକ

ନୂଆଦିଲ୍ଲୀ,୨୦।୫ (ପି.ଟି.)

ଆଇନରେ ସଦ୍ୟ ସ୍ନାତକ ଡିଗ୍ରୀ ହାସଲ କରିଥିବା ପ୍ରାର୍ଥୀ ଆଇନ ସେବା ପରୀକ୍ଷା ଦେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ପ୍ରବେଶିକା ସ୍ତରର ପଦବୀ ପାଇଁ ଆବେଦନ ନିମନ୍ତେ ଅନ୍ୟୂନ ୩ ବର୍ଷ ଓକିଲାତି ବୃତ୍ତି ବାଧ୍ୟତାମୂଳକ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଭାବୀ ବିଚାରପତିମାନଙ୍କ ପାଇଁ କୋର୍ଟରୁମ୍ ଅଭିଜ୍ଞତା ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ ଅଗଷ୍ଟାଇନ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ସଦ୍ୟ ଆଇନ ସ୍ନାତକଙ୍କୁ ନିଯୁକ୍ତି ଦେଲେ ଅନେକ ସମସ୍ୟା ସୃଷ୍ଟି କରିବ ବୋଲି ଅନେକ ହାଇକୋର୍ଟ ପୂର୍ବରୁ ଦର୍ଶାଇଛନ୍ତି। ନ୍ୟାୟିକ ଦକ୍ଷତା ଏବଂ ଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ କୋର୍ଟରୁମ୍‌ରେ ବ୍ୟାବହାରିକ ଅଭିଜ୍ଞତା ଜରୁରୀ ବୋଲି ରାୟ ଘୋଷଣା ବେଳେ ସିଜେଆଇ କହିଛନ୍ତି। ଅଲ୍ ଇଣ୍ଡିଆ ଜଜ୍ ଆସୋସିଏଶନ ପକ୍ଷରୁ ଦାଏର ପିଟିଶନ୍‌ର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

### ସ୍ପେନ୍‌ରେ ମୋବାଇଲ ନେଟ୍‌ୱର୍କ ବିଭ୍ରାଟ

ମାଡ୍ରିଡ୍, ୨୦।୫

ସ୍ପେନ୍‌ର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ପ୍ରମୁଖ ମୋବାଇଲ ଫୋନ୍ ନେଟ୍‌ୱର୍କଗୁଡ଼ିକ ଅଚାନକ ଡାଉନ୍ ହୋଇଯିବାରୁ ଅନେକ ଘଣ୍ଟା ପର୍ଯ୍ୟନ୍ତ ଲୋକେ କଲ୍, ମେସେଜ୍ ଏବଂ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଥିଲେ। ସ୍ପେନ୍‌ର ସବୁଠାରୁ ବଡ଼ ଟେଲିକମ୍ କମ୍ପାନୀ ଟେଲିଫୋନିକା ସମେତ ଅନ୍ୟ ନେଟ୍‌ୱର୍କ ପ୍ରଦାନକାରୀ ସିଷ୍ଟମଗୁଡ଼ିକ ଅଚଳ ହୋଇଯାଇଥିଲା। ଟେଲିଫୋନିକା ଦ୍ୱାରା ନେଟ୍‌ୱର୍କ ଅପ୍‌ଗ୍ରେଡ୍ କରାଯାଉଥିବାରୁ ଏହି ସମସ୍ୟା ଉପୁଜିଥାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପ୍ରକାଶ ଯେ, ୪ ସପ୍ତାହ ତଳେ ୟୁରୋପର ଅନେକ ଦେଶ ସମେତ ସ୍ପେନ୍‌ରେ କିଛି ଘଣ୍ଟା ପାଇଁ ବିଜୁଳି ବିଭ୍ରାଟ ଦେଖାଦେଇଥିଲା, ଯେଉଁଥିରେ ଅଧିକାଂଶ ଅଞ୍ଚଳ ବ୍ଲାକ୍‌ଆଉଟ ହୋଇଯାଇଥିଲା।

# ମହିଳାଙ୍କ ସୁରକ୍ଷା ଦାୟିତ୍ୱ ନିର୍ଦ୍ଦିଷ୍ଟ ଅଫିସରଙ୍କୁ ଦିଅ

## ଘରୋଇ ହିଂସାକୁ ନେଇ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୦।୫(ପି.ଟି.)



ଦେଶରେ ଘରୋଇ ହିଂସା ଆଇନ ଅଣାଯିବାର ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ମହିଳାମାନଙ୍କ ପ୍ରତି ଘରୋଇ ହିଂସା ଅତି ସାଧାରଣ ଅପରାଧ ଭାବେ ରହିଆସିଛି। ଏଥିରୁ ମହିଳାମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ମହିଳା ଓ ଶିଶୁ ବିକାଶ ବିଭାଗର ଜିଲା ଓ ତାଲୁକ ସ୍ତରର ନିର୍ଦ୍ଦିଷ୍ଟ ଅଫିସରଙ୍କୁ ଚିହ୍ନଟ କରି ସେମାନଙ୍କୁ ସୁରକ୍ଷା ଅଫିସର ଭାବେ ଦାୟିତ୍ୱ ଦେବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ହିଂସା ଆଇନ ଅନୁଯାୟୀ ଉକ୍ତ ଅଧିକାରୀମାନଙ୍କୁ ସୁରକ୍ଷା ଅଧିକାରୀ ଭାବେ ନାମିତ କରିବାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ମହିଳା ଓ ଶିଶୁ/ସାମାଜିକ କଲ୍ୟାଣ ବିଭାଗର ସଚିବମାନେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି।

ଧାରା ୧୧ ଅନୁଯାୟୀ ଉକ୍ତ ଅଫିସରମାନେ ଆଇନର ବ୍ୟବସ୍ଥା, ସେବାରେ ପ୍ରଭାବୀ ସମନ୍ୱୟ ଏବଂ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର କରିବେ। ଯେଉଁ ଅଞ୍ଚଳରେ ସୁରକ୍ଷା ଅଫିସରଙ୍କୁ ଦାୟିତ୍ୱ ଦିଆଯାଇ ନାହିଁ, ୬ ସପ୍ତାହ ମଧ୍ୟରେ ତାହା ସମ୍ପୂର୍ଣ୍ଣ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ହିଂସାର ଶିକାର ମହିଳାମାନଙ୍କୁ ସେବା ପ୍ରଦାନକାରୀ, ସହାୟକ ଗ୍ରୁପ୍ ଏବଂ ଆଶ୍ରୟ ଗୃହ ଉପଲବ୍ଧ କରାଇବା ରାଜ୍ୟ ସରକାର ସୁନିଶ୍ଚିତ କରିବେ। ଏହି ଉଦ୍ଦେଶ୍ୟରେ ରାଜ୍ୟଗୁଡ଼ିକ ଶେଲ୍ଟର ହୋମ୍ ଚିହ୍ନଟ କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଘରୋଇ ହିଂସା ଆଇନରେ ମହିଳାମାନେ ମାଗଣା ଆଇନଗତ ସହାୟତା ଓ ପରାମର୍ଶ ପାଇବା ଅଧିକାର ରହିଛି। ଏନେଇ ସେମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରାଇବା ଦିଗରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସମସ୍ତ ସଦସ୍ୟ ସଚିବ କାର୍ଯ୍ୟ କରିବାକୁ ଜାତୀୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ପରାମର୍ଶ ଦେବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ମହିଳା ଆଇନ ସହାୟତା କିମ୍ବା ପରାମର୍ଶ ପାଇଁ ରାଜ୍ୟ ଆଇନସେବା କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୁଅନ୍ତି, ସେମାନଙ୍କୁ ତୁରନ୍ତ ତାହା ଯୋଗାଇଦେବାକୁ ଆଇନରେ ଗ୍ୟାରେଣ୍ଟି ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି।

ସାରା ଦେଶରେ ମହିଳା ଘରୋଇ ହିଂସା ଆଇନ ଅଧୀନରେ ଥିବା ଭିତ୍ତିଭୂମି ଏବଂ ପୀଡ଼ିତାଙ୍କୁ ଉପଯୁକ୍ତ ଆଇନ ସେବା ଯୋଗାଇଦେବା ବ୍ୟବସ୍ଥା ମଧ୍ୟରେ ରହିଥିବା ବ୍ୟାପକ ତାରତମ୍ୟ ଦୂର କରାଯିବା ପାଇଁ ନିବେଦନ କରି 'ୱି ଦି ୱମେନ୍ ଅଫ୍ ଇଣ୍ଡିଆ' ନାମକ ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଆଇନ ସତ୍ତ୍ୱେ ଘରୋଇ ହିଂସା ଜାରି ରହିଥିବା ଏନ୍‌ଜିଓ ପକ୍ଷରୁ ଆଇନଜୀବୀ ଶୋଭା ଗୁପ୍ତା ଅଦାଲତଙ୍କୁ ଜଣାଇଥିଲେ।

## ଭାରତୀୟ ଏଜେଣ୍ଟଙ୍କୁ ଚିହ୍ନଟ ପାଇଁ ଜ୍ୟୋତିଙ୍କୁ ବ୍ୟବହାର କରୁଥିଲା ଆଇଏସ୍ଆଇ



ଜ୍ୟୋତି ମାଲହୋତ୍ରା

ନୂଆଦିଲ୍ଲୀ,୨୦।୫

ଭାରତୀୟ ଗୁପ୍ତ ଏଜେଣ୍ଟମାନଙ୍କୁ ଚିହ୍ନଟ କରିବାରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇକୁ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ସହାୟତା କରୁଥିଲେ ବୋଲି ସନ୍ଦେହ କରାଯାଉଛି। ଆଇଏସ୍ଆଇ ଅଫିସରଙ୍କ ସହ ଜ୍ୟୋତିଙ୍କର ହ୍ୱାଟ୍ସଆପ୍‌ରେ କୋଡ୍ ୱାର୍ଡରେ ବାର୍ତ୍ତା ବିନିମୟ ହେଉଥିଲା। ୫ ଦିନିଆ ପୋଲିସ ହାଜତରେ ଥିବା ଜ୍ୟୋତିଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ), ଗୋଇନ୍ଦା ବ୍ୟୁରୋ ଏବଂ ହରିୟାଣା ପୋଲିସର ମିଳିତ ଟିମ୍ କରୁଥିବା ଜେରାରୁ ଏହା ଜଣାପଡ଼ିଛି। ଅଲି ହାସନ ନାମକ ଆଇଏସ୍ଆଇ ଅଫିସରଙ୍କ ସହ ଜ୍ୟୋତିଙ୍କ ହ୍ୱାଟ୍ସଆପ୍ ଚାଟ୍ ସାମନାକୁ ଆସିଛି। ଭାରତର ଗୁପ୍ତ ଅଭିଯାନ ସମ୍ପର୍କରେ ସେମାନଙ୍କ ମଧ୍ୟରେ କୋଡେଡ୍ ବାର୍ତ୍ତାଳାପ ହେଉଥିଲା। ଗୋଟିଏ ବାର୍ତ୍ତାରେ ହାସନ ଜ୍ୟୋତିଙ୍କୁ ପଚାରିଛନ୍ତି, ଅଟ୍ଟାରୀ ସୀମାକୁ ଯାଇଥିବାବେଳେ ସ୍ୱତନ୍ତ୍ର ପ୍ରୋଟୋକଲ ପାଇଥିବା କୌଣସି ଗୁପ୍ତ ଏଜେଣ୍ଟଙ୍କୁ ଦେଖିଛନ୍ତି କି? ସେଭଳି କୌଣସି ପ୍ରୋଟୋକଲ ଅଫିସରଙ୍କୁ ଦେଖି ନ ଥିବା ଜ୍ୟୋତି ଉତ୍ତର ଦେଇଥିଲେ। ଗୁପ୍ତ ଏଜେଣ୍ଟଙ୍କୁ ଠାବ କରିବାକୁ ହେଲେ କିଏ ପ୍ରୋଟୋକଲ ପାଇଛି, ତାହା ଜାଣିବା ଆବଶ୍ୟକ ବୋଲି ହାସନ ସୂଚନା ଦେଇଥିଲେ। ତେବେ ସେମାନେ ସେହି ବୋକା ନ ଥିଲେ ବୋଲି ଜ୍ୟୋତି ଉତ୍ତର ଦେଇଥିଲେ। 'ପ୍ରୋଟୋକଲ' ଏବଂ 'ଅନ୍‌କଭର ଏଜେଣ୍ଟ' ଭଳି ଶବ୍ଦରୁ ଆଇଏସ୍ଆଇ ଜ୍ୟୋତିଙ୍କଠାରୁ ଭାରତୀୟ ଗୋଇନ୍ଦା ସମ୍ପର୍କିତ ତଥ୍ୟ ହାସଲ କରିବାକୁ ଉଦ୍ୟମ ଚଳାଇଥିବା ସ୍ପଷ୍ଟ ହୋଇଛି, ଯାହାକୁ ନେଇ ତଦନ୍ତକାରୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

# ମାସ ଶେଷ ସୁଦ୍ଧା ସୀମାରୁ ସୈନ୍ୟ ପ୍ରତ୍ୟାହାର



ଅପରେଶନ ସିନ୍ଦୂରବେଳେ ନିୟନ୍ତ୍ରଣ ରେଖାରେ ମୁତୟନ ଭାରତୀୟ ସେନାର ଫ୍ରଣ୍ଟଲାଇନ୍ ଯବାନ।

ନୂଆଦିଲ୍ଲୀ,୨୦।୫

ଭାରତୀୟ ଓ ପାକିସ୍ତାନୀ ସେନା ମଧ୍ୟରେ ୪ ଦିନର ସଂଘର୍ଷ ପରେ ଅସ୍ତ୍ରବିରତି ଜାରି ରହିଥିବାବେଳେ ମେ' ଶେଷ ସୁଦ୍ଧା ସୀମାରୁ ସୈନ୍ୟ ପ୍ରତ୍ୟାହାର କରିନେବା ପାଇଁ ଉଭୟ ଦେଶ ରାଜି ହୋଇଛନ୍ତି। ପାକସ୍ତାନର ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ଏହି ସୂଚନା ଦେଇଛନ୍ତି।

ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ପାକିସ୍ତାନ ଏହାର ଜବାବ ଦେବାକୁ ଯାଇ ଭାରତର ଉତ୍ତର ଓ ପଶ୍ଚିମ ସୀମାନ୍ତ ରାଜ୍ୟର ଜନବସତି ଓ ସାମରିକ ସ୍ଥଳକୁ ଟାର୍ଗେଟ କରିବାରୁ ସଂଘର୍ଷ ହୋଇଥିଲା। ୪ ଦିନର ଏହି ସଂଘର୍ଷରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ୧୦ ତାରିଖରେ ଦୁଇ ଦେଶର ଡିଜିଏମ୍ଓ ସ୍ତରରେ ଆଲୋଚନା ହୋଇ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା।

ମେ' ଶେଷ ସୁଦ୍ଧା ସୀମାରୁ ସୈନ୍ୟମାନଙ୍କୁ ସଂଘର୍ଷ ପୂର୍ବବର୍ତ୍ତୀ ସ୍ଥାନକୁ ଫେରାଇ ନିଆଯିବ ବୋଲି ପାକିସ୍ତାନର ବରିଷ୍ଠ ସୁରକ୍ଷା ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଗଣମାଧ୍ୟମକୁ କହିଛନ୍ତି। ନିୟନ୍ତ୍ରଣ ରେଖାରୁ ଅତିରିକ୍ତ ସୈନ୍ୟ ଓ ଯୁଦ୍ଧାସ୍ତ୍ର ପର୍ଯ୍ୟାୟକ୍ରମେ ଫେରାଇ ନିଆଯିବା ଲାଗି ସହମତ ହୋଇଛି। ଏହି ସମସ୍ତ କାର୍ଯ୍ୟ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ କେତେକ ସାମାନ୍ୟ ପ୍ରସଙ୍ଗ ଯୋଗୁ ବିଳମ୍ବିତ ହେଉଥିବା ପାକ୍ ଅଫିସର କହିଛନ୍ତି।

# ଲିପା ଉପତ୍ୟକାର ସାମରିକ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଛି ଭାରତୀୟ ସେନା

ନୂଆଦିଲ୍ଲୀ,୨୦।୫

ଭାରତର ଅପରେଶନ ସିନ୍ଦୂର ସାମରିକ ଅଭିଯାନ ବେଳେ ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଲିପା ଉପତ୍ୟକାରେ ଥିବା ପାକିସ୍ତାନର ସାମରିକ ଭିତ୍ତିଭୂମିକୁ ସେନା ସମ୍ପୂର୍ଣ୍ଣ ଧ୍ୱଂସ କରିଥିବା ଜଣେ ଅଧିକାରୀ କହିଛନ୍ତି। ଏହି ଧ୍ୱଂସସ୍ଥଳକୁ ପୁନଃନିର୍ମାଣ କରିବା ପାଇଁ ପାକିସ୍ତାନକୁ ୮ରୁ ୧୨ ମାସ କିମ୍ବା ତା'ଠାରୁ ଅଧିକ ସମୟ ଲାଗିଯିବ ବୋଲି ବିଶ୍ୱାସ କରାଯାଉଛି। ଭାରତୀୟ ସେନା ଅନ୍ୟୂନ ୩ଟି ପୋଷ୍ଟ, ଗୁଳିଗୋଳା ଡିପୋ, ଇନ୍ଧନ ଭଣ୍ଡାର, ବନ୍ଧୁକ ନିର୍ମାଣ କାରଖାନା ଆଦିକୁ ଧ୍ୱଂସ କରିଥିଲା। ପାକିସ୍ତାନୀ ସେନା ଭାରତୀୟ ଘାଟିଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଡ୍ରୋନ୍, ମିଶାଇଲ୍ ସମେତ ଓଜନଦାର ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲେ ମଧ୍ୟ କୌଣସି କ୍ଷତି କରିପାରି ନ ଥିଲା।

ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଆକାଶଦୀପ ରାଡାର ସିଷ୍ଟମ୍ ବହୁତ ବଢ଼ିଆ କାମ କରିଥିବାବେଳେ ଶତ୍ରୁପକ୍ଷରୁ ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବାରେ ଆମ ଏୟାର ଡିଫେନ୍ସ ସିଷ୍ଟମ୍ ସଫଳ ହୋଇଥିଲା। ଫଳରେ ଆମ ସାମରିକ ଭିତ୍ତିଭୂମି ଅକ୍ଷୁଣ୍ଣ ଥିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିବା ଅନ୍ୟ ଜଣେ ସେନା ଅଧିକାରୀ କହିଛନ୍ତି। ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚିନାର କର୍ ନେତୃତ୍ୱରେ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନୀ ସେନାର ୬୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୬ ଜଣ ଆହତ ହୋଇଛନ୍ତି। ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନର ଜବାବରେ ଭାରତୀୟ ସେନା ୩ ଗୁଣ ଅଧିକ ଆକ୍ରମଣ କରିଥିଲା। ମେ' ୭ ରାତିରେ ପିଓକେର ମୁଜାଫରାବାଦ ନିକଟରେ ଭାରତୀୟ ସେନାର ଆକ୍ରମଣ ଏତେ ଶକ୍ତିଶାଳୀ ଥିଲା ଯେ ଜୀବନ ବଞ୍ଚାଇବା ଉପରେ ଗୁରୁତ୍ୱ ଦେବା ପାଇଁ ପିଓକେର ୭୫ତମ ଇନ୍‌ଫାଣ୍ଟ୍ରି ବ୍ରିଗେଡ୍ ସୈନ୍ୟମାନଙ୍କୁ କହିଥିଲା। ଏକ ମସ୍‌ଜିଦ ମଧ୍ୟରେ ଆତ୍ମଗୋପନ କରିଥିବା ପାକ୍ ସେନା କମାଣ୍ଡର ସୈନ୍ୟମାନଙ୍କୁ ଜୀବନ ବଞ୍ଚାଇବା ପାଇଁ ବାର୍ତ୍ତା ଦେଇଥିଲେ ବୋଲି ଅବରୋଧିତ ଯୋଗାଯୋଗରୁ ଜଣାପଡ଼ିଛି।

# ୱାକ୍‌ଫ ଆଇନ ଧର୍ମନିରପେକ୍ଷ

## ସୁପ୍ରିମକୋର୍ଟରେ ଯୁକ୍ତି ରଖିଲା କେନ୍ଦ୍ର

ନୂଆଦିଲ୍ଲୀ,୨୦।୫ (ପି.ଟି.)

ୱାକ୍‌ଫ (ସଂଶୋଧନ) ଆଇନ ଯଥାର୍ଥ ବୋଲି କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟରେ ଯୁକ୍ତି ରଖିଛନ୍ତି। ଏହି ଆଇନ ଆନ୍ତରିକ ଭାବେ ଧର୍ମନିରପେକ୍ଷ। ସାମ୍ବିଧାନିକତାର ସମ୍ଭାବନା ଦର୍ଶାଇ ଏହାକୁ ସ୍ଥଗିତ ରଖାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଜଣାଇଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗବାଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ ଜର୍ଜ ମସିହଙ୍କ ଖଣ୍ଡପୀଠକୁ ମେହେଟ୍ଟା କହିଥିଲେ, କୋର୍ଟରେ ଏଭଳି ପ୍ରସଙ୍ଗ ପୂର୍ବରୁ ଉଠିଥିଲା। ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ବେଳେ ଆଇନ ୱାକ୍‌ଫ ପ୍ରଶାସନର ଧର୍ମନିରପେକ୍ଷ ଦୃଷ୍ଟିକୋଣ ଚାହେଁ। ଆଇନକୁ ସ୍ଥଗିତ ରଖିବା ପାଇଁ କୌଣସି ଗମ୍ଭୀର ଜାତୀୟ ଜରୁରୀ ଅବସ୍ଥା ସୃଷ୍ଟି ହୋଇନାହିଁ ବୋଲି ମେହେଟ୍ଟା କହିଥିଲେ। ଆଇନର ସ୍ଥାୟୀ ବ୍ୟବସ୍ଥା ଅନୁଯାୟୀ, ସାମ୍ବିଧାନିକ ଅଦାଲତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବୈଧାନିକ ବ୍ୟବସ୍ଥାକୁ ସ୍ଥଗିତ ନ ରଖି ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଅନ୍ତରୀଣ ନିର୍ଦ୍ଦେଶନାମା ପାଇଁ ଖଣ୍ଡପୀଠ ଆଇନର ୩ଟି ପ୍ରସଙ୍ଗ ଉପରେ ବିଚାରକରିବାକୁ ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ତାହା ହେଲା 'ୱାକ୍‌ଫ ବାଏ ୟୁଜର' ସ୍ୱୀକୃତି ହଟାଇବାକୁ ଥିବା ଧାରା ୩(ଆର୍), ୱାକ୍‌ଫ ଘୋଷିତ ହୋଇଥିବା ସମ୍ପତ୍ତିରୁ ସରକାରୀ ସମ୍ପତ୍ତିକୁ ବାଦ୍ ଦେବା ପାଇଁ ଧାରା ୩ସି'ରେ ରହିଥିବା ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ସୀମିତ ଅଣମୁସଲମାନ ପ୍ରତିନିଧିତ୍ୱଙ୍କୁ ନେଇ କେନ୍ଦ୍ରୀୟ ୱାକ୍‌ଫ କାଉନ୍‌ସିଲ୍ ଓ ରାଜ୍ୟ ୱାକ୍‌ଫ ବୋର୍ଡ ଗଠନ। ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏହାକୁ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନକୁ ସରକାର ବିରୋଧ କରିଥିଲେ।

## ବର୍ଷା ବିଭ୍ରାଟ

# କର୍ଣ୍ଣାଟକ, ତାମିଲନାଡୁରେ ୮ ମୃତ

## କେରଳର ୪ ଜିଲାକୁ ରେଡ୍ ଆଲର୍ଟ

ବେଙ୍ଗାଲୁରୁ/ଚେନ୍ନାଇ, ୨୦।୫



ବେଙ୍ଗାଲୁରୁର ଏକ ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେବା ସହ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆଗାମୀ ୨୪ ଘଣ୍ଟାରେ ଲଗାଣ ବର୍ଷା ପାଇଁ କର୍ଣ୍ଣାଟକ, ତାମିଲନାଡୁ ଏବଂ କେରଳର ବିଭିନ୍ନ ଜିଲାକୁ ଆଲର୍ଟ ଜାରି କରାଯାଇଛି। ବର୍ଷା ପ୍ରକୋପରେ କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁ ସର୍ବାଧିକ ପ୍ରଭାବିତ ହୋଇଛି। ସହରର ସିଲ୍କ ରୋଡ୍ ଜଙ୍କସନ୍, ହୋସୁର ରୋଡ୍, ବିଟିଏମ୍ ଲେ ଆଉଟ୍ ଆଦି ସ୍ଥାନ ଜଳମଗ୍ନ ହୋଇଯାଇଛି। ସହରର ଅଧିକାଂଶ ସ୍ଥାନରେ ଜଳବନ୍ଦୀ ସ୍ଥିତି ଯୋଗୁ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ କର୍ଣ୍ଣାଟକରେ ବର୍ଷାଜନିତ ମୃତ୍ୟୁ ମାମଲା ବଢ଼ି ୫ରେ ପହଞ୍ଚିଛି। ବେଙ୍ଗାଲୁରୁରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ତାମିଲନାଡୁର ଅନେକ ସ୍ଥାନରେ ଝଡ଼ବର୍ଷା ହୋଇଛି। ମେ ୨୬ ପର୍ଯ୍ୟନ୍ତ ତାମିଲନାଡୁର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ପ୍ରବଳ ବର୍ଷାରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାମିଲନାଡୁରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ବୁଧବାର ପର୍ଯ୍ୟନ୍ତ ଉତ୍ତର କେରଳର ୪ ଜିଲା କାସରଗୋଡ଼, କନ୍ନୁର, ୱାୟନାଡ ଏବଂ କୋଝିକୋଡ଼କୁ ଆଇଏମ୍‌ଡି ରେଡ୍ ଆଲର୍ଟ ଜାରି କରିଛି।

## ଫୁରସତ୍

# ସବୁଠୁ ଶକ୍ତିଶାଳୀ ଗାଁ

## ବାଉନ୍ସରଙ୍କ ହବ୍ ଭାବେ ପରିଚିତ

ନୂଆଦିଲ୍ଲୀ



ଦକ୍ଷିଣ ଦିଲ୍ଲୀ ଉପକଣ୍ଠସ୍ଥିତ ଛତ୍ରପୁର ଅଞ୍ଚଳରେ ଥିବା ଅସୋଲା-ଫତେହପୁର ବେରି ଗ୍ରାମକୁ ଭାରତର ସବୁଠାରୁ ଶକ୍ତିଶାଳୀ ଗ୍ରାମ କୁହାଯାଇଥାଏ। ଦେଶର ରାଷ୍ଟ୍ରୀୟ ରାଜଧାନୀରେ ଥିବା ନାଇଟ୍ କ୍ଲବ୍‌ଗୁଡ଼ିକରେ କାର୍ଯ୍ୟରତ ବାଉନ୍ସରଙ୍କ ଏକ ବଡ଼ ଅଂଶ ଏହି ଗ୍ରାମରୁ ଆସିଥାଏ। ତେଣୁ ଏହି ଗ୍ରାମକୁ ବାଉନ୍ସରଙ୍କ ହବ୍ ଭାବେ ମଧ୍ୟ କୁହାଯାଇଥାଏ।

ସ୍ଥାନୀୟ ମଲ୍ଲଯୋଦ୍ଧା ବିଜୟ ତନ୍‌ୱର ଅଲିମ୍ପିକ୍ସରେ ଭାରତୀୟ କୁସ୍ତି ଦଳରେ ସ୍ଥାନ ପାଇବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପରେ ସେ ଜଣେ ବାଉନ୍ସର ଭାବେ ନିଜ ଜୀବିକା ନିର୍ବାହ କରିଥିଲେ। ତାଙ୍କ ସଫଳତା ଅସୋଲା-ଫତେହପୁର ବେରି ଗାଁର ଅନ୍ୟ ଲୋକଙ୍କୁ ପ୍ରେରଣା ଦେଇଥିଲା। ସେମାନେ ମଧ୍ୟ ବାଉନ୍ସର ଭାବେ କାର୍ଯ୍ୟ କରି ନିଜ ଶାରୀରିକ ଶକ୍ତିକୁ ଜୀବିକାରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ।

ଏକ ଜାତୀୟ ଗଣମାଧ୍ୟମକୁ ବିଜୟ କହିଛନ୍ତି, ସେ ଅସୋଲା-ଫତେହପୁର ବେରି ଗ୍ରାମରୁ ପ୍ରଥମ ବାଉନ୍ସର ଥିଲେ। ପରେ ଗାଁର ଅନ୍ୟ ଯୁବକମାନେ ମଧ୍ୟ ତାଙ୍କ ପଥ ଅନୁସରଣ କରିବା ଆରମ୍ଭ କରିଥିଲେ। ଏବେ ଗାଁର ୩୦୦ରୁ ଅଧିକ ମଲ୍ଲଯୋଦ୍ଧା ଦିଲ୍ଲୀର ବିଭିନ୍ନ କ୍ଲବ୍ ଏବଂ ବାର୍‌ଗୁଡ଼ିକରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ହିଁ ଧନ, ସ୍ୱାସ୍ଥ୍ୟ ହିଁ ଧନ। ଏହି ଉକ୍ତି ଗାଁର ମୂଳମନ୍ତ୍ର ଭାବେ ପରିଣତ ହୋଇଛି। ଗ୍ରାମର ଯୁବପିଢ଼ି ବ୍ୟାୟାମ ଏବଂ କସରତ କରି କେବଳ ସୁସ୍ଥ ରହୁନାହାନ୍ତି ବରଂ ସେମାନେ ବାଉନ୍ସର ଭାବେ କାର୍ଯ୍ୟ କରି ଭଲ ଅର୍ଥ ମଧ୍ୟ ରୋଜଗାର କରୁଛନ୍ତି। ଫଳରେ ଅସୋଲା-ଫତେହପୁର ଗ୍ରାମରେ ଅନେକ ପରିବାରର ଆର୍ଥିକ ଅବସ୍ଥା ଧୀରେ ଧୀରେ ସୁଧୁରୁଥିବା ବିଜୟ କହିଛନ୍ତି।

ଏହି ଗ୍ରାମର ଯୁବକମାନେ ସ୍ଥାନୀୟ ଆଖଡ଼ାରେ କଠୋର ତାଲିମ ନେଇଥାନ୍ତି, ଯେଉଁଠାରେ ସେମାନେ ପ୍ରତିଦିନ ଅନେକ ଶହ ପୁସ୍-ଅପ୍, ସିଟ୍-ଅପ୍ ଏବଂ କୁସ୍ତି ଅଭ୍ୟାସ କରନ୍ତି। ପିଢ଼ି ପରେ ପିଢ଼ି ଧରି ଏଠାରେ ମଲ୍ଲଯୋଦ୍ଧାମାନଙ୍କ ଦ୍ୱାରା ଚାଲିଆସୁଥିବା ଶୃଙ୍ଖଳିତ ଜୀବନଶୈଳୀ ଅସୋଲା-ଫତେହପୁର ବେରି ଗ୍ରାମକୁ ଦେଶର ଶକ୍ତିଶାଳୀ ଗ୍ରାମ ଭାବେ ପରିଚୟ ଦେଇଛି। ଗାଁରେ ମଦ୍ୟପାନ ଏବଂ ତମାଖୁ ସେବନ ଉପରେ ବାରଣ ରହିଛି। ସେହିପରି ଗାଁର ଯୁବପିଢ଼ିମାନେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଗ୍ରହଣ କରିବା ସହ ନିଜ ନିଜର ଶାରୀରିକ ତାଲିମ ପାଇଁ ଅନେକ ଘଣ୍ଟା ସମୟ ଦେଇଥାନ୍ତି।

# 'ୱାର୍ ୨': ହ୍ରିତିକ୍-ଜୁନିୟର ଏନ୍‌ଟିଆର୍ ଲଢ଼େଇ

## ଟିଜର ଆଉଟ୍

ମୁମ୍ବାଇ



ଚଳିତ ବର୍ଷର ଯଶ୍‌ରାଜ୍ ଫିଲ୍ମସ୍‌ର ବହୁ ପ୍ରତୀକ୍ଷିତ ଫିଲ୍ମ 'ୱାର୍ ୨'ର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି। ଏହି ଟିଜରରେ ଆକ୍ସନ ଦୃଶ୍ୟ ଭରପୂର ରହିଛି। ଟିଜରରେ ଅଭିନେତା ହ୍ରିତିକ୍ ରୋଶନ ଏବଂ ସାଉଥ୍ ଷ୍ଟାର୍ ଜୁନିୟର ଏନ୍‌ଟିଆର୍ ମଧ୍ୟରେ ଲଢ଼େଇ ହେଉଥିବା ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଟିଜରଟି ଜୁନିୟର ଏନ୍‌ଟିଆର୍‌ଙ୍କ ଏକ ଡାଏଲଗ୍‌ରୁ ଆରମ୍ଭ ହେଉଛି, ଯେଉଁଥିରେ ସେ କହିଛନ୍ତି, ଅନେକ ଦିନ ହେବ ସେ କବୀର ଅର୍ଥାତ୍ ହ୍ରିତିକ୍‌ଙ୍କ ଗତିବିଧିକୁ ନଜରରେ ରଖିଛନ୍ତି। ଟିଜରର ପ୍ରଥମ ଦୃଶ୍ୟରୁ ଜଣାପଡ଼ିଛି, ହ୍ରିତିକଙ୍କ ସହ ଜୁନିୟର ଏନ୍‌ଟିଆର୍‌ଙ୍କ ପୁରୁଣା ଶତ୍ରୁତା ରହିଛି ଏବଂ ସେ ହ୍ରିତିକଙ୍କଠାରୁ ପ୍ରତିଶୋଧ ନେବାକୁ ଚାହୁଁଛନ୍ତି। ୧ ମିନିଟ ୩୪ ସେକେଣ୍ଡର ଏହି ଟିଜରରେ ହ୍ରିତିକ୍ ଏବଂ ଜୁନିୟର ଏନ୍‌ଟିଆର୍ ପରସ୍ପର ସହ ବିଭିନ୍ନ ସ୍ଥାନରେ ଲଢୁଥିବାର ଦେଖିବାକୁ ମିଳିଛି। ଫାଇଟିଂ ସିନ୍ ସମୟରେ ଉଭୟଙ୍କର ଲୁକ୍‌କୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ସେହିପରି ଏହି ଟିଜରରେ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ଗ୍ଲାମରସ୍ ଅନ୍ଦାଜ ମଧ୍ୟ ଦେଖିବାକୁ ମିଳିଛି। ସେ ହ୍ରିତିକ୍‌ଙ୍କ ସହ ରୋମାନ୍ସ କରୁଥିବାର ନଜରକୁ ଆସିଛନ୍ତି। 'ୱାର୍ ୨'ର ଟ୍ରେଲର ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ଅୟନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ଅଗଷ୍ଟ ୧୪ରେ ମୁକ୍ତିଲାଭ କରିବ।

## କରୋନାର ପ୍ରତ୍ୟାବର୍ତ୍ତନ, ସତର୍କତା ଜରୁରୀ




# ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ ଚୂଡ଼ାନ୍ତ

ଭୁବନେଶ୍ୱର,୨୦।୫ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ-୨୦୨୫କୁ ଚୂଡ଼ାନ୍ତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନ୍ୟାନ୍ୟ କ୍ଷେତ୍ର ସହିତ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡିଶା' ଦୃଷ୍ଟିଭଙ୍ଗୀ ନେଇ ଓଡିଶାରେ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ବିକାଶ କରାଯିବ। ଦୁଃସାହସିକ ପର୍ଯ୍ୟଟନ କ୍ଷେତ୍ରକୁ ଏପରି ଆକର୍ଷଣୀୟ କରାଯିବ, ଯେପରି ପର୍ଯ୍ୟଟକ ଭାରତକୁ ଆସିବା କଥା ଚିନ୍ତା କଲେ, ପ୍ରଥମେ ଓଡ଼ିଶା କଥା ତାଙ୍କ ମନକୁ ଆସିବ। ଓଡିଶାର ସମସ୍ତ ୩୦ଟି ଜିଲାରେ ଏହି ଦୁଃସାହସିକ ପର୍ଯ୍ୟଟନର ସମ୍ଭାବନା ଥିବା ସ୍ଥାନଗୁଡ଼ିକର ମ୍ୟାପିଙ୍ଗ କରାଯାଇ ଏଗୁଡିକର ବିକାଶ କରାଯିବ। ସାତକୋଶିଆରେ ରାଫ୍ଟିଙ୍ଗ ଓ ହୀରାକୁଦ ଉପରେ ହଟ୍ ଏୟାର ବେଲୁନ ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି ପର୍ଯ୍ୟଟନ ସୁବିଧାର ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପର୍ଯ୍ୟଟନସ୍ଥଳୀ ଲୋକପ୍ରିୟ ହେବା ସହିତ ଏହା ରାଜ୍ୟର ଯୁବଶକ୍ତି ପାଇଁ ମଧ୍ୟ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପଛୁଆ ବର୍ଗଙ୍କ ଉନ୍ନତି ନେଇ ସରକାରଙ୍କ ନିଷ୍ପତ୍ତି ପରେ ବିଜେଡି, କଂଗ୍ରେସ ହତାଶ: ମନମୋହନ

## ମେଡିକାଲ, ଟେକ୍ନିକାଲ , ସ୍କିଲ୍ କ୍ଷେତ୍ର ଶିକ୍ଷାନୁଷ୍ଠାନରେ ମିଳିବ ୧୧.୨୫% ସ୍ଥାନ ସଂରକ୍ଷଣ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)




ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ନିତ୍ୟାନନ୍ଦ ଗଣ୍ଡ।

୨୦୨୪ ନିର୍ବାଚନ ବେଳେ ସଂକଳ୍ପପତ୍ରରେ ଭାଜପା ପଛୁଆ ବର୍ଗଙ୍କ ଉନ୍ନତି ସମ୍ପର୍କରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ତାହା ଏବେ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଭାଜପା ରାଜ୍ୟରେ ସରକାର ଗଠନ କରିବାର ମାତ୍ର ୧୧ ମାସରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପାଇଁ ଐତିହାସିକ ନିଷ୍ପତ୍ତି ନେଇଛି। ହେଲେ ରାଜ୍ୟରେ ପଛୁଆ ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏବେ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଏବଂ କଂଗ୍ରେସ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏହି ସଂରକ୍ଷଣ ଲାଗୁକରିବା ପାଇଁ ବିଜେଡି ଓ କଂଗ୍ରେସକୁ କିଏ ମନା କରିଥିଲା, ଯେତେବେଳେ ସେମାନେ ରାଜ୍ୟରେ ଶାସନରେ ରହିଥିଲେ। ବିଜୁବାବୁ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲେ ଯିଏ ପଛୁଆ ବର୍ଗଙ୍କ ସଂରକ୍ଷଣ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ଯେତେବେଳେ ମଣ୍ଡଳ କମିଶନ ରିପୋର୍ଟ ସଂସଦରେ ଆଗତ ହୋଇଥିଲା ସେତେବେଳେ ବିରୋଧୀ ଦଳର ନେତା ଦାୟିତ୍ୱରେ ଥିବା ରାଜୀବ ଗାନ୍ଧୀ ଏହାକୁ ବିରୋଧ କରିଥିଲେ। ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଥିବାରୁ ରାଜ୍ୟର ଉଭୟ ବିରୋଧୀ ଦଳ ଏବେ ହତାଶ ହୋଇପଡ଼ିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ନିକଟରେ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ୧୧.୨୫% ସ୍ଥାନ ସଂରକ୍ଷଣ ପାଇଁ ସରକାର ନିଷ୍ପତ୍ତି ନେଇସାରିଛନ୍ତି। ଉଚ୍ଚଶିକ୍ଷା, ଗଣଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସବୁ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୧୧.୨୫% ସ୍ଥାନ ସଂରକ୍ଷଣକୁ କ୍ୟାବିନେଟ୍ ମୋହର ମାରିସାରିଛି। ଚାକିରି ଓ ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗଙ୍କୁ ୨୭% ସଂରକ୍ଷଣ ଦେବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଅଛି। ହେଲେ ସବୁ ସଂରକ୍ଷଣ ମିଶି ୫୦%ରୁ ଅଧିକ ହେବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଶୁଣାଇଛନ୍ତି। ଏଣୁ ରାଜ୍ୟ ସରକାର ଅନୁସୂଚିତ ଜନଜାତି ପାଇଁ ୨୨.୫, ଅନୁସୂଚିତ ଜାତି ୧୬.୨୫, ଦିବ୍ୟାଙ୍ଗ ୫ ଓ ସୈନ୍ୟବାହିନୀ ପରିବାର ପାଇଁ ୧% ସଂରକ୍ଷଣ ଦେଉଛନ୍ତି। ୫୦%ରୁ କମ୍ ନିୟମ ଆଧାରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏହାକୁ ବିରୋଧୀ ଦଳ ସହ୍ୟ କରିପାରୁନାହାନ୍ତି। ବିଜେଡି ରାଜ୍ୟରେ ୨୪ ବର୍ଷ ଏବଂ କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ସର୍ବାଧିକ ସମୟ ଶାସନ କରିବା ସତ୍ତ୍ୱେ ପଛୁଆବର୍ଗଙ୍କ ପାଇଁ କୌଣସି କାର୍ଯ୍ୟ କରି ନ ଥିଲେ। ଉଭୟ ବିଜେଡି ଓ କଂଗ୍ରେସର ଓବିସି ସମାଜ ପାଇଁ ଆଦୌ ନିଷ୍ଠା ନାହିଁ। ରାଜ୍ୟ ଭାଜପା ସରକାରଙ୍କ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ପ୍ରାରମ୍ଭିକ ଭାବେ ସଂରକ୍ଷଣ ଘୋଷଣା ପରେ ସତେ ଯେମିତି ବିଜେଡି ଓ କଂଗ୍ରେସର ମୁଣ୍ଡ ଖରାପ ହୋଇଯାଇଛି। ଭାଜପା ସ୍ପଷ୍ଟ କରିବାକୁ ଚାହେଁ, ମେଡିକାଲ, ଟେକ୍ନିକାଲ ଏବଂ ସ୍କିଲ୍ କ୍ଷେତ୍ରର ଶିକ୍ଷାନୁଷ୍ଠାନଗୁଡିକରେ ପ୍ରାରମ୍ଭିକ ଭାବେ ୧୧.୨୫% ସ୍ଥାନ ସଂରକ୍ଷଣ ଦେବାକୁ ପ୍ରତିଶ୍ରୁତିବଦ୍ଧ। କଂଗ୍ରେସ ଏବଂ ବିଜେଡି ରାଜ୍ୟର ଜନସାଧାରଣଙ୍କୁ ବୋକା ଭାବି ଯେଉଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ସେଥିରୁ ଦୂରେଇ ରହିବାକୁ ମନମୋହନ କହିଛନ୍ତି।

# ବିଜେଡି ଆନ୍ଦୋଳନ ଡାକରାରେ ଭାଜପାର ରେସ୍‌ପଣ୍ଡ ଦେଖି ଆମେ ଖୁସି: ଅରୁଣ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଆମେ ଖୁସି ଭାଜପା ବିଜେଡିର ଡାକରାକୁ ରେସ୍‌ପଣ୍ଡ କରିଛି। ୧୯୯୦ ମସିହାରେ ଯେତେବେଳେ ମଣ୍ଡଳ କମିଶନ ଲାଗୁ ହେଲା ଭାଜପା ସେତେବେଳେ କମଣ୍ଡଳୁ ଧରି ବାହାରି ଯାଇଥିଲା। ୧୯୯୦ରୁ ୨୦୨୫ ଏହିପରି ମୋଟ୍ ୩୫ ବର୍ଷ ହେବ ଭାଜପା କେବେହେଲେ ଏସ୍‌ସି, ଏସ୍‌ଟି ଏବଂ ଓବିସିମାନଙ୍କ କଥା ଚିନ୍ତା କରିନାହିଁ। କେନ୍ଦ୍ରରେ ଦୀର୍ଘ ୧୧ ବର୍ଷ ଧରି କ୍ଷମତାରେ ରହିଥିଲେ ମଧ ଆମ୍ବେଦକରଙ୍କୁ ତାଚ୍ଛଲ୍ୟ କରିଛନ୍ତି। ତାଙ୍କ ଦଳର ମୁଖିଆ କହିଥିଲେ, ମହିଳା, ପୁରୁଷ ଏବଂ ଛୁଆ ଏହିଭଳି ୪ଟି ଜାତି ଅଛନ୍ତି। ଆଉ କିଛି ଜାତି ନାହିଁ। ତାଙ୍କର ଜଣେ ମନ୍ତ୍ରୀ କହିଲେ, ଜାତି ବ୍ୟବସ୍ଥା ହେଲେ ଦେଶ ଭୁଶୁଡି ପଡ଼ିବ। ଯେଉଁ ଦଳ ଏଭଳି ସବୁ ମନ୍ତବ୍ୟ ଦେଉଥିଲେ ସେମାନେ ଏବଂ ତାଙ୍କ ସହ ମେଣ୍ଟରେ ଥିବା ଦଳଗୁଡିକ କିପରି ଜାତିଭିତ୍ତିକ ଜନଗଣନା ହେବା ସହ ଏସ୍‌ସି, ଏସ୍‌ଟି, ଓବିସିଙ୍କ ସାମାଜିକ ନ୍ୟାୟ ବ୍ୟବସ୍ଥା ସପକ୍ଷରେ ଆସିଲେ। କେନ୍ଦ୍ର ସରକାର ଯେତେବେଳେ ଚାପରେ ପଡ଼ି ଜାତିଭିତ୍ତିକ ଜନଗଣନା ନେଇ ଘୋଷଣା କରିଛନ୍ତି ସେହି ସମୟରେ ଓଡ଼ିଶା ସରକାର ଏସ୍‌ସି, ଏସ୍‌ଟି ଏବଂ ଓବିସିକୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେବା ନେଇ ଘୋଷଣା କରିଛନ୍ତି। ହେଲେ ବିଜେଡିର ଦାବି ହେଉଛି, ସରକାରୀ ସିଟ୍‌ଗୁଡ଼ିକ ଯାହା ଖାଲି ପଡୁଛି ସେଠାରେ ସଂରକ୍ଷଣ ଦେବାର ଆବଶ୍ୟକତା କ'ଣ ରହିଛି। ମେଡିକାଲ, ଇଞ୍ଜିନିୟରିଂ ଏବଂ ଟେକ୍ନିକାଲ ଶିକ୍ଷା କ୍ଷେତ୍ରରେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କୁ ସଂରକ୍ଷଣ ଦିଆଯାଉ। କ୍ୟାବିନେଟ୍ ପଳାଇଲା ଏମାନେ ସଂରକ୍ଷଣ ଦେଲେନାହିଁ। ଗୋଟିଏ ଶିକ୍ଷା ବର୍ଷ ମଧ ପଳାଇଲେଣି, ଏବେ ଦେବେ ଯେଉଁ କଥା କହୁଛନ୍ତି କେବେ ଦେବେ। ଯାହା ହେଲେ ବି ବିଜେଡି ପକ୍ଷରୁ ଆନ୍ଦୋଳନ ଡାକରା ପରେ ଭାଜପାର ସବୁ ନେତା ଏକାଠି ବସି ଖବରଦାତା ସମ୍ମିଳନୀ କଲେ ବୋଲି ଅରୁଣ କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ବୈଠକ ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ମୁଖ୍ୟମନ୍ତ୍ରୀ: ବିଜେଡି

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

## ପୋଲାଭରମ ପ୍ରସଙ୍ଗ

ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ରେ ବୈଠକ ବସିବ। ଏହି ଅବସରରେ ଓଡ଼ିଶା ସରକାର ତାଙ୍କ ପକ୍ଷ ରଖିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲାର ଅନ୍ୟୂନ ୨୦୦ ଗ୍ରାମ ଜଳମଗ୍ନ ହେବ ଓ ହଜାର ହଜାର ଆଦିବାସୀ ସେମାନଙ୍କ ଭିଟାମାଟି ହରାଇବେ। ପୋଲାଭରମ ପ୍ରକଳ୍ପକୁ ଆରମ୍ଭରୁ ବିଜେଡି ବିରୋଧ କରିଆସୁଛି। ସରକାରରେ ଥିବାବେଳେ ଓ ଏବେ ବିରୋଧୀ ଦଳରେ ଥାଇ ମଧ୍ୟ ପୋଲାଭରମ ପ୍ରସଙ୍ଗରେ ବିଜେଡି ଲଢ଼େଇ କରିଆସୁଛି। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ବର୍ଷେ ପୂରିବାକୁ ଯାଉଥିବାବେଳେ ରାଜ୍ୟ ସରକାର ଏହି ପ୍ରସଙ୍ଗ ଉପରେ ପଦୁଟିଏ କହିନାହାନ୍ତି ବୋଲି ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବୀ କହିଛନ୍ତି, ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ୍ ଥିଲା। ପରବର୍ତ୍ତୀ ସମୟରେ ଏକତରଫା ଭାବେ ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକ୍‌କୁ ବଢ଼ାଇ ଦିଆଯାଇଛି। ଏହି ପ୍ରକଳ୍ପ କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଓଡ଼ିଶାର ମାଲକାନଗିରି ଜିଲା ଉପରେ କ'ଣ ପ୍ରଭାବ ପଡିବ ତା'ର ଆକଳନ କରାଯାଇ ନ ଥିଲା। ତେଣୁ ୨୦୦୭ରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପ କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଉପରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ହେଲେ କେନ୍ଦ୍ର ସରକାର ପୋଲାଭରମ ପ୍ରକଳ୍ପ ଲାଗି ଅର୍ଥ ରାଶି ପ୍ରବଳ ମାତ୍ରାରେ ଯୋଗାଇ ଦେଇଛନ୍ତି। ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବାରୁ ଏହି ପ୍ରସଙ୍ଗକୁ ଗୁରୁତର ସହ ନେଇ କିଛି ପଦକ୍ଷେପ ନିଅନ୍ତୁ ବୋଲି ଦେବୀ କହିଛନ୍ତି।









# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଅଜନ୍ତା ସର୍କସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟକ 'ମାଗୁଣିର ଶଗଡ଼', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

### ବାଲେଶ୍ୱର
- ମା' ଶୀତଳା ଦେବୀଙ୍କ ବାର୍ଷିକ କ୍ରୀଡ଼ା ଉତ୍ସବର ପ୍ରଥମ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦାୟକାଳୀନ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ପ୍ରେସ କ୍ଲବ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଉପନ୍ୟାସ ଓ ଔପନ୍ୟାସିକ କାର୍ଯ୍ୟକ୍ରମ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

### ଭଦ୍ରକ
- ବାର୍ଷିକ ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କୁରିଗାଁ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଜିଲା ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କେନ୍ଦୁଝର କଂଗ୍ରେସ ଭବନ, ସମୟ: ସକାଳ ୯ଟା୩୦।

### ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ରବି ଧାନ କିଣା ଶୁଭାରମ୍ଭ, ସ୍ଥାନ:ଚିତ୍ରଡ଼ା ଲ୍ୟାମ୍ପସ, ମୋରଡ଼ା ବ୍ଲକ,ସମୟ: ସକାଳ ୮ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ଗୋକୁଳ ମିଶନ ପ୍ରତିବାଦ ନେଇ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦଳା ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର
- ଅପରେଶନ ସିନ୍ଦୁରର ସଫଳତା ନେଇ ତ୍ରିରଙ୍ଗା ଯାତ୍ରା,ସ୍ଥାନ: ଲାଞ୍ଜିପଲୀ,ସମୟ: ଅପରାହ୍ନ ୩ଟା।

### ଗଞ୍ଜାମ
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡିଆରୁ ଆରମ୍ଭ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

### ରାୟଗଡ଼ା
- ରବି ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ମୁନିଗୁଡା ଆରଏମସି ଗୋଦାମ ପରିସର ଏବଂ ବିଷମ କଟକ ବ୍ଲକ୍ ଗଜବାହାଲ ଆରଏମସି ଗୋଦାମ ପରିସର, ସମୟ: ସକାଳ ୯ଟା।

### ନବରଙ୍ଗପୁର
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- ରାସ୍ତା ଜବରଦଖଲ ଉଚ୍ଛେଦ ଅଭିଯାନ, ସ୍ଥାନ: ବାଲଡ଼ା, ସମୟ: ସକାଳ ୮ଟା।
- ଗଙ୍ଗା ମା'ଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ, ଯାତ୍ରା ସମାପ୍ତ, ସ୍ଥାନ: ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ନାଗେଶ୍ୱରି ପାହାଡ, ଗୁମ୍ପା ସମସ୍ୟା ସମାଧାନ ନେଇ ସମନ୍ୱୟ ବୈଠକ, ସ୍ଥାନ: ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ଦିଶା ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

### ମାଲକାନଗିରି
- ଆମ୍ବାଗୁଡା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ:ଆମ୍ବାଗୁଡା, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ : ସକାଳ ୭ଟା।
- ଜିଲା ବର୍ଷୀୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।

### ରାଉରକେଲା
- କବିତା ଆସର, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।
- ମୀନାକ୍ଷୀ ଫାଉଣ୍ଡେଶନର ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଆଦର୍ଶ ସାହିତ୍ୟ ଘର, ସମୟ: ସନ୍ଧ୍ୟା ୬ଟା ୩୦।

### ବରଗଡ଼
- ଗ୍ରୀଷ୍ମ ଶିବିର,ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ:ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।
- ଜିଲା ପରିଷଦର ସପ୍ତମ ବୈଠକ,ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ଜିଲାସ୍ତରୀୟ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼
- ଦେବଗଡ଼ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗଦାନ ଶିବିର, ସ୍ଥାନ: ମାରୱାଡ଼ି ଧର୍ମଶାଳା,ସମୟ: ସକାଳ ୯ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି , ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଯୁବ କଂଗ୍ରେସ କମିଟି ତରଫରୁ ରକ୍ତଦାନ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।
- ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର ପ୍ରାଥମିକ ସେବା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ପାକ୍ସ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ଭାଜପା ମଣ୍ଡଳ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ: ସକାଳ ୯ଟା ୫୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ସକାଳ ୮ଟା ୪୧।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ସକାଳ ୯ଟା ୧୦।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଳଦ ଟାଏ**
**ନା ଟୋପାଏ ଦୁହୁଁ।**

ବଳଦ କ୍ଷୀର ଦିଏନି। ସେଥିନିମନ୍ତେ ଯେତେ ଚେଷ୍ଟା କଲେ ବି ସକଳ ଚେଷ୍ଟା ନିଷ୍ଫଳ ହୋଇଥାଏ। ଅସମ୍ଭବ ବିଷୟ ପାଇଁ ଅନୁରୋଧ। ଯେଉଁଟା ସମ୍ପୂର୍ଣ୍ଣ ଅସମ୍ଭବ, ସେଠି ସମ୍ଭବତା ପାଇଁ ଅଯଥା ଚେଷ୍ଟା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାହା ସରିଲେ ବେଦି ମୁହଁ ପୋଡ଼ା।**

ବାହାଘର ବେଳେ ବେଦୀର ଆବଶ୍ୟକତା ପଡ଼ିଥାଏ। ଯେଉଁଥିପାଇଁ ତାର ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ସାଧାରଣତଃ ବେଦି ଉପରେ ହାତଗଣ୍ଠି ପଡ଼ିବା ସହ ବିବାହର ନାନାଦି କର୍ମମାନ ଅନୁଷ୍ଠିତ ହୋଇଥାଏ। ପରନ୍ତୁ ବାହାଘର ସରିଲା ପରେ ବେଦିର ଗୁରୁତ୍ୱ କମିଯାଇଥାଏ। ସମୟକ୍ରମେ ତାହା ଅଣଦେଖା ଓ ଅବହେଳିତ ହୋଇଯାଇଥାଏ। ପରୋକ୍ଷରେ ଉପକୃତ ହେବା ପରେ ଉପକାରୀ ବ୍ୟକ୍ତିକୁ ଆଉ କେହି ସେତେ ଖୋଜୁ ବା ଲୋଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

## ଜୁନ୍ ୩୦ରେ ପରବର୍ତ୍ତୀ ଶୁଣାଣି

### ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ଜନସ୍ୱାର୍ଥ ମାମଲା

କଟକ,୨୦।୫(କାର୍ତ୍ତିକ ସାହୁ)

ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ଶୁଣାଣି ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠରେ ମଙ୍ଗଳବାର ହୋଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ବାବଦରେ ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ଜୁନ୍ ୩୦ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ନଭେମ୍ବରରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନାହାନ୍ତି। ୨୦୨୨ ଡିସେମ୍ବର ୧୪ରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଏହି ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ଅଛନ୍ତି। ଅସ୍ଥାୟୀ କୁଳପତି ଅଢ଼େଇ ବର୍ଷ ହେବ ଦାୟିତ୍ୱରେ ରହିଲେଣି। ଉଲ୍ଲେଖଯୋଗ୍ୟ ଯେ, ଉଚ୍ଚ ଶିକ୍ଷା ବିଭାଗ ସ୍ଥାୟୀ କୁଳପତି ନିଯୁକ୍ତି ନିମନ୍ତେ ୨୦୨୪ ଜୁନ୍ ୧୩ରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସୂଚନା ଅଧିକାରରେ ଉଚ୍ଚଶିକ୍ଷା ବିଭାଗର ଜନ ସୂଚନା ଅଧିକାରୀଙ୍କ ୨୦୨୫ ଏପ୍ରିଲ ୮ରେ ଦେଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ସେହି ବିଜ୍ଞପ୍ତି ଆଧାରରେ ସରକାର ଏଯାଏ କୌଣସି ପଦକ୍ଷେପ ନେଇନାହାନ୍ତି। ମୟୂରଭଞ୍ଜ ଭଳି ଜନଜାତି ଅଧ୍ୟୁଷିତ ଜିଲାରେ ପ୍ରତିଷ୍ଠିତ ଏହି ବିଶ୍ୱବିଦ୍ୟାଳୟରେ ଅଢ଼େଇ ବର୍ଷରୁ ଅଧିକ ସମୟ ସ୍ଥାୟୀ କୁଳପତି ନ ଥିବା ସରକାରଙ୍କ ଚରମ ଅବହେଳାକୁ ଦର୍ଶାଉଛି ବୋଲି ଆବେଦନକାରୀ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ଆବେଦନରେ ପ୍ରାର୍ଥନା କରି ହାଇକୋର୍ଟଙ୍କ ହସ୍ତକ୍ଷେପ କାମନା କରିଛନ୍ତି। ଉଚ୍ଚ ଶିକ୍ଷା ବିଭାଗର ସଚିବ, କୁଳାଧିପତିଙ୍କ ପ୍ରମୁଖ ସଚିବ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳସଚିବ (ରେଜିଷ୍ଟ୍ରାର)ଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।



ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୨୭% ସଂରକ୍ଷଣ ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ମଶାଲ ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ ମିଶ୍ର)

# କଲବଲ କରିବ ଖରା, ଗୁଳୁଗୁଳି

ଭୁବନେଶ୍ୱର, ୨୦।୫
(ଅନୁରାଧା ମହାରଣା)

ରାଜ୍ୟରେ ଖରା ଓ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରୁଛି। ଅନ୍ୟପଟେ କାଁ ଭାଁ କେତେକ ଜିଲାରେ ବର୍ଷା ହେଉଥିବାବେଳେ ବଜ୍ରପାତ ଓ ଝଡ଼ ପବନ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଆସନ୍ତା ୬ରୁ ୭ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବୁଧବାର ୧୧ ଜିଲାରେ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ବିଭାଗ ପୂର୍ବାନୁମାନ କରିଛି। ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ନୟାଗଡ଼ ଆଦି ଜିଲାକୁ ଏନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଘଡ଼ଘଡ଼ି ଓ ବିଜୁଳି ପାଇଁ ୮ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଗଜପତି ଆଦି ରହିଛି। ଅପରାହ୍ନ କିମ୍ବା ସନ୍ଧ୍ୟାରେ ଏହିସବୁ ଜିଲାର କିଛି ସ୍ଥାନରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସୂଚନା ଥାଉକି, ମଙ୍ଗଳବାର ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ସମ୍ବଲପୁରରେ ୪୧.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଅନୁଗୋଳରେ ୪୦.୧, ଟିଟିଲାଗଡ଼ରେ ୪୦.୫, ହୀରାକୁଦ ଓ ବଲାଙ୍ଗୀରରେ ୪୦.୩ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ଶିକ୍ଷାର ବ୍ୟାବହାରିକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ'

## ପିଜିଟି ଶିକ୍ଷକଙ୍କ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର,୨୦।୫
(ସୁଚିସ୍ମିତା ସାହୁ)

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର (ପିଜିଟି) ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ପାଇଁ ୨ଦିନିଆ ଦକ୍ଷତା ବିକାଶ କର୍ମଶାଳା ମଙ୍ଗଳବାର କୃଷିଭବନ ଅଡିଟୋରିୟମରେ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗଦେଇ କହିଛନ୍ତି ଯେ, ଶିକ୍ଷା ଓ ପ୍ରଶିକ୍ଷଣ ପରସ୍ପର ସହ ଜଡ଼ିତ। ଶିକ୍ଷୟିତ୍ରୀ-ଶିକ୍ଷକମାନେ ସମୟାନୁସାରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ରହିଛି। ଶିକ୍ଷାକୁ କେବଳ ଜ୍ଞାନ ଆହରଣ ଭାବେ ନୁହେଁ ବରଂ ଏହାର ବ୍ୟାବହାରିକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ଏଥିସହ ଶିକ୍ଷାର ବିଭିନ୍ନ ବ୍ୟାବହାରତ୍ମକ ଦିଗ ପ୍ରତି ଯତ୍ନଶୀଳ ହେବା ସହ ପ୍ରୋତ୍ସାହିତ କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍ ଆୟର ବିଦ୍ୟାଳୟଗୁଡ଼ିକର ବିଭିନ୍ନ ପ୍ରଶାସନିକ କାର୍ଯ୍ୟ, ନାମଲେଖା ପ୍ରକ୍ରିୟା, ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ, ଆପାର୍ ଆଇଡି ଏବଂ ୟୁଡାଇସ ପୋର୍ଟାଲ ପରିଚାଳନା ଆଦି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସେହିପରି ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ କହିଛନ୍ତି, ଶିକ୍ଷୟିତ୍ରୀ ଶିକ୍ଷକମାନେ ସମନ୍ୱୟ ଓ ଉତ୍ତରଦାୟିତ୍ୱ ରକ୍ଷା କରି କାର୍ଯ୍ୟ କରନ୍ତୁ। ଶିକ୍ଷକତା ଏକ ଚାକିରି ନୁହେଁ, ବରଂ ଏକ ବୃତ୍ତି। ସବୁବେଳେ ଆସନ୍ତାକାଲି ଲାଗି ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଯୁଗ୍ମନିର୍ଦ୍ଦେଶକ ବନ୍ଦନା ମହାପାତ୍ର ରେକର୍ଡ କିପିଂ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ ପିଜିଟି ଶିକ୍ଷୟିତ୍ରୀ-ଶିକ୍ଷକଙ୍କୁ ପାରଙ୍ଗମ ହେବା ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ୧୭ଟି ସ୍ୱତନ୍ତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୩୦୦ ପିଜିଟି ଶିକ୍ଷୟିତ୍ରୀ-ଶିକ୍ଷକ ଯୋଗଦେଇଛନ୍ତି।



କର୍ମଶାଳାରେ ମଞ୍ଚାସୀନ ଉଚ୍ଚ ମାଧ୍ୟମିକ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଏବଂ ଅନ୍ୟ ଅତିଥି।

## ପ୍ରଥମ ପୃଷ୍ଠାରୁ...

### କ୍ୟାବିନେଟ୍‌ରେ ମନ୍ତ୍ରୀଙ୍କୁ ...

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କ୍ୟାବିନେଟ୍‌ର ମର୍ଯ୍ୟାଦା ଏବଂ ବ୍ୟବସ୍ଥାର ଉଲ୍ଲଂଘନ ଗତ ସରକାର ସମୟରେ ହେଉଥିଲା। ଯେଉଁ ବିଭାଗର ଯେଉଁ ବିଷୟ ଚର୍ଚ୍ଚାକୁ ଆସିବ ସେହି ମନ୍ତ୍ରୀ ହିଁ ଉପସ୍ଥାପନ କରିବେ। ଗଣତନ୍ତ୍ରରେ ରାଜନୈତିକ ନେତାଙ୍କ ଭୂମିକାକୁ ଗୌଣ କରାଯାଇଥିଲା ବୋଲି ସେ କହିଛନ୍ତି। ବିଜେଡି ବିଧାୟକ କଳିକେଶ ସିଂଦେଓ କହିଛନ୍ତି, ସରକାର ନିଜର ମାର୍କେଟିଂ କରିବା ବନ୍ଦ କରି ଲୋକଙ୍କ କାମ କରନ୍ତୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ବିଜେଡି ସରକାର ସମୟରେ କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପର୍ଯ୍ୟନ୍ତ ମଧ୍ୟ ମନ୍ତ୍ରୀମାନେ ଏଜେଣ୍ଡା ସମ୍ପର୍କରେ କିଛି ଜାଣିପାରୁ ନ ଥିଲେ। ସବୁକିଛି ସେହି ସମୟରେ ବିଭାଗୀୟ ସଚିବମାନେ ହିଁ ଜୁଲାଉଥିଲେ। ଗୋଟିଏ ଚା' କପ୍ ପିଇବା ସମୟ ଭିତରେ ହିଁ କ୍ୟାବିନେଟ୍ ବୈଠକ ଶେଷ ହୋଇଯାଉଥିଲା। ଗୋଟିଏ ଏଜେଣ୍ଡା ଲାଗି ୫ ମିନିଟ୍ ସମୟ ମଧ୍ୟ ଆଲୋଚନା ପାଇଁ ଦିଆଯାଉ ନ ଥିଲା ବୋଲି ତତ୍କାଳୀନ ସରକାରରେ ଏକାଧିକ ଥର ମନ୍ତ୍ରୀ ହୋଇଥିବା ଜଣେ ନେତା ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ହେଲେ ଏଭଳି ସ୍ଥିତିରେ ହଠାତ୍ ବ୍ୟବସ୍ଥାରେ ଏଭଳି ଏକ ପରିବର୍ତ୍ତନକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ କାର୍ଯ୍ୟହାନି ଓ ପ୍ରାପ୍ତିରେ ନୈରାଶ୍ୟହେତୁ ମନ ବିଷାଦିତ ରହିବ। ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ଜୀବନ ହସଖୁସିରେ କଟିବ। ଶିଳ୍ପ, ବାଣିଜ୍ୟ, ପରିବହନରେ ଶିଥିଳତା ଦେଖାଦେଲେ ମଧ୍ୟ ଲାଭ କିଛି ଊଣା ହେବନି। ନିଜର ସମ୍ପର୍କୀୟ ବ୍ୟକ୍ତି ବିଶେଷଙ୍କ ଅନାଦର ଭାବ ମନରେ ଭାବାନ୍ତର ସୃଷ୍ଟି କରିପାରେ।

**ବୃଷ** — ଏକାଦଶସ୍ଥ ଶୁକ୍ର ଆପଣଙ୍କ ସମସ୍ତ ସୁଖାଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ଚନ୍ଦ୍ରଙ୍କ ସ୍ଥିତି ଏବଂ ମଙ୍ଗଳଙ୍କ ଦୃଷ୍ଟିରୁ କର୍ମକ୍ଷେତ୍ର ଶାନ୍ତିପ୍ରଦ ହୋଇ ନ ପାରେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାହିତ୍ୟ, ସାମ୍ବାଦିକତା, ଯୋଗାଯୋଗ ଓ ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ମିଥୁନ** — ରବି ଦ୍ୱାଦଶରେ ରହିଥିବାରୁ ପ୍ରିୟଜନଙ୍କ ଚକ୍ଷୁଶୂଳର କାରଣ ହେବାର ସୂଚନା ରହିଛି। ସରକାରୀ ସ୍ତରରେ କୌଣସି ସମସ୍ୟା ହେତୁକ ଧନହାନିର ଆଶଙ୍କାକୁ ଏଡି ହେବ ନାହିଁ। ପ୍ଲଟିଂ କାରବାର କ୍ଷେତ୍ରରେ ସଫଳତା ପାଇବାର ବହୁତ ସମ୍ଭାବନା ରହିଛି। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି କାମ ହାସଲରେ ସମର୍ଥ ହୋଇପାରନ୍ତି।

**କର୍କଟ** — କର୍ମାଧିପ ରାଶିରେ ରହିଥିବାରୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଅଶାନ୍ତ ରଖିପାରନ୍ତି। ଅଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅର୍ଥର ଅଭାବ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରି ନେବାର ପ୍ରଯତ୍ନ କରିବେ। ପରୋକ୍ଷ ଶତ୍ରୁତା କାରଣରୁ ମାନସିକ ଚାପଗ୍ରସ୍ତ ହୋଇପାରନ୍ତି।

**ସିଂହ** — ବୁଧ ଭାଗ୍ୟସ୍ଥାନରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସାହାଯ୍ୟରୁ ଉପକୃତ ହେବେ। ମଙ୍ଗଳଙ୍କ ଦୁର୍ବଳତାଜନିତ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ପଛେଇ ଯାଇପାରନ୍ତି। ସଭାସମିତିରେ ପ୍ରିୟଜନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଜମିଜମା, କଚେରି ମାମଲା, ପରିବହନ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହୋଇପାରନ୍ତି।

**କନ୍ୟା** — ଧନସ୍ଥାନ ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ଜ୍ଞାନର ଗରିମାରେ ସମ୍ମାନିତ ହେବେ। ଖର୍ଚ୍ଚଭାର ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିବେ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ିମୋଟର, ଯାନ୍ତ୍ରିକଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** — ଶନି ଓ ଗୁରୁଙ୍କ ଶୁଭପ୍ରଭାବ ଋଣମୋଚନ, ସତ୍‌ସଙ୍ଗର ସାନ୍ନିଧ୍ୟ, ଆଧାତ୍ମିକ ପରିବେଶର ସୁଯୋଗ ପ୍ରଦାନ କରିବ। ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଗୁରୁଜନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। କର୍ମକ୍ଷେତ୍ରରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧିପାଇବାର ସୂଚନା ରହିଛି।

**ବିଛା** — ଭାଗ୍ୟାଧିପ ଚନ୍ଦ୍ର ଦେବଗୁରୁଙ୍କ ଦୃଷ୍ଟିରୁ ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ ସଫଳତା ମିଳି ନ ପାରେ। ତଥାପି ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ସ୍ଥଗିତ କାମର ପୁନରୁଦ୍ଧାର କରିପାରନ୍ତି। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରି ପାଇବାର ଆଶା ରହିଛି। ବନ୍ଧୁଙ୍କର ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମନସ୍ତାପ କରିପାରନ୍ତି।

**ଧନୁ** — ରାଶିପ୍ରତି ଶନିଙ୍କ ଦୃଷ୍ଟି ପ୍ରତ୍ୟେକ କ୍ଷେତ୍ରରେ ଅଯଥା ଅଶାନ୍ତ ବାତାବରଣର ପରିସ୍ଥିତି ସୃଷ୍ଟି କରିପାରେ। ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ମାନସିକ ସୁସ୍ଥତା ଅଭାବରୁ ସୁଖଦ ପରିସ୍ଥିତି ମଧ୍ୟ ଉପଭୋଗ୍ୟ ହେବନାହିଁ। ଅବଶ୍ୟ ବୈଷୟିକ ସୁଖସମୃଦ୍ଧି ଓ ବନ୍ଧୁମିଳନଜନିତ ମନ ନିୟନ୍ତ୍ରିତ ରହିପାରେ।

**ମକର** — କର୍ମାଧିପ ଶୁକ୍ର ଆପଣଙ୍କୁ ସମସ୍ତ ସୁଖ, ସୌଭାଗ୍ୟ ପ୍ରଦାନ କରିବାର ପରିବେଶରେ ରଖିପାରନ୍ତି। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି, କିନ୍ତୁ ଋଣ ଭାର ବୃଦ୍ଧି କାରଣରୁ ଚିନ୍ତା କରିବେ। ପ୍ରତୀକ୍ଷାର ଅବସାନ ଘଟିବ ଏବଂ କୌଣସି ଖବର ପାଇ ଖୁସି ହୋଇପାରନ୍ତି।

**କୁମ୍ଭ** — ରବିଙ୍କ ଶୁଭ ସଂସ୍ଥାନରୁ ପାରିବାରିକ କ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଦୁଶ୍ଚିନ୍ତାର କାରଣ ହେବ। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ପ୍ରଶଂସିତ ଓ ପୁରସ୍କୃତ ହୋଇପାରନ୍ତି।

**ମୀନ** — ରାଶିରେ ତିନୋଟି ପାପଗ୍ରହ ଥିବାରୁ କାମ ସହଜ ଓ ସୁବିଧାରେ ସମ୍ପନ୍ନ କଷ୍ଟକର ହୋଇପାରେ। ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିପାରନ୍ତି। ବ୍ୟବସାୟ,ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ।

ଆଜି ମେ ୨୧ ତାରିଖ, ଆତଙ୍କବାଦ ନିରୋଧୀ ଦିବସ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ। ଜ୍ୟେଷ୍ଠ କୃଷ୍ଣ ନବମୀ ବୁଧବାର। ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୪୯ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁ କାଳ।

# ନିବେଶକ ହରାଇଲେ ୬ ଲକ୍ଷ କୋଟି

ମୁମ୍ବାଇ,୨୦।୫



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀର ପ୍ରଭାବ ସିଧା ଭାରତୀୟ ଷ୍ଟକ୍ ମାର୍କେଟ୍‌ର କାରବାର ଉପରେ ପଡୁଛି। ମଙ୍ଗଳବାର ପୁଞ୍ଜିବଜାରର ନିବେଶକମାନେ ଏକ ବଡ ଧରଣର କ୍ଷତି ସହିବା ସହିତ ଦିନକ ମଧ୍ୟରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୪୪ ଲକ୍ଷ କୋଟି ଥିଲାବେଳେ ମଙ୍ଗଳବାରର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରରେ ନିବେଶକ ପ୍ରାୟ ୬ ଲକ୍ଷ କୋଟି ହରାଇବାରୁ ବଜାର ପୁଞ୍ଜି ୪୩୮ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ପୁଞ୍ଜିବଜାରରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର କାରବାର କ୍ରମାଗତ ୩ ଦିନ ପାଇଁ ହ୍ରାସ ପାଇଥିଲାବେଳେ ସେନ୍‌ସେକ୍ସର କାରବାର ୧.୦୬% ହ୍ରାସ ଘଟି ୮୧,୧୮୬.୪୪ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିପରି ନିଫ୍ଟି-୫୦ରେ ୧.୦୫% କାରବାର କମି ୨୪,୬୮୩.୯୦ ଅଙ୍କରେ ରହିଥିଲା। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ ୧.୬୨% ଏବଂ ସ୍ମଲକ୍ୟାପର କାରବାରରେ ୦.୯୪% ହ୍ରାସ ଘଟିଥିଲାବେଳେ ନିଫ୍ଟି ମିଡକ୍ୟାପରେ ୯୨୨.୮୦ ପଏଣ୍ଟ ହ୍ରାସ ଘଟି ୫୬,୧୮୨.୬୫ ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ନିଫ୍ଟି ସ୍ମଲକ୍ୟାପର କାରବାର ୦.୯୧% କମି ୮୩୭୭.୮୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି ବ୍ୟାଙ୍କର କାରବାର ୫୪୩.୩୬ ପଏଣ୍ଟ କମି ୫୪,୮୭୭.୩୫ ଅଙ୍କ ଏବଂ ନିଫ୍ଟି ଆଇଟି ୦.୫୨% ହ୍ରାସ ଘଟି ୩୭,୨୮୩.୫୦ଅଙ୍କରେ କାରବାର ବନ୍ଦ କରିଥିଲା।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୮୭୩ (୮୭୨.୯୮) ପଏଣ୍ଟ ହ୍ରାସ ଘଟି ୮୧,୧୮୬ (୮୧,୧୮୬.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬୧ (୨୬୧.୫୫) ପଏଣ୍ଟ କମି ୨୪,୬୮୪ (୨୪,୬୮୩.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସ୍ୱଚ୍ଛ ବିଦ୍ୟୁତ୍ ଶକ୍ତି ଯୋଗାଣ

ଭୁବନେଶ୍ୱର,୨୦।୫

ଦେଶର ସର୍ବବୃହତ୍ ନବୀକରଣୀୟ ଶକ୍ତି ଉଦ୍ୟୋଗ ତଥା ଆନ୍ଧ୍ରପ୍ରଦେଶରେ ଅବସ୍ଥିତ ଆର୍ସେଲର ମିତ୍ତଲ ୧ ଗିଗାୱାଟ ସୌର ଓ ପବନ ପ୍ରକଳ୍ପ କୁ ନିକଟରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍(ଏଏମ୍‌ଏନ୍‌ଏସ୍) ଇଣ୍ଡିଆକୁ ସ୍ୱଚ୍ଛ ବିଦ୍ୟୁତ୍ ଶକ୍ତି ପ୍ରଦାନ ଆରମ୍ଭ କରିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ହେଉଛି, ନିପ୍ପନ ଷ୍ଟିଲ୍ ସହ ଆର୍ସେଲର ମିତ୍ତଲର ୬୦/୪୦ ଇଣ୍ଡିଆନ ଷ୍ଟିଲ୍ ମେକିଂ ଜଏଣ୍ଟ ଭେଞ୍ଚର ୟୁନିଟ୍ ହୋଇଥିଲାବେଳେ ଆର୍ସେଲର ମିତ୍ତଲର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏହା ଏକ ସହାୟକ ସଂସ୍ଥା। ଏଏମ୍ ଗ୍ରୀନ୍ ଏନର୍ଜି ଦ୍ୱାରା ବିକଶିତ, ନିର୍ମିତ ଓ ପରିଚାଳିତ ୦.୭ ବିଲିୟନ ଡଲାର ଏହି ପ୍ରକଳ୍ପ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କାର୍ବନ ନିର୍ଗମନକୁ ବାର୍ଷିକ ୧.୫ ମିଲିୟନ ଟନ୍ ପର୍ଯ୍ୟନ୍ତ ହ୍ରାସ କରିବ ବୋଲି ଆଶା କରାଯାଉଛି, ଯାହା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ଉତ୍ପାଦିତ ଇସ୍ପାତର କାର୍ବନ ନିର୍ଗମନକୁ ୨୦୩୦ ସୁଦ୍ଧା ୨୦% ହ୍ରାସ କରିବା ଲକ୍ଷ୍ୟରେ ସହଯୋଗ କରିବ। ଭାରତର ଏହି ନବୀକରଣ ପ୍ରକଳ୍ପକୁ ଏକ ହାଇବ୍ରିଡ୍ ପ୍ରକଳ୍ପ ଭାବେ ବିକଶିତ କରାଯାଇଛି, ଯାହା ୧ ଗିଗାୱାଟ ସୌର ଓ ପବନ କ୍ଷମତାକୁ ଏକ ତୃତୀୟ ପକ୍ଷ ହାଇଡ୍ରୋ ପମ୍ପଡ ଷ୍ଟୋରେଜ ସମାଧାନ ସହିତ ଏକୀକୃତ (ବର୍ତ୍ତମାନ ପରୀକ୍ଷଣାଧୀନ ଓ ୨୦୨୫ ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ ହେବା ପାଇଁ ସ୍ଥିର କରାଯାଇଛି) କରୁଛି, ଯାହା ସାରା ଦିନ ସର୍ବନିମ୍ନ ୨୫୦ ମେଗାୱାଟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବ ଏବଂ ଏହା ନିରନ୍ତର ଶକ୍ତି ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହା ଗୁଜରାଟର ହାଜିରାଠାରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଇସ୍ପାତ କାରଖାନାରେ ବର୍ତ୍ତମାନର ବିଦ୍ୟୁତ୍ ଆବଶ୍ୟକତାର ୨୦% ରୁ ଅଧିକ ପ୍ରଦାନ କରିପାରିବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

KESHAV MEMORIAL ENGINEERING COLLEGE
(Unit of Keshav Memorial Technical Educational Society)Affiliated to Osmania University, Approved by AICTE, New Delhi.Survey No. 35, Kachavanisingaram (V), Ghatkesar (M), Medchal - Malkajgiri District.
Ph. no: 040-29560274, www.kmec.in
WANTED EXPERIENCED
PROFESSORS, ASSOCIATE PROFESSORS, ASSISTANT PROFESSORS IN CSE, CSE (AI ML) Departments.
Salary as per AICTE norms. Interested (and eligible) candidates can send their resumes to resumes@kmec.in by 25th May, 2025. Ph: 9000206010
Secretary

# ଦିନକର ବେତନ ଦେବେ ଜିନ୍ଦଲ ଷ୍ଟିଲ୍ କର୍ମଚାରୀ



ନବୀନ ଜିନ୍ଦଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୦।୫

ଭାରତ-ପାକିସ୍ତାନ ଯୁଦ୍ଧ ମଧ୍ୟରେ ଜମ୍ମୁ ଓ କଶ୍ମୀରର ସୀମାବର୍ତ୍ତୀ ସୀମାନ୍ତ ଅଞ୍ଚଳର ଲୋକ ଓ ବାସିନ୍ଦା ବେଶ୍ ପ୍ରଭାବିତ ହୋଇଛନ୍ତି। ଏପରିକି ସମ୍ପୃକ୍ତ ଅଞ୍ଚଳରେ ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର (ହରିୟାଣା)ର ସାଂସଦ ନବୀନ ଜିନ୍ଦଲ ସହଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଅପରେଶନ ସିନ୍ଦୂରର ଐତିହାସିକ ସଫଳତା ଦେଶ ପାଇଁ ଗୌରବ ଆଣିଥିବାବେଳେ ଜମ୍ମୁ ଓ କଶ୍ମୀରର ସୀମାବର୍ତ୍ତୀ ସାଧାରଣ ଜନତା ଘୋର ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏଭଳି କଠିନ ପରିସ୍ଥିତିରେ ନବୀନ ଜିନ୍ଦଲ ସମ୍ବେଦନଶୀଳତାର ପ୍ରଦର୍ଶନ କରିବା ସହ ସୀମାନ୍ତ ଅଞ୍ଚଳର ପ୍ରଭାବିତ ପରିବାରଗୁଡ଼ିକର ପୁନର୍ବାସ ପାଇଁ ସହଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଞ୍ଚଳରେ ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟ ପାଇଁ ନବୀନ ଜିନ୍ଦଲ ଆର୍ଥିକ ସହାୟତା ପ୍ରଦାନ ପାଇଁ ମଧ୍ୟ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିନ୍ଦଲ ଷ୍ଟିଲ୍ ସମୂହର ୨୦ ହଜାରରୁ ଅଧିକ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କର ଗୋଟିଏ ଦିନର ବେତନ ପ୍ରଦାନ କରିବାର ନିଷ୍ପତ୍ତି ନେଇ ବ୍ୟକ୍ତିଗତ ଦାୟିତ୍ୱ ସହ ରାଷ୍ଟ୍ରୀୟ କର୍ତ୍ତବ୍ୟର ଅନୁପାଳନ କରିଛନ୍ତି।

ଏ ନେଇ ଜିନ୍ଦଲ କହିଛନ୍ତି, ଦେଶର ସୀମାରେ ରହୁଥିବା ନାଗରିକମାନେ ମଧ୍ୟ ସୈନିକଙ୍କଠାରୁ କିଛି କମ୍ ନୁହନ୍ତି। ସେମାନଙ୍କ ଧୈର୍ଯ୍ୟ ଓ ବଳିଦାନ ପ୍ରେରଣାଦାୟୀ। ଆଜି ଯେତେବେଳେ ସେମାନେ କଠିନ ପରିସ୍ଥିତି ଦେଇ ଗତି କରୁଛନ୍ତି, ସେତେବେଳେ ସେମାନଙ୍କୁ ସହଯୋଗ କରିବା ଆମର ନୈତିକ ଓ ରାଷ୍ଟ୍ରୀୟ କର୍ତ୍ତବ୍ୟ। ମୁଁ ଦେଶବାସୀଙ୍କୁ ନିବେଦନ କରୁଛି, ସେମାନେ ମଧ୍ୟ ଏହି ମହାନ୍ କାର୍ଯ୍ୟରେ ଯୋଗଦାନ କରନ୍ତୁ।

# ଆର୍.ସି. ପ୍ଲାଷ୍ଟୋ ପକ୍ଷରୁ ଆର୍ଥିକ ସହାୟତା



ଆର୍.ସି . ପ୍ଲାଷ୍ଟୋର ନିର୍ଦ୍ଦେଶକ ନୀଲେଶ ଅଗ୍ରୱାଲ ଚେକ୍ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୦।୫(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଆର୍.ସି.ପ୍ଲାଷ୍ଟୋ ଟ୍ୟାଙ୍କସ ଆଣ୍ଡ ପାଇପ୍ସ ପ୍ରାଇଭେଟ୍ ଲିମିଟେଡ୍ (ଆର୍.ସି.ପ୍ଲାଷ୍ଟୋ) ପକ୍ଷରୁ ଗୋ-ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର ଦୌଲାଓପୁର ମହାରାଷ୍ଟ୍ରକୁ ୧୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏପରିକି କମ୍ପାନୀର କର୍ପୋରେଟ ସୋସିଆଲ ରେସ୍‌ପନ୍ସବେଲିଟି (ସିଏସ୍ଆର୍) ପଦକ୍ଷେପ ଅଧୀନରେ ଏହି ଆର୍ଥିକ ସହାୟତା ଦିଆଯାଇଛି। ଫଳରେ ଏକ ଆଡଭାନ୍ସଡ ଭେଟେରିନାରି ଆମ୍ବୁଲାନ୍ସ କ୍ରୟ କରାଯାଇ ପ୍ରାଣୀ ସମ୍ପଦର ସୁରକ୍ଷା ଓ ଚିକିତ୍ସା କରାଯାଇପାରିବ। ସେହିଭଳି ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆର୍.ସି . ପ୍ଲାଷ୍ଟୋର ନିର୍ଦ୍ଦେଶକ ନୀଲେଶ ଅଗ୍ରୱାଲ ଯୋଗଦେଇ ଗୋ-ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର ଦୌଲାଓପୁରର ସଭାପତି ପଦ୍ମେଶ ଗୁପ୍ତାଙ୍କୁ ୧୭ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଗୋ-ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ରର ସିଇଓ ଡା. ମନୋଜ ତ୍ରିବେଦୀ ଏବଂ ଟ୍ରଷ୍ଟି ଅମିତ ବାଜପେୟୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସ ସମ୍ପୃକ୍ତ ଅଞ୍ଚଳର ଆହତ, ରୋଗଣା ଓ ଚିକିତ୍ସା ପାଇଁ ଆବଶ୍ୟକ କରୁଥିବା ପ୍ରାଣୀର ସହାୟତା ସହ ପ୍ରାଣୀ ସେବାରେ ଉକ୍ତ ଯାନ ସର୍ମପିତ ରହିବ ବୋଲି ନୀଲେଶ ଅଗ୍ରୱାଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

SHRE HEALTH CARE HOSPITAL
Athagarh, Cuttack
URGENTLY REQUIRED
G.N.M. Nurse
with good Salary & Boarding Lodging Free.
Kindly Contact & Submitted Bio-Data immediately.
Contact
7381588664 / 9437654025

ନାଭାଲ କିଣ୍ଡରଗାର୍ଟେନ୍, ଆଇଏନ୍ଏସ୍ ଚିଲିକା
ନାଭାଲ ବେସ୍, ଆଇଏନ୍ଏସ୍ ଚିଲିକା, ଜିଲ୍ଲା-ଖୋର୍ଦ୍ଧା-୭୫୨୦୩୭
ଇମେଲ୍: navalkindergarten@gmail.com
ଏନ୍‌କେଜି ଚିଲିକାରେ ଶିକ୍ଷକଙ୍କ ପାଇଁ ଖାଲିସ୍ଥାନ ଉପଲବ୍ଧ
୧. ବାଲ୍‌ବାଟିକା ଶିକ୍ଷକ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯେଉଁମାନଙ୍କୁ ଏନ୍‌କେଜି ଚିଲିକାଠାରେ ୦୫ ଜୁନ୍, ୨୦୨୫ ଦିନ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ତଥା ପ୍ରାକ୍ଟିକାଲ କ୍ଲାସ୍ ଡେମନଷ୍ଟ୍ରେଶନ୍ ଜରିଆରେ ଚୟନ କରାଯିବ ।
୨. ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ୦୩ ଜୁନ୍, ୨୦୨୫ ସୁଦ୍ଧା navalkindergarten@gmail.comରେ ସେମାନଙ୍କର ରିଜ୍ୟୁମ୍ ପଠାଇପାରନ୍ତି । ଯୋଗ୍ୟତା ମାନଦଣ୍ଡ ନିମ୍ନ ଅନୁଯାୟୀ ଅଟେ:

| କ୍ରମିକ | ଜରୁରୀ ଯୋଗ୍ୟତା |
|---|---|
| (କ) | (i) ବୟସ ସୀମା: ୦୧ ଜୁଲାଇ, ୨୦୨୫ ସୁଦ୍ଧା ୨୧ରୁ ୫୦ ବର୍ଷ<br>(ii) ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରୁ ଅତି କମ୍‌ରେ ୫୦% ମାର୍କ ସହିତ ନର୍ସରି ଶିକ୍ଷକ ଶିକ୍ଷା/ ପ୍ରାକ୍-ବିଦ୍ୟାଳୟ ଶିକ୍ଷା/ ପ୍ରାରମ୍ଭିକ ଶୈଶବ ଶିକ୍ଷା କାର୍ଯ୍ୟକ୍ରମରେ ୦୨ ବର୍ଷର ଡିପ୍ଲୋମା କିମ୍ବା ନିୟମିତ ପାଠ୍ୟକ୍ରମ ଭାବେ ବି.ଇଡି. ସମ୍ପୂର୍ଣ୍ଣ । |
| | ବାଞ୍ଛନୀୟ ଯୋଗ୍ୟତା |
| (ଖ) | ଇଂରାଜୀରେ ଉତ୍ତମ ଯୋଗାଯୋଗ ଦକ୍ଷତା ଏବଂ ହିନ୍ଦୀରେ କଥାବାର୍ତ୍ତା କରିବାର ସାମର୍ଥ୍ୟ |

CBC 10702/11/0007/2526

ରାଜ୍ୟ ଖବର

# ଛେଳି ଖାଇଦେବାରୁ ବାଘକୁ ହତ୍ୟା

ଗଣିଆ,୨୦।୫
(ସନ୍ତୋଷ କୁମାର ପ୍ରଧାନ)

## ବାଘଛାଲ ସହ ବନ୍ଧୁକ ଜବତ: ୩ ଗିରଫ



ଜବତ ହୋଇଥିବା ବାଘଛାଲ, ଗିରଫ ୩ ଅଭିଯୁକ୍ତ।

ଜଣେ ବ୍ୟକ୍ତିଙ୍କ ଛେଳିକୁ ଏକ କଲରାପତରିଆ ବାଘ ଖାଇ ଦେଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ସହଯୋଗୀମାନେ ସେହି ବାଘକୁ ଜାଲ ବିଛାଇ ବିଦ୍ୟୁତ୍ କରେଣ୍ଟ ଲଗାଇ ହତ୍ୟା କରିଥିଲେ। ଗତ ୫ ମାସ ତଳେ ଏହି ଘଟଣା ଘଟିଥିଲା। ହେଲେ ସେହି ବାଘର ଛାଲ ବିକ୍ରି ପାଇଁ ସମ୍ପୃକ୍ତ ବ୍ୟକ୍ତିମାନେ ଯୋଜନା କରୁଥିବା ବେଳେ ଏହି ଘଟଣା ସାମ୍ନାକୁ ଆସିଥିଲା। ନୟାଗଡ଼ ବନଖଣ୍ଡ ଗଣିଆ ବନାଞ୍ଚଳ ନଛିପୁର ବିଟ୍ ହାଉସ ଅଧୀନ ଖଳିସାହି ଓ କାଟପଲ୍ଲୀ ଗ୍ରାମରୁ ବନ କର୍ମଚାରୀମାନେ ଚଢ଼ାଉ କରି ସେହି ବାଘ ଛାଲ, ଗୋଟିଏ ଦେଶୀ ବନ୍ଧୁକ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ବନବିଭାଗ ଗିରଫ କରିଛି। ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଖଳିସାହି ଗ୍ରାମର ତ୍ରିନାଥ ପ୍ରଧାନ (୫୨), କାଟପଲ୍ଲୀ ଗ୍ରାମର ବିମ୍ବାଧର ନାୟକ (୨୪) ଓ ରାମଚନ୍ଦ୍ର ଦଳବେହେରା (୨୪)। ଗିରଫ ବ୍ୟକ୍ତିମାନଙ୍କଠାରୁ ବାଘ ଛାଲ, ଦେଶୀ ବନ୍ଧୁକ, ଜାଲ, ଗୁଳି ଓ ଭୁଜାଲି ଜବତ କରାଯାଇଛି।

ଗତ ୫ମାସ ତଳେ ଶିକାର କରାଯାଇଥିବା ବାଘର ବୟସ ୩ରୁ ୪ବର୍ଷ ହେବ ବୋଲି ସୂଚନା ମିଳିଛି। ତେବେ ଗତ କିଛିଦିନ ତଳେ ବାଘ ଛାଲ ବିକ୍ରି ପାଇଁ ଶିକାରୀମାନେ ମସୁଧା ଚଳାଇଥିବା ବେଳେ ଖବର ପାଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବନକର୍ମଚାରୀମାନେ ଖଳିସାହି ଗ୍ରାମର ତ୍ରିନାଥଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ବାଘ ଛାଲ, ବନ୍ଧୁକ ଜବତ କରି ଗଣିଆ ବନବିଭାଗକୁ ଖବର ଦେଇଥିଲେ। ନୟାଗଡ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗଣିଆ, ଦଶପଲ୍ଲା ବନାଞ୍ଚଳ ଓ ଛାମୁଣ୍ଡିଆ ବନାଞ୍ଚଳର ବନକର୍ମଚାରୀମାନେ କାଟପଲ୍ଲୀ ଗ୍ରାମରେ ଚଢ଼ାଉକରି ବିମ୍ବାଧର ଓ ରାମଚନ୍ଦ୍ରଙ୍କୁ ଗିରଫ କରିଥିଲେ। ଜଣେ ଫେରାର ଥିବା ବ୍ୟକ୍ତିଙ୍କ ଛେଳିକୁ ଗତ ୫ମାସ ତଳେ ବାଘ ଖାଇଦେଇଥିବାରୁ ଜାଲ ଓ ବିଦ୍ୟୁତ୍ କରେଣ୍ଟ ଦ୍ୱାରା ବାଘଟିକୁ ଶିକାର କରାଯାଇଥିବା ଶିକାରୀମାନେ ସ୍ୱୀକାର କରିଛନ୍ତି। ଗଣିଆ ବନାଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ବନକର୍ମଚାରୀମାନେ ପାଟ୍ରୋଲିଂ କରୁ ନ ଥିବାରୁ ବନ୍ୟଜନ୍ତୁ ଶିକାର ଦିନକୁ ଦିନ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ତାଙ୍କ ଫୋନ (ନଂ.୯୪୩୭୦୫୨୨୨୬) ଓ ଗଣିଆ ବନାଞ୍ଚଳ ଅଧିକାରୀଙ୍କୁ ତାଙ୍କ ଫୋନ୍ (ନଂ.୮୨୬୦୪୮୦୬୭୬)ରେ ଯୋଗାଯୋଗ କରାଯାଇଥିଲା, ହେଲେ ଉଭୟ ଫୋନ ନ ଉଠାଇବାରୁ ସେମାନଙ୍କ ପ୍ରତିକ୍ରିୟା ମିଳିନାହିଁ।

# ବିଜେଡି ସବୁ କାଗଜପତ୍ର ଟ୍ରକ୍ ଲଗାଇ ବୋହିନେଇଛି: ମନମୋହନ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଟଙ୍କା ଫେରସ୍ତ ପ୍ରସଙ୍ଗ

### ନିଜ କାନ୍ଧରୁ ଜୁଆଳି ନ ଖସାଇ, ଦାୟିତ୍ୱ ତୁଲାନ୍ତୁ ସରକାର: ଅରୁଣ

ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ପୁଣି ଥରେ ତେଜିଛି ରାଜନୀତି। ରାଜ୍ୟରେ ଲକ୍ଷାଧିକ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଦୀର୍ଘବର୍ଷ ଧରି ସେମାନଙ୍କ ଟଙ୍କା ଫେରସ୍ତ ପାଇବାକୁ ଅପେକ୍ଷାକରି ରହିଛନ୍ତି। ହେଲେ ଏନେଇ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇପାରି ନାହିଁ। ପୂର୍ବ ସରକାର ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟାଳୟରୁ ଚିଟ୍‌ଫଣ୍ଡ କାଗଜପତ୍ର ବୋହିନେଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରତିକ୍ରିୟା ପରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ମନମୋହନ କହିଛନ୍ତି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବେ ବୋଲି ପୂର୍ବ ବିଜେଡି ସରକାର କର୍ପସ ଫଣ୍ଡ ତିଆରି କଲେ ଏହାପରେ କମିଶନ ବସାଇଲେ ହେଲେ ଟଙ୍କା ଫେରାଇଲେନାହିଁ। ଭାଜପା ସରକାର କାଗଜପତ୍ର ଯୋଗାଡ କରୁଛି। ପୂର୍ବ ସରକାର ଟ୍ରକ୍ ଲଗାଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସବୁ କାଗଜପତ୍ର ବୋହିନେଇଯାଇଛି। ଯେଉଁଦିନ ତାଙ୍କ ସରକାର ସବୁ କାଗଜପତ୍ର ପାଇଯିବ ଏହାପରେ ସଙ୍ଗେ ସଙ୍ଗେ ନୀତିଗତ ନିଷ୍ପତ୍ତି ନେଇ ଯେଉଁମାନେ ହଜାରେ କିମ୍ବା ୫୦୦ ଟଙ୍କା ରଖିଛନ୍ତି ସେମାନଙ୍କୁ ମଧ୍ୟ କ୍ଷତିପୂରଣ ମିଳିବ। ରାଜ୍ୟର ଜଣେ ହେଲେ କ୍ଷତିଗ୍ରସ୍ତ ଏଥିରୁ ବଞ୍ଚିତ ହେବେ ନାହିଁ। ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ ନେଇ ଭାଜପା ନିର୍ବାଚନୀ ସଂକଳ୍ପପତ୍ରରେ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ନିଶ୍ଚୟ ପାଳନ କରିବ ବୋଲି ସେ କହିଛନ୍ତି।

ମନମୋହନଙ୍କ ପ୍ରତିକ୍ରିୟାର ଜବାବରେ ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଭାଜପା ଶାସନକୁ ଆସିବା ପରେ ସବୁ କଥାରେ ୨୪ ବର୍ଷ କଥା କହୁଛି। ତେବେ ଏମାନେ ସରକାରକୁ କାହିଁକି ଆସିଲେ। ନିଜ କାନ୍ଧରୁ ଜୁଆଳି ଖସାଇଦେଇ ଅନ୍ୟ ଉପରକୁ ଠେଲିଦେବା ଠିକ୍ ନୁହେଁ। କାଗଜପତ୍ର ବାହାର କରିବା ସରକାରଙ୍କ ଦାୟିତ୍ୱ। ନିଜ କାନ୍ଧରୁ ଜୁଆଳି ନ ଖସାଇ ସରକାର ଦାୟିତ୍ୱ ନିର୍ବାହ କରନ୍ତୁ। ଏମାନେ କ'ଣ ସବୁ ପ୍ରତିଶ୍ରୁତି ଦେଇଥିଲେ କେତେ ପାଳନ କରିଛନ୍ତି ତା'ର ଉତ୍ତର ରଖିସାରନ୍ତୁ ତା'ପରେ ଅନେକ ପ୍ରଶ୍ନ ରହିଛି ସେମାନଙ୍କୁ ନିଶ୍ଚୟ ପଚରାଯିବ ବୋଲି ଅରୁଣ କହିଛନ୍ତି।

# ୧୫୦ ଗ୍ରାମ ହେରୋଇନ ଜବତ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୨୦।୫ (ମାନସ ସାମଲ)

କଟକ ଅବକାରୀ ବିଭାଗ ହେରୋଇନ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ମାଲଗୋଦାମ ଥାନା ଯୋବ୍ରା ଅଞ୍ଚଳର ରାକେଶ ନାୟକ। ତାଙ୍କ ନିକଟରୁ ୧୫୦ଗ୍ରାମର ହେରୋଇନ ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ହେରୋଇନର ଆନୁମାନିକ ମୂଲ୍ୟ ୧୬ଲକ୍ଷ ଟଙ୍କା ହେବ। କଟକ ଅବକାରୀ ବିଭାଗ ଅଧିକାରୀ ଅଭିରାମ ସାହୁଙ୍କ ସୂଚନା ମୁତାବକ, ଜଣେ ଯୁବକ ବାଇକ୍‌ରେ ହେରୋଇନ ଧରି ଜଗତପୁର ନିମପୁର ଅଞ୍ଚଳରେ ବିକ୍ରି କରିବାକୁ ବୁଲୁଥିବା ଖବର ମିଳିଥିଲା। କଟକ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଯୁବକଙ୍କୁ ନିମପୁର ନିକଟସ୍ଥ ଜୟ ମଙ୍ଗଳା ସାହି ରାସ୍ତାରେ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା।

ADMISSION NOTICE
COMMON ENTRANCE TEST- 2025
FOR ADMISSION AT

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

NATIONAL INSTITUTE FOR LOCOMOTOR DISABILITIES (NILD)
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

All above Institutes under DEPwD (Divyangjan), Ministry of Social Justice and Empowerment, Govt. of India

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)
Eligibility : 10+2 Science

POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)
AND
1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

For details Log on to : https://admission.svnirtar.nic.in
Director Cum Chairman,
CET & PGET-2025

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ଉହିରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା



# ସହରୀ ବନ୍ୟା

କର୍ଣ୍ଣାଟକରେ ୧୮ ମେ'ରୁ ହୋଇଥିବା ପ୍ରବଳ ବର୍ଷାରେ ୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହାର ରାଜଧାନୀ ବେଙ୍ଗାଲୁରୁରେ ଜଣେ ନାବାଳକଙ୍କ ସମେତ ୩ ଜଣ ସହରୀ ବନ୍ୟାରେ ପ୍ରାଣ ହରାଇଲେଣି। ସହରୀ ବନ୍ୟା ନାମକରଣର ଯଥାର୍ଥତା ହେଲା ଯେ, ଅଚାନକ ହେଉଥିବା ବର୍ଷାର ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାରୁ ତାହା ରାସ୍ତା ଉପରେ ବହିଚାଲିଛି। ଫଳରେ ଟ୍ରାଫିକ୍ ଜାମ୍ ହେବା, ଘର ଭିତରେ ପାଣି ପଶିଯିବା, ବିଦ୍ୟୁତ୍‌କାଟ ଯୋଗୁ ଦେଶର ଆଇଟି ହବ୍ ଭାବେ ପରିଚିତ ବେଙ୍ଗାଲୁରୁବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହର ଭିତରେ ଲୋକେ ଡଙ୍ଗାରେ ଯା'ଆସ କରିବା ଦେଖିବାକୁ ମିଳିଛି। ଭାରତ ପାଣିପାଗ ବିଭାଗ (ଆଇଏମ୍‌ଡି) ଆସନ୍ତା ୨୨ ତାରିଖ ଯାଏ ବେଙ୍ଗାଲୁରୁକୁ ମିଶାଇ କର୍ଣ୍ଣାଟକର ୨୩ ଜିଲାରେ ପ୍ରବଳ ବର୍ଷା ହେବା ନେଇ ହାଇଆଲର୍ଟ ଜାରି କରିଛି।

ଦେଖିବାକୁ ଗଲେ ପ୍ରଥମ ଥର ବେଙ୍ଗାଲୁରୁ ଏଭଳି ସଙ୍କଟ ଦେଇ ଗତି କରି ନାହିଁ। ବିଗତ ବର୍ଷଗୁଡ଼ିକରେ ସମାନ ପ୍ରକାର ଅସୁବିଧା ଦେଖିବାକୁ ମିଳିଥିଲା। କିନ୍ତୁ ଏଥର ମୌସୁମୀ ଆସିବା ପୂର୍ବରୁ ସହରର ଅବସ୍ଥା ଯେଭଳି ହୋଇଛି, ତାହା ସେଠାକାର ନଗରବାସୀଙ୍କ ଚିନ୍ତାକୁ ଅଧିକ ବଢ଼ାଇ ଦେଉଛି। କେବଳ ବେଙ୍ଗାଲୁରୁ ନୁହେଁ, ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ବୃହତ୍ ନଗରାଞ୍ଚଳରେ ଗତ କିଛି ବର୍ଷ ହେବ ପ୍ରବଳ ବର୍ଷା ଯୋଗୁ ସମାନ ଧରଣର ସ୍ଥିତି ଉପୁଜୁଛି। ଏହାର ନିରାକରଣ ପାଇଁ ହେଉଥିବା ଯୋଜନା ଫଳପ୍ରସୂ ହେଉ ନ ଥିବାରୁ ଆଗକୁ ଜଳପ୍ଲାବନଜନିତ ସଙ୍କଟ ବଢ଼ିବାର ଆଶଙ୍କା ଉପୁଜିଲାଣି। ଉଚ୍ଚ କୋଠାବାଡ଼ି, ଚକଚକିଆ ସଡ଼କ, ଶକ୍ତିଶାଳୀ କେବୁଲ ବିଛେଇ ଭିତିଭୂମି ଉନ୍ନତି କରିଦେଲେ ତାହା ବାସ୍ତବ ବିକାଶ ବୋଲି ଧରାଯିବ ନାହିଁ। ଏ କ୍ଷେତ୍ରରେ ସହରର ରୋଡ୍ ଇଞ୍ଜିନିୟରିଙ୍ଗ୍ ଆହୁରି ବ୍ୟବସ୍ଥିତ କରାଯିବା ଦରକାର। ଡ୍ରେନ୍‌ଗୁଡ଼ିକ ଜରିଆରେ ବନ୍ୟା ଜଳକୁ ନଦୀ କିମ୍ବା କେନାଲ ଯାଏ ବିନା ବାଧାରେ ପ୍ରବାହିତ ହେବାକୁ ଦିଆଗଲେ ସ୍ଥିତିରେ ପରିବର୍ତ୍ତନ ଆସିପାରନ୍ତା। କିନ୍ତୁ ଦେଖାଯାଉଛି ଅଧିକାଂଶ ଡ୍ରେନ୍ ଅଳିଆଆବର୍ଜନାରେ ପରିପୂର୍ଣ୍ଣ ରହୁଛି। ନର୍ଦ୍ଦମା ସହ ବର୍ଷାପାଣି ମିଶି ଯାଉଥିବାରୁ ଡ୍ରେନ୍‌ଗୁଡ଼ିକ ଜାମ୍ ହୋଇଯାଉଛି। ସହରୀ ବନ୍ୟାର ଏହା ବଡ଼ କାରଣ ପାଲଟିଛି। ବର୍ଷା ହେବା ନେଇ ସତର୍କତା ଜାରି ହେବା ପରେ ଡ୍ରେନ୍‌ଗୁଡ଼ିକୁ ହଠାତ୍ ସଫା କରିବା କଦାପି ସମସ୍ୟାର ସମାଧାନ ନୁହେଁ। ଏକ ନିୟମିତ ପ୍ରକ୍ରିୟା ଭାବେ ଏହାକୁ ପରିଷ୍କାର ରଖାଗଲେ ପ୍ରବଳ ବର୍ଷା ହେଲେ ମଧ ତତ୍‌କ୍ଷଣାତ୍ ସହରୀ ବନ୍ୟାକୁ ଏଡ଼ାଇ ଦିଆଯାଇପାରନ୍ତା। ଆଉ ଏକ ସମସ୍ୟା ହେଲା ସହରରେ ଥିବା ଜଳାଶୟକୁ ପୋତି ଦିଆଯାଇ ତା' ଉପରେ କୋଠାବାଡ଼ି ନିର୍ମାଣ କରି ଦିଆଯାଉଛି। ବେଙ୍ଗାଲୁରୁ କଥା ଦେଖିଲେ ବୃହତ୍ ବେଙ୍ଗାଲୁରୁ ମହାନଗରପାଳ (ବିବିଏମ୍‌ପି) ସର୍ବେରୁ ଜଣାପଡ଼ିଛି ଯେ, ନଗରର ପରିଧି ଅଞ୍ଚଳରେ ଥିବା ପାଖାପାଖି ୨୦୨ ହ୍ରଦ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଜବରଦଖଲରେ ରହିଛି। ଦିନେ ହଜାରେ ହ୍ରଦର ସହର ଭାବେ ପରିଚିତ ଥିବା ବେଙ୍ଗାଲୁରୁର ଏଭଳି ସ୍ଥିତି ଜଳଧାରଣ କରିବାରେ ଅସହାୟ ହେଉଛି। ୨୦୨୨ ଅଗଷ୍ଟ ବେଳେ ହୋଇଥିବା ବର୍ଷା ଯୋଗୁ ବେଙ୍ଗାଲୁରୁବାସୀ ଘୋର ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେଥିରୁ ବେଙ୍ଗାଲୁରୁ ନଗର କର୍ତ୍ତୃପକ୍ଷ ଶିକ୍ଷା ଗ୍ରହଣ କରିପାରି ନ ଥିବା ଏବର ସ୍ଥିତି ସୂଚାଇ ଦେଉଛି।

ଏଭଳି ପରିପ୍ରେକ୍ଷୀରେ ଭୁବନେଶ୍ୱରକୁ ଫେରିଲେ ସହରୀ ବନ୍ୟାକୁ କିଛି ବର୍ଷ ହେବ ଏଠାକାର ବାସିନ୍ଦା ପ୍ରତ୍ୟକ୍ଷ କରୁଛନ୍ତି। ମନେପଡ଼େ ୧୯ ସେପ୍ଟେମ୍ବର ୨୦୨୧ରେ ବରମୁଣ୍ଡା ପାଲାମଣ୍ଡପ ସାହିର ଜଣେ ୧୫ ବର୍ଷୀୟ ବାଳକ ଏବଂ ୧୮ ଜୁନ୍ ୨୦୨୪ରେ ୟୁନିଟ୍-୩ ଅଞ୍ଚଳରେ ଥିବା ଏକ ଡ୍ରେନ୍‌ରେ ୧୦ ବର୍ଷର ବାଳକ ଭାସି ଯାଇ ପ୍ରାଣହରାଇଥିବା ଘଟଣା। ଡ୍ରେନ୍ ଠିକ୍ ଭାବେ ସଫା ନ ହେବା ଓ ଜବରଦଖଲ ଦିଗରୁ ଦେଖିଲେ ଭୁବନେଶ୍ୱରର ସ୍ଥିତିକୁ ମଧ ସହରୀ ବନ୍ୟାରୁ ମୁକ୍ତ ହୋଇପାରୁ ନାହିଁ। ସହରର ଅଧିକାଂଶ ଅଞ୍ଚଳ କଂକ୍ରିଟମୟ ହୋଇଯାଉଥିବାରୁ ସାଧାରଣ ବର୍ଷା ଜଳ ଶୋଷିବା ଲାଗି ମାଟି ଦେଖାଯାଉ ନାହିଁ। ଅନ୍ୟ ଏକ ଦିଗକୁ ଦେଖିଲେ ଦେଶର ହାତଗଣତି ମହାନଗର କିମ୍ବା ବିକାଶଶୀଳ ସହରକୁ ରୋଜଗାର ପାଇଁ ଲୋକଙ୍କ ସୁଅ ଛୁଟୁଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯେତେ ଲୋକ ରହିବା କଥା, ତାହାଠାରୁ କାହିଁରେ କେତେ ବଢ଼ିଯାଉଥିବାରୁ ସହର ଉପରେ ଅତ୍ୟଧିକ ବୋଝ ପଡ଼ୁଛି। ସେହିଅନୁଯାୟୀ ରାସ୍ତାଘାଟ, ଡ୍ରେନ୍‌ର ଜନତାକରଣ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉପାରୁ ନ ଥିବାରୁ ସମସ୍ୟା ଉପୁଜୁଛି। ଯଦି ଛୋଟ ସହର କିମ୍ବା ଗ୍ରାମାଞ୍ଚଳରେ ରୋଜଗାରର ସୁବିଧା ବଢ଼ାଯାଇପାରନ୍ତା, ତାହା ହେଲେ ବଡ଼ ସହରଗୁଡ଼ିକ ଉପରେ ଅଧିକ ଚାପ ପଡ଼ନ୍ତା ନାହିଁ।

ସେବେ ସହରୀ ବନ୍ୟା ପାଇଁ କର୍ତ୍ତୃପକ୍ଷଙ୍କ ଦେଉଳ ଦାୟିତ୍ୱ ରହିଛି ସାଧାରଣ ନାଗରିକ ମଧ ନିଜ ଆଡ଼ୁ ପଦକ୍ଷେପ ନେବାର ସମୟ ଆସିଲାଣି। ଘରମାଲିକମାନେ ବର୍ଷାଜଳ ଅମଳ କରିବା ନିତାନ୍ତ ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ଛାତର ପ୍ରତି ବର୍ଗମିଟରରେ ୬୦ ଲିଟର ଏବଂ ଅନ୍ୟ ପକ୍କା ସ୍ଥାନରେ ଏକ ବର୍ଗ ମିଟରରେ ୩୦ ଲିଟର ବର୍ଷାଜଳ ଅମଳ କରିବା କିମ୍ବା ମାଟି ଭିତରକୁ ଛାଡ଼ିଦେବା ନିୟମ ବେଙ୍ଗାଲୁରୁରେ କରାଯାଇଛି। ତାହା ଠିକ୍ ଭାବେ ପାଳନ କରାଗଲେ ବନ୍ୟା ଆଶଙ୍କା ୩ ଗୁଣା କମିପାରନ୍ତା ବୋଲି ଆକଳନ କରାଯାଇଛି। କହିବାକୁ ଗଲେ ସହରୀ ବନ୍ୟା କେବଳ ଅତ୍ୟଧିକ ବର୍ଷା ଯୋଗୁ ହେଉଛି ବୋଲି କହିହେବ ନାହିଁ, ବରଂ ଦୁର୍ବଳ ନଗର ଯୋଜନା ଓ ଲୋକଙ୍କ ଅସଚେତନତା ଦୁଃଖ ବଢ଼ାଇ ଦେଉଛି। ପରିବର୍ତ୍ତିତ ସ୍ଥିତିରେ ବର୍ଷାକୁ ନିନ୍ଦା ନ କରି ନଗର କର୍ତ୍ତୃପକ୍ଷ ଓ ସହରାଞ୍ଚଳବାସୀ ସତର୍କତା ଅବଲମ୍ବନ ନ କଲେ ଆଗକୁ ସମସ୍ୟା ବଢ଼ିଯିବା ଥୟ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 4 | | | | |
| | | | 9 | | 7 | | 3 | |
| 2 | | | | | | | | 7 |
| | 4 | 6 | | | 1 | 9 | | |
| | 9 | | | | | | 6 | 8 |
| 8 | 7 | | | | | 4 | | 3 |
| 3 | 6 | | | | | 1 | 4 | |
| | 1 | 5 | | | 9 | | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 3 | 7 | 8 | 9 | 1 | 2 |
| 9 | 2 | 7 | 5 | 1 | 6 | 8 | 4 | 3 |
| 3 | 8 | 1 | 2 | 4 | 9 | 6 | 7 | 5 |
| 8 | 6 | 4 | 1 | 2 | 5 | 3 | 9 | 7 |
| 1 | 7 | 9 | 4 | 8 | 3 | 2 | 5 | 6 |
| 2 | 3 | 5 | 6 | 9 | 7 | 4 | 8 | 1 |
| 7 | 1 | 3 | 8 | 6 | 4 | 5 | 2 | 9 |
| 5 | 9 | 8 | 7 | 3 | 2 | 1 | 6 | 4 |
| 6 | 4 | 2 | 9 | 5 | 1 | 7 | 3 | 8 |

ଗତକାଲିର ଉତ୍ତର

# ଉପକୂଳ ବିମାନବନ୍ଦର ସମସ୍ୟା



ସୌଭାଗ୍ୟ ସୁନ୍ଦରରାୟ

ପୁରୀଠାରେ ଏକ ଆନ୍ତର୍ଜାତିକ ବିମାନବନ୍ଦର ପ୍ରତିଷ୍ଠା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ସ୍ଥଳୀ ପାଇଁ ପୁରୀ ଜଗତ ପ୍ରସିଦ୍ଧ। ଧାର୍ମିକ ଦୃଷ୍ଟିରୁ ଦେଶର ଚତୁର୍ଦ୍ଧାମ ମଧ୍ୟରୁ ପୁରୀ ବା ଜଗନ୍ନାଥ ଧାମ ଅନ୍ୟତମ। ଅନ୍ୟ ୩ ଧାମ ହେଲା ରାମେଶ୍ୱର ଧାମ (ଦକ୍ଷିଣ), ବଦ୍ରିକା ଧାମ (ଉତ୍ତର) ଓ ଦ୍ୱାରକା ଧାମ (ପଶ୍ଚିମ)। ଏଥିସହ ବିଶ୍ୱାର୍ଦ୍ଧ ବେଳାଭୂମି, ବଙ୍ଗୋପସାଗରର ନୀଳ ତରଙ୍ଗ ଶ୍ରୀକ୍ଷେତ୍ରକୁ ଉଭୟ ଧାର୍ମିକ ଓ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପୁରୀଠାରୁ ମାତ୍ର ୩୦ କି.ମି. ଦୂର କୋଣାର୍କଠାରେ ରହିଛି ଅନନ୍ୟତମ କାରୁକାର୍ଯ୍ୟଭରା ଏକ ସୂର୍ଯ୍ୟ ମନ୍ଦିର। ମୂଳ ମନ୍ଦିରଟି ଭାଙ୍ଗି ଯାଇଛି। ରହିଯାଇଛି ମୁଖଶାଳା। ଅନେକ ପର୍ଯ୍ୟଟକ ଓ ଗବେଷକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଆସିଛି। ଶ୍ରୀମନ୍ଦିର ହେଉଛି ଏକାଦଶ ଶତାବ୍ଦୀର କଳିଙ୍ଗ କଳାକୃତିର ସ୍ଥାପତ୍ୟ। ସୂର୍ଯ୍ୟ ମନ୍ଦିର ହେଉଛି ଦ୍ୱାଦଶ ଶତାବ୍ଦୀର ଐତିହ୍ୟ। ପୁରାସ୍ଥିତ ଶ୍ରୀଜଗନ୍ନାଥ ଧାମର ନବୀକରଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ଏହାଦ୍ୱାରା ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ଧାମ ନବକଳେବର ରୂପରେ ଉଭା ହେବ, ଯାହା ଏକବିଂଶ ଶତାବ୍ଦୀର ଅନନ୍ୟ କାର୍ଯ୍ୟ ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିବ। ଏ ସମସ୍ତ ବିଷୟକୁ ନେଇ ପୁରୀଠାରେ ଏକ ବିମାନବନ୍ଦର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି, ଫଳରେ ରାଜ୍ୟର ପର୍ଯ୍ୟଟନ ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ସାଧିତ ହେବ ବୋଲି ଆଶା କରାଯାଉଛି। ତେବେ ଉପର ଆଲୋଚ୍ୟ ଧାର୍ମିକ ପୀଠଗୁଡ଼ିକ ବିଚାରକୁ ନେଲେ ଉକ୍ତ ସ୍ଥାନରେ ବୃହତ୍ ବିମାନବନ୍ଦର ନାହିଁ, ଯାହା ପୁରୀ କ୍ଷେତ୍ରରେ ହେବାକୁ ଯାଉଛି। ବଦ୍ରିକା ଧାମ ଓ ଯୋଶୀମଠ ପାଇଁ ନିକଟବର୍ତ୍ତୀ ବିମାନବନ୍ଦର ୨୩୧ କିଲୋମିଟର ଦୂର ଡେରାଡୁନଠାରେ ରହିଛି। ଦ୍ୱାରକାଠାରୁ ନିକଟମ ବିମାନବନ୍ଦର ଦୂରତା ୧୩୭ କିଲୋମିଟର। ଏହା ଜାମନଗରଠାରେ ପ୍ରତିଷ୍ଠା କରାଯାଇଛି। ଉପକୂଳ ସୁରକ୍ଷା ପାଇଁ ଏହା ମୁଖ୍ୟତଃ ଏକ ବାୟୁସେନା ଘାଟି ଭାବେ କାର୍ଯ୍ୟ କରିଥାଏ। ରାମେଶ୍ୱରମ୍‌ର ନିକଟବର୍ତ୍ତୀ ବିମାନବନ୍ଦର ୧୭୬ କିଲୋମିଟର ଦୂର ମଦୁରାଇଠାରେ ଅବସ୍ଥିତ। ଶୃଙ୍ଗେରୀ ମଠଠାରୁ ବିମାନବନ୍ଦର ଦୂରତା ୧୧୦ କିଲୋମିଟର ମାଙ୍ଗାଲୋରଠାରେ ଅବସ୍ଥିତ।

ପୁରୀରୁ ସବୁଠାରୁ କମ୍ ଦୂରତାର ବିମାନବନ୍ଦର ଓଡ଼ିଶାର ରାଜଧାନୀ ସହର ଭୁବନେଶ୍ୱରଠାରେ ଅବସ୍ଥିତ। ମାତ୍ର ୬୦ କିଲୋମିଟର ଦୂର। ଏହାସତ୍ତ୍ୱେ ପୁରୀଠାରେ ଆଉ ଏକ ବିମାନବନ୍ଦର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି, ଯାହା ପ୍ରତିଷ୍ଠା ହେଲେ ଧାର୍ମିକ ସହର ପୁରୀ ବିମାନ ସଂଯୋଗ ସହ ଯୋଡ଼ି ହେବ।

ପୁରୀ ଏକ ଉପକୂଳବର୍ତ୍ତୀ ସହର। ସହରଠାରୁ ମାତ୍ର ୫ କିଲୋମିଟର ଦୂରରେ ୧୦୦୦ ଏକର ଜମିରେ ଏହି ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରାଯିବ। ଏଥିପାଇଁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ ଅନୁଧ୍ୟାନ କରିଛନ୍ତି। ସମଗ୍ର ବିଶ୍ୱରେ ଉପକୂଳ ବିମାନବନ୍ଦର ପ୍ରତି ବିପଦ ସୃଷ୍ଟି



ହୋଇଥିବାବେଳେ ପୁରୀ ବିମାନବନ୍ଦର ପ୍ରତି ସମସ୍ୟାର ଜୋର ଦେଉଛନ୍ତି। ପାଣିପାଗ ପରିବର୍ତ୍ତନ, ଝଡ଼ବାତ୍ୟା, ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ର ପତନ ବୃଦ୍ଧି ଆଦି ଉପକୂଳ ବିମାନବନ୍ଦର ପ୍ରତି ଘାତକ ସାଜିଛି। ବିମାନବନ୍ଦର ସୁରକ୍ଷା ପାଇଁ ସାରା ବିଶ୍ୱରେ ପଦକ୍ଷେପ ଗ୍ରହଣ କରାଗଲାଣି। ଝଡ଼ବାତ୍ୟା ବୃଦ୍ଧି ଓ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁ ଆମେରିକାର ନ୍ୟୁୟର୍କ, କାଲିଫର୍ଣ୍ଣିଆ ଓ ଫ୍ଲୋରିଡ଼ାରେ ଥିବା ଅନ୍ୟୂନ ୧୩ଟି ବିମାନବନ୍ଦର ବିପଦ ଘେରକୁ ଚାଲିଆସିଲାଣି। ଝଡ଼ବାତ୍ୟାଜନିତ ମଧ୍ୟମରୁ ଉଚ୍ଚ ସାମୁଦ୍ରିକ ଜୁଆରରେ ଏଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା କରାଗଲାଣି। ଫିଲାଡେଲଫିଆ ବିମାନବନ୍ଦରର ଗୋଟିଏ ରନୱେ ଏବେ ସମୁଦ୍ରପତ୍ତନଠାରୁ ୧୨ ଫୁଟ ତଳକୁ ଚାଲିଗଲାଣି ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବେ ୧୫ ଫୁଟ ତଳେ ରହିଗଲାଣି। କ୍ଲାଇମେଟ୍ ରିସ୍କ ମ୍ୟାନେଜମେଣ୍ଟ ପତ୍ରିକାର ଗତ ଜାନୁୟାରୀ ମାସରେ ପ୍ରକାଶିତ ଏକ ଗବେଷଣାତ୍ମକ ସନ୍ଦର୍ଭ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ବିଶ୍ୱର ୨୬୦ଟି ବିମାନବନ୍ଦର ଜଳମଗ୍ନ ଓ ବନ୍ୟା ପ୍ଲାବନ ପ୍ରତି ସମ୍ବେଦନଶୀଳ। ୨୧୦୦ ମସିହା ଶେଷ ବେଳକୁ ବିଶ୍ୱର ୫୭୨ ବିମାନବନ୍ଦର ହାରାହାରି ସମୁଦ୍ରପତନ ତଳକୁ ଚାଲିଯାଇଥିବେ। ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିମାନବନ୍ଦର ସର୍ବାଧିକ କ୍ଷତିଗ୍ରସ୍ତ ହେବା ଆକଳନ କରାଯାଉଛି।

୨୦୧୧ ସୁନାମିରେ ଜାପାନର ସେଣ୍ଡାଇ ବିମାନବନ୍ଦର ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଗଲା। ବିମାନବନ୍ଦରରେ ସୃଷ୍ଟି ହେଲା ଜଳପ୍ରାଚୀର। ପୁନର୍ବାର ବିମାନବନ୍ଦର କାର୍ଯ୍ୟକ୍ଷମ ହେବାକୁ ଲାଗିଗଲା ୬ ବର୍ଷ। ଏଥିପାଇଁ ଜାପାନ ଭଳି ରାଷ୍ଟ୍ରକୁ ପ୍ରଚୁର ଅର୍ଥ ବ୍ୟୟ କରିବାକୁ ପଡ଼ିଲା। ୨୦୧୮ ସୁନାମିରେ ଜାକର୍ତ୍ତା ବିମାନବନ୍ଦର ବିଧ୍ୱସ୍ତ ହୋଇଗଲା। ୨୦୦୪ ଭାରତ ମହାସାଗର ସୁନାମିରେ ଭାରତର ଦକ୍ଷିଣ ପୂର୍ବ ଉପକୂଳ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ସାନଫ୍ରାନ୍ସିସ୍କୋ ଅନ୍ତର୍ଜାତୀୟ ବିମାନବନ୍ଦର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ ଇତିମଧ୍ୟରେ ଆରମ୍ଭ ହୋଇଛି। ଏଥିପାଇଁ ଉପକୂଳ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯିବ। ଏବାବଦକୁ ୫୮୭ ନିୟୁତ ଡଲାର ବ୍ୟୟ କରାଯିବ। ଫିଲାଡେଲଫିଆ ବିମାନବନ୍ଦର ସୁରକ୍ଷା ପାଇଁ ୨ ଲକ୍ଷ ଡଲାର ବିନିଯୋଗ ଲାଗି ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ବିମାନବନ୍ଦର ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଇଁ ବିପୁଳ ବ୍ୟୟବରାଦ କରାଯାଉଛି।

୨୦୧୯ରେ ବାତ୍ୟା 'ଫନି' ପୁରୀ ଉପକୂଳରେ ସ୍ଥଳଭାଗ ଅତିକ୍ରମ କଲା। ଏହା ପ୍ରଭାବ ୧୦୦ କି.ମି. ଦୂର ପର୍ଯ୍ୟନ୍ତ ରହିଲା। ରାଜଧାନୀ ସହର ଭୁବନେଶ୍ୱର ଓ ବାଣିଜ୍ୟିକ ସହର କଟକ ଗୁରୁତର ଭାବେ ପ୍ରଭାବିତ ହେଲେ। ପୁରୀ ଉପକୂଳ ପରିଚାଳନା ଜୋନ୍ (ସିଆର୍‌ଜେଡ୍) ଅଧୀନରେ ରହୁଛି। କିନ୍ତୁ ଯେଉଁ ସ୍ଥାନରେ ବିମାନବନ୍ଦର ପାଇଁ ସ୍ଥାନ ନିରୂପଣ କରାଯାଇଛି ତାହା ସିଆର୍‌ଜେଡ୍ ଅନ୍ତର୍ଭୁକ୍ତ ନୁହେଁ ବୋଲି କୁହାଯାଉଛି। ସିଆର୍‌ଜେଡ୍ ହୋଇ ନ ଥିଲେ ମଧ୍ୟ ଝଡ଼ବାତ୍ୟାରେ ଏହା ପ୍ରଭାବିତ ହେବା ସମ୍ଭାବନା ରହିଛି। ଏଥିସହ ଚିହ୍ନିତ ଅଞ୍ଚଳ ଜଳ ନିଷ୍କାସନର ପ୍ଲାବିତ ଭୂମି। ଏହା ଏକ ପୁରୁଣା ଆର୍ଦ୍ରଭୂମି ଶ୍ରେଣୀଭୁକ୍ତ କହିଲେ ଚଳେ। ଏଣୁ ଏଠାରେ ମୃତ୍ତିକା ସମ୍ପର୍କରେ ଗଭୀର ଅନୁଧ୍ୟାନର ଆବଶ୍ୟକତା ରହିଛି। ବଙ୍ଗୋପସାଗର ତଟରୁ ମାତ୍ର ୫ କିଲୋମିଟର ଦୂରରେ ପ୍ରସ୍ତାବିତ ଏହି ବିମାନବନ୍ଦର ଭବିଷ୍ୟତ ପାଇଁ କେତେ ସୁରକ୍ଷିତ ରହିବ ସେସମ୍ପର୍କରେ ଗଭୀର ଅନୁଧ୍ୟାନର ଆବଶ୍ୟକତା ରହିଛି। ଏହି ବିମାନବନ୍ଦରର ୩୦ କି.ମି. ପରିସୀମା ମଧ୍ୟରେ ପ୍ରାଚୀନ ସୂର୍ଯ୍ୟ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର। ଏଥିସହ ବିଶ୍ୱାସର ମନ୍ଦିର ରାମଚଣ୍ଡୀ, ହରଚଣ୍ଡୀ, ଅଲାରନାଥଙ୍କ ମନ୍ଦିର ରହିଛି। ବିମାନର ଅବତରଣ ଓ ଉଡ଼ାଣର କମ୍ପନର ପ୍ରଭାବ ପ୍ରାଚୀନ ମନ୍ଦିର ଉପରେ କିପରି ରହିବ ତାହା ପର୍ଯ୍ୟାଲୋଚନାର ବିଷୟ। ଏ ସମ୍ପର୍କରେ ମତାମତ ଦେବାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଅଧିକାରପ୍ରାପ୍ତ। ନିକଟରେ ରହିଛି ଏସିଆ ମହାଦେଶର ସର୍ବବୃହତ୍ ଲୁଣାହ୍ରଦ ଚିଲିକା। ଶୀତଦିନେ ଅନ୍ତତଃ ୩ ମାସ ପାଇଁ ବିଦେଶାଗତ ପକ୍ଷୀଙ୍କ ଆଗମନ ଚିଲିକାକୁ ଘଟିଥାଏ। ଏହି ପକ୍ଷୀଗୁଡ଼ିକ ଏଠାକାର ଆକାଶମାର୍ଗ ଉପଯୋଗ କରିଥାନ୍ତି। ଚିଲିକାର ପରିବେଶ ଓ ପକ୍ଷୀ ଆଗମନ ଉପରେ ଏହାର କ'ଣ ପ୍ରଭାବ ରହିବ ସେ ସମ୍ପର୍କରେ ପକ୍ଷୀ ବିଜ୍ଞାନୀଙ୍କ ମତାମତ ଜରୁରୀ। ବହୁ ସମୟରେ ଆକାଶ ମାର୍ଗରେ ପକ୍ଷୀଙ୍କ ସଂସ୍ପର୍ଶରେ ଆସି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥାଏ। ତେଣୁ ପକ୍ଷୀ ଚଳପ୍ରଚଳ ଦୃଷ୍ଟିରୁ ପୁରୀ ଆକାଶ ମାର୍ଗ ବିମାନ ଚଳାଚଳ ପାଇଁ ସୁରକ୍ଷିତ ନୁହେଁ ବୋଲି ମନେହେଉଛି। ଏହାପରକୁ ପାଣିପାଗ ଓ ସାମୁଦ୍ରିକ ବିଜ୍ଞାନର ବିଷୟ। ଅଯୋଧ୍ୟାରେ ବିମାନବନ୍ଦର ପ୍ରତିଷ୍ଠା ହେବା, ଆଉ ପୁରୀରେ ବିମାନବନ୍ଦର ପ୍ରତିଷ୍ଠା କରାଯିବାକୁ ବିକାଶର ଗୋଟିଏ ଧାରା ବୋଲି କୁହାଯାଇପାରିବ ନାହିଁ। ମଦୁରାଇରେ ବିମାନବନ୍ଦର ରହିଛି, କିନ୍ତୁ ଏହାର ପ୍ରଭାବ ମୀନାକ୍ଷୀ ମନ୍ଦିର ଉପରେ ରହୁନାହିଁ, କାରଣ ମୁଖ୍ୟ ମନ୍ଦିରର ଉଚ୍ଚତା କମ୍। ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପୁରୀରେ ବିମାନବନ୍ଦର ପ୍ରତିଷ୍ଠା କରାଯାଉଥିରେ, କିନ୍ତୁ ବିଶେଷଜ୍ଞଙ୍କ ମତାମତକୁ ଉପେକ୍ଷା କରି ଏହା କରାଯିବା ଉଚିତ ନୁହେଁ। ନିଜକୁ ସୁହାଇଲା ପରି ବିଶେଷଜ୍ଞ ମତାମତ ଲୋଡ଼ାଯିବା ମଧ୍ୟ ଉଚିତ ନୁହେଁ। ଏପରି ହେଲେ ପୁରୀ ବିମାନବନ୍ଦର ରକ୍ଷଣାବେକ୍ଷଣ ବ୍ୟୟ ଏହାର ଆୟକୁ ଟପିଯିବ। ଦେଶବିଦେଶର ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଆୟୋଜିତ ହେଉଥିବା ମୁଖ୍ୟ ରଥଯାତ୍ରା ଯୋଗୁ ଶ୍ରୀକ୍ଷେତ୍ରରେ ବିମାନବନ୍ଦର ପ୍ରତିଷ୍ଠା ସ୍ୱାଗତଯୋଗ୍ୟ, କିନ୍ତୁ ଏହାର ଭାଗ୍ୟ ୫୦ ବର୍ଷରେ ପରିଚାଳିତ ନ ହେଉ।

ମୋ: ୯୪୩୭୨୨୯୦୩୩

# ଅମୂଲ୍ୟ ସମ୍ପଦ ଇତିହାସ



ରବିନାରାୟଣ ସାମଲ

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କଲେ। ତା'ର ପ୍ରତିଶୋଧ ନେବାକୁ ଭାରତ 'ଅପରେଶନ୍ ସିନ୍ଦୂର' ଆରମ୍ଭ କଲା ଓ ପରେ ଅସ୍ତ୍ର ବିରତି ହେଲା। ଯୁଦ୍ଧର ଆଶଙ୍କା ଦୂର ହେଲା। ଜିଏ ଲେଖୁ ବା ନ ଲେଖୁ ଭାରତର ଇତିହାସରେ ଏହା ଅଲିଭା ଅକ୍ଷରରେ ଲିପିବଦ୍ଧ ହୋଇଗଲା।

ଷୋଡ଼ଶ ଶତାବ୍ଦୀରେ ଭାରତର ଶାସନକର୍ତ୍ତା ଥିଲେ ମୋଗଲ ସମ୍ରାଟ ଜାହାଙ୍ଗୀର (୧୬୦୫-୧୬୨୭)। ବ୍ରିଟେନ୍‌ର ୱିଲିୟମ୍ ହକିନ୍ସ ଭାରତରେ ବ୍ୟବସାୟ କରିବାକୁ ଜାହାଙ୍ଗୀରଙ୍କ ଦରବାରକୁ ଆସିଲେ। ଜାହାଙ୍ଗୀରଙ୍କ କନିଷ୍ଠ କନ୍ୟା ବାହାର୍ ବାନୁ ବେଗମ୍ ସେତେବେଳେ ଅସୁସ୍ଥ ଥିଲେ। ଭାରତର ଚିକିତ୍ସକମାନେ ତାଙ୍କୁ ଆରୋଗ୍ୟ କରିପାରିଲେ ନାହିଁ। ୱିଲିୟମ୍ ହକିନ୍ସ ବ୍ରିଟେନ୍‌ରୁ ଚିକିତ୍ସକ ଆଣି ବାହାର୍ ବାନୁଙ୍କ ଚିକିତ୍ସାର ବ୍ୟବସ୍ଥା କଲେ ଏବଂ ବାହାର ବାନୁ ସୁସ୍ଥ ହେଲେ। ହକିନ୍ସ ଜାହାଙ୍ଗୀରଙ୍କ ଅନୁକମ୍ପାର ସୁଯୋଗ ନେଇ ୧୬୧୨ ମସିହାରେ ସୁରଟଠାରେ ପ୍ରଥମ ବାଣିଜ୍ୟ କୋଠି ସ୍ଥାପନ କଲେ। ଆରମ୍ଭ ହେଲା ଇଷ୍ଟ ଇଣ୍ଡିଆ କମ୍ପାନୀର ଯୁଗ। ଇଷ୍ଟ ଇଣ୍ଡିଆ କମ୍ପାନୀ କେମିତି ସାରା ଭାରତକୁ ପରାଧୀନତା ଭିତରକୁ ଟାଣି ନେଲା, ଭାରତର ସ୍ୱାଧୀନତା ଆନ୍ଦୋଳନ କେମିତି ହେଲା ଏବଂ ସର୍ବଶେଷରେ ଭାରତ କେମିତି ସ୍ୱାଧୀନ ହେଲା, ତାହା ଆମ ସମସ୍ତଙ୍କୁ ପ୍ରାୟ ଜଣା। ଏହାକୁ କେହି ବିକୃତ କରିପାରିବେ ନାହିଁ। ଅନେକ ତଥାକଥିତ ଓ ବରାଦିଆ ଐତିହାସିକ ସ୍ୱାଧୀନତା ଆନ୍ଦୋଳନକୁ ଭିନ୍ନ ଭାବେ ଚିତ୍ରଣ କରିବାକୁ ଅପଚେଷ୍ଟା କରିଛନ୍ତି। ତଥାପି ସଫଳ ହୋଇ ନାହାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କିଛି ବର୍ଷ ପୂର୍ବେ ମାଧ୍ୟମିକ ଇତିହାସରେ 'ଭଗତ ସିଂ ଜଣେ ସନ୍ତ୍ରାସବାଦୀ ଥିଲେ' ବୋଲି ଉଲ୍ଲେଖ ହୋଇଥିଲା। ସେହିପରି 'ଏକ ବିଶେଷ ପରିସ୍ଥିତିରେ ମହାତ୍ମା ଗାନ୍ଧୀ ନିହତ ହୋଇଥିଲେ' ବୋଲି ଏକ ମନଗଢ଼ା ତଥ୍ୟ ଇତିହାସ ବହିରେ ସ୍ଥାନ ପାଇଥିଲା। କିନ୍ତୁ ପ୍ରବଳ ପ୍ରତିବାଦ ହେବାରୁ ମାଧ୍ୟମିକ ଶିକ୍ଷା ବୋର୍ଡ଼ ତାକୁ ପ୍ରତ୍ୟାହାର କରି ନେଇଥିଲା। ମଝିରେ ମଝିରେ ଏମିତି ଭୁଲ ତଥ୍ୟ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ଦେଖିବାକୁ ମିଳେ।

ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା ହେଲା ୧୫୨୬ରେ। ଦିଲ୍ଲୀର ସୁଲତାନ ଇବ୍ରାହିମ୍ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ ପରାସ୍ତ କରି ବାବର ପ୍ରତିଷ୍ଠା କଲେ ମୋଗଲ ସାମ୍ରାଜ୍ୟ। ତିନି ଶହ ବର୍ଷର ମୋଗଲ ଶାସନ ଭିତରେ ଆକବର ଓ ଶାହାଜାହାନଙ୍କ ଶାସନ କାଳ ଥିଲା ସୁବର୍ଣ୍ଣ ଯୁଗ। ରାସ୍ତାଘାଟ, ବାଣିଜ୍ୟ ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଥିଲା। ଶାହାଜାହାନଙ୍କ ପୁତ୍ର ଔରଙ୍ଗଜେବ ଥିଲେ ଜଣେ ଅତ୍ୟାଚାରୀ ଶାସକ। ଅଣମୁସଲମାନ ସମ୍ପ୍ରଦାୟର ଲୋକଙ୍କ ଉପରେ ସେ ଜିଜିୟା କର ଓ ଯାତ୍ରା କର



ବସାଇଥିଲେ। ହିନ୍ଦୁ ମନ୍ଦିରକୁ ଧ୍ୱଂସ କରିବା ତାଙ୍କର ଧାର୍ମିକ ଅସହିଷ୍ଣୁତାର ନିଦର୍ଶନ ଥିଲା। ଗାଦି ଅଧିକାର କରିବାକୁ ନିଜ ପିତା ଶାହାଜାହାନଙ୍କୁ ସେ ବନ୍ଦୀ କରି ରଖିଥିଲେ। ହିନ୍ଦୁ ଓ ମରାଠାଙ୍କୁ ସେ ହୀନ ଦୃଷ୍ଟିରେ ଦେଖୁଥିଲେ। ଦୀର୍ଘକାଳୀନ ମୋଗଲ ସମ୍ରାଟ ଭାବେ ତାଙ୍କର ଖ୍ୟାତି ଅପେକ୍ଷା ଅପଖ୍ୟାତି ଅଧିକ ଥିଲା। ମରାଠାର ଅଭ୍ୟୁଦୟ ଓ ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀର ବାଣିଜ୍ୟ କୋଠି ସ୍ଥାପନର ପରିଣତି ଭାରତରୁ ମୋଗଲ ସାମ୍ରାଜ୍ୟର ଅନ୍ତ ଘଟାଇଲା। ୧୮୫୮ରେ ମୋଗଲ ସାମ୍ରାଜ୍ୟର ଶେଷ ସମ୍ରାଟ ବାହାଦୁରଶାହା ଜାଫର ରେଙ୍ଗୁନ୍‌ରେ ନିର୍ବାସିତ ଜୀବନଯାପନ କଲେ।

ଭାରତରେ ତିନିଶହ ବର୍ଷର ମୋଗଲ ରାଜୁତିରେ ଅନେକ କୀର୍ତ୍ତିରାଜି ଏଯାଏ ସଦର୍ପରେ ଦଣ୍ଡାୟମାନ। ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ଉକ୍ତ କୀର୍ତ୍ତିରୁ ବର୍ଷକୁ ଶହ ଶହ କୋଟି ରାଜସ୍ୱ ଆୟ ହେଉଛି। କୌଣସି ପରିସ୍ଥିତିରେ ଏହାକୁ ଅଣଦେଖା କରି ହେବ ନାହିଁ। ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ଔରଙ୍ଗଜେବଙ୍କ ଭଳି କେତେକ ଅତ୍ୟାଚାରୀ ହୋଇଥାଇପାରନ୍ତି। ସେମାନଙ୍କ ଅତ୍ୟାଚାରର କାହାଣୀ ଏଯାବତ୍ ଭାରତ ତଥା ବିଶ୍ୱ ଇତିହାସରେ ଲିପିବଦ୍ଧ ହୋଇ ରହିଛି। ରହିଥିବ ମଧ୍ୟ। ପିଲାମାନଙ୍କ ପାଠ୍ୟପୁସ୍ତକରେ ଏଗୁଡ଼ିକୁ ବାଦ୍ ଦେଇଦେଲେ ଇତିହାସ ବିକଳାଙ୍ଗ ହେବ ନାହିଁ ସତ, କିନ୍ତୁ ଆମର ପିଲାମାନେ ଏହି ଐତିହାସିକ ଜ୍ଞାନ ଆହରଣରୁ ବଞ୍ଚିତ ହୋଇଯିବେ।

ଇତିହାସ ହେଉଛି ଭବିଷ୍ୟତର ମାର୍ଗଦର୍ଶକ। ଅତୀତକୁ ନ ଜାଣି ଭବିଷ୍ୟତରେ ପାଦ ଥାପିହେବ ନାହିଁ। ଅନେକ ତ୍ରୁଟି ବିଚ୍ୟୁତିର ସାରି ସମ୍ମୁଖୀନ ହେବାକୁ ପଡ଼ିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ଆମେ ଯଦି ନ ଜାଣିବା ହିଟ୍‌ଲର, ଲେନିନ୍, ଷ୍ଟାଲିନ୍‌ଙ୍କ ବିଷୟରେ ନ ଜାଣିବା ତେବେ ଆମର ଜ୍ଞାନ ସୀମିତ ହୋଇଯିବ। ସେ ନେଲସନ୍ ମଣ୍ଡେଲା ହୁଅନ୍ତୁ, ନେପୋଲିୟନ ବୋନାପାର୍ଟ ହୁଅନ୍ତୁ, ମୁଜିବୁର ରହେମାନ ହୁଅନ୍ତୁ, ଫିଡେଲ କାଷ୍ଟ୍ରୋ ହୁଅନ୍ତୁ ବା ଆଡଲଫ୍ ହିଟ୍‌ଲର ହୁଅନ୍ତୁ ସମସ୍ତଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଆମେ ସବିଶେଷ ଜାଣିବା ଦରକାର। ଏହା ଆମର ଜ୍ଞାନର ପରିସରକୁ ବୃଦ୍ଧି ଘଟାଇବା ସହିତ ଏକ ନୂତନ ସୁଦୃଢ଼ ଓ ବିଚାରବନ୍ତ ପିଢ଼ି ସୃଷ୍ଟି କରିବ।

ଉଲ୍ଲେଖଯୋଗ୍ୟ ଯେ ସପ୍ତମ ଶ୍ରେଣୀ ପାଠ୍ୟ ପୁସ୍ତକରୁ ଏନ୍‌ସିଇଆର୍‌ଟି ମୋଗଲ ସାମ୍ରାଜ୍ୟ ଓ ଦିଲ୍ଲୀର ସୁଲତାନ ଶାସନ ଅଧ୍ୟାୟକୁ ବାଦ୍ ଦେଇଛି। ଗତବର୍ଷ ତୃତୀୟ ଓ ଷଷ୍ଠ ଶ୍ରେଣୀ ନିମିତ୍ତ ଏପରି ପାଠ୍ୟ ପୁସ୍ତକ ପ୍ରଚଳନ କରିଥିଲା। ଏଥର ଚତୁର୍ଥ ଓ ସପ୍ତମ ଶ୍ରେଣୀ ବହିରେ ପରିବର୍ତ୍ତନ କରିଛି। ଦ୍ୱାଦଶ ଶ୍ରେଣୀ ଇତିହାସ ବହିରୁ ମହାତ୍ମା ଗାନ୍ଧୀ ଓ ଗୋଡ୍‌ସେ ଦଙ୍ଗାକୁ ବାଦ ଦିଆଯାଇଛି। ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ବୈଶ୍ୱିକ ଜ୍ଞାନର ଅଧିକାରୀ ହେବେ ନା କୂପମଣ୍ଡୂକ ପରି ଆତ୍ମଗୋପନ କରିବେ? ଏହା ଆମର ବିଚାର୍ଯ୍ୟ।

ତେଣୁ ସରକାର ନିଜ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ। ଇତିହାସ ସମ୍ପର୍କରେ ସତ୍ୟ ତଥା ବାସ୍ତବ ଜ୍ଞାନ ଆହରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଅନ୍ତୁ। ନଚେତ୍ ଇତିହାସ ଆମକୁ କ୍ଷମା ଦେବନାହିଁ।

ମୋ:୭୯୭୫୦୪୭୬୮୭

## ଏଇ ଭାରତରେ

ତାମିଲନାଡୁର ଭିଲୁପୁରମ କଞ୍ଚୁରରେ ରହୁଥିବା ୪୧ ବର୍ଷୀୟ କନ୍‌ଷ୍ଟେବଲ ଥୋଲ୍‌କାପ୍ପିୟାନ ଶିବରାଜ ତାଙ୍କ ଫାର୍ମଲାଉଜ୍ ଫ୍ରି ଏକାଡେମୀ କରିଦେଇଛନ୍ତି। ଏହିଠାରେ ସେ ସରକାରୀ ଚାକିରି ଆଶାୟୀଙ୍କୁ ଶିକ୍ଷା ଓ ବିଭିନ୍ନ ଧନ୍ଦାମୂଳକ ଟ୍ରେନିଂ ଦେବାର ବ୍ୟବସ୍ଥା କରିଛନ୍ତି। ସେ ତାଙ୍କ ଟ୍ରେନିଂ ସେଣ୍ଟରର ନାମ ରଖିଛନ୍ତି ପୁଥିୟା ସିରାଗୁଗଲ ଅର୍ଥାତ୍ 'ନ୍ୟୁ ୱିଙ୍ଗସ୍'। ୨୦୧୦ରେ ଶିବରାଜ ପୋଲିସରେ ଭର୍ତ୍ତି ହେବା ପରେ ଅର୍ଥ ସଞ୍ଚୟ କରି ଏହାକୁ ସେ ୨୦୧୩ରେ ପ୍ରତିଷ୍ଠା କରିଥିଲେ। ସେ ୧ ଏକର ଜମିକୁ ଟ୍ରେନିଂ ଗାଉଣ୍ଡ କରିଛନ୍ତି। ଏବେ ସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ଯୁବକ ଏଠାରେ ଟ୍ରେନିଂ ନେଇ ସରକାରୀ ଚାକିରି ପାଇ ସାରିଲେଣି। ଏମାନେ ବିଭିନ୍ନ ପୋଲିସ, ରାଜସ୍ୱ, ଶ୍ରମ ଏବଂ ପ୍ରଶାସନିକ ବିଭାଗରେ ଚାକିରି ପାଉଛନ୍ତି। ବଡ଼ କଥା ହେଉଛି ଶିବରାଜଙ୍କ ଭାଇ ସତ୍ୟରାଜ ବିଭିନ୍ନ ବିଷୟ ପଢ଼ାଇବା ସହ ଶାରୀରିକ ଟ୍ରେନିଂ ଦେଉଛନ୍ତି। ଭଉଣୀ ଜୀବିତା ଟାଇପିଂ ଓ କମ୍ପ୍ୟୁଟର ଶିକ୍ଷା ଦେଉଛନ୍ତି। ପ୍ରଥମେ ସେ ୩ ଜଣ ପିଲାଙ୍କୁ ଟ୍ରେନିଂ ଦେବା ଆରମ୍ଭ କରିଥିଲେ। ପିଲାମାନଙ୍କୁ ସେଠାରେ ରହିବାର ବ୍ୟବସ୍ଥା ବି କରିଛନ୍ତି। ଏବେ ୬୩ ପିଲା ଟ୍ରେନିଂ ନେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୭୫

- ଦେଶରେ ଖାଉଟି ଆନ୍ଦୋଳନର ଉନ୍ନତି ନିମନ୍ତେ ଏକ ଜାତୀୟ ଖାଉଟି ସୁରକ୍ଷା ପରିଷଦ ଗଠନ ପ୍ରସ୍ତାବ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅନୁମୋଦିତ।
- ନାଗାଲାଣ୍ଡ ଜାତୀୟତାବାଦୀ ସଙ୍ଗଠନ ଆନୁଷ୍ଠାନିକ ଭାବେ ଜାତୀୟ କଂଗ୍ରେସ ଦଳରେ ସାମିଲ।
- ସୋଭିଏତ୍ ରୁଷ ଓ ମୋଜାମ୍ବିକ ମଧ୍ୟରେ ସାଂସ୍କୃତିକ ଓ ବୈଜ୍ଞାନିକ ସହଯୋଗ ସମ୍ପର୍କୀୟ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ହେ ପାଷାଣ ! ମାଗୁନାହିଁ
ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ
ତୁଟିବାକୁ ବ୍ୟର୍ଥତା ଆଶାର।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାନୁଷ୍ଠାନରେ ଦଲାଲ

ମହାଶୟ,

ନିକଟରେ ମାଟ୍ରିକ ପରୀକ୍ଷାଫଳ ବାହାରି ସାରିଛି। ବର୍ତ୍ତମାନ ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦଲାଲ ବିଭିନ୍ନ ସ୍କୁଲକୁ ଯାଇ ଭଲ ମାର୍କ ରଖିଥିବା ପିଲାମାନଙ୍କର ଘର ଠିକଣା ଓ ମୋବାଇଲ ନମ୍ବର ସଂଗ୍ରହ କରିବା ପାଇଁ ଅଭିଭାବକଙ୍କ ନିକଟରେ ପହଞ୍ଚୁଛନ୍ତି। ଆମ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ପଢ଼ାନ୍ତୁ, ଅଧିକ ସୁବିଧା ଅଛି, ସମୁଦ୍ର ସୁବିଧା ଅଛି। ଆକର୍ଷଣୀୟ ଲୋଭର ଥୋପ ଦେଖାଉଛନ୍ତି। ଅଭିଭାବକମାନେ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପରେ ଦଲାଲଙ୍କ ଦେଖା ମିଳେନାହିଁ। ଦଲାଲ ଶିକ୍ଷାନୁଷ୍ଠାନର ମାଲିକଙ୍କଠାରୁ କମିଶନ ନେଇ ଫେରାର ହୋଇଯାଉଥାଏ। ଯାହାଫଳରେ କି ସରକାରୀ କଲେଜରେ ନାମ ଲେଖା ହ୍ରାସ ପାଉଛି।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତ, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ଉତ୍କଳଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟାଟାଷ୍ଟିଲ୍‌ର ସମ୍ପ୍ରସାରଣ ପ୍ରକଳ୍ପକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

## ଉତ୍ପାଦନ କ୍ଷମତା ୩ ମିଲିୟନ ଟନ୍‌ରୁ ୮ ମିଲିୟନ ଟନ୍‌କୁ ବୃଦ୍ଧି

**ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨୦।୫ :**



କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଥିବା ଟାଟାଷ୍ଟିଲ୍‌ର ୨ୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପ।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ବହୁ ପ୍ରତୀକ୍ଷିତ ଟାଟା ଷ୍ଟିଲ ଓ ନୀଳାଚଳ ଇସ୍ପାତର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୨ ତାରିଖରେ ଉଦଘାଟନ କରିବେ। ଏଥିସହ ନୂଆକରି ପାଦ ଥାପିବାକୁ ଯାଉଥିବା ୧୨ ଟି ଶିଳ୍ପ ପ୍ରକଳ୍ପଗୁଡିକର ଭୂମି ପୂଜନ ଓ ୪ଟି ନୂଆ ପ୍ରକଳ୍ପର ଉଦଘାଟନ କାର୍ଯ୍ୟକ୍ରମ ରହିଛି।

ଏଥିରେ ଜଟିଆ ଷ୍ଟିଲ କାରଖାନାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଇମ୍ଫା କାରଖାନା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେହିପରି ପ୍ରସ୍ତାବିତ ସାଇଜର ଓ ଟିଏଇକେ କାରଖାନା ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଟାଟା ଷ୍ଟିଲର ଉତ୍ପାଦନ କ୍ଷମତା ୩ ମିଲିୟନ ଟନ୍‌ରୁ ୮ ମିଲିୟନ ଟନ୍‌କୁ ସମ୍ପ୍ରସାରଣ ହେବ। ସମ୍ପ୍ରସାରଣରେ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବାକୁ ଯାଉଛି। ନୂତନ ପ୍ରକଳ୍ପ ଗୁଡିକରେ ୩୪ ହଜାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାର ଦାବି କରୁଛନ୍ତି। କେବଳ ଟାଟା ଷ୍ଟିଲର ଦୁଇ ବୃହତ୍ ସମ୍ପ୍ରସାରଣରେ ୬୩ ହଜାର କୋଟି ଟଙ୍କା ବିନିଯୋଗ ହେବ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ତେଲିବାହାଲି କାର୍ଯ୍ୟକ୍ରମ ସ୍ଥଳରେ ପୂର୍ବାହ୍ନ ୧୦ଟା ୩୫ ସମୟରେ ପହଞ୍ଚିବେ । କାର୍ଯ୍ୟକ୍ରମ ସ୍ଥଳରେ ୧୨ଟା ୧୦ ପର୍ଯ୍ୟନ୍ତ ରହି ସେଠାରେ ବିଭିନ୍ନ ପ୍ରକଳ୍ପ ପାଇଁ ସମୂହ ଶିଳାନ୍ୟାସ କରିବେ । ପରେ ସେଠାରୁ ସଡ଼କ ପଥରେ ଯାଇ ୧୨ଟା ୨୦ ରେ ଜଟିଆ ଷ୍ଟିଲ କାରଖାନାକୁ ଉଦ୍‌ଘାଟନ କରିବେ । ଏହାପରେ ଇମ୍ଫା କାରଖାନା ପାଇଁ ଶିଳାନ୍ୟାସ କରିବା ସହିତ ସେଠାରୁ ବାହାରି ଟାଟା ଷ୍ଟିଲ କାରଖାନା ପରିସରରେ ପହଞ୍ଚିବେ। ୧୨ଟା ୩୫ରେ ଟାଟା ଷ୍ଟିଲରେ ପହଞ୍ଚି ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ କରିବା ସହିତ କାରଖାନା ପରିଚାଳନା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ସହିତ ଭାବର ଆଦାନ ପ୍ରଦାନ କରିବେ । ସେଠାରେ ମୁଖ୍ୟମନ୍ତ୍ରୀ ପ୍ରାୟ ୧ ଘଣ୍ଟା ରହିବେ। କିଛି ସମୟ ବିରତି ପରେ ଅପରାହ୍ନ ୨ ଟା ୧୦ ସମୟରେ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି ।

ଟାଟା ଷ୍ଟିଲ ଏହି ସମ୍ପ୍ରସାରଣ ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ୨୦୧୯ ସେପ୍ଟେମ୍ବରରେ ଜନଶୁଣାଣି ହୋଇଥିଲା। ବୁଝାମଣା ପତ୍ର ଅନୁସାରେ ଟାଟା ଷ୍ଟିଲକୁ ସରକାର ସମୁଦାୟ ୩୪୭୨ ଏକର ଜମି ଯୋଗାଇ ଦେଇଛନ୍ତି, ଯାହାକି ସମ୍ପ୍ରସାରଣ ପାଇଁ ଯଥେଷ୍ଟ ବୋଲି ସର୍ବସାଧାରଣ ଜନଶୁଣାଣୀ ପାଇଁ ପ୍ରସ୍ତୁତ ହୋଇଥିବା ସାରାଂଶ ଓ ଶେଷ କଥାରେ ଦର୍ଶାଯାଇଥିଲା। ପରିବେଶ ମଞ୍ଜୁରୀ ପାଇବା ଦିନରୁ ୬୦ମାସ ମଧ୍ୟରେ କାରଖାନା ପ୍ରତିଷ୍ଠା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଯାହାକି ପ୍ରାୟତଃ ସଫଳ ହୋଇ ପାରିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୌତମ ରାୟ

## ଯାଜପୁର ସହରର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ପାଇଁ ୯୦ କୋଟି ଟଙ୍କା ପ୍ରଦାନ କରିବାକୁ ନିବେଦନ କଲେ

**ଯାଜପୁର ଟାଉନ, ୨୦।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**



ଯାଜପୁର ସହରକୁ ଅତ୍ୟାଧୁନିକ ସହରରେ ପରିଣତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପ୍ରକଳ୍ପ ଅନୁମୋଦନ କରାଯାଇଛି। ଏଥିପାଇଁ ଭାଜପାର ପୂର୍ବତନ ଜିଲା ସଭାପତି ଗୌତମ ରାୟ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଦେବା ସହ ଅନ୍ୟ ପ୍ରକଳ୍ପ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମା' ବିରଜା ମନ୍ଦିର ପାଇଁ ୧୦୦ କୋଟି ଏବଂ ବିରଜା ହାଟ ପାଇଁ ୨୨ କୋଟି ଟଙ୍କା ପ୍ରଶାସନିକ ଅନୁମୋଦନ ପାଇସାରିଥିବା କହିବା ସହ ଯାଜପୁର ସହରର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିମନ୍ତେ ୯୦ କୋଟି ଟଙ୍କା ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବରୁ ଯାଜପୁରରୋଡ-ଧାମରା ରେଳ ପ୍ରକଳ୍ପ ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ ପତ୍ର ଲେଖିଥିବାବେଳେ ଏହି ପ୍ରକଳ୍ପ ଲାଗି ଅର୍ଥ ବ୍ୟୟବରାଦ କରିବାକୁ କେନ୍ଦ୍ର ସରକାରଙ୍କ ପାଖରେ ନିବେଦନ କରିଛନ୍ତି। ଏଥିପାଇଁ ଗୌତମ ମୁଖ୍ୟମନ୍ତ୍ରୀଙ୍କୁ ଯାଜପୁରବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ଦଶରଥପୁର ବ୍ଲକ୍‌ରେ ଘରକୁ ଘର ଜଳ ଯୋଗାଣ ପାଇଁ ଯାଜପୁରସହରର ସିଦ୍ଧେଶ୍ୱରଠାରେ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମେଗା ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ହେଲେ ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ଲୋକେ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ଗୌତମ ଅନୁରୋଧ କରିଛନ୍ତି।

# ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଯାଜପୁର ଟାଉନ, ୨୦।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

୧୦ଟି ଟ୍ରେଡ୍ ୟୁନିୟନର ମିଳିତ ସମର୍ଥନରେ ୧୭ ଦଫା ଦାବି ନେଇ ଏଆଇୟୁଟିୟୁସି ପକ୍ଷରୁ ମଙ୍ଗଳବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ବିକ୍ଷୋଭ ପୂର୍ବରୁ ସଂଗଠନ ପକ୍ଷରୁ ବହୁ ସଂଖ୍ୟାରେ ଶ୍ରମିକ, ଚାଷୀ, ମହିଳା, ଛାତ୍ର ଓ ଯୁବକ ପ୍ଲା କାର୍ଡ ଧରି ଏକ ଶୋଭାଯାତ୍ରାରେ ମେଡିକାଲ ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଏଆଇୟୁଟିୟୁସି ଜିଲା ଉପସଭାପତି ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋର୍ଡ ବାତିଲ, ସ୍ଥାୟୀ ନିଯୁକ୍ତି, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ସହ ସର୍ବନିମ୍ନ ୨୬,୦୦୦ ଟଙ୍କା ମଜୁରୀ ପ୍ରଦାନ ପାଇଁ ଦାବି କରାଯାଇଥିଲା। ସଭାରେ ଶ୍ରମିକ ନେତା ନୃସିଂହ ପଣ୍ଡା, ଚୈତନ୍ୟ ମହାରଣା, ସୁଲୋଚନା ପ୍ରଧାନ, ପ୍ରଭାତି ମଲ୍ଲିକ, ନିଗମାନନ୍ଦ ଦାସ, ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ରର ଜନବିରୋଧୀ ଶ୍ରମିକ, ଚାଷୀ-ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଜୁଲାଇ ୯ରେ ସାଧାରଣ ଧର୍ମଘଟକୁ ସୁଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିକ୍ଷୋଭରେ ଅକ୍ଷୟ ପଣ୍ଡା, ତରଙ୍ଗିନୀ ଦାସ, ପ୍ରଫୁଲ୍ଲ ବେହେରା, ପ୍ରଶାନ୍ତ ସ୍ୱାଇଁ, ମଧୁସୂଦନ ସେଠୀ, ଗୋଲେଖ ରଥ, କୃଷ୍ଣ ମଲ୍ଲିକ, ଲବଙ୍ଗଲତା ଜେନା, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଆଇୟୁଟିୟୁସି ଜିଲା କମିଟି ସହ ସମ୍ପାଦକ ରାଧାବଲ୍ଲଭ ମଲ୍ଲିକଙ୍କ ନେତୃତ୍ୱରେ ଶାନ୍ତିଲତା ପଣ୍ଡା, ପ୍ରଫୁଲ୍ଲ ବେହେରା ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

**ଚଣ୍ଡିଖୋଲ,୨୦।୫ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବେଙ୍ଗପୁର ଗ୍ରାମରେ ସୋମବାର ରାତିରେ ବେକରେ ଶାଢ଼ି ବାନ୍ଧି ଫ୍ୟାନରେ ଝୁଲି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଅକ୍ଷୟ କୁମାର କରଙ୍କ ପୁତ୍ର ବିଶ୍ୱଜିତ କର(୨୪)। ଏସଂକ୍ରାନ୍ତରେ ବିଶ୍ୱଜିତଙ୍କ ଭାଇ ବିକ୍ରମ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଏକ ପ୍ରେମ ଜନିତ ଘଟଣା ପାଇଁ ବିଶ୍ୱଜିତ ଘରେ ପଶି ରାତିରେ ଆତ୍ମହତ୍ୟା କରିଥିଲେ। ସକାଳେ ସେ କବାଟ ନ ଖୋଲିବାରୁ ପରିବାର ସଦସ୍ୟ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୯/୨୫ ରୁଜୁ ହୋଇଛି।

# ଭାଜପା ବାଘୁଆସୁଣୀ ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

**ଦଶରଥପୁର, ୨୦।୫(ସୁଶାନ୍ତ କୁମାର ବେହୁରିଆ):**

ଅପରେଶନ ସିନ୍ଦୂରର ସଫଳତା ପରେ ଭାରତୀୟ ସେନାର ବୀରତ୍ୱ, ସାହସ ଓ ପରାକ୍ରମକୁ ସମ୍ମାନ ଜଣାଇ ଦଶରଥପୁର ବ୍ଲକ ଅନ୍ତର୍ଗତ ଭାଜପା ବାଘୁଆସୁଣୀ ମଣ୍ଡଳ ପକ୍ଷରୁ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଗ୍ରାମ ନନ୍ଦିପୁର ପଞ୍ଚାୟତର ବାବଲପୁରଛକରୁ ଆରମ୍ଭ ହୋଇ ଶ୍ରୀପୁରା ଗ୍ରାମର ଭଣ୍ଡେଶ୍ୱର ପୀଠ ନିକଟରେ ଶେଷ ହୋଇଥିଲା। ଭାଜପା ନେତ୍ରୀ ବିବିତା ମଲ୍ଲିକଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ଯୁବକ, ଛାତ୍ର, ମହିଳା ଓ ବୁଦ୍ଧିଜୀବୀ ସାମିଲ ହୋଇ ଭାରତ ମାତାର ଜୟଗାନ କରିଥିଲେ। ଏହି ଅବସରରେ ଜାତୀୟ ସଙ୍ଗୀତ ଗାନ କରାଯିବ ସହ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ନିରଞ୍ଜନ ବେହୁରିଆ, ବରିଷ୍ଠ ନେତା ଗୋପୀନାଥ ଜେନା, ଜୟଚଣ୍ଡୀ ମଣ୍ଡଳ ସଭାନେତ୍ରୀ, ଚିନ୍ମୟୀ ପଣ୍ଡା, ବାଘୁଆସୁଣୀ ମଣ୍ଡଳ ସଭାପତି ଶୁକଦେବ ଦାସ, ଦୁଃଶାସନ ଦାସ, ଉମେଶ ଦାସ, ମନୋଜ କୁମାର ମହାନ୍ତି, ଶୈରେନ୍ଦ୍ର ସାମଲ, ପ୍ରକାଶ ରାଉତ, ରୁଦ୍ରନାରାୟଣ ପତି, ଶ୍ରୀକାନ୍ତ ନାୟକ, ଶୁଭେନ୍ଦୁ ଦାଶ, ଗଦାଧର ସାହୁ, ଗୁରୁଚରଣ ସାହୁ, ପ୍ରଫୁଲ୍ଲ ମଲ୍ଲିକ, ପୀତବାସ ବେହେରା, ବିଜୟ ନାୟକ, ଅଜୟ ମଲ୍ଲିକ, ଦଶରଥ ବେହେରା ଓ ବିଷ୍ଣୁଚରଣ ଦାସଙ୍କ ସମେତ ବହୁ ଭାଜପା କର୍ମୀ ଓ ସାଧାରଣଜନତା ଉପସ୍ଥିତ ଥିଲେ।




ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା ଓ ଜନସାଧାରଣ।

# ତ୍ରୁଟିପୂର୍ଣ୍ଣ ନିର୍ମାଣ ବନ୍ଦ କରିବାକୁ ଦାବି

## ବାତ୍ୟା ଆଶ୍ରୟସ୍ଥଳକୁ ଅକାମୀ କରିବ ସ୍ପୋର୍ଟସ୍ କମ୍ପ୍ଲେକ୍ସ

**ରସୁଲପୁର,୨୦।୫(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତର ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନାମରେ ଏକ ତ୍ରୁଟିପୂର୍ଣ୍ଣ ସ୍ଥାନରେ କୋଠା ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ଯୋଗୁ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଅକାମୀ ହୋଇଯିବ ବୋଲି ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମଙ୍ଗଳବାର ରାତି ୮ଟାରେ ଯାଜପୁର ଜିଲାପାଳଙ୍କୁ ଅନଲାଇନରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଜିଲାପାଳ ଏ ଦିଗରେ ପଦକ୍ଷେପ ନ ନେଲେ ଅଭିଯୋଗକାରୀ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, କୋରେଇର ପୂର୍ବତନ ବିଧାୟକ ଅଶୋକ ବଳଙ୍କ ହାତପାଣ୍ଠିରୁ ବିଦ୍ୟାଳୟ ପରିସରରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଉକ୍ତ ଅର୍ଥ ବିନିଯୋଗ କରାଯାଇ କୋଠା ନିର୍ମାଣ କରାଯାଉଛି। କୋଠାଟି ପୂର୍ବରୁ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳର ପ୍ରବେଶ ପଥ ସମ୍ମୁଖରେ କରାଯାଉଛି। ତେଣୁ କୋଠା ନିର୍ମାଣ ହେଲେ ବାତ୍ୟା ଆଶ୍ରୟସ୍ଥଳ ଗୁରୁତ୍ୱହୀନ ହୋଇପଡ଼ିବ। ୫ ଲକ୍ଷ ଟଙ୍କାର କୋଠା ପାଇଁ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଆଶ୍ରୟସ୍ଥଳ ଜନସାଧାରଣଙ୍କ କୌଣସି କାର୍ଯ୍ୟରେ ଆସିପାରିବ ନାହିଁ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। କୋଠା ନିର୍ମାଣ ପୂର୍ବରୁ ସ୍ଥାନ ନିରୂପଣ ଠିକ୍ ଭାବରେ କରାଯାଇ ନ ଥିବାରୁ ଏଭଳି ଅସୁବିଧା ହୋଇଛି। ଏହାଛଡ଼ା ବିଦ୍ୟାଳୟ ହାତରେ ବହୁ ଖୋଲା ସ୍ଥାନ ରହିଛି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଖେଳ ପଡ଼ିଆର କୌଣସି ଏକ ପାର୍ଶ୍ୱରେ ନିର୍ମାଣ କରାଯିବାରେ ଅସୁବିଧା ନ ଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନର ଦୂରଦୃଷ୍ଟିର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି କୁହାଯାଉଛି। ସେହିପରି ନିର୍ମାଣାଧୀନ କୋଠା ପାର୍ଶ୍ୱରେ ଲାଗିଥିବା ନାମଫଳକ ଅସଂପୂର୍ଣ୍ଣ ରହିଛି। ବିଭିନ୍ନ ଦିଗକୁ ଦେଖାଗଲେ ଏଠାରେ ନିର୍ମାଣ ହେଉଥିବା କୋଠା ଉଦ୍ଦେଶ୍ୟ ପ୍ରଣୋଦିତ, ବିଦ୍ୟାଳୟ ପାଇଁ ଅନୁପଯୋଗୀ କୋଠା ବୋଲି ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ଜେନାଙ୍କୁ ପଚାରିବାରୁ ସେ ନିର୍ମାଣାଧୀନ କୋଠା ସଂପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ବୁଧବାର ନିର୍ମାଣାଧୀନ କୋଠାର ଛାତ ପଡ଼ିବାର ଥିଲା। ଅଭିଯୋଗ ପରେ ସେ ଛାତ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ପରେ ଯାହାକିଛି ନିଷ୍ପତ୍ତି ନେବେ। ଏବେ ଦେଖିବାକୁ ଅପେକ୍ଷା ଏ ଦିଗରେ କି ପଦକ୍ଷେପ ନିଆଯାଉଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. MD/CH/BBS/LP 251001

**କାର୍ଯ୍ୟର ବିବରଣୀ :** "ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକ୍‌ରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ୍ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା"।

**ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ :** ₹65,00,000/-, EMD : ₹2,15,000/-, ଚୁକ୍ତିର ବୈଧତା : 2 ବର୍ଷ + 6 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 05.06.2025 (ଗୁରୁବାର) 1500 ଘଟିକାରେ

ଆଗ୍ରହୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି।

ୱେବ୍‌ସାଇଟ୍ : www.ireps.gov.in

ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର

PR-146/Q/25-26



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/15, ତା.15.05.2025ରିଖ

ଟେଣ୍ଡର ସଂ. e-Tender-SouthKUR-62-2025, ତା.09.05.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 25T ଲୋଡିଂ ନିମନ୍ତେ RDSO ମାନକ ଅନୁଯାୟୀ ବିଦ୍ୟମାନ ପ୍ଲେଟ୍ ଗିର୍ଡର ବ୍ରିଜର ପୁନଃସ୍ଥାପନ ପାଇଁ PSC ସ୍ଲାବ୍‌ର ଲୋଡ୍ ପୂରଣ କରିବା ପାଇଁ (46 ସଂଖ୍ୟକ) ବ୍ରିଜର ଭିତ୍ତିଭୂମି, ପିୟର, ଅବ୍ୟୁଟମେଣ୍ଟ ଏବଂ ସବଷ୍ଟ୍ରକଚର ଉପାଦାନଗୁଡ଼ିକର ଶକ୍ତି ଏବଂ ଗଠନମୂଳକ କ୍ଷମତାର ମୂଲ୍ୟାଙ୍କନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 550.82 ଲକ୍ଷ, EMD : ₹ 4,25,400.00, ଶେଷ ହେବା ଅବଧି : 180 ଦିନ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.05.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼

PR-144/Q/25-26



**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୮ ତାରିଖ: ୧୯।୦୫।୨୦୨୫**

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୮ | ୦୨।୦୬।୨୦୨୫ | ୧୨.୩୦ ଘ. | ୧୬.୫୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-176) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**OFFICE OF THE EXECUTIVE ENGINEER. MINOR IRRIGATION DIVISION, GARHWA**

**e-Procurement Tender Notice**
**Two Envelope System**
**Tender Reference No:- WRD/MID/GARHWA/B.D./S.L.I.-03/2025-26**
**Letter No:- 320 Date:-19.05.2025**

| | | |
|---|---|---|
| 1 | Name of Work: | Construction of Tewali Solar Lift Irrigation Scheme, Village- Tewali, Panchyat- Janeva, Block- Bhandariya, Distirct- Garhwa |
| 2 | Estimated Cost (Rs.) | 1,10,76,600=00 |
| 3 | Cost of tender document (Rs) | Rs. 10,000=00only (non-refundable). |
| 4 | Earnest Money Deposit (Rs.) | Rs. 1,11,000=00only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website (http://jharkhandtenders.gov.in) | Date: 02.06.2025, Time - 04.00 PM |
| 8 | Last Date/Time for downloading of bidding documents and Submissionof Tender on Website | Date: - 18.06.2025, Time :- 04.00 PM |
| 9 | Submission of Tender Fee and EMD | Start Date:- 02.06.2025, Time - 4.00 PM Last Date:- 18.06.2025, Time :- 4.00 PM |
| 10 | Technical Bid Opening Date | Date: - 19.06.2025, Time: -04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer ( (b) E-mail of e-Procurement Officer | 8789558294 eemidgarh-cemr-jhr@nic.in |
| 13 | Help line No. of e-Procurement Cell | 0651-2214784 |

Note:- Estimated Cost may Decrease or Increase

➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps (**AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.

➢ **Only e-Tender will be accepted.**

Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division,**
**Garhwa**

PR 353000 (Minor Irrigation)25-26*D



**TPCODL**

**TP CENTRAL ODISHA**
**DISTRIBUTION LIMITED**
(A Joint Venture of Tata Power and Government of Odisha)
**Registered Office/Corporate Office:** Power House Square, Unit-8, Bhubaneswar, 751012

**NOTICE**

**Shri Krushna Chandra Rout, Helper**
S/o.: Maheswar Rout
At: Mahatala, Post: Biridi
Dist.: Jagatsinghpur

Sir,

I have been appointed as enquiry officer in Departmental Charge sheet No.: 2138 dated 06.11.2024 framed against you and notices of enquires were communicated to you on the aforesaid address through speed post for appearing in the enquiry to defend yourself on **Dtd. 12.03.2025 and Dtd. 07.04.2025** but all such letters have been returned back with the remark "Addressee moved without instruction. Return to sender"

Thus, you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

**Shri Karunakar Bhoi, Lineman-C**
S/o.: Kailash Chandra Bhoi
At: Jayarshasan, Post: Jaganathpur,
Balianta, Dist.: Cuttack-752101.
**Sir,**

I have been appointed as enquiry officer in Departmental Charge sheet No.: 2137 dated 06.11.2024 framed against you and notices of enquires were communicated to you through speed post on the aforesaid address for appearing in the enquiry to defend yourself on **Dtd.12.03.2025 and Dtd.07.04.2025**.The notices were showing as delivered and received as per the track consignment report uploaded in the internet by Department of posts but you did not turn up in the enquiry.

Thus , you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

**Sd/-**
**Enquiry Officer**



**झारखण्ड सरकार कार्यपालक अभियंता, का कार्यालय**
**पेयजल एवं स्वच्छता प्रमण्डल, हटिया योजना, रॉची।**
**2nd PR. 347445**
**तृतीय अति अल्पकालिन निविदा आमंत्रण सूचना सं०—LAB/DWSD/25/2024-25**
**दिनांक— 19.05.2025**

| | | |
|---|---|---|
| 1 | विज्ञापन दाता का पदनामएवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना, रॉची। |
| 2 | वेबसाइट में निविदा प्रकाषन की तिथि एवं समय | दिनांक 22.05.2025 पूर्वाहन 11.00 बजे से। |
| 3 | ई—निविदा प्राप्ति की अंतिम तिथि एवं समय. | दिनांक 29.05.2025 अपराहन 5.00 बजे तक। |
| 4 | ई—निविदा खोलने की अंतिम तिथि एवं समय | दिनांक 31.05.2025 पूर्वाहन 11.00 बजे। |
| 5 | ई—निविदा खोलने वाले पदाधिकारी का पदनाम एवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना,डोरण्डा, रॉची—02। |
| 6 | ई—मेल | dwsdhatiaproject@gmail.com |
| 7 | निविदा प्रकोष्ठ का दूरभाष | 9204931335 |

**कार्य की विस्तृत विवरणी:-**

| क्र० सं० | कार्य का नाम | अग्रधन की राषि | परिमाण विपत्र का मूल्य |
|---|---|---|---|
| 1 | REQUEST PROPOSAL FOR SUPPLYING VARIOUS CHEMICALS AND REAGENTS IN 16 NOS.OF WATER TESTING LABORATORIES UNDER DW&SD, JHARKHAND RANCHI ZONE- DISTRICT LAB- RANCHI, HAZARIBAGH, CHATRA, RAMGARH, KODERMA, LATEHAR, GARHWA, MEDNINAGAR, LOHARDAGA, SIMDEGA, GUMLA, SUB DIVISIONAL LAB- PANKI (MEDNINAGAR), NAGAR UTAARI (GARHWA), PATRATU (RAMGARH), ORMANJHI (RANCHI EAST), BARWADIH (LATEHAR) | 2,08,000/- | 10,000/- |

**NB:- For Details**
1.निविदा अन्तर्गत परिमाण विपत्र का मूल्य एवं अग्रधन की राशि ई—गवर्नेंस विभाग झारखण्ड मंत्रालय, धुर्वा, रॉची के आदेश सह ज्ञापांक 120 दिनांक 03.10.2023 के अनुरूप प्राप्त की जाएगी।
2. निविदा शुल्क एवं अग्रधन की राशि का ई—भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाब देही सम्वेदक की होगी।
3. प्राक्कलित राशि घट अथवा बढ़ सकती है उसी प्रकार से अग्रधन एवं परिमाण विपत्र की राशि भी देय होगी है।
4. विस्तृत जानकारी के लिए वेबसाईट http//:jharkhandtenders.gov.inपर देखा जा सकता हैं।

**कार्यपालक अभियंता**
**पेयजल एवं स्वच्छता प्रमंडल, हटिया योजना, रॉची।**

PR 353020 Drinking Water and Sanitation(25-26)D

# ଜଳାଶୟ ଶୃଙ୍ଖଳା, ବଢୁଛି ଜଳସଙ୍କଟ ସମସ୍ୟା

## ଜଗତ୍‌ସିଂହପୁର ପୌର ପରିଷଦ

### ଦେବୋତ୍ତର ସମ୍ପତ୍ତିରେ ଥିବା ପୋଖରୀ ପୁନରୁଦ୍ଧାର ଉପରେ ଅଙ୍କୁଶ ଯୋଗୁ ଅସୁବିଧା

ଜଗତ୍‌ସିଂହପୁର,୨୦।୫
(ପ୍ରମୋଦ କୁମାର ନାୟକ)

ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ହେଉଛି। ଏଥିଯୋଗୁ ଲୋକେ ତହଲବିକଳ ହେଉଥିବା ବେଳେ ଜଳସଙ୍କଟ ସମସ୍ୟା ବଢ଼ିବାରେ ଲାଗିଛି। ଗଡ଼ିଆ, ପୋଖରୀଗୁଡ଼ିକ ଶୁଖିଯିବା ସହ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଲେ ଆଗକୁ ପରିସ୍ଥିତି ଜଟିଳ ରୂପ ନେବାର ଆଶଙ୍କା ରହିଛି। ପ୍ରତିବର୍ଷ ତାପମାତ୍ରା ନିୟନ୍ତ୍ରଣ ପାଇଁ ବ୍ୟାପକ ଚାରାରୋପଣ, ଜଳାଶୟ ପୁନରୁଦ୍ଧାର ଆଦି କରାଯାଉ ବୋଲି ଦାବି ହୋଇଆସୁଛି। କିନ୍ତୁ ସରକାରୀସ୍ତରରେ ସେଭଳି କିଛି କରାଯାଉନାହିଁ। ବନ ବିଭାଗ, ଶିଳ୍ପ ସଂସ୍ଥା ଆଦି ବୃକ୍ଷରୋପଣ ଆଳରେ କାଗଜକଲମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ଦର୍ଶାଉଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ଉଦ୍ଦେଶ୍ୟ ପୂରଣ ହୋଇ ପାରୁନାହିଁ। ବିଶେଷକରି ଜଳାଶୟଗୁଡ଼ିକର ପୁନରୁଦ୍ଧାର ଅପରିହାର୍ଯ୍ୟ ଥିଲେ ସୁଦ୍ଧା ତାହା କରାଯାଉନାହିଁ। ଏହାର ପ୍ରମାଣ ଜଗତ୍‌ସିଂହପୁର ସହରରେ ଦେଖିବାକୁ ମିଳୁଛି। ଏଥିମଧ୍ୟରେ ଏକାଧିକ ଜଳାଶୟ ପୋତି ହୋଇଯାଇଥିବା ବେଳେ ଆଉ କେତୋଟିରୁ କିଛି ଦିନ ଭିତରେ ପାଣି ଶୁଖିଯିବ। ତା'ପରେ ଗାଈ, ବଳଦ, ମଇଁଷି ଆଦି ପ୍ରାଣୀଙ୍କ ପାଇଁ ସମସ୍ୟା ବଢ଼ିଯିବ। ପ୍ରତିବର୍ଷ ପରି ଚଳିତବର୍ଷ ଗ୍ରୀଷ୍ମ ମୁକାବିଲା ଓ ଏ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ପାଇଁ ସମୀକ୍ଷା ହେଉଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ସେଭଳି ପ୍ରତିଫଳିତ ହେଉନାହିଁ।

ଜଗତ୍‌ସିଂହପୁର ସହର ୱାର୍ଡସଂଖ୍ୟା ୫ ଅନ୍ତର୍ଗତ ମାଧପୁର ଲାଲାସାହିସ୍ଥିତ ରାଧାମାଧବଜୀଉ ଏବଂ ଓହଳ ନୂଆବାଗ ଭୋଇସାହି ପାର୍ଶ୍ୱରେ ଥିବା ରାଧାମାଧବଜୀଉ ଜଳାଶୟର ପୁନରୁଦ୍ଧାର ଆବଶ୍ୟକତା ରହିଛି। କିନ୍ତୁ ଦେବୋତ୍ତର ସମ୍ପତ୍ତି କାରଣରୁ ବାଧା ଉପୁଜିଛି। ସେହିପରି ଦେଉଳୀ ଗ୍ରାମେଶ୍ୱର ରାଢ଼ିଆଣୀ ମନ୍ଦିର ନିକଟ ଜଳାଶୟ (ଘୋଷ ପୋଖରୀ) ପୁନରୁଦ୍ଧାର ଅଭାବରୁ ପୋତି ହୋଇଯାଇଛି। ଏହି କାମ ଆରମ୍ଭ ପରେ ଯଥାଶୀଘ୍ର ସରିବ ବୋଲି କୁହାଯାଇଥିଲେ ସୁଦ୍ଧା ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେଉଳୀ ଗ୍ରାମେଶ୍ୱର ବାରିକ ସାହି ଜଳାଶୟଟି ପୋତି ହୋଇଯିବା ସହ ପରିତ୍ୟକ୍ତ ଅବସ୍ଥାରେ ରହିଛି। ୱାର୍ଡସଂଖ୍ୟା ୩ ଅନ୍ତର୍ଗତ ଗୋପାଳସାଗର ଗାଁ ଭିତରେ ଥିବା ଜଳାଶୟ ପୁନରୁଦ୍ଧାର ଆବଶ୍ୟକତା ରହିଛି। ୱାର୍ଡ ନଂ.୨ ଅନ୍ତର୍ଗତ ବଡ଼ବାଗ ସର୍ବାଙ୍ଗସୁନ୍ଦରୀଙ୍କ ମନ୍ଦିର ଏବଂ ମୁଚୁକୁନ୍ଦ ସୋମନାଥ ମନ୍ଦିର ନିକଟରେ ଥିବା ପୋଖରୀ ମଧ୍ୟ ପୋତି ହୋଇଗଲାଣି। ମାଛଗାଁ–କନ୍ଦରପୁର ରାସ୍ତାର ଗୋପାଳସାଗର ରାସ୍ତା ପାର୍ଶ୍ୱ ପାଖାପାଖି ୪୦ ଡେସିମିଲ ଜମିରେ ଥିବା ବଡ଼ ଜଳାଶୟଟି ଭଲ ସ୍ଥିତିରେ ଥିଲେ ସୁଦ୍ଧା ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି, ମାତ୍ର କାମ ଅଧାରୁ ଅଟକି ଯାଇଛି। ଏହି ଜଳାଶୟଟି ଗୋପାଳଜୀଉଙ୍କ ନାମରେ ଥିଲେ ସୁଦ୍ଧା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ପୂର୍ବରୁ ଉନ୍ନତୀକରଣ ପାଇଁ ୧୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ପୋଖରୀ ପଙ୍କ ଉଦ୍ଧାର କାମ ଆରମ୍ଭ ହୋଇଥିଲା। କିନ୍ତୁ ଏହାର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ପାଇଁ ସରକାରଙ୍କଠାରୁ ଅନୁଦାନ ମଗାଯାଇଥିଲେ ସୁଦ୍ଧା ବର୍ତ୍ତମାନର ସରକାର ଦେବୋତ୍ତର ସମ୍ପତ୍ତିରେ ପୋଖରୀ କାମ ଉପରେ ଅଙ୍କୁଶ ଲଗାଇଥିବାରୁ ଅସୁବିଧା ହୋଇଛି। ସିପି ମକୁନ୍ଦପୁରସ୍ଥିତ ବିଧେଇ ପୋଖରୀ ଜବରଦଖଲ ହୋଇଥିବାବେଳେ କେତେକାଂଶ ଉଦ୍ଧାର ସହ କାମ ଚାଲିଛି। ଖେରସସ୍ଥିତ କନିୟର ପୋଖରୀର ଉନ୍ନତୀକରଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲା। ସୌଭାଗ୍ୟ, ଏହି କାମ ଉପରେ ପୌର ପ୍ରଶାସନ ଜୋର ଦେଇଛି। ଏହି ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ହେଲେ ଲୋକେ ବିଶେଷଭାବେ ଉପକୃତ ହେବେ। ୧୮ ନଂ. ୱାର୍ଡ ବେହେରା ସାହି ପାଖ ପୋଖରୀ ଜନସାଧାରଣଙ୍କ ବହୁ କାମରେ ଲାଗେ। ଚାରିପଟେ ମଶାଣି ଅଛି। କୌଣସି ଲୋକଙ୍କ ମୃତ୍ୟୁ ହୋଇଗଲେ ଶୁଦ୍ଧିକ୍ରିୟା ଆଦି ସେଠାରେ ହୁଏ। ଏଥିରୁ ପାଣି ଶୁଖିଯିବା ଦ୍ୱାରା ଲୋକେ, ଗୃହପାଳିତ ପ୍ରାଣୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବେସରକାରୀ ଜମିରେ ଏହି ପୋଖରୀଟି ଥିବାରୁ କିଛି ହୋଇ ପାରୁନାହିଁ। ୨୧ନଂ.ର ପଣ୍ଡୁଆ ପୋଖରୀ ମଧ୍ୟ ବେସରକାରୀ ଜମିରେ ଥିବାରୁ ପୁନରୁଦ୍ଧାର ସମ୍ଭବ ହେଉନାହିଁ। ପଞ୍ଚାୟତଗୁଡ଼ିକରେ ମୋ ପୋଖରୀ ମାଧ୍ୟମରେ ଟଙ୍କା ଆସୁଛି। କିନ୍ତୁ ସହରରେ ଜଳାଶୟ ପୁନରୁଦ୍ଧାର ପାଇଁ ସରକାର ନୀରବ ରହିବା ଅସନ୍ତୋଷର କାରଣ ପାଲଟିଛି। ଏହାବାଦ କେତେକ ବେସରକାରୀ ଜଳାଶୟରେ ଅଟ୍ଟାଳିକା ତିଆରି ହୋଇଗଲାଣି। ସହରାଞ୍ଚଳର ଛାପରେ ଜଳାଶୟଗୁଡ଼ିକର ସ୍ଥିତି ହଜିଯାଉଛି। କିନ୍ତୁ ଏବେ ଯେତୋଟି ଅଛି ତା'ର ପୁନରୁଦ୍ଧାର ନ ହେଲେ ଆଗକୁ ସହରରେ ଜଳସଙ୍କଟ ସମସ୍ୟା ଜଟିଳ ହେବା ଆଶଙ୍କା ରହିଛି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରେ ପରିଷଦ ଅନ୍ତର୍ଗତ ୬ଟି ପୋଖରୀର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କଠାରୁ ଅନୁଦାନ ମଗାଯାଇଥିଲା। କିନ୍ତୁ ୨ଟି ପାଇଁ ଅନୁଦାନ ଆସିଛି। ବିଶେଷକରି ସରକାର ଦେବୋତ୍ତର ବିଭାଗ ଅଧୀନରେ ଥିବା ପୋଖରୀଗୁଡ଼ିକ ଉପରେ ଅଙ୍କୁଶ ଲଗାଇଥିବାରୁ ପୋଖରୀ ପୁନରୁଦ୍ଧାର ଯୋଜନା ବାଧାପ୍ରାପ୍ତ ହେଉଛି। ଶୁଣାଯାଉଛି ସରକାର ସହରୀ ବିକାଶ ଓ ଅମୃତ ଯୋଜନା କ୍ରିୟାଶୀଳ କରିବାକୁ ଯାଉଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଅନ୍ୟ ପୋଖରୀ ତଥା ଜଳାଶୟଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ହୋଇପାରିବ ବୋଲି ସିଂହ କହିଛନ୍ତି।

# ଅର୍ଥହାନି ହେବାରୁ କରିଥିଲେ ଅପହରଣ

- ନାବାଳକ ସମେତ ୭ ଅପହରଣକାରୀ ଗିରଫ
- କଟକରୁ ଅପହୃତ ଯୁବକ କେନ୍ଦ୍ରାପଡ଼ାରୁ ଉଦ୍ଧାର
- କାର୍, ୪ଟି ମୋଟରସାଇକଲ ଜବତ

କଟକ,୨୦।୫(କାର୍ତ୍ତିକ ସାହୁ)

ଏକ ଅପହରଣ ମାମଲାରେ କମିଶନରେଟ ପୋଲିସ କଟକରୁ ଅପହୃତ ଯୁବକଙ୍କୁ କେନ୍ଦ୍ରାପଡ଼ାରୁ ଉଦ୍ଧାର କରିଛି। ଏଥିସହ ଅପହରଣରେ ସମ୍ପୃକ୍ତ ୭ଜଣଙ୍କୁ କମିଶନରେଟ ପୋଲିସ କେନ୍ଦ୍ରାପଡ଼ାରୁ ଗିରଫ କରିଛି। ଅପହରଣକାରୀଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ଜଣାଯାଇଛି। ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲା କୋରୋ ଗ୍ରାମର ଏମ୍‌ପି ଓରଫ ଦିବ୍ୟଜ୍ୟୋତି (୨୭), ଜମ୍ବୁ ଗ୍ରାମର ବୁଦ୍ଧଦେବ ବସୁ (୧୯), ବଡ଼ହାଟ ଗ୍ରାମର ରାଜେଶ ଦାସ (୨୯), ଚୌରୀ ବ୍ରହ୍ମପୁର ଗ୍ରାମର ରାଜା ନାୟକ (୨୧), ବାବୁ ଓରଫ ପ୍ରଶାନ୍ତ ନାୟକ (୧୯), ରଞ୍ଜିତ ନାୟକ (୨୨) ଓ ଅନ୍ୟ ଜଣେ ନାବାଳକ। ଅଭିଯୁକ୍ତଙ୍କଠାରୁ ଏକ କାର୍ ଓ ୪ଟି ମୋଟରସାଇକେଲ ଜବତ କରାଯାଇଛି। ଏ ନେଇ ୪୨ ମୌଜା ଥାନାରେ ମାମଲା (ନଂ.୧୮୮/୨୦୨୫)ରୁଜୁକରିତଦନ୍ତ କରାଯାଉଛି। କେନ୍ଦ୍ରାପଡ଼ା ପୋଲିସ ସହଯୋଗରେ ଅଭିଯୁକ୍ତମାନଙ୍କୁ ଧରିବା ସମ୍ଭବ ହୋଇଥିଲା ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଡିସିପି କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ବିଜେବି ନଗର ଗଡ଼ିଆଖୋଲ ଗ୍ରାମର ମହିଳା ରୀନା ବେହେରାଙ୍କ ପରିବାର ଏବେ ୪୨ ମୌଜା ଥାନା ଅନ୍ତର୍ଗତ ବଉଳକୁଦଠାରେ ରହନ୍ତି। ଗତ ୧୮ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ୨୦ରୁ ୩୦ଜଣ ଦଳବଦ୍ଧ ଭାବେ ସେଠାରେ ପହଞ୍ଚି ତାଙ୍କ ପୁଅ ସୌମ୍ୟରଞ୍ଜନ ବେହେରା(୩୧)ଙ୍କୁ ବଳପୂର୍ବକ ଏକ କାର୍‌ରେ ବସାଇ କେଉଁଆଡ଼େ ନେଇଗଲେ। ତାଙ୍କ ପୁଅ ବିଭିନ୍ନ ଲୋକଙ୍କଠାରୁ କରଜ କରି ବହୁ ପରିମାଣର ଅର୍ଥ ଷ୍ଟକ୍ ମାର୍କେଟରେ ବିନିଯୋଗ କରିଥିଲେ। ତେଣୁ ତାଙ୍କ ପୁଅଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ୪୨ ମୌଜା ଥାନାରେ ସେ ଏତଲା ଦାଏର କରିଥିଲେ।

ପୋଲିସ ପ୍ରାଥମିକ ତଦନ୍ତ କରି ଜାଣିବାକୁ ପାଇଲା ଯେ, ଅପହୃତ ସୌମ୍ୟରଞ୍ଜନ ଶେୟାର ଟ୍ରେଡିଂରେ ସକ୍ରିୟ ଭାବେ ୨୦୧୯ରୁ ୨୦୨୨ରେ ସମ୍ପୃକ୍ତ ଥିଲେ। ସେ ଭୁବନେଶ୍ୱର ଖାରବେଳନଗରରେ ଏକ କାର୍ଯ୍ୟାଳୟ ଖୋଲିଥିଲେ। ସେଠାରେ ଅନେକ ବ୍ୟକ୍ତିଷ୍ଟକ୍‌ମାର୍କେଟରେ ଅର୍ଥବିନିଯୋଗ କରିଥିଲେ। ସେମାନଙ୍କୁ କମ ସମୟରେ ଅତ୍ୟଧିକ ଲାଭ ପାଇବାର ଆଶା ଦେଖାଇଥିଲେ ସୌମ୍ୟରଞ୍ଜନ। ଦୁର୍ଭାଗ୍ୟବଶତଃ ଶେୟାର ବଜାରରେ ଦର ହ୍ରାସ ଯୋଗୁ ତାଙ୍କର ବଡ଼ ଧରଣର ଆର୍ଥିକ କ୍ଷତି ହୋଇଥିଲା। ସେ ଦେବାଳିଆ ହୋଇଯିବା ସହ ଅର୍ଥ ବିନିଯୋଗକାରୀଙ୍କୁ ସେମାନଙ୍କ ମୂଳଧନ ଫେରାଇପାରି ନ ଥିଲେ। ତେବେ ଅର୍ଥ ବିନିଯୋଗକାରୀଙ୍କ ମଧ୍ୟରେ ହେଲେ ରାଜୁ ଓରଫ ରାଜେଶ ଦାସ କେନ୍ଦ୍ରାପଡ଼ାରେ ଜଣେ ଜିମ୍ ଟ୍ରେନର ଓ ତାଙ୍କ ସହଯୋଗୀ ଏମ୍‌ପି ଓରଫ ଦିବ୍ୟଜ୍ୟୋତି। ଉଭୟ ପ୍ରାୟ ୭୦ ଲକ୍ଷ ଟଙ୍କା ସୌମ୍ୟରଞ୍ଜନଙ୍କ ଜରିଆରେ ଶେୟାର ମାର୍କେଟରେ ବିନିଯୋଗ କରିଥିଲେ। ଅର୍ଥ ହାନି ହୋଇଥିବାରୁ ସୌମ୍ୟରଞ୍ଜନଙ୍କୁ ଅପହରଣ କରିବାକୁ ରାଜେଶ ମାଷ୍ଟର ମାଇଣ୍ଡ ଭାବେ କାର୍ଯ୍ୟ କରିଥିଲେ। ସେ ଯୋଜନା ପ୍ରସ୍ତୁତ କରି ସ୍ଥାନୀୟ ଯୁବକଙ୍କ ସହଯୋଗରେ ଅପହରଣ ଯୋଜନାକୁ ଫଳବତୀ କରାଇଥିଲେ। ସେମାନେ ଭୁବନେଶ୍ୱରରୁ ଏକ କାର୍ (ନଂ.ଓଡି–୩୩ଏଜି–୦୫୧) ଭଡ଼ାରେ ନେଇ କଟକ ଆସିଥିଲେ। ୧୮ ତାରିଖ ସନ୍ଧ୍ୟାରେ ସେମାନେ ସୌମ୍ୟରଞ୍ଜନଙ୍କୁ ଅପହରଣ କରିନେଇଥିଲେ। ଏସିପି ଅମିତାଭ ମହାପାତ୍ର, ଆଇଆଇସି ଗିରିଶ ମହାରଣାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ମିଳିତ ଭାବେ ସିସିଟିଭି ଫୁଟେଜ ଯାଞ୍ଚ କରି କାର୍ ଚିହ୍ନଟ କରିଥିଲେ। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ସେମାନେ ଅପହୃତଙ୍କୁ ରଖିଥିବା ଅଜଣା ସ୍ଥାନରେ ପୋଲିସ ପହଞ୍ଚିଥିଲା।।

## ମା' ତାରିଣୀଙ୍କ ମନ୍ଦିରରୁ ଚୋରି

ଯାଜପୁର ଟାଉନ,୨୦।୫
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଥାନା ବିଚିତ୍ରପୁର ପଞ୍ଚାୟତ ଲଳିତେଶ୍ୱରନଗର ଅଞ୍ଚଳରେ ଥିବା ମା'ତାରିଣୀଙ୍କ ମନ୍ଦିରରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ମା'ଙ୍କ ରୁପା ମୁକୁଟ, ଚିତା, ଆଖି, କାନଫୁଲ, ହାର ସମେତ ଆସବାସ ପତ୍ର ଚୋରି କରି ନେଇଛନ୍ତି। ଏନେଇ ମଙ୍ଗଳବାର ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିଛି ଦିନ ତଳେ ଦୁର୍ବୃତ୍ତ ମା'ଙ୍କ ଦାନବାକ୍ସ ଚୋରି କରି ନେଇ ଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ଗତ କିଛିଦିନ ତଳେ ଲଳିତେଶ୍ୱର ନଗର ଅଞ୍ଚଳରୁ ଗୋଟିଏ ରାତିରେ ୩ଟି ଚୋରି ହୋଇଥିଲା। ଏନେଇ ଯାଜପୁର ଥାନାରେ ୩ ମାମଲା ରୁଜୁ ହୋଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଅନ୍ୟପକ୍ଷରେ ଅଞ୍ଚଳରେ ଚୋରି ବଢୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# କୁଜଙ୍ଗରେ ପରାକ୍ରମ ଶୋଭାଯାତ୍ରା




ପରାକ୍ରମ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀମାନେ।

କୁଜଙ୍ଗ,୨୦।୫(ମନୋଜ ପ୍ରଧାନ)

କଶ୍ମୀରର ପହଲଗାମ୍ ଘଟଣା ପରେ ଭାରତୀୟ ସେନାର ଅପରେଶନ ସିନ୍ଦୂର ପରାକ୍ରମ ଓ ସଫଳତା ନେଇ କୁଜଙ୍ଗ ପଞ୍ଚାୟତ ଭାଜପା ପକ୍ଷରୁ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ବଜାର ଓ ପଞ୍ଚାୟତ ପରିକ୍ରମା କରିଥିଲା। କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଭାଜପା ଜିଲା ସମ୍ପାଦକ ତପନ କୁମାର ତ୍ରିପାଠୀ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବାଗୋଇ ସରପଞ୍ଚ ପ୍ରବଞ୍ଜଳି ସେଠୀ, ନାରୀନେତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ, ମାହାଲ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ, କୁଜଙ୍ଗ ଜୋନ ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ, ସମିତି ସଭ୍ୟା ସସ୍ମିତା ନାୟକ, ଦୁଷ୍ମନ୍ତ ନାଥଶର୍ମାଙ୍କ ସମେତ ସମସ୍ତ ସରପଞ୍ଚ ଓ କର୍ମୀ ଯୋଗ ଦେଇ ଭାରତୀୟ ସେନାର ପରାକ୍ରମ ପାଇଁ କୃତଜ୍ଞତା ଜଣାଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ,୨୦।୫(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବେଙ୍ଗପୁର ଗ୍ରାମରେ ସୋମବାର ରାତିରେ ବେକରେ ଶାଢ଼ି ବାନ୍ଧି ଫ୍ୟାନରେ ଝୁଲି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଅକ୍ଷୟ କୁମାର କରଙ୍କ ପୁତ୍ର ବିଶ୍ୱଜିତ କର(୨୪)। ଏସଂକ୍ରାନ୍ତରେ ବିଶ୍ୱଜିତଙ୍କ ଭାଇ ବିକ୍ରମ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଏକ ପ୍ରେମ ଜନିତ ଘଟଣା ପାଇଁ ବିଶ୍ୱଜିତ ଘରେ ପଶି ରାତିରେ ଆତ୍ମହତ୍ୟା କରିଥିଲେ। ସକାଳେ ସେ କବାଟ ନ ଖୋଲିବାରୁ ପରିବାର ସଦସ୍ୟ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବୋରିକିନା ବଜାରରେ ୨ ଅପରିଚିତ ଯୁବକଙ୍କୁ ନେଇ ଚର୍ଚ୍ଚା

ଯାଞ୍ଚପରେ କାଗଜପତ୍ର ଠିକ୍ ଥିବା ଦର୍ଶାଇ ପୋଲିସ ଛାଡ଼ିଦେଲା

ବାଲିକୁଦା୨୦।୫(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ବଜାରରେ ମଙ୍ଗଳବାର ୨ ଜଣ ଅପରିଚିତ ଯୁବକଙ୍କୁ ସ୍ଥାନୀୟ ଲୋକେ ଠାବ କରିଛନ୍ତି। ଉଭୟଙ୍କ ପରିଚୟରେ ତାଳମେଳ ରହି ନ ଥିଲା। ଏପରି କି ଜଣଙ୍କ ନିକଟରୁ ୨ଟି ଆଧାର କାର୍ଡ ମିଳିଥିବାବେଳେ ସେଥିରେ ଭିନ୍ନ ପରିଚୟ ରହିଥିବାରୁ ସେମାନଙ୍କୁ ପୋଲିସ ଜିମା ଦିଆଯାଇଥିଲା। ପରେ ଉଭୟଙ୍କ କାଗଜପତ୍ର ଯାଞ୍ଚ ଏବଂ ସେମାନଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ ପରେ ଜଣେ ବାଲିକୁଦା ଥାନା ଚଉଁରପୁର ଗ୍ରାମର ଓ ଅନ୍ୟ ଜଣେ ଜଗତ୍‌ସିଂହପୁର ଥାନା ମଙ୍ଗଳପୁର ଗ୍ରାମର ବୋଲି ଜଣାପଡ଼ିଥିଲା। ଉଭୟଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ୧ଟା ସମୟରେ ବୋରିକିନା ବଜାର ଦେଇ ୨ ଜଣ ଯୁବକ ଗୋଟିଏ ବାଇକ୍‌ରେ ଯାଉଥିବାବେଳେ ସେମାନଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ସେମାନେ ବାଇକ୍ ମରାମତି ପାଇଁ ଗ୍ୟାରେଜ୍ ଖୋଜିବାବେଳେ ସେମାନଙ୍କ ଚାଲିଚଳଣକୁ ନେଇ ସନ୍ଦେହଜାତ ହେବାରୁ ସ୍ଥାନୀୟ ଲୋକ ଠିକଣା ପଚାରିଥିଲେ। ଜଣେ ଯୁବକ ତାଙ୍କ ଠିକଣା ଜଗତ୍‌ସିଂହପୁର ଥାନା ଅଧୀନ ମଙ୍ଗଳପୁର ଗାଁରେ ବୋଲି କହିଥିଲେ। ତାଙ୍କ ସାଙ୍ଗରେ ଥିବା ଅନ୍ୟ ଜଣଙ୍କୁ ଠିକଣା ପଚାରିବାରୁ ସେ ବାଲିକୁଦା ଥାନା ଅଧୀନ ଚଉଁରପୁର ଗ୍ରାମର ବୋଲି କହିଥିଲେ। ମାତ୍ର ପରେ ତାଙ୍କୁ ଅଲଗା ଭାବେ ଡାକିନେଇ ଠିକଣା ପଚାରିବାରେ ଘର ପିପିଲି ବୋଲି କହିଥିଲେ। କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ସନ୍ଦେହ ଜାତ ହୋଇଥିଲା। ତାଙ୍କୁ ଆଧାରକାର୍ଡ ମାଗିବାରୁ ସେ ୨ଟି କାର୍ଡ ଦେଖାଇଥିଲେ। ଗୋଟିକରେ ଅକ୍ଷୟ ମଲ୍ଲିକ, ଜନ୍ମ ତାରିଖ ୧।୧।୧୯୯୪ ଉଲ୍ଲେଖ ଥିବାବେଳେ ଅନ୍ୟଟିରେ ସମାନ ଫଟୋ ଥାଇ ସରିଫ୍ ଖାନ୍ ଏବଂ ଜନ୍ମ ତାରିଖ ୧୪।୧।୨୦୦୦ ବୋଲି ଲେଖା ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟ ଜଣେ ଯୁବକଙ୍କ ଆଧାର କାର୍ଡରେ ତାଙ୍କ ନାମ ରାଜନ ମହମ୍ମଦ ଶେଖ୍ ଲେଖା ହୋଇଛି। ଏନେଇ ସ୍ଥାନୀୟ ଲୋକେ ପୋଲିସରେ ଖବର ଦେବାପରେ ଉଭୟଙ୍କୁ ପୋଲିସ ଯାଞ୍ଚ ପରେ ଛାଡ଼ି ଦେଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. MD/CH/BBS/LP 251001

କାର୍ଯ୍ୟର ବିବରଣୀ : "ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକ୍‌ରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା" ।

ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ : ₹ 65,00,000/-, EMD : ₹ 2,15,000/-, ଚୁକ୍ତିର ବୈଧତା : 2 ବର୍ଷ + 6 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 05.06.2025 (ଗୁରୁବାର) 1500 ଘଣ୍ଟିକାରେ

ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି ।

ୱେବ୍‌ସାଇଟ୍ : www.ireps.gov.in

ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ ଭୁବନେଶ୍ୱର

PR-146/Q/25-26

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/15, ତା.15.05.2025ରିଖ
ଟେଣ୍ଡର ସଂ. e-Tender-SouthKUR-62-2025, ତା.09.05.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 25T ଲୋଡିଂ ନିମନ୍ତେ RDSO ମାନକ ଅନୁଯାୟୀ ବିଦ୍ୟମାନ ପ୍ଲେଟ୍ ଗିର୍ଡର ବ୍ରିଜର ପୁନଃସ୍ଥାପନ ପାଇଁ PSC ସ୍ଲାବ୍‌ର ଲୋଡ୍ ପୂରଣ କରିବା ପାଇଁ (46 ସଂଖ୍ୟକ) ବ୍ରିଜର ଭିତ୍ତିଭୂମି, ପିୟର, ଅବ୍ୟୁଟମେଣ୍ଟ ଏବଂ ସବଷ୍ଟ୍ରକଚର ଉପାଦାନଗୁଡ଼ିକର ଶକ୍ତି ଏବଂ ଗଠନମୂଳକ କ୍ଷମତାର ମୂଲ୍ୟାଙ୍କନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 550.82 ଲକ୍ଷ, EMD : ₹ 4,25,400.00, ଶେଷ ହେବା ଅବଧି : 180 ଦିନ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.05.2025ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍

PR-144/Q/25-26

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୮ ତାରିଖ: ୧୯।୦୫।୨୦୨୫

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୮ | ୦୨।୦୬।୨୦୨୫ | ୧୨.୩୦ ଘ. | ୧୬.୫୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-176) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**OFFICE OF THE EXECUTIVE ENGINEER. MINOR IRRIGATION DIVISION, GARHWA**

e-Procurement Tender Notice
Two Envelope System
Tender Reference No:- WRD/MID/GARHWA/B.D./S.L.I.-03/2025-26
Letter No:- 320 Date:-19.05.2025

| | | |
|---|---|---|
| 1 | Name of Work: | Construction of Tewali Solar Lift Irrigation Scheme, Village- Tewali, Panchyat- Janeva, Block- Bhandariya, Distirct- Garhwa |
| 2 | Estimated Cost (Rs.) | 1,10,76,600=00 |
| 3 | Cost of tender document (Rs) | Rs. 10,000=00only (non-refundable). |
| 4 | Earnest Money Deposit (Rs.) | Rs. 1,11,000=00only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website (http://jharkhandtenders.gov.in) | Date: 02.06.2025, Time - 04.00 PM |
| 8 | Last Date/Time for downloading of bidding documents and Submissionof Tender on Website | Date: - 18.06.2025, Time :- 04.00 PM |
| 9 | Submission of Tender Fee and EMD | Start Date:- 02.06.2025, Time - 4.00 PM Last Date:- 18.06.2025, Time :- 4.00 PM |
| 10 | Technical Bid Opening Date | Date: - 19.06.2025, Time: -04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer (b) E-mail of e-Procurement Officer | 8789558294 eemidgarh-cemr-jhr@nic.in |
| 13 | Help line No. of e-Procurement Cell | 0651-2214784 |

Note:- Estimated Cost may Decrease or Increase
➤ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➤ Only e-Tender will be accepted.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division,
Garhwa

PR 353000 (Minor Irrigation)25-26*D

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Registered Office/Corporate Office: Power House Square, Unit-8, Bhubaneswar, 751012

**NOTICE**

Shri Krushna Chandra Rout, Helper
S/o.: Maheswar Rout
At: Mahatala, Post: Biridi
Dist.: Jagatsinghpur

Sir,
I have been appointed as enquiry officer in Departmental Charge sheet No.: 2138 dated 06.11.2024 framed against you and notices of enquires were communicated to you on the aforesaid address through speed post for appearing in the enquiry to defend yourself on **Dtd. 12.03.2025 and Dtd. 07.04.2025** but all such letters have been returned back with the remark "Addressee moved without instruction. Return to sender"
Thus, you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

Shri Karunakar Bhoi, Lineman-C
S/o.: Kailash Chandra Bhoi
At: Jayarshasan, Post: Jaganathpur, Balianta, Dist.: Cuttack-752101.
Sir,
I have been appointed as enquiry officer in Departmental Charge sheet No.: 2137 dated 06.11.2024 framed against you and notices of enquires were communicated to you through speed post on the aforesaid address for appearing in the enquiry to defend yourself on **Dtd.12.03.2025 and Dtd.07.04.2025**. The notices were showing as delivered and received as per the track consignment report uploaded in the internet by Department of posts but you did not turn up in the enquiry.
Thus , you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

Sd/-
Enquiry Officer

**झारखण्ड सरकार कार्यपालक अभियंता, का कार्यालय**
**पेयजल एवं स्वच्छता प्रमण्डल, हटिया योजना, राँची।**
2nd PR. 347445
तृतीय अति अल्पकालिन निविदा आमंत्रण सूचना सं०–LAB/DWSD/25/2024-25
दिनांक– 19.05.2025

| | | |
|---|---|---|
| 1 | विज्ञापन दाता का पदनामएवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना, राँची। |
| 2 | वेबसाइट में निविदा प्रकाषन की तिथि एवं समय | दिनांक 22.05.2025 पूर्वाह्न 11.00 बजे से। |
| 3 | ई–निविदा प्राप्ति की अंतिम तिथि एवं समय. | दिनांक 29.05.2025 अपराह्न 5.00 बजे तक। |
| 4 | ई–निविदा खोलने की अंतिम तिथि एवं समय | दिनांक 31.05.2025 पूर्वाह्न 11.00 बजे। |
| 5 | ई–निविदा खोलने वाले पदाधिकारी का पदनाम एवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना,डोरण्डा, राँची–02। |
| 6 | ई–मेल | dwsdhatiaproject@gmail.com |
| 7 | निविदा प्रकोष्ठ का दूरभाष | 9204931335 |

कार्य की विस्तृत विवरणीः-

| क्र० सं० | कार्य का नाम | अग्रधन की राषि | परिमाण विपत्र का मूल्य |
|---|---|---|---|
| 1 | REQUEST PROPOSAL FOR SUPPLYING VARIOUS CHEMICALS AND REAGENTS IN 16 NOS.OF WATER TESTING LABORATORIES UNDER DW&SD, JHARKHAND RANCHI ZONE- DISTRICT LAB- RANCHI, HAZARIBAGH, CHATRA, RAMGARH, KODERMA, LATEHAR, GARHWA, MEDNINAGAR, LOHARDAGA, SIMDEGA, GUMLA, SUB DIVISIONAL LAB- PANKI (MEDNINAGAR), NAGAR UTAARI (GARHWA), PATRATU (RAMGARH), ORMANJHI (RANCHI EAST), BARWADIH (LATEHAR) | 2,08,000/- | 10,000/- |

NB:- For Details
1.निविदा अन्तर्गत परिमाण विपत्र का मूल्य एवं अग्रधन की राशि ई–गवर्नेस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120 दिनांक 03.10.2023 के अनुरूप प्राप्त की जाएगी।
2. निविदा शुल्क एवं अग्रधन की राशि का ई–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाब देही सम्वेदक की होगी।
3. प्राक्कलित राशि घट अथवा बढ़ सकती है उसी प्रकार से अग्रधन एवं परिमाण विपत्र की राशि भी देय होगी है।
4. विस्तृत जानकारी के लिए वेबसाईट http//:jharkhandtenders.gov.inपर देखा जा सकता हैं।

कार्यपालक अभियंता
पेयजल एवं स्वच्छता प्रमंडल, हटिया योजना, राँची।

PR 353020 Drinking Water and Sanitation(25-26)D

# ଜବତ ଗଞ୍ଜେଇ ବୋଝେଇ କାର୍‌ର ଖୋଲୁଛି ଗୁମର

ନୟାଗଡ଼,୨୦।୫(ଲୋକନାଥ ମିଶ୍ର): ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବକଳବନ୍ଧ ଓ ଦୁର୍ଦ୍ଧୁରାର ମଧ୍ୟବର୍ତ୍ତୀ ଅଞ୍ଚଳରେ ରବିବାର ଅପରାହ୍ନରେ ଆଇଚର ସହ ଏକ ଗଞ୍ଜେଇ ବୋଝେଇ କାର ଧକ୍କା ପରେ ଘଟଣାସ୍ଥଳରେ ଅନ୍ୟ ଏକ କାର ପହଞ୍ଚି ଚକମା ଦେଖାଇ କିଛି ଗଞ୍ଜେଇ ପ୍ୟାକେଟ ଧରି ହଠାତ ଗାଏବ ହୋଇ ଯାଇଥିଲା । ଗଞ୍ଜେଇ ଗାଏବ ପରେ ପୋଲିସ କାର ଜବତ କରି ବାହାବା ନେଲା । ତେବେ ଗଞ୍ଜେଇ ଗାଏବ ଘଟଣା ଲୁଚିବା ବଦଳରେ ଧୀରେ ଧୀରେ ଗୁମର ଖୋଲୁଛି । ଦୁର୍ଘଟଣାଗ୍ରସ୍ତ କାରରୁ ଗଞ୍ଜେଇ ହଡପ ପାଇଁ ଯୋଜନା କରାଯାଇ ଜାଣିଶୁଣି କାରକୁ ଆଇଚର ଧକ୍କା ଦେଇଥିବା ଜଣାପଡିଛି । ଅନ୍ୟପକ୍ଷେ ଦୁର୍ଘଟଣା ପରେ ଦୁର୍ଘଟଣା ସ୍ଥଳରେ ଅବକାରୀ ବିଭାଗ କର୍ମଚାରୀ ଥିବା ଖବର ପାଇ ଗଞ୍ଜେଇ ବୋଝେଇ କାରର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଗଞ୍ଜେଇ ବୋଝେଇ କାରର ଡ୍ରାଇଭର ଫେରାର ହୋଇ ଯିବା ପରେ ଲୁଟେରା ଗୋଷ୍ଠୀ ଦୁର୍ଘଟଣା ଗ୍ରସ୍ତ କାରର ଗଞ୍ଜେଇ ଗାଏବ କରିବାରେ ଲାଗି ପଡିଥିଲେ । ଏଭଳି ସମୟରେ ରାଜପଥରେ ଥିବା କେତେଜଣ ଲୋକ ଘଟଣା ସମ୍ପର୍କରେ ଜାଣିବାକୁ ଉଦ୍ୟମ କରିଥିଲେ । ହେଲେ ଲୁଟେରା ଗୋଷ୍ଠୀ ଅବକାରୀ ବିଭାଗର କର୍ମଚାରୀ ପରିଚୟ ଦେଇ ଲୋକଙ୍କୁ ଗଞ୍ଜେଇ ଜବତରେ ସାକ୍ଷୀ ପଡିବାର ଭୟ ଦେଖାଇ ଚାଲିଯିବାକୁ ପରାମର୍ଶ ଦେଇଥିବା ପରି ଖବର ଆଲୋଚନାର ବିଷୟ ପାଲଟିଛି ।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ନୂଆଗାଁ ପାର୍ଶ୍ୱରୁ ଓଡି ୦୨ ଏଇ ୭୨୧୮ ନମ୍ବରର ଏକ କ୍ରେଟା କାର ଦ୍ରୁତ ଗତିରେ ମାଡି ଆସୁଥିଲା । ବକଳବନ୍ଧ ଓ ଦୁର୍ଦ୍ଧୁରା ଅଞ୍ଚଳରେ କାରକୁ ଏକ ଆଇଚର ପଛରୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଗଞ୍ଜେଇ ବୋଝେଇ କାରଟି ଅଟକି ରହିଲା । କାରଟି ଅଟକି ରହିବା ପରେ କେଇ ଜଣ ଲୋକ ଦୁର୍ଘଟଣାସ୍ଥଳକୁ ଯାଇ ଗଞ୍ଜେଇ ବୋଝେଇ କାରର ଡ୍ରାଇଭରଙ୍କ ସହ ଆଲୋଚନା କରିବା ପରେ ଡ୍ରାଇଭର ଫେରାର ହୋଇଯାଇଥିଲେ । ପ୍ରଶ୍ନ ଉଠୁଛି ଦୁର୍ଘଟଣା ସ୍ଥଳରେ କେଉଁ ଲୋକ ଉପସ୍ଥିତ ଥିଲେ । ସେମାନଙ୍କର ପରିଚୟ କ'ଣ । ଦୁର୍ଘଟଣା ପରେ କେତେଜଣ ଲୋକେ ଘଟଣା କ'ଣ ଜାଣିବା ପାଇଁ କାର ପାଖକୁ ଯାଇଥିଲେ । ଏହି ସମୟରେ ନୂଆଗାଁ ପାର୍ଶ୍ୱରୁ ଅନ୍ୟ ଏକ ଡିଜେଆର କାର ଆସି ସେଠାରେ ଅଟକି ଥିଲା । ଦୁର୍ଘଟଣାଗ୍ରସ୍ତ କାରରୁ କିଛି ପ୍ୟାକେଟ ନେଇ ତରବରିଆ ଭାବେ ପଳାଇଥିଲା । କାରରୁ ଗଞ୍ଜେଇ ଗାଏବ ସମୟରେ ଡିଜେଆର କାରର କର୍ମଚାରୀମାନେ ଅନ୍ୟ ଲୋକଙ୍କୁ ଘଟଣାସ୍ଥଳରୁ ଚାଲି ଯିବାକୁ କହିଥିଲେ । ଏପରିକି ନିଜକୁ ଅବକାରୀ କର୍ମଚାରୀ ପରିଚୟ ଦେଇ ଏହି ଝାମେଲାରେ ନ ପଶିବାକୁ କହିଥିଲେ । ହେଲେ କେତେଜଣ ଲୋକ ନୟାଗଡ ସଦର ଥାନା ପୋଲିସକୁ ଏ ସଂକ୍ରାନ୍ତରେ ଖବର ଦେଇଥିଲେ । ପୋଲିସ ଆସିବା ଦେଖି ଲୁଟେରା ଗୋଷ୍ଠୀ ଆଉ ଫେରି ନ ଥିଲେ । ସୂଚନା ଅନୁସାରେ ଆଇଚର ସହ କାରଟି ଧକ୍କା ହେବା ପରେ କାରରୁ ଗଞ୍ଜେଇ ଗାଏବ ଘଟଣା ପଦାକୁ ଆସିଥିଲା । ପରେ ପୋଲିସ ୫୬ କେଜି ଗଞ୍ଜେଇ ସହ କାର ଜବତ କରିଥିଲା । ତେବେ ପୋଲିସ ଗଞ୍ଜେଇ ଜବତ କରିବାରେ ବାହାବା ଦେଖାଇବା ପରେ ଗଞ୍ଜେଇ ଗାଏବ ଘଟଣାର ଗୁମର ଫିଟିଛି । ପୋଲିସ ଏହାର ତଦନ୍ତ କଲେ କିଏ ଏହାର ମାଷ୍ଟରମାଇଣ୍ଡ ତାହା ସ୍ପଷ୍ଟ ହୋଇଯିବବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

- ଦୁର୍ଘଟଣାଗ୍ରସ୍ତ କାର୍‌ରୁ ଗଞ୍ଜେଇ ହଡପ ପାଇଁ ହୋଇଥିଲା ଯୋଜନା
- ପୂର୍ବ ପ୍ରସ୍ତୁତି ଅନୁସାରେ ଧକ୍କା ପରେ ଫେରାର ହୋଇଥିଲେ କାର ଚାଳକ
- ସାକ୍ଷୀ ପକାଇବାର ଭୟ ପରେ ବି ପୋଲିସକୁ ଖବର ଦେଲେ ସ୍ଥାନୀୟ ବାସିନ୍ଦା
- ୬ ପ୍ୟାକେଟ ଗଞ୍ଜେଇ ଗାଏବରେ ଅଟକି ଗଲା ଲୁଟ୍ ଯୋଜନା

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ବିକ୍ଷୋଭ

## ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ ଦାବିରେ ସ୍ମାରକପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ନୟାଗଡ଼,୨୦।୫ (ଲୋକନାଥ ମିଶ୍ର): କେନ୍ଦ୍ରୀୟ ଟ୍ରେଡୟୁନିୟନ ମାନଙ୍କ ସର୍ବଭାରତୀୟ ନେତାଙ୍କ ଆହ୍ୱାନ କ୍ରମେ ନୟାଗଡ଼ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସିଆଇଟିୟୁର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରମଜୀବୀ ପଟୁଆର ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ କରି ପୂର୍ବର ଶ୍ରମିକ ଆଇନ ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଛି। ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ ପାଇଁ ଏକ ସ୍ମାରକ ପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ବିକ୍ଷୋଭରେ ଉଦବୋଧନ ଦେଇ ସିଆଇଟିୟୁ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ, ଶରତଚନ୍ଦ୍ର ବେହେରା, ପବିତ୍ର ଇନ୍ଦ୍ରଜିତ, ଚାପଧାରୀ ରାଉତ, ସଂଯୁକ୍ତା ସେଠୀ, ଜୟନ୍ତୀ ଦାଶ, ଆଇଏନ୍‌ଟିୟୁସି ନେତା ବିଭୁପ୍ରସାଦ ମିଶ୍ର,ୟୁଟିୟୁସି ନେତା କୃଷ୍ଣ ଚନ୍ଦ୍ର ମହାପାତ୍ର, ସିସିଟିୟୁ ନେତା ଗୋପିନାଥ ଜେନା, ଯୁବଫେଡେରେଶନ ନେତା ସରୋଜ କୁମାର ନାୟକ, କୃଷକସଭାର ନେତା ହରିଶ୍ଚନ୍ଦ୍ର ମିଶ୍ର ଓ ଗୋଲକବିହାରୀ ମୁଦୁଲି ପ୍ରମୁଖ ଅଂଶଗ୍ରହଣ କରି ଜୁଲାଇ ୯ରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାପାଇଁ ଆହ୍ୱାନ କରିଥିଲେ।

# ଓଡ଼ଗାଁରେ ତ୍ରିରଙ୍ଗା ଶୋଭାଯାତ୍ରା



ଓଡଗାଁରେ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା ।

ଓଡ଼ଗାଁ,୨୦।୫ (ଆଦର୍ଶ କୁମାର ପଟ୍ଟନାୟକ): ପହଲଗାମରେ ଆତଙ୍କୀବାଦୀ ଆକ୍ରମଣର ସମୁଚିତ ଜବାବ ଦେବାକୁ ଆରମ୍ଭ ହୋଇଥିବା ଅପରେଶନ ସିନ୍ଦୂର ଭାରତୀୟଙ୍କ ମନରେ ଦେଶ ପ୍ରେମ ଜାଗ୍ରତ କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ରାଷ୍ଟ୍ରୀୟ ହିନ୍ଦୁ ସେନା ଆନୁକୂଲ୍ୟରେ ଓ ଓଡ଼ଗାଁ ଆଞ୍ଚଳିକ ପୂର୍ବତନ ସୈନିକ ସଂଘ ସଦସ୍ୟଙ୍କ ସହଯୋଗରେ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୈନିକ ସଂଘ ସଦସ୍ୟ, ବୁଦ୍ଧିଜୀବୀ, ପୋଲିସ ଫୋର୍ସଙ୍କ ସହିତ ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ସାମିଲ ହୋଇଥିଲେ । ଶ୍ରୀରାଘୁନାଥ ମନ୍ଦିରଠାରୁ ଦଲକ ସ୍ଥିତ ମା'ଗୟଳ ସିଂ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଆସିଥିଲା । ଶୋଭାଯାତ୍ରାରେ ଭାରତ ମାତା କି ଜୟ, ଜୟ ଜବାନ ଜୟ ହିନ୍ଦୁସ୍ଥାନ ସ୍ଲୋଗାନ ଦିଆଯାଇଥିଲା । ଏଥିରେ ରାଷ୍ଟ୍ରୀୟ ହିନ୍ଦୁ ସେନା ଆବାହକ ସୁଶାନ୍ତ କୁମାର ପାତ୍ର, ଅଚ୍ୟୁତାନନ୍ଦ ପଣ୍ଡା, ବରେନ୍ଦ୍ର କୁମାର ନନ୍ଦ, କାର୍ତ୍ତିକେଶ୍ୱର ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ,ଆଞ୍ଚଳିକ ପୂର୍ବତନ ସୈନିକ ସଂଘ ସଭାପତି ସୁବେଦାର ବିଜୟ କୁମାର ଦାଶ, ସମ୍ପାଦକ ଆଦର୍ଶ କୁମାର ପଟ୍ଟନାୟକ,ସହ ସମ୍ପାଦକ କୁବେର ବାରିକଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ଓ ମହିଳା ସାମିଲ ହୋଇଥିଲେ।

# ବଲାଙ୍ଗୀ ପାର୍କ ପାଣିକୁଣ୍ଡରୁ କୁଟୁରା ଉଦ୍ଧାର

## ଘେରି ରହିଥିଲେ କୁକୁର ପଲ

ନୟାଗଡ଼,୨୦।୫(ଲୋକନାଥ ମିଶ୍ର): ନୟାଗଡ଼ ସହର ଖଣ୍ଡପଡ଼ା ରୋଡସ୍ଥିତ ବଲାଙ୍ଗୀ ପାର୍କର ପାଣିକୁଣ୍ଡରୁ ଏକ କୁଟୁରାକୁ ମଙ୍ଗଳବାର ସକାଳେ ଉଦ୍ଧାର କରାଯାଇ ବନବିଭାଗକୁ ହସ୍ତାନ୍ତର କରାଯାଇଛି । କୁଣ୍ଡରେ ପଡିଥିବାବେଳେ କୁଟୁରାକୁ କୁକୁର ପଲ ଶିକାର ପାଇଁ ଜଗି ରହିଥିଲେ । ପ୍ରାତଃ ଭ୍ରମଣ ବେଳେ କୁଟୁରା ପାଣି କୁଣ୍ଡରେ ପଡିଥିବା ନଜରକୁ ଆସିଥିଲା । ନିକଟରେ ଥିବା ଦୁଇ ଶିକ୍ଷକ ପାଣି କୁଣ୍ଡରୁ କୁଟୁରାକୁ ଉଦ୍ଧାର କରି ନୟାଗଡ଼ ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ନୟାଗଡ଼ ବନବିଭାଗ କୁଟୁରାକୁ ନିଜ ହେପାଜତକୁ ନେଇ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଇ ପଥୁରିପଡା ଜଙ୍ଗଲରେ ଛାଡିଛନ୍ତି ।

ସୂଚନା ଅନୁଯାୟୀ, ବଲାଙ୍ଗୀ ପାର୍କ ବଳରାମ ସଂରକ୍ଷିତ ଜଙ୍ଗଲ ଓ ଟାଙ୍ଗେରି ପାହାଡ଼ ପାଦ ଦେଶରେ ରହିଛି । ବଳରାମ ସଂରକ୍ଷିତ ଜଙ୍ଗଲରେ କୁଟୁରା ଓ ବାର୍‌ହା ପଲଙ୍କ ସଂଖ୍ୟା ବଢ଼ି ଚାଲିଛି । ଟାଙ୍ଗେରୀ ପାହାଡ଼ରେ କୁଟୁରା ଓ ବାର୍‌ହା ରହୁ ନ ଥିଲେହେଁ ବେଳେବେଳ ଦେଖିବାକୁ ମିଳେ । ଗ୍ରୀଷ୍ମ ଋତୁରେ ପାଣି ସଙ୍କଟରୁ ହେଉ ଅଥବା ଖାଦ୍ୟ ସଂଗ୍ରହ ପାଇଁ କୁଟୁରାଟି ପାହାଡ଼ ତଳକୁ ଚାଲି ଆସିଥିଲା । ବଲାଙ୍ଗୀ ପାର୍କରେ ପାଣିର ସୁବିଧା ଥିବାରୁ ବୋଧେ ପାଣି ପିଇବାକୁ ପାର୍କକୁ ଆସି ପାଣି କୁଣ୍ଡରେ ପଡି ଯାଇଛି । ସେ ସମୟରେ ପାର୍କରେ ଥିବା କିଛି କୁକୁର କୁଟୁରାକୁ ଘେରି ଶିକାର ପାଇଁ ଉଦ୍ୟମ ଚଳାଇଥିବା ଜଣାପଡିଥିଲା । ଉଦ୍ଧାର କୁଟୁରାର ବୟସ ୬ମାସରୁ ୧ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି ।

# କମିଟି ଗଠନ ପରେ ପାଠପଢ଼ାକୁ ଗୁରୁତ୍ୱ

ନୟାଗଡ଼,୨୦।୫(ଲୋକାନଥ ମିଶ୍ର): ନୟାଗଡ଼ ବ୍ଲକ ପାଣିପୋଇଲାସ୍ଥିତ ମଦର ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ କମିଟି ଗଠନ ହୋଇଛି। ସଭାପତି ଭାବେ ଚକ୍ରଧର ମାହାଳି, ଉପସଭାପତି ଭାବେ ବିଦ୍ୟାଧର ଆଚାର୍ଯ୍ୟ, ସମ୍ପାଦିକା ଭାବେ ପ୍ରଭାସିନୀ ନନ୍ଦ, ସହ ସମ୍ପାଦିକା ଭାବେ ଡକ୍ଟର ଜୁଲିଏଟ ନିର୍ବାଚିତ ହୋଇଛନ୍ତି। ଅମିତ କୁମାର ସାହୁ, ବିଜୟ ସାହୁ,ପ୍ରମୋଦ କୁମାର ନନ୍ଦ,ସାଗର ପ୍ରଧାନ, ନନ୍ଦିନୀ ଜୁଝାରସିଂ, ଅଶ୍ୱିନୀ କୁମର ପଣ୍ଡା, ପ୍ରକାଶ ପରିଡ଼ା ଅନୁରୂପ ଭାବେ ସଭ୍ୟ ରହିଛନ୍ତି। କମିଟି ଗଠନ ପରେ ଅନୁଷ୍ଠାନ କିଭଳି ଆଗକୁ ଉନ୍ନତ ହେବ ଆଲୋଚନା ହୋଇଥିଲା। ଆଦିବାସୀ ଓ ଦଳିତ, ଅନାଥ ଓ ପଛୁଆ ବର୍ଗ ପିଲାମାନେ ଅଧିକରୁ ଅଧିକ ପାଠ ପଢ଼ିବାର ସୁବିଧା ପାଇ ପାରିବେ। ଓଡ଼ଗାଁ ବ୍ଲକ ନେପାଳ ଆଦିବାସୀ ଗାଁର ୨୦ ପିଲାଙ୍କୁ ମାଗଣାରେ ନାମଲେଖା ବିଷୟ ଉପରେ ଆଲୋଚନା ହୋଇଥିଲା।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଆହତ, ବାଇକ୍ ପୋଡ଼ି

ଦଶପଲ୍ଲା,୨୦।୫(ପ୍ରକାଶ କୁମାର ପାଣି): ମଙ୍ଗଳବାର ଦଶପଲ୍ଲା ଭଞ୍ଜନଗର ରାସ୍ତାରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କ ବାଇକ୍‌କୁ ବି ଆକ୍ରମଣକାରୀମାନେ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଘଟଣା ଦଶପଲ୍ଲା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମଙ୍ଗଳବାର ସକାଳେ ଦଶପଲ୍ଲା ଏନଏସି ଖଣ୍ଡପଡ଼ା ଗ୍ରାମର ଜଟିଆ ବେହେରା, ଶରତ ଦାଶ ଏବଂ ଲଛମନ ନାୟକ ଏକ ବାଇକ୍‌ରେ ଭଞ୍ଜନଗର ରାସ୍ତାରେ ଯାଉଥିଲେ । ସାକେଣୀ ନିକଟରେ ଏକ କଳା ବୋଲରରେ ୭ରୁ ୮ ଜଣ ଯୁବକ ଆସି ଜଟିଆଙ୍କ ବାଇକକୁ ଅଟକାଇଥିଲେ । ଏହାପରେ ସେମାନେ ଜଟିଆଙ୍କୁ ମାଡ଼ ମାରିଥିଲେ । ଏହା ଦେଖି ଶରତ ଏବଂ ଲଛମନ ସେଠାରୁ ଖସି ଯାଇଥିଲେ । ଦୁର୍ବୃତ୍ତମାନେ ଜଟିଆଙ୍କୁ ମାଡ଼ ମାରିବା ସହିତ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ । ଏପରି କି ତାଙ୍କ ବାଇକ୍‌କୁ ପୋଡ଼ି ଦେଇଥିଲେ । ପରେ ତାଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ଜଟିଆଙ୍କୁ ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ ପହଞ୍ଚି ତଦନ୍ତ ଚଳାଇଛି । ହେଲେ ଆକ୍ରମଣକାରୀମାନଙ୍କୁ ଗିରଫ କରାଯାଇପାରିନାହିଁ।

# ଓଡ଼ଗାଁ ଅଞ୍ଚଳରେ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ

ଓଡ଼ଗାଁ,୨୦।୫(ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳରେ ଲଗାତାର ୨୪ ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ତାପମାତ୍ରା ବୃଦ୍ଧି ଯୋଗୁ ସାଧାରଣ ଲୋକେ ଅତିଷ୍ଟ ହୋଇ ପଡ଼ିଥିଲେ । ପ୍ରଥମେ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ନୁଆ ବସଷ୍ଟାଣ୍ଡ ଅଞ୍ଚଳରେ ଆବଶ୍ୟକ ମରାମତି ପାଇଁ ବିଭାଗୀୟ ସୂଚନା ସହିତ ମଧ୍ୟାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ପ୍ରାୟ ଅପରାହ୍ନ ୨ଟା ବେଳକୁ ପୁଣି ଥରେ ଗ୍ରୀଡ୍ ଖରାପ କାରଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକେ ବିଦ୍ୟୁତ ଯୋଗାଣରୁ ବଞ୍ଚିତ ହୋଇଥିଲେ । ଦିନ ତମାମ ଗରମରେ ଆଉଟୁ ପାଉଟୁ ହୋଇଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ । ସେମାନଙ୍କ ପରିବାର ଶାନ୍ତିରେ ଟିକେ ରାତିରେ ଶୋଇଥିବା ବେଳେ ମଧ ରାତିରେ ପୁଣି ନୟାଗଡ଼ - ଓଡ଼ଗାଁ ମଧ୍ୟରେ ୩୩ କେଭି ଲାଇନରେ ତ୍ରୁଟି ଯୋଗୁ ମଙ୍ଗଳବାର ପୂର୍ବାହ୍ନ ଏଗାରଟା ପର୍ଯ୍ୟନ୍ତ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା । ଏ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ୨ରୁ ୩ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇପାରି ନ ଥିଲା । ସହକାରୀ ଯନ୍ତ୍ରୀ ଛୁଟିରେ ଥିବାରୁ ତାଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଇଟାମାଟି ସହକାରୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗରେ ସମସ୍ୟା ସୃଷ୍ଟି ହୋଇଥିଲା। ଫଲଟ ଫାଇଣ୍ଡିଂ ଦଳ ପ୍ରସ୍ତୁତ ଥିବା ବେଳେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଅବହେଳା କାରଣରୁ ଏପରି ସମସ୍ୟା ସୃଷ୍ଟି ହୋଇଥିଲା । କେତେଜଣ ଗ୍ରାହକ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଥିବା ସୂଚନା ମିଳିଛି । ଏହି ଘଟଣାର ପୁନରାବୃତ୍ତି ଘଟିଲେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. MD/CH/BBS/LP 251001

କାର୍ଯ୍ୟର ବିବରଣୀ : ''ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକ୍‌ରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ୍ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା'' ।

ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ : ₹ 65,00,000/-, EMD : ₹ 2,15,000/-, ଚୁକ୍ତିର ବୈଧତା : 2 ବର୍ଷ + 6 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 05.06.2025 (ଗୁରୁବାର) 1500 ଘଟିକାରେ

ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି ।

ୱେବ୍‌ସାଇଟ୍ : www.ireps.gov.in

ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ ଭୁବନେଶ୍ୱର

PR-146/Q/25-26



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/15, ତା.15.05.2025ରିଖ

ଟେଣ୍ଡର ସଂ. e-Tender-SouthKUR-62-2025, ତା.09.05.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 25T ଲୋଡିଂ ନିମନ୍ତେ RDSO ମାନକ ଅନୁଯାୟୀ ବିଦ୍ୟମାନ ପ୍ଲେଟ୍ ଗିର୍ଡର ବ୍ରିଜର ପୁନଃସ୍ଥାପନ ପାଇଁ PSC ସ୍ଲାବ୍‌ର ଲୋଡ୍ ପୂରଣ କରିବା ପାଇଁ (46 ସଂଖ୍ୟକ) ବ୍ରିଜର ଭିତ୍ତିଭୂମି, ପିୟର, ଅବ୍ୟୁଟମେଣ୍ଟ ଏବଂ ସବଷ୍ଟ୍ରକଚର ଉପାଦାନଗୁଡ଼ିକର ଶକ୍ତି ଏବଂ ଗଠନମୂଳକ କ୍ଷମତାର ମୂଲ୍ୟାଙ୍କନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 550.82 ଲକ୍ଷ, EMD : ₹ 4,25,400.00, ଶେଷ ହେବା ଅବଧି : 180 ଦିନ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.05.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼

PR-144/Q/25-26



**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୮ ତାରିଖ: ୧୯।୦୫।୨୦୨୫

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ରି: ସଂ. | ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୫-୦୮ | ୦୨।୦୬।୨୦୨୫ | ୧୨.୩୦ ଘ. | ୧୬.୫୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-176) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**OFFICE OF THE EXECUTIVE ENGINEER. MINOR IRRIGATION DIVISION, GARHWA**

e-Procurement Tender Notice
Two Envelope System
Tender Reference No:- WRD/MID/ GARHWA/B.D./S.L.I.-03/2025-26
Letter No:- 320 Date:-19.05.2025

| | | |
|---|---|---|
| 1 | Name of Work: | Construction of Tewali Solar Lift Irrigation Scheme, Village- Tewali, Panchyat- Janeva, Block- Bhandariya, Distirct- Garhwa |
| 2 | Estimated Cost (Rs.) | 1,10,76,600=00 |
| 3 | Cost of tender document (Rs) | Rs. 10,000=00only (non-refundable). |
| 4 | Earnest Money Deposit (Rs.) | Rs. 1,11,000=00only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website (http://jharkhandtenders.gov.in) | Date: 02.06.2025, Time - 04.00 PM |
| 8 | Last Date/Time for downloading of bidding documents and Submissionof Tender on Website | Date: - 18.06.2025, Time :- 04.00 PM |
| 9 | Submission of Tender Fee and EMD | Start Date:- 02.06.2025, Time - 4.00 PM Last Date:- 18.06.2025, Time :- 4.00 PM |
| 10 | Technical Bid Opening Date | Date: - 19.06.2025, Time: -04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer (b) E-mail of e-Procurement Officer | 8789558294 eemidgarh-cemr-jhr@nic.in |
| 13 | Help line No. of e-Procurement Cell | 0651-2214784 |

Note:- Estimated Cost may Decrease or Increase
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted.

Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division,
Garhwa

PR 353000 (Minor Irrigation)25-26*D



**TPCODL**
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)
**Registered Office/Corporate Office:** Power House Square, Unit-8, Bhubaneswar, 751012

**NOTICE**

**Shri Krushna Chandra Rout, Helper**
S/o.: Maheswar Rout
At: Mahatala, Post: Biridi
Dist.: Jagatsinghpur

Sir,
I have been appointed as enquiry officer in Departmental Charge sheet No.: 2138 dated 06.11.2024 framed against you and notices of enquires were communicated to you on the aforesaid address through speed post for appearing in the enquiry to defend yourself on **Dtd. 12.03.2025 and Dtd. 07.04.2025** but all such letters have been returned back with the remark "Addressee moved without instruction. Return to sender"
Thus, you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

**Shri Karunakar Bhoi, Lineman-C**
S/o.: Kailash Chandra Bhoi
At: Jayarshasan, Post: Jaganathpur, Balianta, Dist.: Cuttack-752101.
**Sir,**
I have been appointed as enquiry officer in Departmental Charge sheet No.: 2137 dated 06.11.2024 framed against you and notices of enquires were communicated to you through speed post on the aforesaid address for appearing in the enquiry to defend yourself on **Dtd.12.03.2025 and Dtd.07.04.2025**. The notices were showing as delivered and received as per the track consignment report uploaded in the internet by Department of posts but you did not turn up in the enquiry.
Thus , you are hereby advised to attend the enquiry in the next scheduled date i.e. on **28.05.2025 at 10.30 A.M. at TPCODL**, Corporate Office, 2nd Floor IDCO Tower, Janpath, Bhubaneswar. This may be treated as final notice before conducting enquiry ex-parte in your absence.

Sd/-
**Enquiry Officer**



**झारखण्ड सरकार कार्यपालक अभियंता, का कार्यालय पेयजल एवं स्वच्छता प्रमण्डल, हटिया योजना, राँची।**
2nd PR. 347445
तृतीय अति अल्पकालिन निविदा आमंत्रण सूचना सं०–LAB/DWSD/25/2024-25
दिनांक– 19.05.2025

| | | |
|---|---|---|
| 1 | विज्ञापन दाता का पदनामएवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना, राँची। |
| 2 | वेबसाइट में निविदा प्रकाषन की तिथि एवं समय | दिनांक 22.05.2025 पूर्वाहन 11.00 बजे से। |
| 3 | ई–निविदा प्राप्ति की अंतिम तिथि एवं समय. | दिनांक 29.05.2025 अपराहन 5.00 बजे तक। |
| 4 | ई–निविदा खोलने की अंतिम तिथि एवं समय | दिनांक 31.05.2025 पूर्वाहन 11.00 बजे। |
| 5 | ई–निविदा खोलने वाले पदाधिकारी का पदनाम एवं पता | कार्यपालक अभियंता, पेयजल एवं स्वच्छता प्रमण्डल, हटिया योजना,डोरण्डा, राँची–02। |
| 6 | ई–मेल | dwsdhatiaproject@gmail.com |
| 7 | निविदा प्रकोष्ठ का दूरभाष | 9204931335 |

कार्य की विस्तृत विवरणी:-

| क्र० सं० | कार्य का नाम | अग्रधन की राषि | परिमाण विपत्र का मूल्य |
|---|---|---|---|
| 1 | REQUEST PROPOSAL FOR SUPPLYING VARIOUS CHEMICALS AND REAGENTS IN 16 NOS.OF WATER TESTING LABORATORIES UNDER DW&SD, JHARKHAND RANCHI ZONE- DISTRICT LAB- RANCHI, HAZARIBAGH, CHATRA, RAMGARH, KODERMA, LATEHAR, GARHWA, MEDNINAGAR, LOHARDAGA, SIMDEGA, GUMLA, SUB DIVISIONAL LAB- PANKI (MEDNINAGAR), NAGAR UTAARI (GARHWA), PATRATU (RAMGARH), ORMANJHI (RANCHI EAST), BARWADIH (LATEHAR) | 2,08,000/- | 10,000/- |

NB:- For Details
1.निविदा अन्तर्गत परिमाण विपत्र का मूल्य एवं अग्रधन की राशि ई–गवर्नेंस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120 दिनांक 03.10.2023 के अनुरूप प्राप्त की जाएगी।
2. निविदा शुल्क एवं अग्रधन की राशि का ई–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाब देही सम्वेदक की होगी।
3. प्राक्कलित राशि घट अथवा बढ़ सकती है उसी प्रकार से अग्रधन एवं परिमाण विपत्र की राशि भी देय होगी है।
4. विस्तृत जानकारी के लिए वेबसाईट http//:jharkhandtenders.gov.inपर देखा जा सकता हैं।

PR 353020 Drinking Water and Sanitation(25-26)D
कार्यपालक अभियंता
पेयजल एवं स्वच्छता प्रमंडल, हटिया योजना, राँची।

# ଗ୍ରାମ୍ୟ ଉଦ୍ୟାନ ଏବେ ଜରାଜୀର୍ଣ୍ଣ

- ପିଲାଙ୍କ ଖେଳ ସାମଗ୍ରୀ, ବ୍ୟାୟାମ୍ ଉପକରଣ ଚୋରି
- ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

**କାଳିଆପାଣି,୨୦।୫(ଅସିତ ମହାନ୍ତ):**

ପିଲାଙ୍କ ମନୋରଞ୍ଜନ, ଗ୍ରାମବାସୀଙ୍କ ଅବସର ବିନୋଦନ ଓ ବ୍ୟାୟାମ ପାଇଁ ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ସୁକିନ୍ଦା ଓ ଦାନଗଦି ବ୍ଲକ୍‌ର ୪୬ଟି ପଞ୍ଚାୟତରେ ଗ୍ରାମ୍ୟ ଉଦ୍ୟାନ(ବନ ବାଟିକା) ନିର୍ମାଣ କରାଯାଇଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବାରୁ ବନ ବିଭାଗ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ଏହି ଗ୍ରାମ୍ୟ ଉଦ୍ୟାନ ଏବେ ଜରାଜୀର୍ଣ୍ଣ ହୋଇପଡ଼ିରହିଛି। ସେହିପରି ପିଲାଙ୍କ ଖେଳ ସାମଗ୍ରୀ, ବ୍ୟାୟାମ୍ ଉପକରଣ ଆଦି ଚୋରି ହୋଇଗଲାଣି। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।


ସୁକିନ୍ଦା ବ୍ଲକ୍ ଅଞ୍ଚଳରେ ଥିବା ଏକ ଗ୍ରାମ୍ୟ ଉଦ୍ୟାନ।

ସୂଚନା ଅନୁସାରେ, ୨ ବ୍ଲକ୍‌ର ୪୮ ପଞ୍ଚାୟତରେ ଏହି ଉଦ୍ୟାନ ନିର୍ମାଣ କରିବାକୁ ୫.୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ସେଥିମଧ୍ୟରୁ ୨ଟି ପଞ୍ଚାୟତରେ ଜମି ନ ମିଳିବାରୁ କାର୍ଯ୍ୟ ହୋଇ ପାରି ନ ଥିଲା। ବାକି ୪୬ ପଞ୍ଚାୟତରେ ଉଦ୍ୟାନ ନିର୍ମାଣ ଓ ଖେଳ ସାମଗ୍ରୀ ପାଇଁ ପ୍ରଥମ ଦଫାରେ ପ୍ରତି ପଞ୍ଚାୟତ ପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ସୁକିନ୍ଦା ଓ ଦାନଗଦିର ୪୬ ପଞ୍ଚାୟତ ପାଇଁ ବିଡିଓ ମୁଖିଆ ଥିଲେ। ବିଡିଓଙ୍କ ଅଧୀନରେ ଥିବା କନିଷ୍ଠ ଯନ୍ତ୍ରୀମାନେ ଏହାର ତଦାରଖ କରୁଥିଲେ। କାର୍ଯ୍ୟାଦେଶ ଅନୁଯାୟୀ ଉଦ୍ୟାନ ଚତୁପାର୍ଶ୍ୱରେ ତାରବାଡ ଦେଇ ପାଚେରି ନିର୍ମାଣ ସହ ଗେଟ ନିକଟରେ ଏକ ଛୋଟ ଗୃହ ନିର୍ମାଣ କରାଯାଇଥିଲା। ଉଦ୍ୟାନ ଭିତରେ ପିଲାଙ୍କ ପାଇଁ ଖେଳ ସାମଗ୍ରୀ, ବୟସ୍କଙ୍କ ପାଇଁ ଜିମ୍ ସାମଗ୍ରୀ ଲଗାଯାଇଥିଲା।

ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ପାଇଁ ବିଜେଡି ସରକାର ସମୟରେ ଡିଏମ୍ଏଫ୍ (ଡିଷ୍ଟିକ ମିନେରାଲ ଫଣ୍ଡ) ବା ଜିଲା ଖଣିଜ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏହି ପାଣ୍ଠି ଖଣି ପ୍ରଭାବିତ ଗାଁର ସର୍ବାଙ୍ଗୀନ ଉନ୍ନତିରେ ଖର୍ଚ୍ଚ କରିବାକୁ ନିୟମ ରହିଥିବାବେଳେ ଏଠାରେ ତାହାର ବ୍ୟତୀକ୍ରମ ହୋଇଥିବା ଅଭିଯୋଗ ହୋଇଥିଲା। ଜିଲା ଖଣିଜ ପାଣ୍ଠିରେ କଂକ୍ରିଟ ରାସ୍ତା ନିର୍ମାଣ, ସ୍କୁଲ ଗୃହ ନିର୍ମାଣ, ମରାମତି, ଖଣି ଅଞ୍ଚଳରେ ଡାକ୍ତରଖାନା ମରାମତି, ଡାକ୍ତର ନିଯୁକ୍ତି ଓ ପାନୀୟ ଜଳ ଯୋଗାଣ ପାଇଁ ଉଦ୍ଦିଷ୍ଟ ଥିବାବେଳେ ତାହା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁକିନ୍ଦା ରେଞ୍ଜର ଦେବେନ୍ଦ୍ର ମାଝୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ରାଁଶୋଳ ଫରେଷ୍ଟର ରାମ ତିରିଆଙ୍କୁ ପଚାରିବାରୁ ସେ କହିଛନ୍ତି, ରକ୍ଷଣାବେକ୍ଷଣ କରୁଥିବା ଠିକା କର୍ମଚାରୀ ଦରମା ନ ପାଇବାରୁ କାମ କରୁନାହାନ୍ତି। ଫଳରେ ଗ୍ରାମ୍ୟ ଉଦ୍ୟାନଗୁଡ଼ିକ ଜରାଜୀର୍ଣ୍ଣ ହୋଇପଡ଼ି ରହିଛି।

# ବୈରୀ ପୋଲିସ ପକ୍ଷରୁ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥାନା ଅଧିକାରୀ ଓ ଅନ୍ୟମାନେ।

**ଛତିଆ,୨୦।୫ (ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଥାନା ପକ୍ଷରୁ ନୂଆ ଆଇନ ଏବଂ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛତିଆ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ଅଂଶୁମାଳା ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂଆ ଆଇନ ସମ୍ପର୍କରେ ବୁଝାଇବା ସହିତ ନିଶା କିଭଳି ସମାଜକୁ ନଷ୍ଟ କରୁଛି ସେ ବିଷୟରେ କହିଥିଲେ। ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ଯୋଗଦେଇ ପିଲାମାନଙ୍କୁ ନିଶା ନିବାରଣ ଓ ନୂତନ ଆଇନ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ଆଇ ସ୍ନେହଲତା ଗିରି, ଏଏସ୍ଆଇ ଧୀରେନ କୁମାର ପଣ୍ଡା, ଏସ୍ଆଇ ସଂଗ୍ରାମ କେଶରୀ ରାଉତ, କନଷ୍ଟେବଲ୍ ଅଜୟ କୁମାର ଗିରି, ତାପସ କୁମାର ରାଉତରାୟ, ଛତିଆ ସରପଞ୍ଚ ରମେଶ ପୃଷ୍ଟି, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ବନ୍ତଳା ସରପଞ୍ଚ ସମୀର ରାଉତ, ସୋଲର ସରପଞ୍ଚ ବିଜୟ ସ୍ୱାଇଁ, ପାରିଆ ସରପଞ୍ଚ ବେଣୁଧର ବିଶ୍ୱାଳ, ସମିଆ ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ ଉପସ୍ଥିତ ଥିଲେ। ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିଶା ନିବାରଣ ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଓଡ଼ିଶା ସ୍ପୋର୍ଟସ ଡେଭଲପମେଣ୍ଟର ସମର କ୍ୟାମ୍ପ

**କାଏମା,୨୦।୫(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅଧୀନ ନେଉଳପୁରସ୍ଥିତ ନୀଳସୁନ୍ଦର ନୋଡାଲ ହାଇସ୍କୁଲ ପରିସରରେ ଓଡ଼ିଶା ସ୍ପୋର୍ଟସ ଡେଭଲପମେଣ୍ଟ ପକ୍ଷରୁ ଏକ ସମର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହା ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳିମାନେ କୋଚମାନଙ୍କ ଦ୍ୱାରା ବିଭିନ୍ନ ପ୍ରଶିକ୍ଷଣ ନେଇଛନ୍ତି। ରାଜସ୍ଥାନ ଜୋଧପୁରଠାରେ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟସ୍ତରୀୟ ଖେଳ କୁଦରେ ଏହି ଖେଳାଳିମାନେ ଭାଗନେବେ ବୋଲି ସୂଚନା ମିଳିଛି। କ୍ୟାମ୍ପରେ ଯାଜପୁର, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ପୁରୀ ଓ ଜଗତ୍‌ସିଂହପୁର ଜିଲାର କବାଡ଼ି, ଫୁଟବଲ ଓ ଭଲି ଖେଳରେ ୪୬ଜଣ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସ୍ପୋର୍ଟସ ଡେଭଲପମେଣ୍ଟର ସଭାପତି ପ୍ରତାପ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଜଗଦୀଶ ସାମଲ, ନୋଡାଲ ଅଫିସର ଶାନ୍ତନୁ କୁମାର ପୃଷ୍ଟି, ଯୁଗ୍ମ ସମ୍ପାଦକ ସେକ୍ ସାକିର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଓଡ଼ିଶା ସ୍ପୋର୍ଟସ ଡେଭଲପମେଣ୍ଟର ସମର କ୍ୟାମ୍ପ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

# ୪ ଶ୍ରମ କୋଡ୍ ବାତିଲ ଦାବିରେ ଗଣବିକ୍ଷୋଭ



ଯାଜପୁରରୋଡ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଯାଜପୁରରୋଡ୍,୨୦।୫(ପବିତ୍ର ରଞ୍ଜନ ମହାନ୍ତି):**

ମିଳିତ କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନ ଆହ୍ୱାନରେ ଯାଜପୁରରୋଡ୍‌ଠାରେ ଆଇଏନ୍‌ଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି ନେତୃତ୍ୱରେ ୪ ଶ୍ରମ କୋଡ୍ ବାତିଲ ସହ ୧୭ଦଫା ଦାବି ନେଇ ମଙ୍ଗଳବାର ଗଣବିକ୍ଷୋଭ କରାଯାଇଛି। ଷ୍ଟେଶନ ବଜାରଠାରୁ ଶ୍ରମିକ ଓ କର୍ମଚାରୀମାନଙ୍କ ଏକପଟୁଆର ବାହାରି ସହର ପରିକ୍ରମା କରି ଗୋପବନ୍ଧୁ ଛକଠାରେ ପହଞ୍ଚିଥିଲା। ପରେ ସେଠାରେ ଏକ ପ୍ରତିବାଦସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଅନ୍ୟାୟଭାବେ ୪୪ ଶ୍ରମ ଆଇନକୁ ସଂଶୋଧନକରି ୪ ଶ୍ରମ କୋଡ୍ କରିବାକୁ ସଭାରେ ବିରୋଧ କରାଯାଇଥିଲା। ଏଥିସହିତ ସର୍ବନିମ୍ନ ମାସିକ ୨୬ହଜାର ଟଙ୍କା ମଜୁରୀ ପ୍ରଦାନ କରିବା, ୧୨ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟା ଶ୍ରମ ନିର୍ଘଣ୍ଟ କରିବା, ଆକାଶ ଛୁଆଁ ଦରଦାମବୃଦ୍ଧିକୁ ନିୟନ୍ତ୍ରଣ କରିବା ଓ ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକୁ ଘରୋଇ କରଣ ନ କରିବାକୁ ଦାବି କରାଯାଇଥିଲା। ଏହି ଗଣବିକ୍ଷୋଭକୁ ଏକ ଶପଥ ଦିବସ ଭାବେ ପାଳନ କରାଯାଇଥିଲା। ଏଥିରେ ଆଇଏନଟିୟୁସିର ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ଏଆଇୟୁଟିୟୁସିର ଜିଲା ସମ୍ପାଦକ ସୁରେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଆସନ୍ତା ଜୁଲାଇ ୯ରେ ୧୭ଦଫା ଦାବିକୁ ନେଇ ଦେଶ ସାରା ଧର୍ମଘଟକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ନିର୍ମଳ ରଥ, ବିଜୟ ମଲ୍ଲିକ, କେକେସି ନେତା ପଦ୍ମନାଭ ନାୟକ, ରାଜକିଶୋର ମହନ୍ତ, ତ୍ରିଲୋଚନ ରାଉତ, ମଞ୍ଜୁଲତା ପାଲ, ସନାତନ ମହାନ୍ତ, ଚୈତନ୍ୟ ସାହୁ, ମିନାକ୍ଷୀ ମହନ୍ତ, ସୁଢ଼ଳି ଲେଙ୍କା, ବିଦ୍ୟାଧର ଜେନା, ସୁରେଶ ସାହୁ, ମାଳତୀ ହାଁସଦା ଓ ଲାଲମଣି ମୁଣ୍ଡା ପ୍ରମୁଖ ଏହି ପ୍ରତିବାଦ ସଭାରେ ସାମିଲ ହୋଇଥିଲେ।

# ଦୁର୍ଘଟଣାରେ ଗୁରୁତର ଶ୍ରମିକଙ୍କ ମୃତ୍ୟୁ

**ପାଣିକୋଇଲି,୨୦।୫(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇଥିବା ଜଣେ ଶ୍ରମିକଙ୍କ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ବାବାଜୀ ରାଉତ(୫୫)। ସେ ତାଙ୍କ ଅଞ୍ଚଳର ରାଜମିସ୍ତ୍ରୀଙ୍କ ସହିତ ଆସି ଶ୍ରମିକଭାବେ କାମ କରୁଥିଲେ। ବାବଜୀ ବୈତରଣୀରୋଡ ବଜାରକୁ ଯାଇ ସନ୍ଧ୍ୟାରେ ଅମୃତିଆ ପାଣିକୋଇଲି ରାସ୍ତାଦେଇ ଚାଲିଚାଲି ଫେରୁଥିବାବେଳେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଠିକାଦାର ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

**ବରୀ,୨୦।୫(ମହେନ୍ଦ୍ର ସ୍ୱାଇଁ):**

ବରୀ ଶିକ୍ଷା ମଣ୍ଡଳ ଅଧୀନ କନକଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ମା'କନକଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିବା ପରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ଦଳେଇ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର, ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ପରିଡ଼ା, ଅମିୟ ସାମଲ, ସୁରେଶ ଚନ୍ଦ୍ର ସାମଲ, ବନ ବିହାରି ମହାନ୍ତି, ମାଧବାନନ୍ଦ ସାହୁ, ପ୍ରହ୍ଲାଦ ନାୟକ, ସୂର୍ଯ୍ୟମଣି ପଣ୍ଡା, ଗୌରାଙ୍ଗ ନାଥ ଶର୍ମା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉନ୍ନତି କାମନା କରିଥିଲେ। ସ୍ମୃତି ରଞ୍ଜନ ପଢ଼ିହାରୀ, ସୁବ୍ରତ କଣ୍ଡ, ତାପସ ଦାସ, ଶଶିକାନ୍ତ ନାୟକ, ଦେବବ୍ରତ ରାଉତ, ପ୍ରଭାତ ପଢ଼ିହରୀ, ଦେବାଶିଷ ସାମଲ, ସୁମିତ୍ରା ଯାଦବ, ମାନସୀ ଧଳ, ସ୍ମିତା ସାହୁ, ସୌମ୍ୟରଞ୍ଜନ ନାୟକ, ରଶ୍ମିତା ବେହେରାଙ୍କ ସମେତ ବ୍ୟାଚର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ମା' ତାରିଣୀଙ୍କ ମନ୍ଦିରରୁ ଚୋରି

**ଯାଜପୁର ଟାଉନ,୨୦।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଥାନା ବିଚିତ୍ରପୁର ପଞ୍ଚାୟତ ଲଳିତେଶ୍ୱରନଗର ଅଞ୍ଚଳରେ ଥିବା ମା'ତାରିଣୀଙ୍କ ମନ୍ଦିରରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ମା'ଙ୍କ ରୂପା ମୁକୁଟ, ଚିତା, ଆଖି, କାନଫୁଲ, ହାର ସମେତ ଆସବାସ ପତ୍ର ଚୋରି କରି ନେଇଛନ୍ତି। ଏନେଇ ମଙ୍ଗଳବାର ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ସୁବାସ ଚନ୍ଦ୍ର ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିଛି ଦିନ ତଳେ ଦୁର୍ବୃତ୍ତ ମା'ଙ୍କ ଦାନବାକ୍ସ ଚୋରି କରି ନେଇ ଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ଗତ କିଛିଦିନ ତଳେ ଲଳିତେଶ୍ୱର ନଗର ଅଞ୍ଚଳରୁ ଗୋଟିଏ ରାତିରେ ୩ଟି ଚୋରି ହୋଇଥିଲା। ଏନେଇ ଯାଜପୁର ଥାନାରେ ୩ ମାମଲା ରୁଜୁ ହୋଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଅନ୍ୟପକ୍ଷରେ ଅଞ୍ଚଳରେ ଚୋରି ବଢୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ଭାଜପା ପକ୍ଷରୁ ୨୩ରେ ତ୍ରିରଙ୍ଗା ଶୋଭାଯାତ୍ରା

ଯାଜପୁର ଟାଉନ,୨୦।୫(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଅପରେଶନ ସିନ୍ଦୂରର ସଫଳତାକୁ ନେଇ ଯାଜପୁର ଭାଜପା ପକ୍ଷରୁ ଆସନ୍ତା ୨୩ତାରିଖରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏନେଇ ଭାଜପାର ପୂର୍ବତନ ଜିଲା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଭାଜପା କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁରସହର ଗାନ୍ଧୀଛକ ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ସେନାର ମନୋବଳ ଦୃଢ଼ କରାଇବା ପାଇଁ ଶୋଭାଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଛି। ଏଥିରେ ଯାଜପୁର ସହରର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ସମେତ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ବିପୁଳ ସଂଖ୍ୟାରେ ଉପସ୍ଥିତ ରହିବାକୁ ରାୟ ଅନୁରୋଧ କରିଛନ୍ତି।

# ମିଳିଲା ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି

**ଧର୍ମଶାଳା,୨୦।୫(ବଟକୃଷ୍ଣ ପରିଡ଼ା):**

ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ପ୍ରଦାନର ୪୫ ଦିନ ପରେ ସୋମବାର ପ୍ରଥମ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ମାର୍ଚ୍ଚ ୩୦ରେ ଅନ୍ତ୍ୟୋଦୟ ଗୃହ ଯୋଜନା ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପରେ ସବୁ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟାଦେଶ ପାଇବାର ଦେଢ଼ ମାସ ପରେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦକୁ ୪୦ହଜାର ଟଙ୍କା ଲେଖାଏ ରାଜ୍ୟ ସରକାର ପ୍ରଦାନ କରିଛନ୍ତି।

ଧର୍ମଶାଳା ବ୍ଲକ୍‌ର ମୋଟ ୬୭୩ ଜଣଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪୮୧ ଜଣଙ୍କ ବ୍ୟାଙ୍କ୍ ଖାତାକୁ ୪୦ ହଜାର ଟଙ୍କା ଲେଖାଏ ଆସିଛି। ପୁଣି ଦ୍ୱିତୀୟ ଦଫାରେ ଏହି ବ୍ଲକକୁ ୧୧୪ ଜଣଙ୍କୁ

**ଅତିରିକ୍ତ ସହାୟତା ରାଶି ମିଳିବା ଆଶା କ୍ଷୀଣ**

ଚୟନ ପାଇଁ ଟାର୍ଗେଟ ମିଳିଛି। ପ୍ରଥମ ଦଫାର ବଳକା ୧୯୨ ଜଣ ପ୍ରଥମ କିସ୍ତି ପାଇବା ପରେ ପୁନର୍ବାର ୧୧୪ ପାଇଁ ସର୍ଭେ ଆରମ୍ଭ ହେବ ବୋଲି ବିଡିଓ ଜ୍ୟୋତିର୍ମୟ କର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀ ୪ମାସରେ ଗୃହ ନିର୍ମାଣ ଶେଷ କଲେ ୨୦ ହଜାର ଓ ୬ମାସରେ ଶେଷ କଲେ ୧୦ ହଜାର ଟଙ୍କା ଅତିରିକ୍ତ ସହାୟତା ରାଶି ପ୍ରଦାନ କରାଯିବାର ନିୟମ ରହିଛି। ମାତ୍ର ବିଳମ୍ବରେ ପ୍ରଥମ କିସ୍ତି ଦିଆଯାଇଥିବାରୁ ଅତିରିକ୍ତ ସହାୟତା ରାଶି ମିଳିବା ଆଶା କ୍ଷୀଣ ବୋଲି ବହୁ ହିତାଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଏହି ଯୋଜନା ଘୋଷଣା କରିବା ପରେ ସର୍ଭେ ଜରିଆରେ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ୪୫ ପଞ୍ଚାୟତରୁ ୧୫ ଜଣ ଲେଖାଏ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଦୁଇଟି ପଞ୍ଚାୟତରେ ୧୪ଜଣ ଲେଖାଏ ଯୋଗ୍ୟ ବିବେଚିତ ଆଧାରରେ ମୋଟ ୬୭୫ ଜଣ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୭୩ ଜଣଙ୍କୁ ମାର୍ଚ୍ଚ ୩୦ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ହେଲେ ପ୍ରଥମ କିସ୍ତି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସୁ ନ ଥିବାରୁ ସେମାନଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି ହୋଇଥିଲା। ଆଗକୁ ବର୍ଷା ଦିନ ଆସୁଥିବାରୁ କିପରି ଗୃହ କାର୍ଯ୍ୟ ଆରମ୍ଭ କରିବେ ତାକୁ ନେଇ ହିତାଧିକାରୀ ଦ୍ୱନ୍ଦରେ ରହିଥିଲେ।

# ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ଗଣଧାରଣା

**ଚଣ୍ଡିଖୋଲ,୨୦।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲଠାରେ ଥିବା ଯାଜପୁର ଜିଲା ଜଳଯୋଗାଣ ଓ ପରିମଳ କାର୍ଯ୍ୟାଳୟ ଆଗରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଯାଜପୁର ଶାଖା ପକ୍ଷରୁ ମଙ୍ଗଳବାର ଗଣଧାରଣା ଦିଆଯାଇଛି। ସଂଘର ରାଜ୍ୟ ସମ୍ପାଦକ ଶ୍ରୀବତ୍ସ ବେହୁରାଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ବଦଳି ଆଦେଶ ବାତିଲ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଆଦି ୬ ଦଫା ଦାବିନେଇ ଏହି ଗଣଧାରଣା ଦିଆଯାଇଛି। ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେହୁରାଙ୍କୁ କାରଣଦର୍ଶାଅ ନୋଟିସ ନ ଦେଇ ସୁକିନ୍ଦାରୁ ରସୁଲପୁରକୁ ବଦଳି କରିବା, କର୍ମଚାରୀଙ୍କ ଜୀବନ ବୀମା ଅର୍ଥ ଜମା ନ କରିବା, ୬ମାସରୁ ଊର୍ଦ୍ଧ୍ୱ ହେବ ଇପିଏଫ୍ ଅର୍ଥ ଜମା ନ କରିବା, ମହଙ୍ଗା ଭତ୍ତା ପ୍ରଦାନ ନ କରିବା,



ଯାଜପୁର ଜିଲା ଜଳଯୋଗାଣ ଓ ପରିମଳ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଥିବା କର୍ମଚାରୀମାନେ।

ମୃତ୍ୟୁକାଳୀନ ଅନୁକମ୍ପା ସହାୟତା ରାଶି ପ୍ରଦାନ ନ କରିବା ଆଦି ଦାବି ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗଣଧାରଣା ଦେବାକୁ କର୍ମଚାରୀ ବାଧ୍ୟ ହେଲେ ବୋଲି କହିଛନ୍ତି। ସଂଘ ପକ୍ଷରୁ ଯାଜପୁର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଇଆଇସି ଭୁବନେଶର, କଟକ ମଣ୍ଡଳ ମୁଖ୍ୟଯନ୍ତ୍ରୀ ଓ ଯାଜପୁର ଶ୍ରମ ଅଧିକାରୀଙ୍କ ୨ ଥର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ହୋଇଛି। ସଂଘ ରାଜ୍ୟ ସଭାପତି ପ୍ରଶାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ଅଶୋକ ମୁଦୁଲି ଓ ଯାଜପୁର ଜିଲା ସମ୍ପାଦକ ଧନେଶ୍ୱର ବାରିକଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଶାନ୍ତିପୂର୍ଣ୍ଣ ଗଣଧାରଣାରେ ସାମିଲ ହୋଇଥିବା କହିଛନ୍ତି। ଯଦି ସମସ୍ୟା ଗୁଡ଼ିକର ଆଶୁ ସମାଧାନ କରା ନ ଯାଏ ତେବେ ରାଜ୍ୟବ୍ୟାପୀ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ରାଜନଗରରେ ନୂତନ ତହସିଲଦାର

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ତହସିଲରେ ନୂତନ ତହସିଲଦାର ଭାବେ ମଙ୍ଗଳବାର ଯୀଶୁକ୍ରିଷ୍ଟ ଦାସ ଯୋଗ ଦେଇଛନ୍ତି। ଦାସ ପୂର୍ବରୁ ନବରଙ୍ଗପୁର ଜିଲା ସବ୍‌ରେଜିଷ୍ଟ୍ରର ଅଫିସର ଭାବେ କାର୍ଯ୍ୟ କରୁଥିଲେ। ରାଜନଗର ତହସିଲଦାର ଅମୀୟ କେତନ ସ୍ୱାଇଁଙ୍କ କେନ୍ଦ୍ରାପଡା ଜିଲା ମୁଖ୍ୟାଳୟକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି। ରାଜନଗରର ନୂତନ ତହସିଲଦାର ଭାବେ ଦାସ ଯୋଗଦେବା ପରେ ତହସିଲର କର୍ମଚାରୀମାନେ ସ୍ୱାଗତ କରିଛନ୍ତି।

# ଗାଁ ଅନ୍ଧାର: ଆଲୁଅ ଅର୍ଥ ଚଳୁ

**ପଟ୍ଟାମୁଣ୍ଡାଇ, ୨୦।୫ (କଳ୍ପତରୁ ନାୟକ)**



ସୋଲାର ଥିବାବେଳେ ଲାଇଟ୍ ଚୋରି ହୋଇଯାଇଛି।

- ଜଳୁନି ଷ୍ଟ୍ରିଟ୍ ଲାଇଟ୍, ବଢ଼ୁଛି ଅସନ୍ତୋଷ
- ଚୋରି ହୋଇଗଲାଣି ଲାଇଟ
- ପ୍ରଶାସନର ନାହିଁ ନିଘା

ଅନ୍ଧକାରରୁ ମୁକ୍ତି ପାଇଁ ଗାଁ ଗାଁରେ ଷ୍ଟ୍ରିଟ ଲାଇଟ୍ ଲାଗିଥିଲା। ମାତ୍ର କିଛିଦିନ ଜଳିବା ପରେ ତାହା ବନ୍ଦ ହୋଇଯାଇଛି ଓ ଅନେକ ଚୋରି ହୋଇଛି। ଏଭଳି ଘଟଣା ପଟ୍ଟାମୁଣ୍ଡାଇ ବ୍ଲକର ଅନେକ ପଞ୍ଚାୟତରେ ଦେଖିବାକୁ ମିଳିଛି। ଅନେକ ଗାଁରେ ଆଉ ଜଳୁନି ଷ୍ଟ୍ରିଟ୍ ଲାଇଟ। ଗାଁରେ ବିଦ୍ୟୁତୀକରଣ ପାଇଁ ସରକାରଙ୍କ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ଯୋଜନା ସମ୍ପୂର୍ଣ୍ଣ ସଫଳ ହୋଇ ନ ଥିବା ଏହା ପ୍ରମାଣିତ କରୁଛି। ଗାଁ ଅନ୍ଧାରରେ ରହୁଥିବା ବେଳେ ଆଲୋକୀକରଣ ଅର୍ଥକୁ ଚଳୁ କରି ଦେଇଛନ୍ତି। ଯାହାକୁ ନେଇ ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଅଜୟ ନାୟକ କହିଛନ୍ତି, ରାଜ୍ୟ ସରକାର ଗାଁ ଗହଳିଠାରୁ ଆରମ୍ଭ କରି ଛକ ବଜାର ସବୁସ୍ଥାନରେ ଆଲୋକୀକରଣ ନିମନ୍ତେ ୨୦୨୧-୨୨ରେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଦ୍ୱାରି ଆଲୋକୀକରଣ ନିମନ୍ତେ ଷ୍ଟ୍ରିଟ ଲାଇଟ ଲଗାଯାଇ ଗ୍ରାମଗୁଡିକ ଆଲୋକିତ କରାଯାଇଥିଲା। ସେଥି ମଧ୍ୟରୁ ଖଡିଅଣ୍ଟା ପଞ୍ଚାୟତରେ ମଧ୍ୟ ସୋଲାର ଷ୍ଟିଟ ଲାଇଟ ଲଗାଯାଇଥିଲା। ଖଡିଅଣ୍ଟା-ଆମ୍ବେର, ସିମିଳିଆ, ନଳଢ଼ଳିଆ, ଖଡିଅଣ୍ଟା ପୋଲରୁ ଓସଙ୍ଗରା ବନ୍ଧ ଓ ବାଇପଦା ଜିଗରଣ ପ୍ରଭୃତି ଗ୍ରାମରେ ସୋଲାର ଷ୍ଟ୍ରିଟ ଲାଇଟ ଲଗାଯାଇଥିଲା। ଏଥିନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର କିଛିଦିନ ହେବ ଲାଗିଥିବା ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଅନେକ ସୋଲାର ଲାଇଟ ସିଷ୍ଟମ ଚୋରି ହୋଇଗଲାଣି। ଫଳରେ ଏହିସବୁ ସ୍ଥାନ ସମ୍ପୂର୍ଣ୍ଣ ଭାବେ ଅନ୍ଧାର ରହିଛି। ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାଜିକ କର୍ମୀ ଚିତ୍ତ ମଲିକ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଅଞ୍ଚଳର ଅମୃତମଣୋହୀ, ବଲୁରିଆ, ଅଣ୍ଡରା ଓ ସିଂହଗାଁ, ଅଳପୁଆ, ପେଣ୍ଡପାଳ, ତରଡିପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ କିଛି ମାସ ପୂର୍ବେ ଷ୍ଟ୍ରିଟ ଲାଇଟ ଲାଗିଥିଲା। ମାତ୍ର ଏବେ ସେସବୁ ବ୍ୟାପକ ଭାବେ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଗତ ଶନିବାର ସନ୍ଧ୍ୟାରେ ଅମୃତମଣୋହୀ ଶାନ୍ତିପଡ଼ାରେ ଥିବା ଷ୍ଟ୍ରିଟ ଲାଇଟକୁ ଦୁର୍ବୃତ୍ତମାନେ ଖୋଲି ନେଇଯାଇଛନ୍ତି। ଏ ନେଇ ଗ୍ରାମବାସୀ ଚଉଦକୁଲାଟ ଫାଣ୍ଡିରେ ଅବଗତ କରିଛନ୍ତି। ସେହିପରି ନାହିଆଡିଆ ବ୍ରାହ୍ମଣୀ ସେତୁକୁ ଆଲୋକୀକରଣ ପାଇଁ ସରକାରୀ ଅନୁଦାନରେ ସୌର ଚାଳିତ ଷ୍ଟ୍ରିଟ ଲାଇଟ ଲାଗିଥିଲା। ବର୍ତ୍ତମାନ ସେଠାରେ ଗୋଟିଏ ବି ଷ୍ଟିଟଲାଇଟ ନାହିଁ। ସେହିପରି ବଡ଼ପଡ଼ା, ମୋହନପୁର, ଡାମରପୁର, ଶାସନ, ଅରଡପଲ୍ଲୀ, ସାନକରିଆ, ଓଡପଦା, ଚନ୍ଦନନଗର, ନରସିଂହପୁର, ଡିଆପଡ଼ା ଭଳି ଅନେକ ପଞ୍ଚାୟତର ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି। ପ୍ରବୀର ନାୟକ କହିଛନ୍ତି, ୨୦୨୨ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମୀଣ ବିକାଶ ଯୋଜନାରେ ଆଲୋକୀକରଣରେ ଗ୍ରାମ ପଞ୍ଚାୟତଗୁଡିକୁ ସ୍ୱତନ୍ତ୍ର ଅନୁଦାନ ଦେଇଥିଲେ। ସେତେବେଳର ପଞ୍ଚାୟତ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି ପାଇଁ ଅନୁଦାନର ସିଂହଭାଗ ଅର୍ଥ ବାଟମାରଣା ହୋଇଯାଇଥିବା ବେଳେ ନିମ୍ନମାନର ଲାଇଟ ଲଗାଯାଇଥଲା। ଫଳରେ ସେଗୁଡ଼ିକ ଅଳ୍ପଦିନରେ ଅଚଳ ହୋଇପଡିଥିବା ହେତୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ସହ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଗ୍ରାମପଞ୍ଚାୟତ କି ବ୍ଲକ ପ୍ରଶାସନ ଆଦୌ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥର ଦୁରୁପଯୋଗ ହେତୁ ଏହି ସମସ୍ୟା ଲାଗି ରହିଥିଲେ ହେଁ ପଞ୍ଚାୟତଗୁଡିକ ଲଗାମହୀନ ଭାବେ କାର୍ଯ୍ୟକୁ ଜିଲା କିମ୍ବା ବ୍ଲକ ସ୍ତରରେ ନିୟନ୍ତ୍ରଣ କରାଯାଇପାରୁନାହିଁ। ଏ ସଂକ୍ରାନ୍ତରେ ପିଡି ଅଜାମ୍ବର ମହାନ୍ତିଙ୍କୁ ପଚାରିବାରେ ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟ ଲାଇଟର ରକ୍ଷଣାବେକ୍ଷଣର ଦାୟିତ୍ୱ ସରପଞ୍ଚଙ୍କୁ ଦିଆଯାଇଛି। ଯଦି ବଲ୍‌ବ ଫିଉଜ ହେବ ତେବେ ସରପଞ୍ଚ ତାକୁ ଲଗାଇବେ। ଯଦି କେଉଁଠାରେ ଲାଇଟ ଚୋରି ହେଉଥାଏ ତେବେ ସରପଞ୍ଚ ଥାନାରେ ଏତଲା ଦେବା କଥା। ଏ ଦିଗରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ୨୨ରେ ବାବା ବଳିଆଙ୍କ ଭାଗବତ କଥାମୃତ



ଖବରଦାତା ସମ୍ମିଳନୀରେ ଭାଗବତ କଥାମୃତ ସମ୍ପର୍କରେ ସୂଚନା ଦିଆଯାଉଛି।

**କେନ୍ଦ୍ରାପଡ଼ା, ୨୦।୫ (ଜଗନ୍ନାଥ ଧଳ)**

ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଭାଗବତ କଥାମୃତ ଡେରାବିଷ ବ୍ଲକ ଉଦୟନଗରସ୍ଥ ଲ କଲେଜ ନିକଟରେ ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଭବ୍ୟ ଆଧ୍ୟାତ୍ମିକ ସଭାର ପ୍ରସ୍ତୁତି ସମ୍ପର୍କରେ ଆୟୋଜକ କେନ୍ଦ୍ରାପଡ଼ାର ଅନନ୍ତ ବଳିଆ ସଂଘ ଓ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସହରର ଗୋପସ୍ଥିତ ରାମମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାବାଜୀ ପ୍ରଣବାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପଦ୍ମଶ୍ରୀ ବାବା ବଳିଆଙ୍କ ଆଭିମୁଖ୍ୟ ଓ ଏହି ସମାବେଶ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିରେ ବାବାଜୀ ପରମାତ୍ମା ଦାସ, ସଂକୀର୍ତ୍ତନ ମହାସଂଘ ସଭାପତି ନବଘନ ନାୟକ, ପ୍ରସନ୍ନ କୁମାର ପରିଡା ଯୋଗ ଦେଇଥିଲେ। ସେମାନେ କହିଥିଲେ, ସମ୍ପ୍ରତି ଶାନ୍ତି, ସଦ୍‌ଭାବନା, ସଂହତି, ସଦାଚାର, କରୁଣା, ପ୍ରେମ ଆଦି ମଣିଷ ମନରୁ ଅପସରି ଯାଉଛି। ସମ୍ପର୍କର ମୂଲ୍ୟବୋଧ ଓ ସୁରକ୍ଷା କମିଯାଉଛି। ସେହିପରି ପ୍ରକୃତି ଓ ପରିବେଶ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସମାଜରେ ବୃଦ୍ଧାବୃଦ୍ଧ, ମହିଳା ଅବହେଳିତ। ଏହାକୁ ଭାଗବତ କଥାମୃତରେ ପୂଜ୍ୟପୂଜକ ବାବା ବଳିଆ ଧ୍ୟେୟ କରି ସହଜ ସରଳ ଜୀବନଯାପନ ପାଇଁ ଆର୍ଶିବଚନ ଦେବେ। ସେହିପରି ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ସହରର ତିନିମୁହାଣୀଠାରୁ ଲ କଲେଜ ସମାବେଶ ପର୍ଯ୍ୟନ୍ତ ଅପରାହ୍ନ ୫ଟାରେ ଶୋଭାଯାତ୍ରାରେ ଯିବେ। ଭାଗବତ କଥାମୃତ ଆସନ୍ତା ୨୨, ୨୩ ଓ ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ସମ୍ମିଳନୀକୁ ପ୍ରଜ୍ଞାନନ୍ଦ ଦାସ, ନିରାକାର ସ୍ୱାଇଁ ଓ ଅଭୟ ଶତପଥୀ ପରିଚାଳନା କରିଥିଲେ।

## ନିଆଁ ଲାଗି ଦୋକାନ ପୋଡ଼ି ପାଉଁଶ

**ପଟ୍ଟାମୁଣ୍ଡାଇ, ୨୦।୫ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବେଲତଳ ଚୂନଡ଼ିଅ ବିଦ୍ୟୁତ ଗ୍ରୀଡ଼ ସମ୍ମୁଖରେ ଥିବା ଜଳଖିଆ ଓ ଷ୍ଟେସନାରୀ ଦୋକାନ ସୋମବାର ରାତିରେ ପୋଡ଼ି ପାଉଁଶ ହୋଇଯାଇଛି। ଦୋକାନରେ ଥିବା ଗ୍ୟାସ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ ଫ୍ରିଜ ସମେତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପ୍ରାୟ ୯୦ ହଜାର ଟଙ୍କା ସମ୍ପତ୍ତି ନଷ୍ଟ ହୋଇଥିବା ସରକାରୀ ଭାବେ ଜଣାପଡିଛି। ତେବେ କେହି ଦୁର୍ବୃତ୍ତ ଦୋକାନ ଘରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରୁଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

## ପରଘରୁ ମାଗିଯାଚି ପେଟ ପୋଷୁଛନ୍ତି ମା'



ସୁନିତି ପଞ୍ଚାୟତ ଖରିଅଣ୍ଟା ଗ୍ରାମର ବୃଦ୍ଧା ଗୌରୀ ପଲାଇ।

### ୬ ପୁଅ ଥାଇ ପଚାରୁ ନ ଥିବା ଅଭିଯୋଗ

**ମହାକାଳପଡ଼ା, ୨୦।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ମା'ଟିଏ ଚାହେଁ ମୋ ପରିବାର ପିଲାମାନେ ଭଲରେ ରୁହନ୍ତୁ। ମା'ଙ୍କ ଆଶୀର୍ବାଦ ପିଲାମାନଙ୍କ ପାଖରେ ଥାଏ। ହେଲେ ମା' ବୟସର ଅପରାହ୍ନରେ ପହଞ୍ଚିଲା ବେଳେ ସାହାର ଦେବା ପରିବର୍ତ୍ତେ ଝିଅ ଓ ପୁଅ ଭୁଲି ଯାଉଛନ୍ତି। ନିଜ ସ୍ୱାମୀ ଆରପାରିକୁ ଚାଲିଗଲା ପରେ ମା'ର ଭରସା କେହି ନାହାନ୍ତି। ମା' ନିଜ ପିଲାମାନଙ୍କୁ ବଢ଼େଇ କୁଢ଼େଇ ବଡ଼ ମଣିଷ କରି ବିବାହ ଦେବା ପରେ ସେମାନେ ଘର ସଂସାର କରି ପରିବାର ସହିତ ଭଲରେ ଦିନ କାଟୁଛନ୍ତି। ହେଲେ ଜନ୍ମ ଦେଇଥିବା ମା'ଙ୍କୁ ଭୁଲି ଯାଉଛନ୍ତି। ଅନେକ ମା'ବାପା ପରିବାରରେ ଅବହେଳିତ ହୋଇ ବୃଦ୍ଧାଶ୍ରମରେ ଶେଷ ସମୟ କାଟୁଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତର ଖରିଅଣ୍ଟା ଗ୍ରାମର ଗୌରୀ ପଲାଇ (୮୦)ଙ୍କ କ୍ଷେତ୍ରରେ। ସ୍ୱାମୀ ଆରପାରିକୁ ଚାଲିଗଲା ପରେ ଗୌରୀ ଅସହାୟ ଅବସ୍ଥାରେ ପଡ଼ିରହିଛନ୍ତି। ନିଜ ଜନ୍ମ କଲା ୬ ପୁଅ ବିବାହ କରିବା ପରେ ମା'ଙ୍କୁ ସାତପର କରି ଦେଇଛନ୍ତି। ମା' ବାଧ୍ୟ ହୋଇ ପଡ଼ିଶା ଘରୁ ମାଗିଯାଚି ପେଟ ପୋଷୁଛନ୍ତି। ମା' ଗୌରୀଙ୍କ କହିବା କଥା ୬ ପୁଅଙ୍କୁ ଜନ୍ମ ଦେଇଛି। ବଡ଼ ହେବା ପରେ ମା'ଙ୍କୁ ଆଉ ପଚାରିଲେ ନାହିଁ। ସାହି ପଡ଼ିଶା, ଗାଁରୁ ମାଗି ଯାଚି ଆଣି ଶାଗ ପଖାଳ ଖାଇ ଜୀବନ ବଞ୍ଚାଇଛି। ଝଡ଼ବର୍ଷା, ବାତ୍ୟାରୁ ଜୀବନ ରକ୍ଷା ପାଇଁ ଘର ଖଣ୍ଡେ ନିମନ୍ତେ ପଡ଼ିଶାଙ୍କୁ ଡାକି ଖୁଣ୍ଟ ପୋତି ୪ ଖଣ୍ଡ ଆଜବେଷ୍ଟସ ପକାଇଛି। ଚାରିପଟେ ଜରି ପାଲ ଘେରାଇଛି। ଧୀରେ ଧୀରେ ମାଟି ଚକଟି କାନ୍ଥ ଏବେ ଦେଉଛି। କେତେବେଳେ ଜୀବନ ଯିବ କିଏ କହିବ। କିଛିମାସ ପୂର୍ବରୁ ପୁଅମାନେ ପଚାରୁ ନ ଥିବରୁ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲି। ହେଲେ କିଛି ନ୍ୟାୟ ମିଳିଲା ନାହିଁ ବୋଲି ଗୌରୀ କହିଛନ୍ତି। କିନ୍ତୁ ଉଚ୍ଚତମ ନ୍ୟାୟାଳୟ ବୃଦ୍ଧାବୃଦ୍ଧ ମା'ବାପାଙ୍କୁ ଝିଅପୁଅମାନେ ନ ପୋଷିଲେ ତାଙ୍କର ଭୂସମ୍ପତ୍ତି ପାଇବାରୁ ବଞ୍ଚିତ ରହିବେ ବୋଲି ଉଲ୍ଲେଖ ରହିଛି। କିନ୍ତୁ ଏଠାରେ ପ୍ରଶାସନ ଜଣେ ବୃଦ୍ଧାଙ୍କ ଅଭିଯୋଗକୁ ଗ୍ରହଣ କରି ପଦକ୍ଷେପ ନ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଖରିଅଣ୍ଟା ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତନ୍ତିଆପାଳ ସାମୁଦ୍ରିକ ଥାନା ଆଇଆଇସି କିଶୋର ଚନ୍ଦ୍ର ତରାଇଙ୍କୁ ପଚାରିବାରେ ପୁଅମାନଙ୍କୁ ଡାକି ବୁଝାଇବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

## ପଟ୍ଟାମୁଣ୍ଡାଇରେ ଏଆଇସିସିଟିୟୁର ବିକ୍ଷୋଭ




ପଟ୍ଟାମୁଣ୍ଡାଇ ବାଇପାସ ଆମ୍ବେଡକର ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପଟ୍ଟାମୁଣ୍ଡାଇ, ୨୦।୫(କଳ୍ପତରୁ ନାୟକ)**

ଆକାଶଛୁଆଁ, ଦରଦାମ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ଶ୍ରମିକମାରଣ ନୀତି ସର୍ବୋପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଏଆଇସିସିଟିୟୁ ଜିଲା କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ଆଞ୍ଚଳିକ କମିଟି ସହଯୋଗରେ ପଟ୍ଟାମୁଣ୍ଡାଇ ବାଇପାସ ଆମ୍ବେଡକର ପ୍ରତିମୂର୍ତ୍ତି ନିକଟରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଟ୍ଟାମୁଣ୍ଡାଇ ମହାବୀର ବଜାର ପାର୍ଟି କାର୍ଯ୍ୟାଳୟରୁ ଦଳର କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ବାଇପାସ ଆମ୍ବେଦକର ପ୍ରତିମୂର୍ତ୍ତୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିପିଆଇଏମ୍‌ଏଲ ନେତା ସଞ୍ଜୀବ ରାଉତଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ଏଆଇସିସିଟିୟୁ ଜିଲା ସମ୍ପାଦକ ବସନ୍ତ ମଲିକ, ପ୍ରକାଶ ମଲିକ, ଶତ୍ରୁଘ୍ନ ରାଉତ, ଅଶୋକ ଦାସ, ଶ୍ରୀକାନ୍ତ ଲେଙ୍କା, ବିପିନ ସାହାଣୀ, ସୁବାସ ସୂତାର, ବଂଶୀଧର ସେଠୀ ପ୍ରମୁଖ ବହୁ ସିପିଆଇଏମଏଲ ନେତା କର୍ମୀ ଓ ଚାଷୀ ମୂଲିଆ ଯୋଗ ଦେଇଥିଲେ।

## ପଟ୍ଟାମୁଣ୍ଡାଇର ନୂତନ ସବ୍‌ଜଜ୍‌ଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ, ୨୦।୫(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ କୋର୍ଟର ନୂତନ ସିନିୟର ଡିଭିଜନ ସିଭିଲ ଜଜ୍ ଭାବେ ବିଚାରପତି ଅପୂର୍ବା ମହାନ୍ତି ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ଆଇନଜୀବି ପୂର୍ବତନ ଓକିଲ ସଂଘ ସଭାପତି ବିଜ୍ଞାନ ମିହିର ଜେନା, ଆଇନଜୀବୀ କ୍ଷୀରୋଦ ପ୍ରଧାନ, ପ୍ରମୋଦ ସାହୁ, ସୁଶୀଲ ଦାଶ, ସୌମ୍ୟରଞ୍ଜନ ଧଳ, ରାଜେନ୍ଦ୍ର ମିଶ୍ର, ଅଭିରାମ କୁଣ୍ଡ, ଭବାନୀ ଶଙ୍କର ପଣ୍ଡା, ରମେଶ ପରିଡା, ବିଦ୍ୟାଧର ଦାଶ, ଶରତ ମଲିକ, ସୁଧୀର ଦାସ, ସୁଶାନ୍ତ ସାମଲ, ରିତାଳୀ ଦାଶ, ସୁମନ୍ତ ମାଝି, ବିଶ୍ୱନାଥ ରାଉତ ଓ ଶୁଭଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ବହୁ ବିଚାରପତି ଅପୂର୍ବାଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ ଜଣାଇଥିଲେ।



ବିଚାରପତି ଅପୂର୍ବା ମହାନ୍ତିଙ୍କୁ ଆଇନଜୀବୀମାନେ ସ୍ୱାଗତ କରୁଛନ୍ତି।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା, କମ୍ପ୍ୟୁଟର ଶିକ୍ଷାର ସାର୍ଟିଫିକେଟ ବିତରଣ

**ରାଜକନିକା, ୨୦।୫(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ଏସ୍. କେ. ଚାରିଟେବୁଲ ଟ୍ରଷ୍ଟ, ବରାଡିଆ ପକ୍ଷରୁ ସ୍ଥାନୀୟ ଅଶୋକ ବଜାର ସ୍ଥିତ ଏକ ମଣ୍ଡପରେ ମଙ୍ଗଳବାର ଚଳିତବର୍ଷ ମାଟ୍ରିକ ବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସହ ମୁକ୍ତ କମ୍ପ୍ୟୁଟର ଶିକ୍ଷାର ସାର୍ଟିଫିକେଟ ବିତରଣ କରାଯାଇଛି। ନିଜ ଶୈକ୍ଷିକ ବାଗ୍ମୀତାକୁ ସମାଜର କଲ୍ୟାଣରେ ଉତ୍ସର୍ଗ କରି ଗାରିମା ସାଉଁଟିବାକୁ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ କନିକା ପୂଜ୍ୟପୂଜା ଅନୁଷ୍ଠାନର ସମ୍ପାଦକ କପିଳ ଚରଣ ମିଶ୍ର ଯୋଗଦେଇ ଗଳ୍ପ ମାଧ୍ୟରେ ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ସବ୍ୟସାଚୀ ଶତପଥୀ ଓ ସାମାଜିକ କର୍ମୀ ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ସମୀର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସିଲୁ କୁମାର ସିଂହ ଓ ଟ୍ରଷ୍ଟି ପ୍ରତାପ ସିଂହ ଟ୍ରଷ୍ଟର ଉଦ୍ଦେଶ୍ୟକୁ ସାର୍ବଜନୀନ କରିବା ସହ ବ୍ଲକର ୨ ଜଣ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଟ୍ରଷ୍ଟ ପକ୍ଷରୁ ବିଟେକ୍ ଶିକ୍ଷାଦାନ ଦିଆଯାଇ ସ୍ୱାବଲମ୍ବୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୪ ଜଣ ମାଟ୍ରିକ ଏ୧ ର୍‍ୟାଙ୍କ ସହ ୨୧ ଜଣ ମୁକ୍ତ କମ୍ପ୍ୟୁଟର ଶିକ୍ଷାର ସାର୍ଟିଫିକେଟ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ଦିଲୀପ୍ ପରିଡା, ତପନ ପଣ୍ଡା, ସରୋଜ ବେହେରା, ଟ୍ରଷ୍ଟର ସଭ୍ୟ ରଜତ ଦାଶ, ସୁରଜିତ ବିଶ୍ୱାଳ, ପବିତ୍ର ମୋହନ ମିଶ୍ର, ଶୁଭ୍ରଜିତ ବିଶ୍ୱାଳ, ଶ୍ରେୟସ ଦାସ ସହଯୋଗ କରିଥିଲେ। ସମାଜିକ କର୍ମୀ ରଜତ ଦାଶ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଓ ପ୍ରମାଣପତ୍ର ପାଇଥିବା ପିଲାମାନେ।

## ଶିଶିର ମହାପାତ୍ରଙ୍କ ପରଲୋକ

**ପାଟକୁରା ୨୦।୫(ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତ ହରିଦାସପୁର ଗାଁର ଶିଶିର କୁମାର ମହାପାତ୍ର (୫୨)ଙ୍କ ମଙ୍ଗଳବାର ଭୁବନେଶ୍ୱରର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ପାଟକୁରା ବିଜେଡିର ଜଣେ ଆଗଧାଡ଼ିର ସଙ୍ଗଠକ ଓ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଏକାନ୍ତ ଅନୁଗତ ଥିଲେ। ବେଡାରୀ ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମରେ ତାଙ୍କର ବିଶେଷ ଭୂମିକା ଥିଲା। ତାଙ୍କ ପରଲୋକ ଖବରପାଇ ପୂର୍ବତନ ମନ୍ତ୍ରୀ ମହାପାତ୍ର ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଶିଶିରଙ୍କ ପରଲୋକ ଖବର ପାଇ ବିଶେଷ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶୋକସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ଧରିବାକୁ ସାନ୍ତ୍ୱନା ଦେଇଥିଲେ। ଅଧ୍ୟାପକ ରମାକାନ୍ତ ପାଣି ଶିଶିରଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାଶ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ବିଧାୟକଙ୍କ ବ୍ଲକ ପ୍ରତିନିଧି କ୍ଷିତୀଶ ଦାଶ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ବାରିକ, ସମିତି ସଭ୍ୟ ଦିଲୀପ ସାହୁ, ଚିତ୍ତ ରଞ୍ଜନ ଚୌଧୁରୀ, ଗଙ୍ଗାଧର ମିଶ୍ର, ଶୈଳେନ୍ଦ୍ର ମହାନ୍ତି, ଅଶୋକ ଜେନା, ପ୍ରକାଶ ସାହୁ, ପୂର୍ବତନ ବ୍ଲକ ବିଜେଡି ସଭାପତି ବିପିନ ବିହାରୀ ସାମଲ ପ୍ରମୁଖ ଶିଶିରଙ୍କଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାତିରେ ହରିଦାସପୁର ନିକଟ ଚିତ୍ରୋତ୍ପଳା ନଦୀ କୂଳରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକ ମାତ୍ର ପୁତ୍ର ବିଶ୍ୱପ୍ରକାଶ ମୁଖାଗ୍ନି ଦେଇଥିଲେ।

## ବିବାଦୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

### ହରିଅଙ୍କ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତବାସୀଙ୍କ ବ୍ଲକ୍ କାର୍ଯ୍ୟାଳୟ ଘେରାଉ

**ଡେରାବିଶ, ୨୦।୫ (ବେବର୍ତ୍ତା ଅଜୟ ଦାସ)**



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ହରିଅଙ୍କ ପଞ୍ଚାୟତବାସୀ।

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତରେ କାର୍ଯ୍ୟରତ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବଦଳି କରାଯାଇଛି। ତାଙ୍କ ବଦଳରେ ଏହି ପଞ୍ଚାୟତରେ ପୂର୍ବରୁ କାର୍ଯ୍ୟ କରି ବିବାଦୀୟ ହୋଇ ବଦଳି ହୋଇଥିବା କାର୍ଯ୍ୟନିର୍ବାହୀ ଦୁଲାଶିଷ ଗୁପ୍ତାଙ୍କୁ ପୁଣି ଏଠାରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହାକୁ ବିରୋଧ କରି ସରପଞ୍ଚ କନକଲତା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତବାସୀ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ଏକ ଦାବିପତ୍ର ପଞ୍ଚାୟତବାସୀ ପ୍ରଦାନ କରିଛନ୍ତି।

ଦାବିପତ୍ରରେ କାର୍ଯ୍ୟନିର୍ବାହୀ ପ୍ରକାଶ ଚନ୍ଦ୍ର ଦାସ ୨୦୨୪ ନଭେମ୍ବର ୩୦ରେ ବିଡିଓଙ୍କ ଚିଠି ନଂ. ୬୧୫୩ ମାଧ୍ୟମରେ ହରିଅଙ୍କ ପଞ୍ଚାୟତର ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରକାଶଙ୍କ କାର୍ଯ୍ୟ ଶୃଙ୍ଖଳିତ ଓ ବିଭିନ୍ନ ସରକାରୀ ଉନ୍ନୟନ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରୁଥିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ମାତ୍ର ବିଡିଓ ମାର୍ଚ୍ଚ ୭ ତାରିଖରେ ଚିଠି ନଂ. ୧୪୯୧ ମାଧ୍ୟମରେ ପୁନର୍ବାର ପଞ୍ଚାୟତକୁ ଦୁଲାଶିଷ ଗୁପ୍ତାଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ୨୦୧୬ରୁ ଏହି ପଞ୍ଚାୟତରେ ଦୁଲାଶିଷ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦୀର୍ଘ ୮ ବର୍ଷ ଧରି କାର୍ଯ୍ୟ କରି ବିବାଦୀୟ ହୋଇ ପଡିଥିଲେ। ସେ ତାଙ୍କ କାର୍ଯ୍ୟକାଳରେ ଉକ୍ତ ପଞ୍ଚାୟତର ବିଭିନ୍ନ ୱାର୍ଡରେ ଦଲାଲ ନିଯୁକ୍ତ କରି ସରକାରଙ୍କ ବାସଗୃହ ଯୋଜନା, ଭତ୍ତା ଯୋଜନା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥ ହରିଲୁଟ କରିବା, ବିଭିନ୍ନ ଅନିୟମିତତା ଓ ଦୁର୍ନୀତି କରିଥିବା ପଞ୍ଚାୟତବାସୀ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିବା ସହ ବିଡିଓଙ୍କ ନିକଟରେ ଏଭଳି ବିବାଦୀୟ ବ୍ୟକ୍ତିଙ୍କୁ ଉକ୍ତ ପଞ୍ଚାୟତରେ ପୁନଃ ନିଯୁକ୍ତି କିପରି ଦିଆଗଲା ବୋଲି ସରପଞ୍ଚ କନକଲତା ଓ ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରେ ଦୁଲାଶିଷ ମାର୍ଶାଘାଇ ବ୍ଲକରେ କାର୍ଯ୍ୟରତ ଥିବାବେଳେ ତାଙ୍କୁ ଡେପୁଟେଶନରେ ଡେରାବିଶ ବ୍ଲକକୁ ବଦଳି କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଦୁଲାଶିଷଙ୍କୁ ହରିଅଙ୍କ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ତେବେ ଦାବିପତ୍ର ଗ୍ରହଣ କରିବା ସହ ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ବିଡିଓ ବାରିକ କହିଛନ୍ତି। ପ୍ରତିବାଦକାରୀ ପଞ୍ଚାୟତବାସୀ ମଙ୍ଗଳବାର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଭେଟି ଏହି ବିବାଦୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିଯୁକ୍ତିକୁ ବାତିଲ କରିବାକୁ ଦାବି କରିଛନ୍ତି ବୋଲି ପୂର୍ବତନ ସରପଞ୍ଚ ସୁଖଦାନନ୍ଦ କହିଛନ୍ତି। ଏହି ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ପଞ୍ଚାୟତ ନାଏବ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ୱାର୍ଡ ସଭ୍ୟ ରଘୁନାଥ ସାହୁ, ଶିବ ପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ସାମିଲ ହୋଇଥିଲେ।

# ବିବାଦୀୟ ହେଉଛି କଙ୍ଗାରୁ କୋର୍ଟ

## ଜିଲାପାଳଙ୍କୁ ଫେରାଦ୍ ହେଲେ ଦେଉଳି ଗାଁ ଲୋକ

ନୟାଗଡ଼,୨୦ା୫(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ନୂଆଗାଁ ତହସିଲର ଦେଉଳିରେ କଙ୍ଗାରୁକୋର୍ଟ ଓ ବାସନ୍ଦ ଘଟଣା ଧୀରେ ଧୀରେ ବିବାଦୀୟ ହେବାରେ ଲାଗିଛି । ୨ ଡେସିମିଲି ଜମି ଉପରେ ସୃଷ୍ଟ ବିବାଦକୁ ନେଇ ଗାଁଲୋକ ଓ ଅନ୍ୟ ୨ପକ୍ଷ ପକ୍ଷରୁ ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଦାବି ଉଠିଛି । ଘଟଣାର ନିରପେକ୍ଷ ତଦନ୍ତ କରା ନ ଗଲେ ଅଘଟଣକୁ ଏଡା ଯାଇ ନ ପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

ଦେଉଳିରେ କଙ୍ଗାରୁକୋର୍ଟ ଓ ବାସନ୍ଦ ଘଟଣାକୁ ନେଇ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗତ ୧୭ ତାରିଖରେ ଦେଉଳି ଗାଁର ପ୍ରଫୁଲ ସାହୁଙ୍କ ପରିବାର ଧାରଣା ଦେଇଥିଲେ ।ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ଧାରଣା ହଟିଥିଲା । ଦେଉଳିର ପୁଷ୍ପାଞ୍ଜଳି ସାହୁଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ପ୍ରଫୁଲ୍ଲ ସାହୁଙ୍କ ପୈତୃକ ସମ୍ପତ୍ତି ଭାଗ ପରେ ଆମ୍ଭେ ଅନ୍ୟତ୍ର ରହିବାକୁ ମନସ୍ଥ କରିଥିଲୁ। ମୋର ନଣନ୍ଦଙ୍କର ୨ଏକର ଜମି ଦେଉଳି ଗାଁରେ ଥିଲା । ସଂପୃକ୍ତ ଜମିକୁ ଆମ ନଣନ୍ଦ ୨୦୦୩ରୁ ଆମକୁ ଦେଇ ସାରିଛନ୍ତି । ସେହି ଜମି ଘରବାରି ହୋଇଥିବାବେଳେ ଆମ୍ଭେ ୨୦୧୦ରୁ ଖଳାବାରି କରି ଆସୁଥିଲୁ । ପ୍ରାୟ ଦେଢ଼ ବର୍ଷ ହେଲା ସେହି ଜମିରେ ଘର କରି ରହି ଆସୁଅଛୁ । ଆମ୍ଭ ଗାଁର ୨ଜଣ ବ୍ୟକ୍ତି ସଂପୃକ୍ତ ଜମିକୁ କିଣିବାକୁ ଆମ୍ଭ ପରିବାର ଉପରେ ଚାପ ପକାଇଲେ। ଆମେ ଜମି ବିକ୍ରି କରିବାକୁ ଅରାଜି ହେବା ପରେ ଆମକୁ ଗାଁରେ ରଖାଇ ଦେବେନି ବୋଲି ଧମକଚମକ ଦେଲେ । ପରେ ଆମକୁ ବିଭିନ୍ନ କ୍ଷେତ୍ରରେ ହଇରାଣ କଲେ । ଘର ସମ୍ମୁଖରେ ଥିବା ଡ୍ରେନକୁ ମଡାଇ ବେଆଇନ ଭାବେ କୁଡିଆ ଘର କରାଗଲା । କୁଡିଆ ଘରେ ମଦ, ଗଞ୍ଜେଇର ଆସର ଚାଲିଲା । ଗାଁକୁ ଆମ୍ଭ ଘରଟି ମାଗଣା ନଦେବାରୁ କଙ୍ଗାରୁ କୋର୍ଟ କରି ହଇରାଣ ହରକତ କରାଯାଉଛି । ଏହାକୁ ବିରୋଧ କରି ଥାନା ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଲୁ। ହେଲେ ସୁଫଳ ମିଳିଲା ନାହିଁ । ସବୁଆଡୁ ନିରାଶ ପରେ ଝିଅ ସହ ମା' ବାପା ମିଶି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ୧୭ ତାରିଖରେ ଧାରଣା ଦେଲୁ । ଧାରଣା ପରେ ଆମ ନ୍ୟାୟ ଅପେକ୍ଷାରେ ରହିଛୁ ବୋଲି ସେ କହିଛନ୍ତି ।

ସେପଟେ ମଙ୍ଗଳବାର ଦେଉଳି ଗାଁର ଗାଁର ସନ୍ୟାସୀ ସାହୁଙ୍କ ନେତୃତ୍ୱରେ ଏକ କମିଟି ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇ ପୁଷ୍ପାଞ୍ଜଳୀ ଓ ପ୍ରଫୁଲ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଗାଁ ଲୋକଙ୍କ କହିବା ଅନୁସାରେ ଗାଁରେ କଙ୍ଗାରୁ କୋର୍ଟ କରାଯାଇ ନାହିଁ । କାହାକୁ ବି ବାସନ୍ଦ କରାଯାଇ ନାହିଁ । ଅଯଥାରେ ଗାଁକୁ ନିନ୍ଦିତ କରାଯାଉଛି । ଅଭିଯୋଗକାରୀ ପୁଷ୍ପାଞ୍ଜଳୀ ସାହୁ ଓ ପ୍ରଫୁଲ କୁମାର ସାହୁଙ୍କ ରୟତି ଜାଗାକୁ କେହି ଅକ୍ତିଆର କରି ନାହାନ୍ତି କି କେହି ନେବାକୁ ଚାପ ପୟୋଗ କରୁ ନାହାନ୍ତି । ଯେଉଁ ଜମି ଉପରେ ଅଭିଯୋଗ ହେଉଛି ସେହି ଜମିରେ ପ୍ରଫୁଲଙ୍କ ପରିବାର ରହୁ ନାହାନ୍ତି । ସଂପୃକ୍ତ ଜମିରେ ଘର ନାହିଁ । ବରଂ ବିବାଦୀୟ ଜମି ପାଖ ସରକାରୀ ଜମିରେ ଦୋକାନ ଘର କରି ଭଡା ଆଦାୟ କରୁଛନ୍ତି । ପ୍ରଫୁଲଙ୍କ ବଡ ବାପା ଅଲେଖ ସାହୁଙ୍କୁ ସେବା ନ କରି ତାଙ୍କ ସମ୍ପତ୍ତି ହଡପ କରିବାକୁ ଉଦ୍ୟମ କରାଯାଉଛି । ବଡବାପା ଅଲେଖଙ୍କ ଅଭିଯୋଗ ପରେ ଗାଁର ଶାନ୍ତିକମିଟି ଘଟଣାର ଖୋଳତାଡ କରିଛି । ପ୍ରଫୁଲଙ୍କ ପରିବାର ତାଙ୍କ ବଡବାପାଙ୍କୁ ହଇରାଣ ହରକତ କରୁଥିବାର ସୁରାକ ମିଳିଛି । ହେଲେ ଗାଁ ତରଫରୁ କୌଣସି ପଦକ୍ଷେପ ନିଆ ଯାଇ ନାହିଁ । ଗାଁ ତରଫରୁ କିଛି ପଦକ୍ଷେପ ନିଆ ଯାଇ ନ ଥିବା ବେଳେ ଅଯଥାରେ ଗାଁକୁ ଦୋଷ ଦେବା ଠିକ ନୁହେଁ । ପ୍ରଶାସନ ଆମ୍ଭ ଦୁଇ ପକ୍ଷର ଅଭିଯୋଗ ଶୁଣି ତଦନ୍ତ କରିଲେ ସତ୍ୟାସତ୍ୟ ପଦାକୁ ଆସିବବୋଲି ଗାଁ ଲୋକ କହିଛନ୍ତି । ବଡବାପା ଅଲେଖ ଚନ୍ଦ୍ର ସାହୁ ମଧ୍ୟ ନିଜର ଏକ ଅଭିଯୋଗ ପତ୍ର ଜିଲାପାଳଙ୍କୁ ଦେଇ ନ୍ୟାୟ ଭିକ୍ଷା କରିଛନ୍ତି । ଅଲେଖଙ୍କ ଅଭିଯୋଗ ଅନୁସାରେ ତାଙ୍କର ପୁଅ ନାହିଁ । ସ୍ତ୍ରୀଙ୍କର ମୃତ୍ୟୁ ହୋଇ ଯାଇଛି । ମୋ ଝିଅ ମୋର ୨ ଡିସିମିଲି ଜମି ଧୋକ୍କାରେ ନେଇ ମୋତେ ହଇରାଣ କରୁଛି । ମୋର ଜମିକୁ ମୋ ଝିଅ ବାସନ୍ତି ସାହୁ ପୁତୁରା ପ୍ରଫୁଲ ସାହୁ ଙ୍କୁ ବିକ୍ରୟ କରି ବିବାଦ ସୃଷ୍ଟି କରିଛନ୍ତି । ଜମି ବିକ୍ରି ପରେ ମୋର ନାତୁଣୀ ସିଭିଲ କୋର୍ଟରେ ୧୯/୨୩ରେ ମୋକଦ୍ଦମା କରିଛି । ଯାହା ବିଚାରଧୀନ ରହିଛି । କୋର୍ଟରେ ଥିବା ଜମି ମାମଲାକୁ ନେଇ ମୋର ପୁତୁରା ପ୍ରଫୁଲ ମୋତେ ଓ ଗାଁ ଲୋକଙ୍କୁ ଅଯଥାରେ ହଇରାଣ ହରକତ କରୁଛନ୍ତି । କଙ୍ଗାରୁ କୋର୍ଟ ଗାଁରେ ହୋଇ ନ ଥିଲେ ମଧ୍ୟ ଅଯଥାରେ ଗାଁକୁ ବଦନାମ କରୁଛି । ପ୍ରଶାସନନ ଘଟଣାର ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ନେଉ ବୋଲି ନିବେଦନ କରିଛନ୍ତି ।


ଜିଲାପାଳଙ୍କ ପାଖକୁ ଅଭିଯୋଗ କରିବାକୁ ଆସିଥିବା ଦେଉଳି ଗ୍ରାମବାସୀ ।

## ନୂତନ ସଭାପତି, ସମ୍ପାଦକ ନିର୍ବାଚିତ

### ଅଣ ଗେଜେଟେଡ ବନସେବା ସଂଘ ଉତ୍ତର ଘୁମୁସର ବନଖଣ୍ଡ ଶାଖା


ସଭାରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର,୨୦ା୫(ବାବୁଲା ପ୍ରଧାନ) ଓଡ଼ିଶା ଅଣ ଗେଜେଟେଡ ବନସେବା ସଂଘ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଶାଖାର ନୂତନ ସଭାପତି ଏବଂ ସମ୍ପାଦକ ନିର୍ବାଚନ ମଙ୍ଗଳବାର ଲାଲସିଂ ନର୍ସରୀ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବନପାଳ ସନ୍ତୋଷ କୁମାର ପାତ୍ର ସଭାପତି ନିର୍ବାଚିତ ହୋଇଥିବା ବେଳେ ପ୍ରଦ୍ୟୁମ୍ନ କୁମାର ବିଶୋୟୀ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ବ୍ରହ୍ମପୁର ଜୋନ ସଭାପତି ଅନୁପ କୁମାର ବିଶୋୟୀ, ଜୀନ ତ୍ରିପାଠୀ, ଜିତୁ ସେଠୀ, ଶୁଭଶ୍ରିତା ପାତ୍ର, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ବୈଠକରେ ସଂଘର ସମସ୍ତ ସଦସ୍ୟାସଦସ୍ୟଙ୍କ ଉନ୍ନତି କିଭଳି ହେବ, ଅଫିସ ଏବଂ ସଂଘ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭାଗର ଉନ୍ନତି କରିବା, ସଂଘର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ, ଶହିଦ ସ୍ମୃତି ସ୍ତମ୍ଭ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଏଥିସହ ଆଗାମୀ ଦିନରେ ରକ୍ତଦାନ ଶିବିର ଆୟୋଜନ ସହ ମେଡିକାଲ ସମେତ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବା ବୋଲି ଜୋନ ସଭାପତି ଅନୁପ କୁମାର ବିଶୋୟୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବନଖଣ୍ଡ ସଭାପତି ଥିବା ଅନୁପ କୁମାର ବିଶୋୟୀ ଜୋନ ସଭାପତି ଭାବେ ନିର୍ବାଚିତ ହେବାରୁ ଉକ୍ତ ପଦବୀ ଖାଲି ପଡ଼ିଥିଲା। ସେହିଭଳି ପୂର୍ବରୁ ସମ୍ପାଦକ ଥିବା ସୁଶାନ୍ତ ମିଶ୍ର ନିଜର କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ପଦବୀରୁ ଇସ୍ତଫା ଦେଇଥିଲେ।

## ବଧୂହତ୍ୟା ଅଭିଯୋଗ,ସ୍ୱାମୀ ଅଟକ

### ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଦିଗପହଣ୍ଡି,୨୦ା୫(ଅଶେଷ ନାଥ ମିଶ୍ର) ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମରେ ଜଣେ ମହିଳାଙ୍କୁ ଶ୍ୱଶୁର ଘର ଲୋକେ ବିଷ ଦେଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ରିତୁ ବେହେରା। ଶେରଗଡ ଥାନା ଜି.ନୁଆପଲ୍ଲୀ ଗ୍ରାମର ରିତୁ ଖଲିଙ୍ଗି ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ମୟୂର ବେହେରାଙ୍କୁ ଗତ ପ୍ରାୟ ୧୫ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ଏକ ପୁଅ ଓ ଝିଅ ଅଛନ୍ତି। କୌଣସି କାରଣକୁ ନେଇ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଗତ କିଛିବର୍ଷ ହେଲା ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ସୋମବାର ସକାଳେ ରିତୁଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଜବରଦସ୍ତ ବିଷ ପିଆଇ ଦେଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରାୟ ସାଢ଼େ ୪ ଟାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରିତୁଙ୍କ ବାପା ଯୋଗେନ୍ଦ୍ର ପାତ୍ରପୁର ଥାନାରେ ଏତଲା ଦେବାପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଥାନା ମାମଲା ନଂ.୨୬୨/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରିବା ସହ ତଦନ୍ତକାରୀ ଅଧିକାରୀ ଏସଆଇ ଶ୍ରୀନିବାସ ଦାସ ମଙ୍ଗଳବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ରିତୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ମୟୂରଙ୍କ ଘରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ରିତୁଙ୍କ ସ୍ୱାମୀ ମୟୂରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଥିବା ଜଣାପଡ଼ିଛି। ଅପରପକ୍ଷରେ ରିତୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ଖାଇ ଦେଇଥିବା ସ୍ୱାମୀ ମୟୂର ପୋଲିସ ନିକଟରେ ବୟାନ ଦେଇଛନ୍ତି। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

# ପ୍ୟାଣ୍ଟସାର୍ଟ ପିନ୍ଧି ମନ୍ଦିର ସୁପରଭାଇଜର ଚଳାଇଲେ ଚାପ ଡଙ୍ଗା

■ ଭକ୍ତଙ୍କ ଅସନ୍ତୋଷ, ଜିଲାପାଳଙ୍କୁ ଫେରାଦ୍

ନୟାଗଡ଼/ରଣପୁର,୨୦ା୫ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ):ଓଡ଼ିଶାର ୨ୟ ଶ୍ରୀକ୍ଷେତ୍ର ଭୁହାଯାଉଥିବା ରଣପୁର ଶ୍ରୀଜଗନ୍ନାଥ ଜୀଉଙ୍କର ଭଉଁରୀ ଯାତ୍ରାରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଠାକୁରଙ୍କ ନୀତିନିୟମ ଓ ସରକାରୀ ନିୟମକୁ ଶୀତଳ ଭଣ୍ଡାରକୁ ଫୋପାଡି ଦେଇ ମନ୍ଦିର ସୁପରଭାଇଜର ପ୍ୟାଣ୍ଟସାର୍ଟ ପିନ୍ଧି ଚାପ ଡଙ୍ଗା ଚଳାଇବାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷେ ଚାପ ଡଙ୍ଗାରେ ମହିଳା ଓ ପୁରୁଷଙ୍କୁ ବସାଇବାକୁ ନେଇ ପ୍ରଶ୍ନ ଉଠାଯାଇ ସମାଲୋଚନା ଓ ନିନ୍ଦା କରାଯାଇଛି । ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟରେ ଜଗନ୍ନାଥ ସେନା ପକ୍ଷରୁ ନୟାଗଡ଼ ଜିଲାପାଳଙ୍କୁ ଅବଗତ କରାଯାଇଛି।ପ୍ରକାଶ ଯେ, ଚନ୍ଦନ ଯାତ୍ରା ଅବସରରେ ବଧି ପୁଷ୍କରିଣୀରେ ଅକ୍ଷୟ ତୃତୀୟା ଠାରୁ ଭଉଁରୀ ପର୍ଯ୍ୟନ୍ତ ରଣପୁର ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ, ପଞ୍ଚୁ ମହାଦେବ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣଙ୍କ ସହ ମିଶି ଚାପ ଖେଳିଥାନ୍ତି। ଚାପ ଖେଳିବା ପାଇଁ ପ୍ରତିଦିନ ସୁଶୋଭିତ ବିମାନରେ ଠାକୁରମାନେ ଜଗନ୍ନାଥ ମନ୍ଦିର ଠାରୁ ବାହାରି ବଧି ପୁଷ୍କରଣୀକୁ ଯାଇଥାନ୍ତି। ସୋମବାର ରଣପୁରରେ ଚାପ ଖେଳର ଅନ୍ତିମ ଦିବସ ଭଉଁରୀ ଯାତ୍ରାରେ ନାନା ଅବ୍ୟବସ୍ଥା ଦେଖା ଦେଇଛି । ଚାପ ଖେଳ ପାଇଁ ଜଗନ୍ନାଥ ମନ୍ଦିର ପକ୍ଷରୁ ଯେଉଁ ସମୟ ନିର୍ଦ୍ଧିଷ୍ଟ କରାଯାଇଥିଲା ସେଥିରେ ପ୍ରାୟ ୩ ଘଣ୍ଟା ବିଳମ୍ବ ହୋଇଥିଲା । ଚାପ ଡଙ୍ଗାରେ ମହିଳାମାନେ ଯିବାର ନିୟମ ନ ଥିବାବେଳେ ପୁରୁଷ ଓ ମହିଳାମାନେ ଅଧିକ ସଂଖ୍ୟକ ଥିଲେ । ଚାପ ଖେଳ ବେଳେ ଡଙ୍ଗାରେ ନିୟୋଜିତ ବ୍ୟକ୍ତିମାନେ ସୁରକ୍ଷା ଉପକରଣ ପିନ୍ଧି ନ ଥିଲେ । କିଛି ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ କରାଯାଇଛି ।


ଚାପଡଙ୍ଗା ଚଳାଉଛନ୍ତି ମନ୍ଦିର ସୁପରଭାଇଜର ।

## ବୁଗୁଡ଼ାରୁ ପୁରୀ ଗଲା ରଥକାଠ


ପୁରୀ ଅଭିମୁଖେ ଯାତ୍ରା ପାଇଁ କାଠ ଟ୍ରକକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ମନ୍ତ୍ରୀ ।

ବୁଗୁଡ଼ା,୨୦ା୫(କାଳିଚରଣ ଦାଶ) ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳ ଅଧୀନ ଖରିଡ଼ା ସଂରକ୍ଷିତ ଜଙ୍ଗଲ ଓ ବି.ବ୍ରହ୍ମପୁର ଗ୍ରାମରୁ ୮ଟି ଫାସି କାଠଗଣ୍ଡି ପୁରୀ ରଥକାଠକୁ ପଠାଯାଇଛି। ବିରଞ୍ଚିପୁର ଗ୍ରାମର କବିରାଜ ଗୌଡ଼, ସତୀଶ ସେଠୀ, ଗଙ୍ଗାଧର ସେଠୀ ଓ ଖରିଡ଼ା ଗ୍ରାମର ପୁନାଲ ସାହୁ ଏବଂ ସୁଦର୍ଶନ ବିଶୋୟୀ ଏହି କାଠ ଦାନ କରିଛନ୍ତି। ରଥ ନିର୍ମାଣ ପାଇଁ ପୂର୍ବରୁ ଏହି ଗଛ ଚିହ୍ନଟ କରାଯାଇଥିଲେ ହେଁ ନିର୍ଦ୍ଦେଶ ଆସି ନ ଥିବାରୁ କାଠ କଟାଯାଇ ନ ଥିଲା। ତେବେ ରଥ ନିର୍ମାଣ ପାଇଁ କାଠ ନିଅଣ୍ଟ ପଡ଼ିବାରୁ ସୋମବାର କାଠ ପଠାଇବା ପାଇଁ ନିର୍ଦ୍ଦେଶ ଆସିବା ପରେ ଖୁସିର ଲହରୀ ଖେଳି ଯାଇଥିଲା। ସୋମବାର ବିଧି ବିଧାନ ପୂର୍ବକ କାଠ କଟାଯାଇ ପ୍ରସ୍ତୁତ କରାଯିବା ପରେ ଦୀପଧୂପ ଦେଇ ପୂଜାର୍ଚ୍ଚନା କରାଯାଇ ଟ୍ରକରେ ରଖାଯାଇଥିଲା। ଉକ୍ତ ଟ୍ରକକୁ ବଳଦେବ ମନ୍ଦିର ସମ୍ମୁଖରେ ମଙ୍ଗଳବାର ପୁଣି ଦିନବନ୍ଧୁ ପାଣୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ସେଠାରେ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ପତାକା ଦେଖାଇ ପୁରୀ ଅଭିମୁଖେ ଯାତ୍ରାର ଶୁଭାରମ୍ଭ କରାଇଥିଲେ। ରେଞ୍ଜର ପ୍ରଦୀପ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ଡିଏଫଓ ବିନୋଦ ଆଚାର୍ଯ୍ୟଙ୍କ ସମେତ ବନପାଳ କ୍ଷିରୋଦ ଗୌଡ଼ ଓ ସମସ୍ତ ବନବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଭଙ୍ଗାଗଲା ଡ୍ରେନ୍ କାନ୍ଥ

ଜୟପୁର, ୨୦ା୫(ପବନ ପାଣିଗ୍ରାହୀ) ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଗନ୍ନାଥ ସାଗର ଡ୍ରେନ ନିର୍ମାଣରେ ବାଧା ଉପୁଜୁଥିବାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଡ୍ରେନ କାନ୍ଥ ବିଭାଗ ପକ୍ଷରୁ ଭଙ୍ଗାଯାଇଛି। ଗତ ରବିବାର ବିଧାୟକ ତାରା ପ୍ରସାଦ ବାହିନୀପତି ଘଟଣାସ୍ଥଳ ବୁଲି ଦେଖିବା ପରେ ଜଳସମ୍ପଦ ବିଭାଗକୁ ତୁରନ୍ତ ନାଳ ଭାଙ୍ଗି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ। ପରେ ମଙ୍ଗଳବାର ଏହାକୁ ଭଙ୍ଗାଯାଇଥିବା ଜଣାପଡ଼ିଛି। ଡ୍ରେନ ପୁନଃରୁଦ୍ଧାର କାର୍ଯ୍ୟ ପ୍ରାୟ ୪ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କରାଯାଉଛି। ନାଳ କାର୍ଯ୍ୟ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ଆରମ୍ଭ ତାରିଖ ୨୦୨୩ ଏପ୍ରିଲ ୨୪ ତାରିଖ ଏବଂ କାର୍ଯ୍ୟ ଶେଷ ୨୩ ମାର୍ଚ୍ଚ ୨୦୨୪ ଥିଲା। ଡ୍ରେନ କାମପାଇଁ ଏହା ଅଟକି ରହିଥିଲା। ନାଳ ନିର୍ମାଣରେ ୧୨୦ ମିଟର ବେସରକାରୀ ଜମି ରହିଥିବା ଯୋଗୁ ଜାଗା ମାଲିକଙ୍କୁ ରାଜି କରାଯିବା ପରେ ମଙ୍ଗଳବାର ତାହାକୁ ଭଙ୍ଗାଯାଇଛି।

# ତହସିଲ ଘେରିଲେ କର୍ଚ୍ଚବାଡ଼ି ପଞ୍ଚାୟତବାସୀ

## ସରକାରୀ ଜମିରେ ବେଆଇନ ଘର ନିର୍ମାଣ

ମୋହନା,୨୦ା୫(ମନ୍ମଥ ମିଶ୍ର) ଗଜପତି ଜିଲା ମୋହନା ବ୍ଲକ କର୍ଚ୍ଚବାଡି ଗ୍ରାମ ପଞ୍ଚାୟତର ଶୁଖିଲାଆମ୍ବ ଛକରେ ବିରୋଧ ସତ୍ତ୍ୱେ ସରକାରୀ ଜମିରେ ୪ ପରିବାରଙ୍କ ବାସଗୃହ ନିର୍ମାଣକୁ ନେଇ ପଞ୍ଚାୟତବାସୀ ତହସିଲ ଘେରାଉ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ କର୍ଚ୍ଚବାଡି ପଞ୍ଚାୟତ ସରପଞ୍ଚ ଚାନ୍ଦିନୀ ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ ଚେୟାରମ୍ୟାନ ରଞ୍ଜୀବ ଶବର, ପୂର୍ବତନ ସରପଞ୍ଚ କାମି ମଲ୍ଲିକ, ସମିତି ସଭ୍ୟ ଜୁନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ମଲ୍ଲିକ, ନାଏବ ସରପଞ୍ଚ ମମତାଜ ପ୍ରିୟଦର୍ଶିନୀ ପାଲ, ୱାର୍ଡ ମେମ୍ବରଙ୍କ ସହ ଶତାଧିକ ମହିଳା ଓ ପୁରୁଷ ମୋହନା ତହସିଲଦାରଙ୍କୁ ଘେରିଛନ୍ତି। ଶୁଖିଲାଆମ୍ବ ଛକରେ ଥିବା ସରକାରୀ ଜମିରେ ବେଆଇନ ଭାବେ ବାହାର ଜିଲାର ୪ ପରିବାର ଜୋର୍ ଜବରଦସ୍ତ ଘର ନିର୍ମାଣ କରି ରହି ଆସୁଛନ୍ତି। ଏହାକୁ ବିରୋଧ କରି ତହସିଲଦାରଙ୍କୁ ପୂର୍ବରୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ସରପଞ୍ଚ ଓ ସମିତି ସଭ୍ୟ ଅଭିଯୋଗ କରିଛନ୍ତି । ତହସିଲଦାର ଚକ୍ରଧର ପାଢ଼ୀ ୩ ଦିନ ଭିତରେ ଉକ୍ତ ଜାଗାକୁ ତନଖି କରି ବେଆଇନ ଭାବେ ନିର୍ମାଣ ହୋଇଥିବା ଘରକୁ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପଞ୍ଚାୟତର ଜନ ପ୍ରତିନିଧିଙ୍କ ସହ ଜନସାଧାରଣ ତହସିଲ କାର୍ଯ୍ୟାଳୟରୁ ବାହାରିଥିଲେ। ଯଦି ଆଗାମୀ ଦିନରେ ସେମାନଙ୍କୁ ଉଠା ନ ଯାଏ ତା ହେଲେ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।


ତହସିଲ କାର୍ଯ୍ୟାଳୟକୁ ଆସିଥିବା ଲୋକେ ।

## କନ୍ଧକୁମ୍ଭାର ସମାଜର ସମାବେଶ

ଫୁଲବାଣୀ,୨୦ା୫ (ରାକେଶ କୁମାର ରାଉତ) ଫୁଲବାଣୀ ବ୍ଲକ୍ ବିଶିପଡ଼ା ପଞ୍ଚାୟତ ସୁଧାସାହି ଠାରେ କନ୍ଧକୁମ୍ଭାର ସମାବେଶ ଅନୁଷ୍ଠିତ ହୋଇଛି। ଏହି ସଭାରେ ନୂତନ ଜିଲା ସଭାପତି ଭାବେ ଯୁକ୍ତ ବିଜୟ ବେହେରା, ଉପସଭାପତି ଶ୍ରୀକର କହଁର, ସମ୍ପାଦକ ଜଗନ୍ନାଥ ବେହେରା, ସହ ସମ୍ପାଦକ ବୁଲୁ ଦେହୁରୀ, କୋଷାଧ୍ୟକ୍ଷ ଜୟନ୍ତ ବେହେରା, ନିରଞ୍ଜନ ବେହେରା ଉପସ୍ଥିତ ରହିଥିଲେ। ସାମାଜିକ କ୍ଷେତ୍ରରେ ସଙ୍ଗଠନ ଏକତା ରହିବା, ଆର୍ଥିକ ସ୍ଥିତି, ରାଜନୈତିକ ସୁଦୃଢ଼ ରଖିବା, ନିଜ ଅଧିକାର ପାଇବା, ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା ଏବଂ ଜାତିର ପ୍ରଥମ ସ୍ଥାନ ଅଧିକାର କରିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କିଭଳି ଉଜ୍ଜ୍ୱଳ ହୋଇପାରିବ ତାହାରି ଉପରେ ଆଲୋଚନା କରି ବୁଦ୍ଧିଜୀବୀମାନେ ମତ ରଖିଥିଲେ। ନାରାୟଣ ବେହେରା, ରଣସି ବେହେରା, ନାମରଦ୍ଧ ବେହେରା, ଉମେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୋବାଇଲ ନେଟ୍‌ୱର୍କ ପାଇଁ ରାସ୍ତା ଅବରୋଧ

ଫିରିଙ୍ଗିଆ,୨୦ା୫ (ବିମଳ ଦିଗାଲ) ଫିରିଙ୍ଗିଆ ବ୍ଲକ୍ ଉଁଷରା ଗାଁରେ ଜିଓ ନେଟ୍‌ୱର୍କ ପାଇଁ ରାସ୍ତା ଅବରୋଧ କରାଯାଇଛି। ଗାଁ ଲୋକଙ୍କ କହିବା ଅନୁସାରେ ଜିଓ ନେଟ୍‌ୱର୍କ ପାଇଁ ବିଡ଼ିଓ, ଏମ୍‌ପି, ବିଧାୟକ, ଜିଲାପାଳ ଏବଂ ବିଏସ୍‌ଏନ୍‌ଏଲ ଅଧିକାରୀଙ୍କୁ ଅଭିଯୋଗ କରିଥିଲୁ। ହେଲେ ଏ ପର୍ଯ୍ୟନ୍ତ ସମାଧାନ ହୋଇ ପାରିଲା ନାହିଁ। ଏଣୁ ବାଧ ହୋଇ ଆମେ ରାଜ ରାସ୍ତାକୁ ଓହ୍ଲାଇ ଆସିଛୁ। ଆଦର୍ଶ ବିଦ୍ୟାଳୟ ହେଲେ ନେଟ୍‌ୱାର୍କ ନ ଥିବାରୁ ପିଲାଙ୍କ ପାଠପଢ଼ାରେ ବାଧା ହେଉଛି। ଏହାସହିତ ପଞ୍ଚାୟତ କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଯାହାକୁ ନେଇ ଅନେକ ସମସ୍ୟା ଦେଖା ଦେଉଛି। କିନ୍ତୁ ଇଲେକ୍ସନ ଆସିଲେ ନେତାମାନେ ଘରଘର ବୁଲି ଭୋଟ ମାଗନ୍ତି। ଇଲେକ୍ସନ ସରିଗଲେ ହେବି କାହାକଥା ଶୁଣନ୍ତି ନାହିଁ ବୋଲି କହି ମଙ୍ଗଳବାର ରାସ୍ତା ରୋକ କରାଯାଇଥିଲା। ଫିରିଙ୍ଗିଆ ତହସିଲଦାର ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜନ ସାଧାରଣଙ୍କୁ ବୁଝାସୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।


ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

# ଖଜୁରିପଡ଼ାରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ସମସ୍ୟା

ଖଜୁରିପଡ଼ା,୨୦ା୫ (ବିଦୁର ବେହେରା) କନ୍ଧମାଳ ଜିଲାର ଫୁଲବାଣୀ ସହରଠାରୁ ମାତ୍ର ୨୧ କିମି ଦୂରରେ ଖଜୁରିପଡ଼ା ବ୍ଲକ ରହିଛି। ଯାହାକୁ ନଜରରେ ରଖି ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ତରଫରୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଟାୱାର ସ୍ଥାପନ କରାଯାଇଛି। କିଛି ଦିନ ହେବ ଠିକ୍‌ରେ କାମ କରୁନାହିଁ। ଯାହାକୁ ନେଇ ଉପଭୋକ୍ତା ମାନଙ୍କ ମହଲରେ ଅସନ୍ତୋଷ ଦେଖା ଦେଇଛି। ଉପଭୋକ୍ତା ମାନଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟୁତ୍ କାଟ ହେଲେ ନେଟୱର୍କ ଘଳେଇ ଯାଉଛି। ଯାହାଦ୍ୱାରା ବିଭିନ୍ନ କାର୍ଯ୍ୟାଳୟରେ ଅନ୍‌ଲାଇନ୍ କାର୍ଯ୍ୟ ହେଇ ପାରୁନାହିଁ। ଅଫିସ କାର୍ଯ୍ୟ, ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ବିଭାଗୀୟ ଅଧିକାରୀମାନେ ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ନଚେତ୍ ଆଗାମୀ ଦିନରେ ଅଞ୍ଚଳବାସୀ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ରାଜ କିଶୋର ପ୍ରଧାନ କହିଛନ୍ତି।



# ବନ୍ଦ ଖଣିରୁ ଚାଲିଛି କ୍ରୋମାଇଟ୍ ଲୁଟ୍

ଯାଜପୁର/କାଳିଆପାଣି , ୨୦।୫
(ହର୍ଷବର୍ଦ୍ଧନ ବେହେରା/ଅସିତ ମହାନ୍ତ)



■ ସବୁ ଜାଣି ଖଣି ବିଭାଗ ନୀରବ

■ ଅନେକ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର

ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଭୀମଟାଙ୍ଗର ବନ୍ଦ କ୍ରୋମାଇଟ୍ ଖଣି ଏବେ ଖଣି ବ୍ୟବସାୟୀଙ୍କ ଦଖଲରେ ରହିଛି । ଯେତେବେଳେ ଚାହୁଁଛନ୍ତି ସେମାନେ ମେଶିନ ଲଗାଇ ଉଚ୍ଚମାନର କ୍ରୋମାଇଟ୍ ଖୋଳି ଢେଙ୍କାନାଳ, ଆଠଗଡ଼, ଗୋପାଳପୁର, ପାରାଦୀପକୁ ଚାଲାଣ କରୁଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶାଳୟ(ଡିଡିଏମ୍), ପୋଲିସ, ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ ଜାଣିଥିଲେ ବି ହାତଟେକି ଦେଇଛନ୍ତି। ବିଡମ୍ବନା ଯେ, ଚାଲାଣକାରୀମାନେ କିଭଳି ଟ୍ରାନ୍‌ଜିଟ୍ ପାସ ପାଉଛନ୍ତି ଏବଂ ଖଣି ବାହାରକୁ କି ଭଳି କ୍ରୋମାଇଟ୍ ଅନାୟାସରେ ପରିବହନ ହେଉଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିପାଇଁ ରାଜ୍ୟ ସରକାର ଅନେକ କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ବୋଲି ସୂଚନା ମିଳିଛି।

୧୯୪୬ରୁ ସୁକିନ୍ଦା ଉପତ୍ୟକାରେ ଖଣି ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେ ସମୟରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ସଲାସୁତୁରା କରି ବ୍ୟବସାୟୀମାନେ ଅନେକ କୋଟି ଟଙ୍କାର କ୍ରୋମାଇଟ୍ ଲୁଟ କରିଥିଲେ। ଏବେ ସେହି ବ୍ୟବସାୟୀମାନେ ଓଡିଶାର ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଚିତ । ଏନେଇ ଶାହା କମିଶନ ତଦନ୍ତରେ ଖଣି ଲୁଟ ପ୍ରମାଣିତ ହେବା ପରେ ଖଣି କମ୍ପାନୀଠାରୁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଭଳିସ୍ଥିତିରେ ଖଣି କ୍ରୋମ ଉତ୍ତୋଳନକୁ ସରକାର ସୁନିୟନ୍ତ୍ରିତ କରିବାର ଆବଶ୍ୟକତା ବଢ଼ିଛି । ମୁଖ୍ୟମନ୍ତ୍ରୀ ଏକ ସଭାରେ ଖଣି ଚୋରି ଅଭିଯୋଗର ପର୍ଦ୍ଦାଫାସ କରାଯିବ ବୋଲି କହିଥିଲେ । କିନ୍ତୁ ପୂର୍ବ ଅପେକ୍ଷା ଏବେ ଅଧିକ କ୍ରୋମାଇଟ୍ ଚୋରି ହେବାରେ ଲାଗିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଢେଙ୍କାନାଳ ଅଞ୍ଚଳର ଜଣେ ଖଣି ବ୍ୟବସାୟୀଙ୍କ ନେତୃତ୍ୱରେ ଭୀମଟାଙ୍ଗର କ୍ରୋମାଇଟ୍ ଖଣିରୁ ଲୁଟ ହେଉଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଯାଜପୁର ଜିଲା କ୍ରୋମ୍ ଜୋନ ଅଞ୍ଚଳରେ ବନ୍ଦ ଖଣି ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଓଡ଼ିଶା ଖଣି ନିଗମ(ଓଏମସି)କୁ ହସ୍ତାନ୍ତର କରାଯାଇଛି । ହେଲେ ଗତ ପ୍ରାୟ ୧୦ ମାସ ହେବ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ରୋମାଇଟ୍ ଲୁଟ ହୋଇ ସାରିଛି ବୋଲି ସେହି ଅଞ୍ଚଳରେ ଆଲୋଚନା ହୋଉଛି । ଉଚ୍ଚମାନର କ୍ରୋମାଇଟ୍ ଲୁଟ ହୋଇ ସାରିଥିବା ବେଳେ ଏବେ ମାଟି ଭିତରେ ଥିବା କ୍ରୋମାଇଟ୍ ଉତ୍ତୋଳନ ଚାଲିଛି । ୨୦୦୦ ମସିହାରେ ଟାଟା ଷ୍ଟିଲ କମ୍ପାନୀର ୯ ନମ୍ବର ଅର୍ଥାତ ଭିମଟାଙ୍ଗର ଗ୍ରାମ ନିକଟ ଉକ୍ତ କ୍ରୋମାଇଟ ଖଣିକୁ ରାଜ୍ୟ ସରକାର ନିଜ ହାତକୁ ନେଇଥିଲେ । ସଂପୃକ୍ତ ଖଣିକୁ ଟେଣ୍ଡର କରିଥିବା ବେଳେ ଫେଙ୍କର କମ୍ପାନୀ ଲିଜ୍ ପାଇଥିଲା। ଫେଙ୍କର କମ୍ପାନୀ ଲିଜ୍ ପାଇବା ପରେ ୮ ବର୍ଷ କାଳ ଖଣି ଖୋଳି ପାରି ନ ଥିଲା । ୨୦୦୯ରେ କମ୍ପାନୀ ଖଣି ଖୋଳିବାକୁ ଆରମ୍ଭ କରିଥିବାବେଳେ ସଂପୃକ୍ତ ଖଣିର ଅଧା ଭାଗ ବାତିଲ ହୋଇଥିଲା। ସେହିଦିନଠାରୁ ଉକ୍ତ ଖଣିରେ ଉଚ୍ଚମାନର କ୍ରୋମାଇଟ୍ ଗଚ୍ଛିତ ହୋଇ ରହିଛି। ହେଲେ ଉକ୍ତ ଖଣିର ସୁରକ୍ଷା ବ୍ୟବସ୍ଥା କରାଯାଇନାହିଁ। ୮ ବର୍ଷ ପୂର୍ବରୁ ସେହି ଖଣିରୁ ବ୍ୟବସାୟୀମାନେ ବଡ଼ ମେଶିନ ଲଗାଇ ୫ ରାତି ଧରି ହାଇୱା ଗାଡ଼ିରେ ଶତାଧିକ ଟ୍ରିପ କ୍ରୋମାଇଟ ଲୁଟ କରିଥିବାବେଳେ ଯାଜପୁର ଡିଡିଏମ୍ ତାକୁ ଜବତ କରି ମାଟି ଘୋଡାଇଥିଲେ । ହେଲେ ଚଳିତ ମାସ ୭ ତାରିଖ ରାତିରେ ପ୍ରଥମେ ମେଶିନ ଲଗାଇ କ୍ରୋମାଇଟ ଖୋଳି ନେଇଥିବା ଖବର ପ୍ରଚାର ହେବା ପରେ କଟକ ଡିଏଫ୍‌ଓ ଅନୀଲ ରାୟ ଏବଂ ଡିଡିଏମ ବିଭୂତି ଭୂଷଣ ବେହେରାଙ୍କ ନିର୍ଦ୍ଦେଶରେ ରାଁସୋଳ ଫରେଷ୍ଟର ରାମ ତିରିଆ ଓ ଡିଡିଏମ କାର୍ଯ୍ୟାଳୟର ଅଧିକାରୀମାନେ ମିଳିତ ଚଢାଉ କରି ଚୋରି ହୋଇଥିବା ଖଣି ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦେଇଥିଲେ । ହେଲେ ତା'ର ୫ ଦିନ ପରେ ପୁଣି ରାତିରେ ୧୦ ରୁ ୧୫ ଟ୍ରିପ୍ କ୍ରୋମାଇଟ୍ ସେଠାରୁ ଚାଲାଣ କରାଯାଇଥିଲା ।

ଭୀମଟାଙ୍ଗର ଗ୍ରାମର ମିକୁ ମହାନ୍ତ କୁହନ୍ତି, ତାଙ୍କ ଗ୍ରାମକୁ ଲାଗି ବନ୍ଦ ଖଣି ରହିଛି। ସେ ଖଣିରେ କୌଣସି ସୁରକ୍ଷା କର୍ମୀ ରହୁ ନାହାନ୍ତି । ଫଳରେ ସେଠାରୁ କ୍ରୋମାଇଟ ଦୀର୍ଘ ବର୍ଷ ହେବ ଲୁଟ ହୋଇ ଆସୁଥିବା ବେଳେ ଖାଲି ଚଢାଉ ଓ ରିପୋର୍ଟରେ ଖଣି ବିଭାଗୀୟ ଅଧିକାରୀ ଦାୟିତ୍ୱ ଶେଷ କରୁଥିବା ଆମେ ଦେଖି ଆସୁଛୁ । ମନୋଜ ମହାନ୍ତି କହିଛନ୍ତି, ଅନେକ ଖଣି ଏବେ ବନ୍ଦ ହୋଇ ପଡ଼ିଛି। ସେ ସବୁ ଖଣି କାହା ଅଧୀନରେ ରହିଛି ତାହା ଅଞ୍ଚଳବାସୀ ଅବଗତ ନୁହଁନ୍ତି । ହେଲେ ଭିମଟାଙ୍ଗର ଖଣିରେ ଉଚ୍ଚମାନର କ୍ରୋମାଇଟ ଗଚ୍ଛିତ ରହିଛି । ଏପରି ମୂଲ୍ୟବାନ କ୍ରୋମାଇଟ୍‌କୁ ପ୍ରତିଦିନ ରାତିରେ ବ୍ୟବସାୟୀମାନେ ଚୋରି କରି ନେଉଥିବା ଆମେ ଦେଖି ଆସୁଛୁ । ହେଲେ ପ୍ରଶାସନ କାହିଁକି ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରୁନାହାନ୍ତି ତାହା ବୁଝି ହେଉନାହିଁ। ଏ ସଂକ୍ରାନ୍ତରେ ଡିଡିଏମ୍ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଖଣି ଲୁଟ ସଂକ୍ରାନ୍ତରେ ଖଣି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଜଙ୍ଗଲ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ନିରଞ୍ଜନ



@ ଶୁଭସ୍ମିତା



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହିଳାଙ୍କୁ ଯୌତୁକ ନିର୍ଯାତନା: ୪ ଜଣଙ୍କ ନାଁରେ ମାମଲା

ରାଜନଗର, ୨୦।୫(ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗାଁର ବାବାଜୀ ରାଉତଙ୍କ ଝିଅ ଉତ୍କଳିକା ୨୦୨୩ ଫେବୃଆରୀ ୧୧ରେ ମହିଁଷାସୁର ଗାଁର ନାରାୟଣ ରାଉତଙ୍କ ସାନ ପୁଅ ପ୍ରବୀଣଙ୍କୁ ଭଲ ପାଇ ହିନ୍ଦୁ ରୀତିନୀତି ଅନୁସାରେ ଅଭିଭାବକଙ୍କ ସହମତିରେ ବିବାହ କରିଥିଲେ। ଏବେ ତାଙ୍କୁ ଯୌତୁକ ଲାଗି ନିର୍ଯାତନା ସହ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ଏପରି କି ଘରେ ପୂରାଇ ତାଲା ପକାଇ ଶାଶୁଘର ଲୋକେ ରଖିଥିଲେ। ଏ ନେଇ ବାପା ବାବାଜୀ ଖବର ପାଇ ଥାନାରେ ଝିଅ ଉତ୍କଳିକାଙ୍କୁ ଉଦ୍ଧାର କରିବାକୁ ଏତଲା ଦେଇଥିଲେ। ପୋଲିସ ଏତଲା ଆଧାରରେ ଉତ୍କଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଉତ୍କଳିକା ଥାନାରେ କରିଥିବା ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ୪ଜଣଙ୍କ ନାମରେ ଥାନାରେ ମାମଲା ରୁଜୁ କରିଛି।

ଉତ୍କଳିକା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ବିବାହର ୬ ମାସ ପରେ ଶାଶୁ ପ୍ରମିଳା, ଶ୍ୱଶୁର, ସ୍ୱାମୀ ଓ ଦେଢଶୁର ତଥା ବାଲିସହିପାଟଣା ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସମସ୍ତେ ମିଳିମିଶି ଚୁଟିକୁ ଧରି ତଳେ ଘୋଷାଡ଼ି ଜୀବନରୁ ମାରିଦେବାକୁ ବିଷ ବୋତଲ ଆଣି ଜୋରଜବରଦସ୍ତ ପିଇବାକୁ ଦେଇଥିଲେ। ବିଷ ବୋତଲକୁ ଫିଙ୍ଗି ଭାଙ୍ଗିଦେବାରୁ ସମସ୍ତେ ମିଶି ମାଡ଼ ମାରିବା ସହ ଖାଇବାକୁ ନ ଦେଇ ଘର ଭିତରେ ପୂରାଇ ବାହାର ପଟୁ ତାଲା ପକାଇ ଦେଇଥିଲେ। ଖବରପାଇ ଭଦ୍ରଲୋକଙ୍କ ସହ ବାପା ଶାଶୁ ଘରକୁ ଆସିଲା ପରେ ତାଙ୍କୁ ମୋ ସହିତ ଦେଖା କରାଇ ଦେଲେ ନାହିଁ। ବାପା ଫେରିଯିବା ପରେ ଶ୍ୱଶୁର ଓ ଦେଢଶୁର ଖଟ ଉପରେ ପକାଇ ତଣ୍ଟିକୁ ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ଉତ୍କଳିକା ଅଭିଯୋଗରେ ଦର୍ଶାଇଛନ୍ତି। ଥାନାରେ ଦଫା ୮୫, ୧୧୫ (୨), ୭୪, ୩୫୧ (୨), ୩(୫) ଓ ଯୌତୁକ ନିରୋଧ ଆଇନ ଦଫା ୪ ରେ ନଂ. ୧୬୮/୨୫ ମାମଲା ରୁଜୁ ହୋଇଛି। ପୋଲିସ ମାମଲା ରୁଜୁ କରିଥିଲେ ବି କାହାରିକୁ ଗିରଫ କରୁ ନ ଥିବା ନେଇ ଉତ୍କଳିକା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଓ ମହିଳା କମିଶନଙ୍କ ନିକଟରେ ନ୍ୟାୟ ପାଇଁ ଅଭିଯୋଗ କରିଥିବା କହିଛନ୍ତି।

## ମା'ଶାରଳାଙ୍କ ପୀଠରେ ଲାଗିଲା ରୁପା ଛାଉଣି କବାଟ

ତିର୍ତ୍ତୋଲ, ୨୦।୫ ( ଗୌରାଙ୍ଗ ଚରଣ ସ୍ୱାଇଁ)



ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ମା'ଶାରଳା ଠାକୁରାଣୀଙ୍କ ମନ୍ଦିରର ଗର୍ଭଦ୍ୱାର, ପ୍ରବେଶ ପଥରେ ଥିବା କବାଟରେ ରୁପା ଛାଉଣି ଦିଆଯାଇଛି। ମଙ୍ଗଳବାର ଏହାର ଶୁଭ ଉନ୍ମୋଚନ ହୋଇଯାଇଛି। ଚନ୍ଦନ ଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ମା'ଙ୍କ ଚନ୍ଦନ ଲାଗି ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝଙ୍କଡ଼ ଶାରଳା ପୀଠସ୍ଥିତ ଜଗନ୍ନାଥ ମହୋତ୍ସବ କମିଟି ଓ ମା'ଙ୍କ ସେବାୟତମାନଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଶ୍ରୀଜଗନ୍ନାଥ ସଂସ୍କୃତି ରାଷ୍ଟ୍ରୀୟ ପ୍ରଚାରକ ବାବାଜି ସତ୍ୟାନନ୍ଦ ଦାସ ମହାରାଜ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଇଂ. ବିଷ୍ଣୁ ଚରଣ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସମ୍ପାଦକ କ୍ଷୀରୋଦ କୁମାର ରାଉଳ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ରାଉଳ, ବିଳାସ ଚନ୍ଦ୍ର ବେହେରା, ସତ୍ୟଭୂଷଣ ଦାସ, ଦେବୀ ପ୍ରସାଦ ରାଉଳ, ହରେକୃଷ୍ଣ ରାଉଳ, ତ୍ରିଲୋଚନ ରାଉଳ, ଗୋପାଳ ଚରଣ ଖଟୁଆ, ସନ୍ତୋଷ ମହାନ୍ତି, ବିଜୟ କୁମାର ରାଉଳ, ହରେକୃଷ୍ଣ ନାୟକ, ରମେଶ ଚନ୍ଦ୍ର ସାହୁ, ଭାଗୀରଥି ସାହୁ, ରମାକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଦେବସ୍ନାନ ଦାସ, ଡ. ଅମରେନ୍ଦ୍ର ଦାସ, ପୂର୍ବତନ ମହିଳା କମିଶନ ଅଧକ୍ଷା ଡ. ମିନତି ବେହେରା, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ସାମାଜିକ କର୍ମୀ ବିବେକାନନ୍ଦ ସାମନ୍ତରାୟ, ପୂର୍ବ ସିଂହଭୂମି ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ପ୍ରଦୀପ୍ତ କୁମାର ଦାସ, ବାବାଜି ସୀତାରାମ ଦାସ ମହାରାଜ, ପଣ୍ଡିତ ଶରତ ଚନ୍ଦ୍ର ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ମା'ଙ୍କ ବଡ଼ପଣ୍ଡା ପ୍ରଜ୍ଞାଦୀପ୍ତ ପଣ୍ଡା, ପରିଚ୍ଛା ଦୁର୍ଗା ଚରଣ ପଣ୍ଡା ଓ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ସମସ୍ତ ଅଧିବାସୀ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ୭ ତାରିଖରେ ଜବତ, ୧୯ରେ ଏତଲା ଦେଲେ ଖଣି ଅଧିକାରୀ

### ରାଜନଗରରେ ସରକାରୀ ଜମିରୁ ବେଧଡକ ମାଟି ଲୁଟ

ରାଜନଗର, ୨୦।୫
(ଭାସ୍କର ରାଉତରାୟ)



ଥାନାରେ ଥିବା ନମ୍ବର ବିହୀନ ଜବତ ଟ୍ରାକ୍ଟର।

ରାଜନଗର ତହସିଲଦାର ଓ ପୋଲିସ ଚଳିତ ମାସ ୭ ତାରିଖରେ ସରକାରୀ ଜମିରୁ ମାଟି ବୁହା ହେଉଥିବା ଦେଖିବା ସହ ଗୋଟିଏ ନମ୍ବର ବିହୀନ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଥିଲେ। ଏ ସମ୍ପର୍କରେ ତହସିଲଦାର ଚିଠି ମାଧ୍ୟମରେ ଖଣି ବିଭାଗକୁ ଅବଗତ କରିଥିଲେ। ମାତ୍ର ଜବତର ୧୨ଦିନ ପରେ ଖଣି ଅଧିକାରୀ ୧୯ ତାରିଖରେ ରାଜନଗର ଥାନାରେ ଏ ସମ୍ପର୍କରେ ଏତଲା ଦେଇଛନ୍ତି। ରାଜନଗର ତହସିଲ ଅଞ୍ଚଳରେ ସରକାରୀ ଜମିରୁ ମାଟି ଉଠାଇ ବିକ୍ରି କରାଯାଉଛି।

୭ ତାରିଖରେ ପ୍ରସନ୍ନପୁରଠାରେ ମକଦ୍ଦମା ସାରି ଫେରୁଥିବାବେଳେ ଏଣ୍ଡୁଲାପୁର ମୌଜା ଖାତା ନଂ. ୨୧୩, ପ୍ଲଟ ନଂ. ୧୪୦୮, ପାଣି ନାଳରୁ ବେଧଡକ ଭାବେ ମାଟି ବୁହା ହେଉଥିବା ଦେଖି ତହସିଲଦାର ଅମୀୟ କେତନ ସ୍ୱାଇଁ, ହାଡିନ ରାଜସ୍ୱ ନିରୀକ୍ଷକ ଓ ରାଜନଗର ଥାନା ସବ୍‌ଇନ୍ସପେକ୍ଟର ମିଳିତ ଭାବେ ଜେସିବି ଓ ଏକ ନମ୍ବରବିହୀନ ଟ୍ରାକ୍ଟର ଜବତ କରିଥିଲେ। ଏ ସମ୍ପର୍କରେ ସେହିଦିନ ରାଜସ୍ୱ ନିରୀକ୍ଷକ ଜେସିବି ନମ୍ବର ଓ ଟ୍ରାକ୍ଟରର ଚେଚିସ, ଇଞ୍ଜିନ ନମ୍ବର ପକାଇ ରିପୋର୍ଟ ତହସିଲଦାରଙ୍କୁ ଦେଇଥିଲେ। ପୋଲିସ ଟ୍ରାକ୍ଟରକୁ ଥାନାକୁ ଆଣିବା ସହିତ ଜେସିବିକୁ ଜଗି ରହିଥିଲା। ୭ ତାରିଖରେ ଟ୍ରାକ୍ଟର ଓ ଜେସିବି ଜବତ ହୋଇଥିବା ବେଳେ ୧୯ ତାରିଖରେ ରାଜନଗର ଥାନାରେ କେନ୍ଦ୍ରାପଡ଼ା ଜୁନିୟର ଖଣି ଅଧିକାରୀ ଦିନେଶ ମହାପାତ୍ର ଏତଲା ଦେଇଛନ୍ତି। ଏତଲାରେ ଟ୍ରାକ୍ଟରକୁ ମାଟି କିମ୍ବା ଅନ୍ୟ କୌଣସି ଲଘୁ ଖଣିଜ ପଦାର୍ଥ ଖନନ ଓ ପରିବହନ ପାଇଁ ଅନୁମତି ଦିଆଯାଇ ନାହିଁ। ଏଣ୍ଡୁଲାପୁରଠାରେ ୭ ତାରିଖ ଦିନ ସାଧାରଣ ମାଟି ପରିବହନ କରାଯାଉଥିଲା। ରାଜନଗର ଥାନାରେ ଟ୍ରାକ୍ଟର ଅଟକ ରଖାଯାଇଛି। ଏହି କାର୍ଯ୍ୟ ଓଏମ୍‌ସି ନିୟମର ଉଲ୍ଲଂଘନ କରୁଛି। ଏହି ମାଟି ଚୋରି ରାଜ୍ୟ ସରକାରଙ୍କ ରାଜକୋଷକୁ କ୍ଷତି ପହଞ୍ଚାଉଛି। ଏହି ଲଘୁ ଖଣିଜ ପଦାର୍ଥ ଚୋରି ଓ ଅବୈଧ ପରିବହନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦର୍ଶାଇଛନ୍ତି। ଏ ନେଇ ଥାନାରେ ନଂ. ୧୭୧/୨୫ରେ ମାମଲା ରୁଜୁ ହୋଇଛି।

## ଦଳ ଛାଡ଼ିବାରୁ ଜଣଙ୍କୁ ଆକ୍ରମଣ ଅଭିଯୋଗ

ଆଳି, ୨୦।୫(ବନମାଳୀ ସେନାପତି)

### ଜୁଆଣିଆରେ ରାଜନୈତିକ ହିଂସା



ଶ୍ରୀଧର ନାୟକ

ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଅଞ୍ଚଳରେ ରାଜନୈତିକ ହିଂସା ଯୋଗୁ ମଙ୍ଗଳବାର ଜଣେ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ବ୍ୟକ୍ତି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ କିଛିଦିନ ପୂର୍ବେ ଜୁଆଣିଆ ଅଞ୍ଚଳରେ ଏକ ଦଳୀୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ କିଛି ଲୋକ ଦଳ ପରିବର୍ତ୍ତନ କରି ଅନ୍ୟ ଦଳରେ ସାମିଲ ହୋଇଥିଲେ। ଏହାକୁ କେନ୍ଦ୍ରକରି ହଦୁଆ ଗ୍ରାମର ଶ୍ରୀଧର ନାୟକଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଅପରାହ୍ନ ସମୟରେ ଗାଁ ମୁଣ୍ଡକୁ ଯାଇଥିବା ବେଳେ ତାଙ୍କୁ କେତେଜଣ ବ୍ୟକ୍ତି କ'ଣ ପାଇଁ ଅନ୍ୟ ଦଳକୁ ଗଲୁ କହି ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଏହି ସମୟରେ କେତେଜଣ ଲୋକ ସେଠାରେ ପହଞ୍ଚି ଯିବାରୁ ଆକ୍ରମଣକାରୀମାନେ ପଳାଇ ଯାଇଥିଲେ। ଯୁବକଙ୍କ ଆକ୍ରମଣରେ ଶ୍ରୀଧର ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରାଯାଇଛି। ଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## କାର୍ ଧକ୍କାରେ ଟ୍ରଲି ଚାଳକଙ୍କ ମୃତ୍ୟୁ

ଆଳି, ୨୦।୫(ବନମାଳୀ ସେନାପତି)

କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଆଳି ଥାନା ମିଲବଜାର ନିକଟରେ ମଙ୍ଗଳବାର ଏକ ଟ୍ରଲିକୁ ସାମ୍ନା ପଟରୁ ଦ୍ରୁତଗାମୀ କାର ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ଆଳି ଥାନା ଅନ୍ତର୍ଗତ କାଜିସାହି ଗ୍ରାମର ରିୟଜ ଖାନ ଟ୍ରଲି ଚଳାଇ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ସକାଳେ ସେ ଟ୍ରଲିରେ ସିମେଣ୍ଟ ଆଜବେଷ୍ଟସ ନେଇ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ଆଳି ବଜାର ଆଡ଼କୁ ଆସୁଥିବାବେଳେ ରାଜକନିକା ଆଡ଼କୁ ଦ୍ରୁତଗତିରେ ଯାଉଥିବା ଏକ କାର ନଂ. ଏପି ୩୯ ଏଫ ୩୩୩୦ ସାମ୍ନା ପଟରୁ ଯୋରରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଟ୍ରଲି ଚାଳକ ଛିଟିକି ପଡିବା ସହ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମୃତ ଟ୍ରଲି ଚାଳକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।

## ଦୃଷ୍ଟି ଆଢୁଆଳରେ ଇନ୍ଦୁପୁରର ମା' ଚଣ୍ଡୀଙ୍କ ପୀଠ

କେନ୍ଦ୍ରାପଡ଼ା, ୨୦।୫ (ଜଗନ୍ନାଥ ଧଳ)



ଇନ୍ଦୁପୁରର ମା' ଚଣ୍ଡୀ।

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ଶକ୍ତିପୀଠ କେନ୍ଦ୍ରାପଡ଼ା ବ୍ଲକ୍ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଙ୍କ ପୀଠ ଏବେ ବି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଧର୍ମପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଉଦ୍ୟମ କରୁଥିବା ବେଳେ କେତେଗୋଟି ପୀଠକୁ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଦେଇଛନ୍ତି। ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମସ୍ଥଳରେ ଶୋଭାବର୍ଦ୍ଧନ କରୁଥିବା ମା' ଚଣ୍ଡୀଙ୍କ ପୀଠ ଭକ୍ତି ଓ ବିଶ୍ୱାସର ଆରାଧନା ପୀଠ ଭାବେ ପ୍ରତିଷ୍ଠା ଅର୍ଜନ କରିଛି। ବାରମାସରେ ତେରପର୍ବ ଏଠାରେ ପାଳନ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରର ବିଶେଷତ୍ୱ ଅନେକ ଗୁରୁତ୍ୱ ବହନ କରୁଛି। ପ୍ରତ୍ୟହ ଏଠାକୁ ଜିଲା ଓ ବାହାର ଜିଲାରୁ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି।

ଏ ସମ୍ପର୍କରେ ଶ୍ରଦ୍ଧାଳୁ ତଥା ସାମାଜିକ କର୍ମୀ ଦେବାଶିଷ ସାମଲ କହିଛନ୍ତି, ବିରୂପା ନଦୀ କୂଳରେ ଥିବା ଏହି ମନ୍ଦିରର ପାରିପାର୍ଶ୍ୱିକ ପରିବେଶ ଅତି କମନୀୟ। ବିଶେଷକରି ମହାବାରୁଣୀ ସ୍ନାନ ସମୟରେ ଏହି ପୀଠଟି ସପ୍ତାହବ୍ୟାପୀ ଉତ୍ସବମୁଖର ହୁଏ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ପୀଠଟି ଏକ ଅସ୍ଥାୟୀ ସହର ପାଲିଟିଯାଏ। ସେହିପରି ବିଷୁବ ସଂକ୍ରାନ୍ତିଠାରୁ ବୃଷ ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରତ୍ୟେହ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ରଜ ସଂକ୍ରାନ୍ତି, ଦଶହରା, କାର୍ତ୍ତିକ ମାସର ରାହାସ ଉତ୍ସବ, ଶିବରାତ୍ରି, ଦୋଳପର୍ବରେ ପୀଠର ସ୍ୱତନ୍ତ୍ରତା ବାରିହୋଇପଡ଼େ। ଏହି ପୀଠକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ମିଳିଲେ ପାରିପାର୍ଶ୍ୱିକ ସମସ୍ୟାର ସାମାଧାନ ହୋଇପାରିବ। ଗବେଷକ ଅଧାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ମା' ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ବିଶେଷ କିଛି ଲିଖିତ ତଥ୍ୟ ନାହିଁ। ତେବେ ନିର୍ମାଣ ଶୈଳୀକୁ ଅନୁଧ୍ୟାନକଲେ ମରହଟ୍ଟା ଶାସନ ସମୟର କଳାକୃତି ଦେଖିବାକୁ ମିଳୁଛି। ବଙ୍ଗୋପସାଗର ସହ ସଂଯୋଗୀ ଥିବା ବିରୂପା, ବ୍ରାହ୍ମଣୀ, କେଲୁଅ ନଦୀର ସଙ୍ଗମସ୍ଥଳରେ ଏହି ପୀଠ ଅଛି। ଏହି ନଦୀ ମାଧ୍ୟମରେ ମରହଟ୍ଟା ଶାସକଙ୍କ ବ୍ୟବସାୟ ଡଙ୍ଗା ମାଧ୍ୟମରେ ହେଉଥିଲା। ଘନ ଜଙ୍ଗଲ ଘେରା ଏହି ନଦୀପଠାରେ ନୌବାଣିଜ୍ୟକୁ ସମୃଦ୍ଧ କରୁଥିବାରୁ ଏଠାରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିବା ସମ୍ଭାବନା ଅଛି। ଶିକ୍ଷାବିତ୍ ପ୍ରଣବ କୁମାର ଜେନା, ତ୍ରିଲୋଚନ ଜେନା ପ୍ରମୁଖ କହିଛନ୍ତି, ଜିଲା ସଦର ମହକୁମାଠାରୁ ପୀଠର ଦୂରତା ମାତ୍ର ୧୨ କିଲୋମିଟର। ପୀଠ ଆରପଟ ଯାଜପୁର ଜିଲା ସହିତ ଯୋଡ଼ିହୋଇଛି। ଧାର୍ମିକ ପୀଠ ଭାବେ ଯେଉଁପରି ଗୁରୁତ୍ୱ ଦିଆଯିବା କଥା ତାହା ଏଯାଏ ପ୍ରଶାସନିକ ସ୍ତରରେ ଉଦ୍ୟମ ହୋଇନାହିଁ। ଏହି ପୀଠକୁ ପର୍ଯ୍ୟଟନ ମାନଚିତ୍ରରେ ଯୋଡିବା ପାଇଁ ସ୍ଥାନୀୟ ଅଞ୍ଚଳର ବୀରବର ଜେନା, ଲିଙ୍ଗରାଜ ଜେନା, ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଉଦ୍ୟମ ଆରମ୍ଭ ନ ହେଲେ ଜିଲାର ଏକ ବୁଦ୍ଧିଜୀବୀ ସମୂହ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି ମତ ରଖିଛନ୍ତି। ଇନ୍ଦୁପୁର ଆଞ୍ଚଳିକ ଯୁବ ପରିଷଦର କର୍ମକର୍ତ୍ତା ସାଗର କୁମାର ଜେନା, ଚନ୍ଦନ କୁମାର ସାହୁ ପ୍ରମୁଖ ପୀଠର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଅରୁଣ କୁମାର ନାୟକଙ୍କୁ ପଚାରିବାରେ ପୀଠର ଉନ୍ନୟନ ପାଇଁ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୁବ୍‌ଶୀଘ୍ର ପୀଠର ଉନ୍ନତି କରାଯିବ ବୋଲି ସେ କହିଛନ୍ତି।

# ଜଳୁଛି ନୟାଗଡ଼ ଜିଲା

ନୟାଗଡ଼,୨୦।୫(ଲୋକନାଥ ମିଶ୍ର): ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ନୟାଗଡ଼ ଜିଲାର ୮ ବ୍ଲକ ଓ ୫ ସହରାଞ୍ଚଳ । ତାପମାତ୍ରା ବୃଦ୍ଧି ସହିତ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଜିଲାର ୩୫ ପ୍ରତିଶତରୁ ଊର୍ଦ୍ଧ୍ୱ କୂଅ, ନଳକୂପ, ପୋଖରୀ ଆଦି ଜଳଉତ୍ସ ଶୁଖିଗଲାଣି । ସେହିପରି ୨୨ ପ୍ରତିଶତ କୂଅ, ନଳକୂପ, ପୋଖରୀ ଆଦି ଶୁଖିବାକୁ ଲାଗିଛି । ବର୍ଦ୍ଧିତ ଜନସଂଖ୍ୟା ଚାହିଦାକୁ ଦୃଷ୍ଟିରେ ରଖି ଜଳଯୋଗାଣ ବ୍ୟବସ୍ଥା ଠିକ ଭାବେ କରାଯାଇ ନ ଥିବାରୁ ଜିଲାରେ ତାତିଠାରୁ ବଳିଗଲାଣି ଜଳକଷ୍ଟ । ଏପରି ସ୍ଥିତିରେ ଚଳିତ ବର୍ଷର ଗ୍ରୀଷ୍ମ ଋତୁ ପାହାଡିଆ ଅଞ୍ଚଳର ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କରିସାରିଲାଣି । ଅଂଶୁଘାତର ଭୟ ଲାଗି ରହିଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ଗ୍ରୀଷ୍ମ ପ୍ରଭାବ ଯୋଗୁ ଅଧିକାଂଶ ଘରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର ବଢୁଛି । ଏଣୁ ବିଭିନ୍ନ ଗାଁ ଓ ୱାର୍ଡରେ ଲୋ ଭୋଲଟେଜ୍ ସମସ୍ୟା ଲାଗି ରହୁଛି । ଏଥିପାଇଁ ଫ୍ୟାନ ଧୀରେ ଧୀରେ ବୁଲୁଛି ବୋଲି ଅଭିଯୋଗ ହୋଇଛି ।

ଗତ କିଛି ଦିନ ହେଲା ତାପମାତ୍ରା ବୃଦ୍ଧି ପାଇଛି । ଏଥିପାଇଁ ଗୁଳୁଗୁଳି ବଢ଼ିଛି । ଜିଲାର ତାପମାତ୍ରା ୪୩ଡିଗ୍ରୀରୁ ଅଧିକ ରହୁଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜଳଛତ୍ର ଖୋଲିଥିଲେ ହେଁ ଅଧିକାଂଶ ସ୍ଥାନରେ ଛତ୍ର ରହୁଛି ଅଥଚ ଜଳ ନାହିଁ । ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲ ,କଲେଜ ବନ୍ଦ ରଖା ଯାଇଛି । ସରକାରୀ କାର୍ଯ୍ୟାଳୟ ସକାଳୁଆ ଚାଲିଛି। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରୁ କାମ ସାରି ଖରାବେଳେ ଘରକୁ ଫେରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଚଣ୍ଡ ରୌଦ୍ରତାପ ଲାଗି ରହିଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ସେପରି କୌଣସି ବ୍ୟବସ୍ଥା ନ ଥିବା ଅଭିଯୋଗ ହେଉଛି। ଜିଲାରେ ଇଟାଭାଟି, ରାସ୍ତାଘାଟ, ଗୃହନିର୍ମାଣ ସହିତ ଅନ୍ୟାନ୍ୟ ସ୍ଥାନରେ ଶ୍ରମିକମାନେ ଖରାରେ ଖଟୁଛନ୍ତି। ସେହିପରି ଦିନ ତମାମ ଏହି ଜିଲାରେ ଯାତ୍ରୀବାହୀ ଯାନବାହନଗୁଡିକ ଚଳାଚଳ କରୁଛି । ଅଂଶୁଘାତକୁ ଆଖି ଆଗରେ ରଖି ସରକାର କେତେକ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ ଏହାକୁ ଜିଲାରେ ଖୋଲାଖୋଲି ଉଲ୍ଲଘଂନ କରାଯାଉଛି। ଅନ୍ୟପକ୍ଷେ ଅଂଶୁଘାତରେ ଆକ୍ରାନ୍ତଙ୍କ ଅନୁସନ୍ଧାନ ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଓ ରାଜସ୍ୱ ବିଭାଗର ତହସିଲଙ୍କ ଦ୍ୱାରା ତଦନ୍ତ କରାଯିବାର ବ୍ୟବସ୍ଥା ହୋଇଛି । ଏତେ ଗୁଡାଏ ବ୍ୟବସ୍ଥା ଥିବା ବେଳେ ଅଂଶୁଘାତ ସମ୍ପର୍କରେ ଏଯାବତ ଜିଲାବାସୀ ଅଜ୍ଞା କାଗଜ କଲମରେ ଜନସଚେତନତା ସୃଷ୍ଟି ହେଉଥିବାରୁ ଏହାର ସୁଫଳ ମିଳୁ ନ ଥିବା ବହୁ ଲୋକ କହିଛନ୍ତି । ଅପରପକ୍ଷେ ଗତ ୧୦ ବର୍ଷର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିକୁ ଆଣିଲେ ଚଳିତ ବର୍ଷ ଏହାର ପ୍ରଭାବ ସର୍ବାଧିକ ଅଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

- ଅଘୋଷିତ ବିଜୁଳି କାଟ୍‌କୁ ନେଇ ଚିନ୍ତା
- ତାତି ଠାରୁ ବଢ଼ିଗଲାଣି ପାନୀୟ ଜଳ କଷ୍ଟ
- ବଢ଼ୁଛି ଏୟାର କଣ୍ଡିଶନର ବ୍ୟବହାର
- ଲୋଭୋଲ୍‌ଟେଜ କାରଣରୁ ଧୀରେ ବୁଲୁଛି ଫ୍ୟାନ୍

ସରକାରଙ୍କ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସୃଷ୍ଟି କରାଯାଇଥିବା କୃତ୍ରିମ ଜଙ୍ଗଲ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । କେତେକ ସ୍ଥାନରେ ତାହା ଟାଙ୍ଗରା ଭୂଇଁରେ ପରିଣତ ହେଲାଣି । ପୁଣି ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥ ହେଉ ଅଥବା ଜିଲାର ଯେ କୌଣସି ରାସ୍ତା ପାର୍ଶ୍ୱରୁ ହେଉ ରାସ୍ତା ପ୍ରଶସ୍ତୀକରଣ ଆଳରେ ବହୁଳ ଭାବେ ଗଛ କଟା ହୋଇଥିଲେ ହେଁ ଲଗାଯାଇନାହିଁ । ସେହିପରି ଗୃହ ନିର୍ମାଣ ଓ ଜାଳେଣୀ ପାଇଁ ଅଧିକାଂଶ ଜଙ୍ଗଲ, କେତେକ ସ୍ଥାନରେ ବୃକ୍ଷ କଟା ଯାଉଥିବାରୁ ପରିବେଶ ସନ୍ତୁଳନ ନଷ୍ଟ ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ନୟାଗଡ଼ ସହର ଓ ଏବଂ ଜିଲାର ଅନ୍ୟ ଅଞ୍ଚଳରେ ଯାନବାହନର ସଂଖ୍ୟା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଉଛି । ଏଥିରୁ ବାହାରୁଥିବା ଧୂଆଁ ବାୟୁମଣ୍ଡଳକୁ ଉତ୍ତପ୍ତ କରିବା ଅନ୍ୟତମ କାରଣ ପାଲଟିଛି ।

ଏନେଇ ଗଣିଆର ପ୍ରମୋଦ ମଲିକ ଓ ରଣପୁରର ପୀତବାସ ସାହୁ କୁହନ୍ତି, ଗାଁ ଗଣ୍ଡାରେ କଙ୍କ୍ରିଟ ରାସ୍ତା ଓ ଛାତ, ଟାଇଲ ,ଆଜବେଷ୍ଟସ ଘର ଯୋଗୁ ଖରାର ପ୍ରକୋପ ବୃଦ୍ଧି ପାଇଛି । ଜିଲାର ବିଭିନ୍ନ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରାଗଲା ପରିବେଶ ଶୀତଳ ରହିବ । ପରିବେଶବିତ୍ ବିଭୂ ପ୍ରସାଦ ଦାଶ କୁହନ୍ତି ବିଦ୍ୟୁତ ଓ ପାନୀୟଜଳ ସମସ୍ୟାର ତୁରନ୍ତ ସମାଧାନ ଜରୁରୀ। ଏହାକୁ ଅଣଦେଖା ଅସନ୍ତୋଷର କାରଣ ପାଲଟିଛି ।

# ଶ୍ରୀ ନୀଳମାଧବଙ୍କ ଚାଚେରୀ ପରିକ୍ରମା ଶେଷ



ଶ୍ରୀଜିଉମାନେ ଚାଚେରୀ ଭୋଗ ଖାଉଛନ୍ତି ।

ଖଣ୍ଡପଡ଼ା,୨୦।୫ (ଅଜୟ କୁମାର ମହାରଣା) ଏପ୍ରିଲ ୩୦ ପବିତ୍ର ଅକ୍ଷୟ ତୃତୀୟା ତିଥିଠାରୁ ନୀଳମାଧବଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା । ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାର ୧୦ ଦିନ ପରେ ଠାକୁରମାନେ ରାତି ଚାପ ଶେଷ କରି ମଣିବିମାନରେ ଆରୁଢ ହୋଇ ବାଟଭାଙ୍ଗି ସାହି ପରିକ୍ରମାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହାପରେ ଠାକୁରଙ୍କ ଚାଚେରୀ ପରମ୍ପରା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେହ ଠାକୁର ସାହି ପରିକ୍ରମା କରି ଭଁଉରୀ ପର୍ଯନ୍ତେ ଚାଚେରୀ ଭୋଗ ଲାଗି ହୋଇଥିଲେ । ଠାକୁର ପ୍ରତି ଘର ଦ୍ୱାରମୁହଁକୁ ବିଜେ ହୋଇ ଚାଚେରୀ ଭୋଗ ଖାଇଥିଲେ । ଏହି ପରମ୍ପରା ଓଡ଼ିଶା ତଥା ଭାରତର ଅନ୍ୟ କେଉଁଠି ଦେଖିବାକୁ ମିଳେନା । ପୁରୀ ବଡ ଠାକୁର ହୁଅନ୍ତୁ ଅବା କଟକ ଜିଲା କାନପୁର, ବଡମ୍ବା ଆଦି ସ୍ଥାନରେ ତାଙ୍କର ଇଷ୍ଟଦେବ ଚନ୍ଦନ ଯାତ୍ରାରେ ଗ୍ରାମ ପରିକ୍ରମା କରି ଚାଚେରୀ ଭୋଗ ଖାଆଥାଆନ୍ତି । କିନ୍ତୁ କୌଣସି ଦୁଆରେ ବା ଘରେ ମନ୍ଦିର ପୂଜାନୀତି ସମୟରେ କର୍ପୁର, ସପ୍ତାଙ୍ଗ ଆଳତୀ ଓ ପୁଷ୍ପାଳି କରାଯିବା ପରି ନୀତି ନ ହୋଇ ପୂଜାରୀ ବା ସେବାସୀ ଖାଲି ତାଳିମାରି ପୂଜା କରିଥାଆନ୍ତି । ହେଲେ କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଚମ୍ପକ ଦ୍ୱାଦଶୀ ଓ ଚନ୍ଦନ ଯାତ୍ରାରେ ଗ୍ରାମପରିକ୍ରମା କରି ପ୍ରତି ଘର ଦୁଆରେ ଭୋଗ ଖାଇବାକୁ ବିଜେ ହୁଅନ୍ତି । ପୂଜକମାନେ ଭକ୍ତ ଦୁଆରେ ବଢା ହୋଇଥିବା ଅମୁଣିଆଁ(ଭୋଗ)କୁ ଶ୍ରୀଜୀଉଙ୍କ ପାଖରେ ଲାଗି କରିଥାନ୍ତି । ଶେଷରେ ଅରାତ୍ରିକ କର୍ପୁର, ସପ୍ତାଳତୀ, ପୁଷ୍ପାଳୀ ଅର୍ଚ୍ଚନା କରାଯାଇଥାଏ । ମଙ୍ଗଳବାର ଅନୁଷ୍ଠିତ ହେଉଛି ଶ୍ରଜୀଉଙ୍କ ଏହି ନୀତି । ଶ୍ରଦ୍ଧାଳୁମାନେ ଠାକୁରଙ୍କ ଚନ୍ଦନ ପୋଖରୀ ଚତୁଃପାର୍ଶ୍ୱରେ ସମାଗମ ହୋଇ ଭଉଁରୀ ଯାତ୍ରା ଦେଖିଥିଲେ ।

# ସରକାରୀ ଯୋଜନାରୁ ବଞ୍ଚିତ ଶତାଧିକ ଆଦିବାସୀ ପରିବାର

ଖଣ୍ଡପଡ଼ା,୨୦।୫ (ଅଜୟ କୁମାର ମହାରଣା) ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ପରିବାରକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ତୃଣମୂଳସ୍ତରରେ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଶତାଧିକ ଆଦିବାସୀ ପରିବାର ସରକାରଙ୍କ ଏହି ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବୋଲି ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡା, କିଆଝର, କୋସକା, ରୟତ ଢୋଲମରା, ବଳଭଦ୍ରପ୍ରସାଦ, ସିଧାମୂଳା, ଯୋଗିଆପଲ୍ଲୀ, ଶାଳଝରିଆ ଆଦି ପଞ୍ଚାୟତର ବଣପାହାଡ ଘେରା ଘଞ୍ଚ ଜଙ୍ଗଲ ମଧରେ ଶତାଧିକ ଆଦିବାସୀ ପରିବାର ରହୁଛନ୍ତି । ସେମାନେ ଖାଉଟି କାର୍ଡ ଖଣ୍ଡିଏ ପାଇ ନ ଥିବା ବେଳେ ମାସିକ ଭତ୍ତା, ଆବାସ ଯୋଜନାର ବାସଗୃହ, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ବହୁ ଯୋଜନା ସତ୍ତ୍ୱେ ଏବେବି ଆଦିବାସୀ ପରିବାର ସଂରକ୍ଷିତ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଛନ୍ତି । ପରିଣତ ବୟସରେ ବି ଆଦିବାସୀ ପରିବାରର ମହିଳାମାନେ ଶାଳପତ୍ରରେ ଖଲି ଓ ଠୁଙ୍ଗା ପ୍ରସ୍ତୁତ କରି ପରିବାର ପ୍ରତିପୋଷଣ କରୁଛନ୍ତି । ଅନେକ ବ୍ୟକ୍ତି ଜଙ୍ଗଲଜାତ ଦ୍ରବ୍ୟ ଲାଖ, ଝୁଣା, ମହୁ, ବାଉଁଶକରଡି, ପାଣିଆଳୁ ପରି ଅନେକ ଦ୍ରବ୍ୟ ଜଙ୍ଗଲରୁ ସଂଗ୍ରହ କରି ବଜାରରେ ବିକ୍ରୟ କରି ପରିବାର ପ୍ରତିପୋଷଣ କରୁଛନ୍ତି । ହେଲେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ପରିବାର ଚଳାଇବା କଷ୍ଟକର ବ୍ୟାପାର ବୋଲି ଅନେକ ପୁରୁଖା ବ୍ୟକ୍ତି ମତ ଦେଇଛନ୍ତି । ସେହିପରି ବହୁ ବର୍ଷ ଧରି ଜଙ୍ଗଲ ଜମିରେ ନୂଆଣିଆ ଚାଳ ଛପର ଘରେ ଅତି ଦୟନୀୟ ଅବସ୍ଥାରେ ଏହି ବର୍ଗର ଲୋକମାନେ ବାସ କରୁଛନ୍ତି। ମାତ୍ର ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନ ତୁବା ବିଜୁ ପକ୍କାଘର ଯୋଜନାରେ ବାସଗୃହ ଖଣ୍ଡେ ନ ମିଳିବା ଦୁଃଖର ବିଷୟ । ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ସରକାରୀ ଯୋଜନାରୁ ବଞ୍ଚିତ ଏହି ଆଦିବାସୀ ପରିବାର ପ୍ରତି ପ୍ରଶାସନ ଓ ପଞ୍ଚାୟତ ଜନପ୍ରତିନିଧି ଦୃଷ୍ଟି ଦେବାକୁ ଦାବି ହେଉଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିରଞ୍ଜନ



@ ଶୁଭସ୍ମିତା



@ ଗୌରବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଡୁବାବଙ୍କ ଭଉଁରୀ ଯାତ୍ରା



ଚନ୍ଦନ ପୁଷ୍କରିଣୀରେ ଲଡୁବାବାଙ୍କ ଚାପ ଖେଳ ।

ଶରଣକୁଳ,୨୦।୫(ଦୀପକ କର) ଚଳିତ ବର୍ଷ ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳରେ ବାବା ଲଡୁକେଶ୍ୱରଙ୍କ ଭଉଁରୀ ଯାତ୍ରା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ୨୧ଦିନ ଧରି ଚାଲୁଥିବା ଚନ୍ଦନଯାତ୍ରାର ଶେଷ ଦିବସକୁ ଭଉଁରୀ ଯାତ୍ରା କୁହାଯାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ବାବାଙ୍କ କ୍ଷୀରାଭିଷେକ ପରେ ଠାକୁରଠାକୁରାଣୀ ବେଶ ହୋଇ ସୁବାସ ପଖାଳ, ଦହି ଭାତ, ଡାଲି, ତରକାରୀ, ଖିରୀ, ଖଟା ଇତ୍ୟାଦି ଭୋଗ ବଡ଼ପଣ୍ଡାଙ୍କ ହାତରେ ଲାଗି ହୋଇଥିଲେ। ଲଡୁବାବାଙ୍କ ବିଜେ ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର, ମା' ପାର୍ବତୀ, ପ୍ରଭୁ ରାମକୃଷ୍ଣ ଦକ୍ଷିଣଦ୍ୱାରରେ ଆଳତୀ ସରିଲା ପରେ ଏକଘେରା ବେଢ଼ା ବୁଲି ମହନ ଭିତରେ ପହଞ୍ଚିଥିଲେ। ସେଠାରେ ମାଧାହ୍ନ ଧୂପ ପରେ ଠାକୁରମାନେ ଦିନସାରା ଚନ୍ଦନ ଘରେ ସୁବାସିତ ଚନ୍ଦନ ଜଳକୁଣ୍ଡରେ ବୁଡ଼ି ରହିଥିଲେ। ସନ୍ଧ୍ୟାରେ ବଡ଼ପଣ୍ଡା ଠାକୁରଙ୍କୁ ଚନ୍ଦନକୁଣ୍ଡରୁ ବାହାରକରି ବେଶକରି ସନ୍ଧ୍ୟାଭୋଗ ଲାଗି କରିଥିଲେ। ପରେ ମନ୍ଦିର ଭିତରେ ପ୍ରଭୁଙ୍କ ଚତୁସମ ନୀତି ସମ୍ପନ୍ନ କରାଯାଇଥିଲା। ରାତିରେ ବିରାଟ ପଟୁଆରରେ ହରିହରପୁର ଗ୍ରାମର ପ୍ରଭୁ ଦଧିବାମନ ଜୀଉ ମନ୍ଦିରରେ ଆସି ପହଞ୍ଚିଲା ପରେ ମହନରୁ ସମସ୍ତ ଠାକୁରଙ୍କ ସହ ଚନ୍ଦନ ଘରୁ ବାହାରି ସୁସଜ୍ଜିତ ନୌକାରେ ବିଜେ ହୋଇଥିଲେ। ଦକ୍ଷିଣରେ ମଧ ଲକ୍ଷ୍ମୀନାରାୟଣ ଡଙ୍ଗାରେ ବିଜେ ହୋଇଥିଲେ। ପରେ ସମସ୍ତ ଠାକୁର ଡଙ୍ଗାରେ ବସି ପୁଷ୍କରିଣୀର ପ୍ରତ୍ୟେକ କୋଣ ସହ ୨୧ବେଢ଼ା ପରିକ୍ରମା କରିଥିଲେ। ପ୍ରଭୁଙ୍କ ଏହି ନୌବିହାର ସମୟରେ ସହସ୍ରାଧିକ ଭକ୍ତ, ଶ୍ରଦ୍ଧାଳୁ ପୁଷ୍କରିଣୀ ଚତୁଃପାର୍ଶରେ ବସି ମାନସିକ ବାଣ ବ୍ୟତୀତ ବିଭିନ୍ନ ପ୍ରକାର ବାଣ ଓ ରୋଷଣିର ମଜା ନେଇଥିଲେ। ପରେ ସମସ୍ତ ଠାକୁର ଶ୍ରଦ୍ଧାଳୁମାନଙ୍କ ଗହଣରେ ଛତି, ତ୍ରାଶ, ବାନା, କାହାଳି ଓ ମଶାଲ ସହ ବିରାଟ ପଟୁଆରରେ ଚାଳିମଣ୍ଡପକୁ ଯାଇ ଚାଳିଭୋଗ ଲାଗି ହୋଇଥିଲେ। ସେଠାରେ ପ୍ରଭୁଙ୍କ ସମ୍ମୁଖରେ ପୌରାଣିକ ନାଟକ ପରିବେଷଣ କରାଯାଇଥିଲା। ପରେ ସମସ୍ତ ଠାକୁର ଭିଖାରିପ ଗ୍ରାମ ପରିକ୍ରମା ପୂର୍ବକ ଚାଚେରୀ ଭୋଗ ଲାଗି ହୋଇ ସାରିବା ପରେ ବିଳମ୍ବିତ ରାତିରେ ମନ୍ଦିରକୁ ଫେରିଥିଲେ। ଏହି ଯାତ୍ରାରେ ଶତାଧିକ ସେବାୟତଙ୍କ ସହିତ ବହୁସଂଖ୍ୟାରେ ଭକ୍ତ ଯୋଗଦେଇଥିଲେ। ଏହି ଭଉଁରୀ ଯାତ୍ରାର ସମସ୍ତ କର୍ଯ୍ୟକ୍ରମକୁ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ପରିଚାଳନା କରିଥିଲାବେଳେ ମନ୍ଦିର ପରିଚ୍ଛା ତୋଷବନ୍ତ କର, ସୁନୀଲ କୁମାର ବଡ଼ପଣ୍ଡା, ଶିବ ପ୍ରସାଦ ପୁଷ୍ପ ପାଳକ, ଧୀରେନ୍ଦ୍ର ମହାପାତ୍ର, ଟିକିଲ ପ୍ରତିହାରୀ, ଶୁକ୍ଳ ମହାପାତ୍ର, ସେବାସୀ ସଞ୍ଜୟ ମହାପାତ୍ର, ଚିତ୍ତରଞ୍ଜନ ମହାପାତ୍ର, ଶିଖର ଗାଆଣ, ଦିଲୀପ ତାଳୁଆ, ପ୍ରଭାତ କୁମାର ବଡ଼ପଣ୍ଡା, ଭାଗୀରଥ ମହାପାତ୍ର ଆଦି ଏହି ଯାତ୍ରାରେ ସହଯୋଗ କରିଥିଲେ ।

## ଲୁଟେରାଙ୍କ ଟେର ପାଉନି ପୋଲିସ

ଖଣ୍ଡପଡ଼ା,୨୦।୫(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିବା ରେଡ୍‌କ୍ରସ ହୁଣ୍ଡି ଭାଙ୍ଗି ଲୁଟେରାମାନେ ବିଳମ୍ବିତ ରାତିରେ ଟଙ୍କାପଇସା ଲୁଟିନେଇଥିଲେ। ଇତିମଧ୍ୟରେ ୭ଦିନ ବିତିଯାଇଥିଲେ ହେଁ ଖଣ୍ଡପଡ଼ା ପୋଲିସ ଲୁଟେରାଙ୍କ ସମ୍ପର୍କରେ କୌଣସି ଟେର ପାଇ ନାହିଁ । ତହସିଲ କାର୍ଯ୍ୟାଳୟରେ ସିସିଟିଭି କ୍ୟାମେରା ଲାଗିଥିଲେ ହେଁ ଲୁଟେରାମାନେ ସେହି କ୍ୟାମେରାଟିକୁ ଭାଙ୍ଗି ଲୁଟପାଟ କରିଥିବାରୁ ପୋଲିସର ତଦନ୍ତରେ ବାଧା ସୃଷ୍ଟି ହୋଇଛି । ଖଣ୍ଡପଡ଼ା ତହସିଲଦାରଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ହାତବାନ୍ଧି ବସିଛି । ସୂଚନାଯୋଗ୍ୟ, ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟର ରାତି ଜଗୁଆଳିଙ୍କ ଅକାଳ ମୃତ୍ୟୁ ପରେ ଏହି ପଦବୀଟି ଖାଲି ପଡିଛି । ଏହାର ସୁଯୋଗ ନେଇ ଲୁଟେରାମାନେ ଏଭଳିକାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ଏହିଘଟଣାରେ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ଯୁବକଙ୍କ ହାତ ଥିବା ସାଧାରଣରେ ଆଲୋଚନା ହେଉଛି । ଖଣ୍ଡପଡ଼ା ପୋଲିସ ଲୁଟେରାମାନଙ୍କ ସମ୍ପର୍କରେ ଟେର ନ ପାଇବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ନୟାଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତିଦୃଷ୍ଟିଦେବାକୁଦାବିହେଉଛି।

## ଖଣ୍ଡପଡ଼ାରେ ଭଉଁରୀ ଯାତ୍ରା ଶେଷ

ଖଣ୍ଡପଡ଼ା,୨୦।୫(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ସହର ଜଗନ୍ନାଥ ମନ୍ଦିରରେ ଗତ ୨୧ ଦିନ ଧରି ଚାଲିଥିବା ମହାପ୍ରଭୁ ମଦନମୋହନଙ୍କ ଭଉଁରୀ ଯାତ୍ରା ଶେଷ ହୋଇଛି । ପବିତ୍ର ଅକ୍ଷୟତୃତୀୟା ତିଥିରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ମା'ଲକ୍ଷ୍ମୀ ମନ୍ଦିର ପରିସରସ୍ଥିତ ଏକ ବିରାଟ ପାଣି କୁଣ୍ଡରେ ଚାପ ଖେଳିଥିଲେ। ପାରମ୍ପରିକ ପ୍ରଥାନୁଯାୟୀ ବିଗ୍ରହଙ୍କ ଏହି ଚାପ ଖେଳର ଅନ୍ତିମ ଦିବସକୁ ଭଉଁରୀ ଯାତ୍ରା କୁହାଯାଏ । ଏହି ଯାତ୍ରାକୁ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଉପସ୍ଥିତ ରହି ଉପଭୋଗ କରିଥିଲେ ।

# ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ଶେଷ



ବିନା ଆଲୋକରେ ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରା ।

ନୟାଗଡ,୨୦।୫(ଲୋକନାଥ ମିଶ୍ର): ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହପ୍ରଭୁଙ୍କ ଉଭଁରୀ ଯାତ୍ରା ମହାସମାରୋହରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏଥିସହ ମହାପ୍ରଭୁଙ୍କର ୨୧ ଦିନର ବାହାର ଚନ୍ଦନ ଯାତ୍ରା ଶେଷ ହୋଇ ଯାଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ନୟାଗଡ଼ ସାଗର ପୋଖରୀରେ ୨୧ ଘେରା ନୌକା ବିହାର ଶେଷ କରି ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିଥାନ୍ତି । ମନ୍ଦିରକୁ ଫେରିବା ସମୟରେ ନୟାଗଡ଼ର ବଡଦାଣ୍ଡ ଚନ୍ଦନ ଓ ତୁଳସୀର ବାସ୍ନାରେ ମହକି ଉଠେ । ଶ୍ରୀମନ୍ଦିରକୁ ଫେରିବା ସମୟରେ ପରମ୍ପରା ମୁତାବକ ୬ଜଣଙ୍କ ଘରେ ମହାପ୍ରଭୁ ଭୋଗ ଖାଇଥାନ୍ତି। ଭୋଗ ଖାଇବା ପରେ ଭଉଁରୀ ଯାତ୍ରାରେ ଅଂଶ ଗ୍ରହଣ କରିଥିବା ଠାକୁର ଠାକୁରାଣୀ ସହ ମନ୍ଦିରକୁ ବାହୁଡିଥାନ୍ତି । ସେଠାରେ ପୁଣି ଭୋଗ ହୁଏ। ବୁଧବାର ଭୋର ସମୟରେ ଠାକୁର ଠାକୁରାଣୀଙ୍କୁ ବିଦାୟ ଦେଇ ଶ୍ରୀମନ୍ଦିରରେ ମହାପ୍ରଭୁ ବିଶ୍ରାମ ନିଅନ୍ତି । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ଶ୍ରୀଦେବୀ ଭୂଦେବୀ , ଗୋପୀନାଥ, ରାମେଶ୍ୱର, ରଘୁନାଥ, ସ୍ୱପ୍ନେଶ୍ୱର, ରାଧାନାଥେ, ରାଧାମୋହନ, ବିଶ୍ୱନାଥେ ଅକ୍ଷୟତୃତୀୟାଠାରୁ ନୟାଗଡ଼ର ସାଗର ପୋଖରୀକୁ ଆଟୋପ ଶୋଭାଯାତ୍ରାରେ ଅପରାହ୍ନରେ ଯାଇ ୧ ଥର ଦିନରେ ଚାପ ଖେଳନ୍ତି । ଶୋଭାଯାତ୍ରାରେ ପାରମ୍ପରିକ ବେଶ, ମେଢ଼, କାହାଳୀ, ଘଣ୍ଟଛତା ପ୍ରମୁଖ ସ୍ଥାନ ପାଇଥାଏ । ଚାପ ଖେଳ ପରେ ପୁଷ୍କରିଣୀ ଭିତର ଚନ୍ଦନ ଘରକୁ ଠାକୁର ଯାଇଥାନ୍ତି । ଚନ୍ଦନ ଘରେ ଚନ୍ଦନ କୁଣ୍ଡର ଶୀତଳ ଜଳରେ ଠାକୁରମାନଙ୍କର ସ୍ନାନ କରାଯାଏ । ପରେ ବେଶ, ଫୁଲ, ଅଳଙ୍କାର ଲାଗି ହୁଏ । ଚନ୍ଦନ ମଣ୍ଡପରେ ମାଣ୍ଡୁଅ, କୋଳି, ସୋଲା, ମୁଗ, ବିଡିଆ ପାନ ଇତ୍ୟାଦି ଭୋଗ ଲାଗି କରାଯାଏ। ମଙ୍ଗଳବାର ଭଉଁରୀ ଅବସରରେ ଦିନବେଳା ୭ଥର ଓ ରାତିରେ ୨୧ ଥର ଚାପ ଖେଳିଲେ । ରାତିରେ ଚାପ ଖେଳ ସମୟରେ ସାଗର ପୋଖରୀ ଚାରିକୋଣ ଓ ଦୀପ ଦାଣ୍ଡି ଚାରି ପାଖରେ ଭଉଁରୀ ବୁଲିବା ଭଳି ୨୧ଥର ଚାପ ଖେଳନ୍ତି । ତେବେ ପୋଖରୀରେ ରାତିରେ ଚାପ ଖେଳିବା ସମୟରେ ପୋଖରୀରେ ଆଲୋକ ବ୍ୟବସ୍ଥା କରାଯାଉ ନଥିବାରୁ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଖେଳ ପରେ ନାଟକ ହେଉଥିବା ସ୍ଥାନ ଭାଡିରେ ଠାକୁର ଠାକୁରାଣୀ ଆସି ବିଜେ କରନ୍ତି । ଭଉଁରୀ ଯାତ୍ରା ଅବସରରେ ପୌରାଣିକ ନାଟକ ପରିବେଷଣ ହୋଇଥିଲା । ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ ଏହାକୁ ପରିଚାଳନା କରିଥିଲେ ।

- ଚନ୍ଦନ ଓ ତୁଳସୀ ବାସ୍ନାରେ ମହକିଲା ବଡ଼ଦାଣ୍ଡ
- ଅନ୍ଧାରରେ ଚାପ ଖେଳକୁ ନେଇ ଅସନ୍ତୋଷ

# ୪.୧୭ କୋଟିର ଚେକ୍ ଜାଲିଆତି

ସମ୍ବଲପୁର, ୨୦।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ



ସମ୍ବଲପୁର ମହାନଗର ନିଗମର ଚେକ୍‌କୁ ନେଇ ମଙ୍ଗଳବାର ବଡ଼ଧରଣର ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିଛି। କୋଲକାତାର ଏନ.କେ. ଏଣ୍ଟରପ୍ରାଇଜର୍ସ ଘରୋଇ ସଂସ୍ଥା ନାମରେ ମହାନଗର ନିଗମର ୪କୋଟି ୧୭ଲକ୍ଷରୁ ଅଧିକ ଟଙ୍କାର ୨ଟି ଚେକ୍ ସମ୍ବଲପୁର କାଳିବାଡ଼ିସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗତ ୧୭ତାରିଖରେ ଜମା କରାଯାଇଥିଲା। ତେବେ ବଡ଼ ପ୍ରାପ୍ୟ ହୋଇଥିବା କାରଣରୁ ବ୍ୟାଙ୍କ ଅଧିକାରୀ ମହାନଗର ନିଗମଠାରୁ କ୍ରସଚେକ୍ କରିଥିଲେ। ତନାଘନା ପରେ ଜମା ହୋଇଥିବା ଦୁଇଟିଯାକ ଚେକ୍ ଅସଲି ଥିବାବେଳେ ଏଥିରେ ହୋଇଥିବା ପ୍ରାଧିକୃତ ଅଧିକାରୀଙ୍କ ଦସ୍ତଖତ ଜାଲ ବୋଲି ଜଣାପଡ଼ିଛି। ଗୋଟିଏ ଚେକ୍ ୧କୋଟି ୯୩ଲକ୍ଷ ଟଙ୍କାର ହୋଇଥିବାବେଳେ ଅନ୍ୟଟି ୨କୋଟି ୨୪ ଲକ୍ଷ ଟଙ୍କାର ରହିଛି। ଜାଲିଆତି ଜଣାପଡ଼ିବା ପରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମହାନଗର ନିଗମ କମିଶନର ବେଦଭୂଷଣଙ୍କ ଏତଲାକ୍ରମେ ଟାଉନ ଥାନାରେ ଭାରତୀୟ ନ୍ୟାୟସଂହିତାର ଦଫା ୩୧୮(୨), ୩୧୮(୩), ୩୩୬(୩), ୩୩୯, ୩୦୫(ଇ)ରେ ଏକ ମାମଲା(ନଂ.୧୫୬/୨୫) ରୁଜୁ କରାଯାଇ ଯାଞ୍ଚ ଆରମ୍ଭ ହୋଇଥିବା ଟାଉନ ଥାନା ଅଧିକାରୀ ସୁବ୍ରତ ମେହେର କହିଛନ୍ତି। ଏଥିରେ ସାଇବର ଥାନାର ମଧ୍ୟ ସହଯୋଗ ନିଆଯାଉଛି। ଚେକ୍ ଡିପୋଜିଟ କରିବାକୁ ଆସିଥିବା ବ୍ୟକ୍ତିଙ୍କ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଅଭିଯୋଗ ପରେ ଚେକ୍ ପେମେଣ୍ଟକୁ ସ୍ଥଗିତ ରଖାଯାଇଛି। ୨୦୨୫ରେ ଇସ୍ୟୁ କରାଯାଇଥିବା ଚେକ୍‌ର ସିରିଏଲ ନମ୍ବର ଯାଞ୍ଚ କରିବା ପରେ ଉଭୟ ଚେକ୍ ଅସଲି ହୋଇଥିବାରୁ ତାହା କିଭଳି ଜାଲିଆତଙ୍କ ହାତକୁ ଆସିଲା ତାକୁ ନେଇ ଯାଞ୍ଚ ଆରମ୍ଭ ହୋଇଛି। ଆକାଉଣ୍ଟ ବିଭାଗ ସହ ଜଡ଼ିତ କର୍ମଚାରୀ ଏବଂ ଅଧିକାରୀଙ୍କୁ ନେଇ ପୋଲିସ ପଚରାଉଚରା କରୁଛି। ତେବେ ଉଭୟ ଚେକ୍ ୨୦୧୫-୧୬ ମସିହାରେ ହଜିଯାଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ। ସେଣ୍ଟ ଚେକ୍ ହଜିବା ଏବଂ ଦଶ ବର୍ଷ ପରେ ସେହି ଚେକ୍ ଜରିଆରେ କୋଟି କୋଟି ଟଙ୍କା ଉଠାଇବାକୁ ଉଦ୍ୟମ କରିବା ଘଟଣା ପରେ ମହାନଗର ନିଗମରେ କେହି ନା କେହି ଏହି ଦୁର୍ନୀତି ସହ ଜଡ଼ିତ ରହିଥିବା ନେଇ ସାଧାରଣରେ ଆଶଙ୍କା ବୃଦ୍ଧି ପାଉଛି। ଚେକ୍ ଡିପୋଜିଟ ହୋଇଥିବା କୋଲକାତାର ଏନ୍.କେ. ଏଣ୍ଟରପ୍ରାଇଜର୍ସକୁ ମଧ୍ୟ ତଦନ୍ତ ପରିସରକୁ ଅଣାଯାଇଛି। ଚେକ୍ ଜରିଆରେ ଟଙ୍କା ଆକାଉଣ୍ଟରେ ଜମା ହେବା ପୂର୍ବରୁ କଥା ପ୍ରଘଟ ହୋଇଯାଇଥିବାରୁ ସମ୍ବଲପୁର ମହାନଗର ନିଗମର କୋଟି କୋଟି ଟଙ୍କା ଲୁଟ ହେବାରୁ ବର୍ତ୍ତି ଯାଇଛି। ତେବେ ପ୍ରତିବର୍ଷ ମହାନଗର ନିଗମରେ ଶହଶହ କୋଟିର ପ୍ରକଳ୍ପ କାମ ହେଉଥିବାବେଳେ ଏଭଳି ଜାଲିଆତି ଘଟଣା ପ୍ରଥମ ନା ପୂର୍ବରୁ ମଧ୍ୟ କରାଯାଇଛି ତାହା ମଧ୍ୟ ତଦନ୍ତର ବିଷୟ। ଏହି ଦୁର୍ନୀତିରେ ଆପରାଧିକ ସିଣ୍ଡିକେଟ୍ ସହିତ ବ୍ୟାଙ୍କ କର୍ମଚାରୀ, ମହାନଗର ନିଗମ କର୍ମଚାରୀ ସଂପୃକ୍ତ ରହିଛନ୍ତି ନା ନାହିଁ ତାହା ତଦନ୍ତ କରାଯାଉଛି। ତେବେ ମହାନଗର ନିଗମ ପକ୍ଷରୁ ଏଭଳି କୌଣସି ଚେକ୍ କଟା ଯାଇ ନ ଥିବା ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି। ଗତ ୧୬ ତାରିଖ ନିଗମର ପ୍ରାଧିକୃତ ଅଧିକାରୀଙ୍କ ନକଲି ଦସ୍ତଖତ ଥିବା ୨ଟା ନକଲି ଚେକ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କାଳିବାଡ଼ି ଶାଖାରେ ଜମା ହୋଇଥିଲା। ବ୍ୟାଙ୍କ ଅଧିକାରୀଙ୍କ ସନ୍ଦେହ ହେବାରୁ ଆମକୁ ଅବଗତ କରିଥିଲେ। ଏ ନେଇ ମହାନଗର ନିଗମ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ଦାଖଲ କରାଯାଇଛି। ଏ ବାବଦରେ ପୋଲିସ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ବେଦଭୂଷଣ କହିଛନ୍ତି।

## ସୁଶାନ୍ତ ନାୟକ ହତ୍ୟା ମାମଲା: ୫ ଜଣଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୨୦।୫(ସତ୍ୟଜିତ ରାଉତ): କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ଜିଇଡି ବସ୍ତିରେ ସୁଶାନ୍ତ ନାୟକ ଓରଫ କାଳିଆଙ୍କୁ ହତ୍ୟା ମାମଲାରେ ଭୁବନେଶ୍ୱରସ୍ଥିତ ୨ୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅଭିଯୁକ୍ତ ପରିବାରର ୫ ସଦସ୍ୟଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି। ସମସ୍ତଙ୍କୁ ୨୫ ହଜାର ଲେଖାଏ ଜରିମାନା ଦେବାକୁ ବିଚାରପତି ବନ୍ଦନା କର ନିର୍ଦ୍ଦେଶ ଦେଇଛନ୍ତି।

## ଲେଫ୍ରିପଡ଼ା ବ୍ଲକ୍‌ର ପୂର୍ବତନ ବିଡିଓ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ

କଟକ,୨୦।୫(କାର୍ତ୍ତିକ ସାହୁ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ୍‌ର ପୂର୍ବତନ ବିଡିଓ ତଥା ଅବସରପ୍ରାପ୍ତ ଓଏଏସ୍ ସୁବାସ ଚନ୍ଦ୍ର ମିଶ୍ର ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ତାଙ୍କ ବିରୋଧରେ ରୁଜୁ ହୋଇଥିବା ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ତାଙ୍କ ରାୟରେ ୨ ବର୍ଷ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଦଣ୍ଡାଦେଶ ପ୍ରକାଶ ପାଇବା ପରେ ଭିଜିଲାନ୍ସ ଅଭିଯୁକ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ ନିମନ୍ତେ ପଦକ୍ଷେପ ନେବ ବୋଲି ସୂଚନା ଦିଆଯାଇଛି। କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଦିଲୀପ କୁମାର କର ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ପେଶାଲ ପିପି ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ।

## ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୦।୫(ବାଞ୍ଛାନିଧି ଦେ)

ମହିଳାଙ୍କୁ ଗଣବଳାତ୍କାର ମାମଲା

ମହିଳାଙ୍କୁ ଗଣବଳାତ୍କାର ମାମଲାର ଶୁଣାଣିକରି ମଙ୍ଗଳବାର ବାଲେଶ୍ୱର ଆଡହକ୍ ଆଡିଶନାଲ ଜିଲା ଏବଂ ସେସନ୍ସ ଜଜ୍ ଅନୀତା ସାହୁ ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ ଅଗଷ୍ଟ ୨୦ତାରିଖ ସନ୍ଧ୍ୟାରେ ଖଇରା ଥାନା ଅଞ୍ଚଳର ଜଣେ ମହିଳା ସ୍ଥାନୀୟ ଗ୍ରାମର ଏକ ଦୋକାନକୁ ସଉଦା ଆଣିବା ପାଇଁ ଯାଉଥିଲେ। ଗାଁ ପୋଲ ନିକଟରେ ୨ଜଣ ଅଚିହ୍ନା ବ୍ୟକ୍ତି ବାଇକ୍‌ରେ ଆସି ତାଙ୍କୁ ଜବରଦସ୍ତ ମୁହଁରେ ଲୁଗା ବାନ୍ଧି ସ୍ଥାନୀୟ ବରପଦା ସ୍କୁଲ ଭିତରକୁ ନେଇଯାଇଥିଲେ। ସେଠାରେ ଆଉ ଜଣେ ବ୍ୟକ୍ତି ଥିଲେ। ସ୍କୁଲ ଘର ଭିତରେ ୩ଜଣ ମିଶି ଜଣେ ପରେ ଜଣେ ଜବରଦସ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ବଳାତ୍କାର ପରେ ମହିଳାଙ୍କୁ ବେକରୁ ୩ଟି ଲକେଟ୍ ଲାଗିଥିବା ମଙ୍ଗଳସୂତ୍ର, ସୁନା କାନଫୁଲ, ନାକଫୁଲ, ରୁପା ପାଉଁଜି ନେଇ ଅଭିଯୁକ୍ତମାନେ ପଳାଇ ଥିଲେ। ଖଇରା ଥାନା ଚାଳଙ୍ଗପଳାସାହିର ମନୋରଞ୍ଜନ ସିଅଳ, ବରପଦା ଅଞ୍ଚଳର ସଞ୍ଜୟ ସାହୁ ଓ ମୋହନ ସାହୁ ବଳାତ୍କାର କରିଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୭୦/୨୦୨୦) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମୋଟ୍ ୧୯ ଜଣ ସାକ୍ଷୀ ଓ ୧୭ ଦସ୍ତାବିଜକୁ ଆଧାରକରି ଜଜ୍ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ସରକାରୀ ଓକିଲ ଦୀପକ କୁମାର ଦାସ ମାମଲାର ପରିଚାଳନା କରୁଥିଲେ।

## ୧୮ ହଜାର ଲାଞ୍ଚ ନେବାବେଳେ ଡେପୁଟି ରେଞ୍ଜରଙ୍କୁ ଧରିଲା ଭିଜିଲାନ୍ସ

ରାଉରକେଲା, ୨୦।୫
(ଦିନେଶ ମିଶ୍ର)



ଡେପୁଟି ରେଞ୍ଜର ଅସିତ ପଟ୍ଟନାୟକ।

ରାଉରକେଲା ବନ ବିଭାଗ ଅଧୀନ ବିଶ୍ରା ଫରେଷ୍ଟ ରେଞ୍ଜ୍ ଅଫିସରେ ଲାଗିଥିବା ଏକ ଗାଡ଼ି ଡ୍ରାଇଭରଙ୍କ ପ୍ରାପ୍ୟ ରିଲିଜ କରାଇଦେବା ନାଁରେ ୧୮ ହଜାର ଟଙ୍କା ଲାଞ୍ଚ ନେବାବେଳେ ଡେପୁଟି ରେଞ୍ଜର ଅସିତ ପଟ୍ଟନାୟକ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏ ନେଇ ରାଉରକେଲା ଭିଜିଲାନ୍ସରେ ଏକ ମାମଲା (ନଂ.୦୭/୨୫) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ବିଶ୍ରା ବନ ବିଭାଗ କାର୍ଯ୍ୟାଳୟରେ ଜଣେ ବ୍ୟକ୍ତି ନିଜ ଗାଡିକୁ ଭଡା ସୂତ୍ରରେ ଲଗାଇଥିଲେ। କିନ୍ତୁ ଗାଡ଼ି ଚଳାଇବା ପାଇଁ କୌଣସି ଡ୍ରାଇଭର ଦେଇ ନ ଥଲେ। ଫଳରେ ଡେପୁଟି ରେଞ୍ଜର ପଟ୍ଟନାୟକ ଜଣେ ଡ୍ରାଇଭର ରଖି କାର୍ଯ୍ୟାଳୟ କାମରେ ଗାଡ଼ିକୁ ବ୍ୟବହାର କରୁଥିଲେ। ଦୀର୍ଘ ମାସ ଧରି ଦରମା ନ ମିଳିବାରୁ ଉକ୍ତ ଡ୍ରାଇଭର ଡେପୁଟି ରେଞ୍ଜରଙ୍କୁ ପ୍ରାପ୍ୟ ମାଗିଥିଲେ। ତେବେ ଡେପୁଟି ରେଞ୍ଜର ଦରମା ଟଙ୍କା ରିଲିଜ କରାଇବା ପାଇଁ ଉକ୍ତ ଡ୍ରାଇଭରଙ୍କୁ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଫଳରେ ଡ୍ରାଇଭର ଜଣଙ୍କ ମେ ୧ ତାରିଖରେ ଏ ନେଇ ରାଉରକେଲା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ଡେପୁଟି ରେଞ୍ଜର ପଟ୍ଟନାୟକ ଉକ୍ତ ଗାଡ଼ି ଡ୍ରାଇଭରଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଡେପୁଟି ରେଞ୍ଜରଙ୍କ ଅଫିସ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି। ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୮ଟା) ଚଢାଉ ଜାରି ରହିଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ।


### ଓଡ଼ିଶା ସରକାର
### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

File No. COL/JAJ/IVL/2023/1244 /(LAO-TDR Jajpur)/ dated 19.02.25

**No.XXIV-06:** ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ କିଆନାଳୀକୂଳଠାରୁ ସିନ୍ଦୂରାଇମୁହାଣ ଭାୟା ମାନସାପୋଲ ଅଠରନଳା-ପ୍ରହରାଜପୁର ବାଇପାସ୍ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ୟୁନିଟ୍-୧୯ (ଗଇନ୍ଦିଆ) ଥାନା-ଯାଜପୁର ନଂ.୨୦୨, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୦୮୩ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଯାଜପୁର ଜିଲ୍ଲାରେ କିଆନାଳୀକୂଳଠାରୁ ସିନ୍ଦୂରାଇମୁହାଣ ଭାୟା ମାନସାପୋଲ ଅଠରନଳା-ପ୍ରହରାଜପୁର ବାଇପାସ୍ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଯାଜପୁର ଜିଲ୍ଲାରେ କିଆନାଳୀକୂଳଠାରୁ ସିନ୍ଦୂରାଇମୁହାଣ ଭାୟା ମାନସାପୋଲ ଅଠରନଳା-ପ୍ରହରାଜପୁର ବାଇପାସ୍ ରାସ୍ତା ନିର୍ମାଣ (ଅତିରିକ୍ତ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୪୫୨୦୭/୨୧.୧୨.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍-୧୯ ଗଇନ୍ଦିଆ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୦.୧୫ ଡି | ଏ.୦.୦୮୩ ଡି | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଯାଜପୁର, ତହସିଲ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଭୂମି ଅନୁସୂଚୀ**
ପ୍ରକଳ୍ପ କିଆନାଳୀକୂଳଠାରୁ ସିନ୍ଦୂରାଇମୁହାଣ ଭାୟା ମାନସାପୋଲ-ଅଠରନଳା-ପ୍ରହରାଜପୁର ବାଇପାସ୍ ରାସ୍ତା ନିର୍ମାଣ (ଅତିରିକ୍ତ)
ମୌଜା-ୟୁନିଟ୍-୧୯, ଗଇନ୍ଦିଆ, ଥାନା ନଂ.୨୦୨, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨୯ | ୮୩ | ୦.୦୮୦ | ୦.୦୩୩ | ଶାରଦ ଜଳ-୧ | ନିମାଇଁ ବଲ୍ଲଭ ରାଏ, ମନିନ୍ଦ୍ର ବଲ୍ଲଭ ରାଏ, ଗ୍ୟାନେନ୍ଦ୍ର ବଲ୍ଲଭ ରାଏ, ଜିତେନ୍ଦ୍ର ବଲ୍ଲଭ ରାଏ, ପି:ରମଣି ବଲ୍ଲଭ ରାଏ, ଜା:କାଏସ୍ଥ, ବା:କୁଆଁସରପୁର | |
| ୨ | ୩୦ | ୭୯ | ୦.୦୭୦ | ୦.୦୫୦ | ଶାରଦ ଜଳ-୧ | ନିମାଇଁ ବଲ୍ଲଭ ରାଏ, ମନିନ୍ଦ୍ର ବଲ୍ଲଭ ରାଏ, ଗ୍ୟାନେନ୍ଦ୍ର ବଲ୍ଲଭ ରାଏ, ଜିତେନ୍ଦ୍ର ବଲ୍ଲଭ ରାଏ, ପି:ରମଣି ବଲ୍ଲଭ ରାଏ, ଜା:କାଏସ୍ଥ, ବା:କୁଆଁସରପୁର, ଗୋପୀନାଥ ନାଥ, ପି:ମୃକ୍ଷେଇ ନାଥ, ହାଡିଆଣୀ ନାଥ,ସ୍ୱା:ମୃକ୍ଷେଇ ନାଥ, ଜା:ତନ୍ତି, ବା:ଖଣ୍ଡେଶ୍ୱର | |
| | | ମୋଟ | | ୦.୦୮୩ | | | |

OIPR-24163/14/0058/2526 Sd./- Tahasildar-Cum-L.A.O, Jajpur



### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ
No.XXIII-02

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ
ଏଲ୍.ଏ. କେସ୍ ନଂ.୨୬୧/୨୦୧୯
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା........... ଆବେଦନକାରୀ
ବନାମ
୧.ମଧୁସୂଦନ ପରମଗୁରୁ, ପିତା-ବିଶ୍ୱନାଥ ପରମଗୁରୁ, ସା-ଚନ୍ଦ୍ରଶେଖରପୁର, ପୋ/ଥାନା-ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧା..... ବିରୋଧୀପକ୍ଷ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ.୨୬୧/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିସୂଚିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଚନ୍ଦ୍ରଶେଖରପୁର, ଖାତା ନଂ.-୩୭୫, ପ୍ଲଟ ନଂ.-୬୯୯, ରକବା ଏ.୦.୦୦୩ ଡି ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେ ଧାର୍ଯ୍ୟ ତା.୧୭.୦୫.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା.୧୧.୦୩.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily news papers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ
OIPR-24351/14/0067/2526



### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
No. XXXIII-01
### ନୋଟିସ

ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୩୯/୨୦୨୦
ଭୂମି ଅଧିଗ୍ରହଣ ଅଧିକାରୀ ଓ କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ
ବନାମ
୧. ଊର୍ମିଳା ଦେଇ, ସ୍ୱାମୀ: ଗୁରୁଚରଣ ପଟ୍ଟନାୟକ, ସା: ଜାଆଁଳା, ୨. ହୀରାମଣି ଦେଇ, ସ୍ୱାମୀ: ନଟବର ସାନ୍ତରା, ୩. ଯଶୋବନ୍ତି ଦେଇ, ସ୍ୱାମୀ: ରଘୁନାଥ ବଡ଼ଜେନା, ୪. ବିଜୟଚନ୍ଦ୍ର ବଡ଼ଜେନା, ପିତା: ରାମଚନ୍ଦ୍ର ବଡ଼ଜେନା, ୫. ମାଗୁଣି ଚନ୍ଦ୍ର ସାମନ୍ତରାୟ, ପିତା: ଗୌରାଙ୍ଗ ସାମନ୍ତରାୟ, ସା/ପୋ: ମେଣ୍ଢାଶାଳ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୬. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପିତା: କୁବେର ମହାପାତ୍ର, ସା/ପୋ.: ମେଣ୍ଢାଶାଳ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭. ଅରୁଣ କୁମାର ବଡ଼ଜେନା, ପିତା: ବିଜୟଚନ୍ଦ୍ର ବଡ଼ଜେନା, ସା/ପୋ.: ମେଣ୍ଢାଶାଳ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୮. ହରିହର ବଡ଼ଜେନା, ୯. ଭାଗିରଥୀ ବଡ଼ଜେନା, ପିତା: ରଘୁନାଥ ବଡ଼ଜେନା, ସା/ପୋ.: ମେଣ୍ଢାଶାଳ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୧୦. କମଳା ଦେଇ, ସ୍ୱାମୀ: ଭୀମସେନ ସାମନ୍ତରାୟ, ସା/ପୋ.: ମେଣ୍ଢାଶାଳ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା ..... **ବିରୋଧୀ ପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ. ୩୯/୨୦୨୦ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ମୌଜା: ହରିପୁର, ଖାତା ନଂ. ୧୦, ପ୍ଲଟ ନଂ. ୩୭୨, ରକବା ଏ୦.୦୦୫ଡି. ଅଟେ। **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୮।୦୫।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୯।୦୩।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୩୮/୨୦୨୧
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ
ବନାମ
୧. ପ୍ରାଣନାଥ ବେହେରା, ୨. ଭୋକି ବେହେରା, ୩. ଅଭିରାମ ବେହେରା, ୪. ଉଗ୍ରସେନ ବେହେରା, ପିତା: ରଘୁନାଥ ବେହେରା, ୫. ଚିନ୍ମୟ ବେହେରା, ପିତା: ପ୍ରସନ୍ନ ବେହେରା, ସା: ପଥରଗାଡ଼ିଆ, ୬. ପ୍ରମୋଦ କୁମାର ବେହେରା, ୭. ପ୍ରତାପ କୁମାର ବେହେରା, ପିତା: ଉଗ୍ରସେନ ବେହେରା, ସା: ପଥର ଗାଡ଼ିଆ, ୮. ରାଜକିଶୋର ପୁହାଣ, ପିତା: ରଙ୍କନିଧି ପୁହାଣ, ସା: ପଥରାଡ଼ି, ପୋଷ୍ଟ: ଚରମ୍ପା, ଥାନା/ଜି.: ଭଦ୍ରକ, ୯. ବିଶ୍ୱନାଥ ବେହେରା, ୧୦. ନବକିଶୋର ବେହେରା, ପିତା: ଅଭିରାମ ବେହେରା, ସା: ପଥରଗାଡ଼ିଆ, ୧୧. ମୀନ କେତନ ବେହେରା, ପିତା: ମୁରଲିଧର ବେହେରା, ସା: ପଥରଗାଡ଼ିଆ, ୧୨. ଶାନ୍ତିଲତା ବେହେରା, ସ୍ୱାମୀ: ଲୋଚନ ବେହେରା, ସା/ପୋ.: କଳାରାହାଙ୍ଗ, ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୧୩. ପ୍ରଶାନ୍ତ ବେହେରା, ପିତା: ଭୋକି ବେହେରା, ସା: ପଥରଗାଡ଼ିଆ, ୧୪. ଚିନ୍ମୟ ବେହେରା, ପିତା: ପ୍ରସନ୍ନ ବେହେରା, ସା: ପଥରଗାଡ଼ିଆ, ୧୫. ଓଷା ବେହେରା, ସ୍ୱାମୀ: ଭୋଳା ବେହେରା, ସା: ପଥରଗାଡ଼ିଆ, ୧୬. ପ୍ରଫୁଲ୍ଲ କୁମାର ବେହେରା, ୧୭. ପ୍ରାଣନାଥ ବେହେରା, ସା: ପଥରଗାଡ଼ିଆ, ୧୮. ବଳରାମ ବେହେରା, ୧୯. ଜଗେଶ୍ୱର ବେହେରା, ୨୦. ଅରବିନ୍ଦ ବେହେରା, ପିତା: ଅନାଦୀ ବେହେରା, ସା/ପୋ.: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା ..... **ବିରୋଧୀ ପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୩୮/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ମୌଜା: ପଥରଗାଡ଼ିଆ, ଖାତା ନଂ. ୧୮୩, ପ୍ଲଟ ନଂ. ୮୧୯, ରକବା ଏ୦.୧୪୦ଡି. ଅଟେ। **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୮।୦୫।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ଏହି ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୯।୦୩।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୧୧୮/୨୦୨୨
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ
ବନାମ
୧. ଏମ.ଏସ୍. ଫାଲକନ ମେରାଇନ୍ ଏକ୍ସପୋର୍ଟ ଲି:., ମାର୍ଫତ: ଏମ୍.ଡି. ପ୍ରଭା ରଞ୍ଜନ ପଟ୍ଟନାୟକ, ପିତା: ପଦ୍ମନାଭ ପଟ୍ଟନାୟକ, ସା-ଏ/୨୨, ଫାଲକନ ହାଉସ୍, ଫାଷ୍ଟଫ୍ଲୋର, କଟକ ରୋଡ଼, ଥାନା: ଲକ୍ଷ୍ମୀସାଗର, ଜିଲ୍ଲା: ଖୋର୍ଦ୍ଧା, ୨. ନମିତା ମହାନ୍ତି, ସ୍ୱାମୀ: ପ୍ରଭାଶ କୁମାର ମହାନ୍ତି, ସା: ଗୋଠପାଟଣା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩. ଯୁଗଳ ବେହେରା, ପିତା: ଉଦୟନାଥ ବେହେରା, ସା: ଘଙ୍ଗାପାଟଣା, ପୋଷ୍ଟ: ମଳିପଡ଼ା, ଜିଲ୍ଲା: ଖୋର୍ଦ୍ଧା, ୪. ପ୍ରଦୀପ୍ତ କୁମାର ଚୌଧୁରୀ, ପିତା: ଗୋବିନ୍ଦ କୁମାର ଚୌଧୁରୀ, ସା: ପ୍ଲଟ ନଂ. ଏସ୍.ସି.ଆର., ଖାରବେଳନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୫. ପ୍ରକାଶ ଚନ୍ଦ୍ର ପ୍ରଧାନ, ପିତା: ଯୁଧିଷ୍ଠିର ପ୍ରଧାନ, ସା: ପ୍ଲଟ ନଂ. ୨୫୩/୫୮୩, ଓ୍ୱେଷ୍ଟ ପାଇକନଗର, ପୋ.: ଡେଲଟା, ଥାନା: ନୟାପଲ୍ଲୀ, ଜିଲ୍ଲା: ଖୋର୍ଦ୍ଧା, ୬. ବୈଷ୍ଣବଦେବୀ ମାତା ଗୃହ ନିର୍ମାଣ ପ୍ରା.ଲି:. ତରଫ ଏମ୍.ଡି. ଦେବୀ ପ୍ରସାଦ ମହାପାତ୍ର, ପିତା: ରଘୁନାଥ ମହାପାତ୍ର, ସା: ପ୍ଲଟ ନଂ. ୨୧୧୫/୧୦, ରଥରୋଡ, ବିବେକାନନ୍ଦ ମାର୍ଗ, ପୋ.: ଓଲ୍‌ଡଟାଉନ, ଥାନା: ଲିଙ୍ଗରାଜ, ଜିଲ୍ଲା: ଖୋର୍ଦ୍ଧା, ୭. ଏମ୍.ଏସ୍. ତିଷା ସ୍କାଏ ସ୍କ୍ରାପର ପ୍ରା.ଲି:., ସା: ପ୍ଲଟ ନଂ. ୬୭୮ (ଦ୍ୱିତୀୟ ମହଲା) ଜାଗମରା, ଥାନା: ଖଣ୍ଡଗିରି, ତରଫ ଏମ୍.ଡି. ମନୋରଞ୍ଜନ ସିଂ, ପିତା: ଧରଣୀଧର ସିଂ, ସା: କୋଟିଲାକଣ ସାହି, ପୋ.: ଗୁରୁଜଙ୍ଗ, ଖୋର୍ଦ୍ଧା - ୭୫୨୦୫୫ ..... **ବିରୋଧୀ ପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୧୧୮/୨୦୨୨ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ମୌଜା: ଘଙ୍ଗାପାଟଣା, ଖାତା ନଂ. ୫୧୨/୪୨୩, ପ୍ଲଟ ନଂ. ୧୧୧୦, ଖାତା ନଂ. ୫୧୨/୩୫୬, ପ୍ଲଟ ନଂ. ୧୧୧୦/୨୭୬୫, ଖାତା ନଂ. ୫୧୨/୮୦୪, ପ୍ଲଟ ନଂ. ୧୧୧୦/୩୩୧୭, ରକବା ଏ୦.୨୪୫ଡି. ଅଟେ। **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୮।୦୫।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୮।୦୩।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୧୪୧/୨୦୨୧
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ
ବନାମ
୧. ଦିଲ୍ଲୀପ କୁମାର ରାଉତରାୟ, ପିତା: ନଗେନ୍ ରାଉତରାୟ, ସା: କିଆଜୋରି, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ୨. ପ୍ରଦୀପ୍ତ କୁମାର ମହାପାତ୍ର, ପିତା: ବୈକୁଣ୍ଠନାଥ ମହାପାତ୍ର, ସା: ପ୍ଲଟ ନଂ. ୩୬, ଫ୍ଲାଟ ନଂ. ୨୦୩, ଜାପାନିଜ୍ ପ୍ୟାଲେସ୍, ସତ୍ୟନଗର-୭୫୧୦୦୭, ୩. ପ୍ରତାପ ମହାପାତ୍ର, ପିତା: ବୃନ୍ଦାବନ ମହାପାତ୍ର, ସା/ପୋ/ଥା.: ରଣପୁର, ଜିଲ୍ଲା: ନୟାଗଡ଼, ୪. ବିନୋଦ ଦେହୁରୀ, ପିତା: ଭୀମା ଦେହୁରୀ, ସା: ବାରମାଣ, ପଥରଗାଡ଼ିଆ, ୫. ନେତ୍ରାନନ୍ଦ ଦେହୁରୀ, ପିତା: ଦାମ ଦେହୁରୀ, ୬. ହରି ଦେହୁରୀ, ପିତା: ପାଣ୍ଡବ ଦେହୁରୀ, ୭. ପ୍ରତାପ ଦେହୁରୀ, ୮. ଗୋକୁଳାନନ୍ଦ ଦେହୁରୀ, ପିତା: ବଳରାମ ଦେହୁରୀ, ସା: ବାରମାଣ, ପଥର ଗାଡ଼ିଆ, ୯. ଜ୍ୟୋତି ରଞ୍ଜନ ରାଉତ, ପିତା: କୃଷ୍ଣ ଚନ୍ଦ୍ର ରାଉତ, ସା/ପୋ.: ଗଣ୍ଡରପୁର, ଥାନା: ନନ୍ଦନକାନନ, ଭୁବନେଶ୍ୱର, ୧୦. ଉଷା ନାୟକ, ସ୍ୱାମୀ: ଶ୍ୟାମ ନାୟକ, ସା/ପୋ.: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ୧୧. ବଟି ନାୟକ, ସ୍ୱାମୀ: ରଜନୀକାନ୍ତ ନାୟକ, ସା: ଇଚ୍ଛାପୁର, ପୋ: ମୁଣ୍ଡଳୀ, ଥାନା: ବାରଙ୍ଗ, ଜିଲ୍ଲା: କଟକ, ୧୨. ଶଶି ଦେଇ, ସ୍ୱାମୀ: ନିଶାକର ବେହେରା, ସା: ରାମଚଣ୍ଡି, ପୋ: ଭାଗିପୁର, ଥାନା: ବାଙ୍କି, ଜିଲ୍ଲା: କଟକ, ୧୩. ପ୍ରହ୍ଲାଦ ଦେହୁରୀ, ପିତା: ଭୋକି ଦେହୁରୀ, ୧୪. ଦ୍ରୌପଦୀ ଦେହୁରୀ, ସ୍ୱାମୀ: ଚରଣ ଦେହୁରୀ, ୧୫. ନେତ ଦେହୁରୀ, ପିତା: ଭୋକି ଦେହୁରୀ, ସା: ବାରମାଣ, ପଥରଗାଡ଼ିଆ, ୧୬. ବାସୁଦେବ ଦେହୁରୀ, ପିତା: ଭୋକି ଦେହୁରୀ, ସା: କବାରୀ ସାହି, ଚନ୍ଦକା, ୧୭. ପଦ୍ମା ନାୟକ, ସ୍ୱାମୀ: ପ୍ରଫୁଲ୍ଲ ନାୟକ, ସା: ଶିମିଳିପାଟଣା, ପୋ/ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୧୮. ମଣି ମାଝି, ସ୍ୱାମୀ: ଅର୍ଜୁନ ମାଝି, ସା: ଚକ୍ରଧରପୁର, ପୋ: ମୁଣ୍ଡଳି, ଥାନା: ବାରଙ୍ଗ, ଜିଲ୍ଲା: କଟକ, ୧୯. କରନ ମାଝି, ପିତା: କୃଷ୍ଣ ମାଝି, ସା: ପଥରଗାଡ଼ିଆ, ପୋ: ଦାରୁଠେଙ୍ଗ, ଜିଲ୍ଲା: ଖୋର୍ଦ୍ଧା ..... **ବିରୋଧୀ ପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୧୪୧/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ମୌଜା: ସୁନ୍ଦରପୁର, ଖାତା ନଂ. ୧୨୨, ପ୍ଲଟ ନଂ. ୫୧୩/୮୯୧, ରକବା ଏ୦.୦୯୮ଡି. ଅଟେ। **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୮।୦୫।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୭।୦୩।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୩୫୨/୨୦୨୧
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ
ବନାମ
୧. ଭୀମସେନ ଦାସ, ପିତା: ଯଦୁମଣୀ ଦାସ, ସା: ମଳିପଡ଼ା, ଜିଲ୍ଲା: ଖୋର୍ଦ୍ଧା ..... **ବିରୋଧୀ ପକ୍ଷ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଅଦାଲତରେ ଏଲ୍.ଏ. କେସ୍ ନଂ. ୩୫୨/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ଜିଲ୍ଲା: ଖୋର୍ଦ୍ଧା, ମୌଜା: ଗୋଠପାଟଣା, ଖାତା ନଂ. ୪୪୧, ପ୍ଲଟ ନଂ. ୧୨୨୭, ଅଧିଗୃହୀତ ରକବା ଏ୦.୦୦୭ଡି. ଅଟେ। **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୮।୦୫।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଏହି ନୋଟିସ୍ ଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୨୧।୦୩।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
OIPR-24351/14/0068/2526

# ଆତଙ୍କବାଦର ମୂଳୋତ୍ପାଟନ ଜରୁରୀ

## ଆଜି ଜାତୀୟ ଆତଙ୍କବାଦ ନିରୋଧୀ ଦିବସ

ଆତଙ୍କବାଦ ଆମ ଦେଶରେ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ନିକଟରେ ପହଲଗାମ୍ ଆତଙ୍କବାଦୀଙ୍କ ବୀଭତ୍ସ ନରସଂହାର ଏବଂ ପରବର୍ତ୍ତୀ ସମୟରେ ଭାରତର ପାକିସ୍ତାନ ଉପରେ ସାମରିକ ପ୍ରତିଶୋଧ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ଆତଙ୍କବାଦକୁ କିପରି ମୂଳୋତ୍ପାଟନ କରିହେବ ସେ ନେଇ କେନ୍ଦ୍ର ସରକାର ବେଶ୍ ତତ୍ପର। ଅନ୍ୟପକ୍ଷରେ ଏହି ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ମେ' ୨୧କୁ ଆମ ଦେଶରେ 'ଜାତୀୟ ଆତଙ୍କବାଦ ନିରୋଧୀ ଦିବସ' (ନାଶନାଲ ଆଣ୍ଟି ଟେରରିଜମ୍ ଡେ') ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ପାଳନର ଏକ ମହତ୍ତ୍ୱ ମଧ୍ୟ ରହିଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୯୧ରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କୁ ଯେଉଁଭଳି ଭାବରେ ହତ୍ୟା କରାଯାଇଥିଲା ତାହାକୁ ସ୍ମରଣ କରାଇ ଦେବା ଲାଗି ଏହି ଦିବସ ପାଳନ କରାଯାଏ। ଆତଙ୍କବାଦ କେତେ ଭୟଙ୍କର



ଆଉ ଏହା ବିରୋଧରେ ଆମେ ଏକଜୁଟ ହୋଇ ଲଢ଼ିବା ଜରୁରୀ। ଏମାନଙ୍କ ଦ୍ୱାରା ଭିଆଯାଉଥିବା ହିଂସାକାଣ୍ଡ ଏବଂ ହତ୍ୟାକୁ ନିନ୍ଦା କରିବା ସହ ଏଭଳି ଏକ ବିଷବୃକ୍ଷକୁ କିପରି ସମୂଳେ ନାଶ କରିହେବ ସେ ନେଇ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ଏହି ବିଷୟରେ ଅଧିକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଲୋକମାନଙ୍କୁ ସଚେତନ କରାଯିବା ଦରକାର। ସମସ୍ତେ ଏକତ୍ର ହୋଇ ଏହା ବିରୋଧରେ ଲଢ଼ିବାର ସମୟ ଆସିଛି।

# ସ୍ୱାମୀ ଆଗରେ ଚାଲିଗଲା ସ୍ତ୍ରୀଙ୍କ ଜୀବନ

## ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

ନୂଆପଡ଼ା,୨୦।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ମହକୁମା ଏକତା ଛକଠାରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ସ୍ୱାମୀ ଆଗରେ ସ୍ତ୍ରୀଙ୍କ ଜୀବନ ଯାଇଛି। ମୃତା ମହିଳା ହେଲେ କୋମନା ଥାନା ଦର୍ଲିପଡ଼ା ପଞ୍ଚାୟତ ରେଙ୍ଗାବାହାଲ ଗାଁର ରୁକ୍ମିଣୀ ସାହୁ (୪୫)। ସୂଚନା ଅନୁଯାୟୀ ପୂର୍ବାହ୍ନରେ ଛବିଲାଲ ସାହୁ (୫୦) ଏକ ବାଇକ୍ (ଓଆର-୨୬ ଏ ୯୭୨୭)ରେ ସ୍ତ୍ରୀ ରୁକ୍ମିଣୀଙ୍କୁ ବସାଇ ରେଙ୍ଗାବାହାଲ ଗାଁରୁ ବୁଢ଼ୀପାଲି ପଞ୍ଚାୟତ ଜାମଲି ଗାଁ ଶ୍ୱଶୁର ଘରକୁ ଯାଉଥିଲେ। ଏହି ସମୟରେ ନୂଆପଡା ଏକତା ଛକଠାରେ ସିଜି୦୬ଜିଆର-୪୩୩୧ ନମ୍ବର ବିଶିଷ୍ଟ ଟ୍ରକ୍ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ରୁକ୍ମିଣୀ ଟ୍ରକ୍ ଚକା ତଳେ ଚାପି ହୋଇଯାଇଥିବା ବେଳେ ଛବିଲାଲ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହ ଟ୍ରାଫିକରେ ଥିବା ପୋଲିସ କର୍ମଚାରୀ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରୁକ୍ମିଣୀଙ୍କୁ ମୃତ ଘୋଷଣା କରିଥିଲେ। ଛବିଲାଲ ଚିକିତ୍ସାଧୀନ ଅଛନ୍ତି। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଜୋସେଫ ସୁନା ସୂଚନା ଦେଇଛନ୍ତି।


**GOVERNMENT OF ODISHA** No.A-201
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
'e' Procurement Notice No. ACECIC - 02/2025-26

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | NGR-02/2025-26 | Flood Protection Work on river Brutang Left Bank to Protect Khordha-Balangir Railway Line near Village Gopalpur of Takera GP under Daspalla Block of Nayagarh District | 790.92 | 791000/- (Online) | 10000/- (Online) | "A" & "Special" Class | 22.05.2025 At 10.00 Hours | 05.06.2025 At 17.00 Hours | 06.06.2025 At 11.00 Hours | 18 (Eighteen Calendar Month) |
| | KID-01/2025-26 | Improvement to Mahanadi Right Embankment from Sunadei Hill to Harirajpur | 380.85 | 380900/- (Online) | 10000/- (Online) | "A" Class | 22.05.2025 At 10.00 Hours | 05.06.2025 At 17.00 Hours | 06.06.2025 At 11.00 Hours | 08 (Eight Calendar Month) |
| | KID-02/2025-26 | Improvement to Malaguni Left Embankment from Golabai to Atharabatia (Working RD.0.0 Km to 3.25 Km) | 465.02 | 465100/- (Online) | 10000/- (Online) | "A" Class | 22.05.2025 At 10.00 Hours | 05.06.2025 At 17.00 Hours | 06.06.2025 At 11.00 Hours | 08 (Eight Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tendersorissa.gov.in
OIPR-32160/11/0027/2526 Sd./- Additional Chief Engineer, Central Irrigation Circle

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 3350 / P.S.C., Dt. 19.05.2025**
**(1R-08-2025/26)(DR-V)**

**No.D-** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Civil Engineering,** pursuant to Advertisement No.4 of 2024-25 shall be held on **29.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.05.2025 | 2.30 P.M. | P240306409, P240306811 & P240311345 = **03 Candidates** |

The candidates are required to submit the following documents (both original & one set of photo-copies) at the time of verification :-
1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University / Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.04 of 2024-25.
18. Any other documents as mentioned in para-09 of Advt. No.04 of 2024-25

The candidates are advised to report in the Office of the Commission __half an hour before the commencement of verification__ on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0214/2526 Sd./- Secretary

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 3356 / P.S.C., Dt. 19.05.2025**
**(1R-01-2025/26)(DR-V)**

**No.D-** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Civil Engineering,** pursuant to Advertisement No.31 of 2023-24 shall be held on **29.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.05.2025 | 10.30 A.M. | P240302365, P240245064, P240306409, P240306995 & P240311345 = **05 Candidates** |

The candidates are required to submit the following documents (both original & one set of photo-copies) at the time of verification :-
1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University / Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission __half an hour before the commencement of verification__ on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0216/2526 Sd./- Secretary

**OFFICE OF THE PRINCIPAL, STATE INSTITUTE OF TRAINING & EXTENSION, BARAMUNDA, BHUBANESWAR**
(email-agromi.dag@nic.in)
No. - 1168 Date - 17.05.2025
**Tender Call Notice**

**No.L-15** : Principal, State Institute of Training & Extension, Bhubaneswar invites tender for selection of catering agency for supply of food during different trainings and other programmes organized at State Institute of Training and Extension (SITE), Bhubaneswar. The detailed RFP document can be downloaded from the website www.agri.odisha.gov.in from dt. 17.05.2025. The last date for submitting the tender documents alongwith Bid Processing Fees of Rs.1000/- (Rupees One Thousand) only in favour of Principal, State Institute of Training & Extension payable at Bhubaneswar through Speed Post / Registered Post / Courier only on or before **dt.06.06.2025 up to 04.00 P.M.** The Technical Bids will be opened on **dt.09.06.2025 at 11.30 A.M.** The date of opening of Financial Bids will be intimated later on. Principal, SITE reserves the right to accept or Reject any/ all proposals/ terminate the entire selection process at any stage without assigning any reason thereof.

Sd./ Principal
OIPR-11170/11/0003/2526 SITE, Bhubaneswar

**OFFICE OF THE PRINCIPAL NETAJI SUBHASH CHANDRA BOSE COLLEGE, SAMBALPUR (GOVT. LEAD COLLEGE)**
Tel:- (0663) 2546403, e-mail id :-nscbcsbp@gmail.com
No.919/NSCB Date:15.5.2025
**TENDER CALL NOTICE**

**No.N-47:** Sealed tenders are invited in two bid system from interested reputed registered firms / authorized suppliers having valid up-to-date GST/IT clearance for supply of Electronic, Furniture items and Library Books from Reputed suppliers/ firms, so as to reach the undersigned on or before 18.06.2025, 04.00 PM through registered / Speed Post only. The authority reserves the right to cancel the tender without assigning any reason thereof.
For details, please visit the College Website:
**https://nscbcollegesbp.org.**

Sd./- Principal
OIPR-27139/11/0001/2526 NSCB College, Sambalpur

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT,
POST:BALIMELA:DIST:MALKANGIRI (ODISHA),PIN:764051
Phones:06861-232581 (O)/232641 (R), Fax:06861-232541, E-Mail:unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR-22
Tel:91-0674-2542983, 2542802, 2545526, Fax:2542102, GRAM:HYDROPOWER
E-MAIL: ohpc.co@gmail.com/md@ohpcltd.com, Web: www.ohpcltd.com
CIN:U40101OR1995SGC003963, GSTIN-21AAACO2575P1Z9
__TENDER CALL NOTICE NO: BHEP/TECH/14/2025-26, Dtd.17.5.2025__

**No.CAD-447:** The Sealed tenders are invited in single part bid basis from the Manufacturer/Reputed Suppliers/ Authorized Dealers for supply of materials as detailed below.

| Sl.No. | Description of Items | Cost of Tender Paper in Rs. |
|---|---|---|
| 1 | Supply of HYDAC make Pressure Switches for BHEP, Balimela | Rs.7080/- Inclusive of GST @ 18% |

The Sale of Tender Paper will be from : **21.05.2025 to 06.06.2025 (upto 11.00 hrs)**
The last date & time of receipt of tenders : **Upto 11.30 hrs. of 06.06.2025**
Date and time of opening of the Bid : **06.06.2025 at 12.00 Hrs.**
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com.**

Sd./- C & P Head
OIPR-04019/11/0089/2526 BHEP, Balimela

**GOVERNMENT OF ODISHA** No.B-134
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION-I, SAMBALPUR**
E-mail - exeengsbp@rediffmail.com
__e-Procurement Notice__
**BID IDENTIFICATION No.:SE/R AND B/ SBP/03/2025-26**
**Order No.1766, Dtd.15.05.2025**

1. The **Superintending Engineer, Sambalpur (R&B) Division No-I, Sambalpur** on behalf of Governor of Odisha invites **Percentage Rate Bids in Single/Double Cover System in ONLINE MODE** for **Building** (Civil+EI+PH) **& Road Works** as detailed in the **DTCN** from the eligible class of Contractors.
2. No. of Works : 08 (Eight) (Building & Road)
3. Tender Cost: Rs.10,000/-, Rs.6000/- & Rs.4000/- (Online)
4. Class of Contractor : "B" Class Contractor and "D" & "C" Class Contractor.
5. Date and Time available in Website & receipt of Bids: **11.00 Hrs. 21.05.2025 to 16.00 Hrs. of 28.05.2025.**
6. Date of Opening of Tender : **28.05.2025 at 17.00 Hrs.**
7. The Bidders have to participate in ONLINE bidding only. Further details can be seen from the Website.
8. Any Corrigendum/ Addendum will be displayed in the website www.tendersodisha.gov.in only.

Sd./- Superintending Engineer
OIPR-34112/11/0009/2526 Sambalpur (R&B) Division-I

See Career Appointment on every **Wednesday & Saturday**

**DISTRICT MINERAL FOUNDATION, JAJPUR**
Ph.06728-222227
Email:dmfjajpur@gmail.com, Website:https://jajpur.odisha.gov.in
**WALK-IN INTERVIEW FOR SPECIALISTS/ DOCTORS**

**No.CAD-458:** Candidatures are invited for walk-in interview for appointment of Superspecialists/ Specialists/ General Duty Medical Officers in CHC Sukinda, Danagadi and Jajpur Road, PHC (N) Hatibari , Duburi, Kaliapani, Jakhapura & Tamka out of District Mineral Foundation Fund. The Vacancy details and all other requisite qualification, experience is available in website www.jajpur.odisha.gov.in.
The date of walk-in interview: 06.06.2025 at 08.00 AM
Venue: Collectorate Conference Hall.

Sd./-
Collector & Managing Trustee,
OIPR-30025/11/0012/2526 DMF, Jajpur

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
email- serwsbd2003@yahoo.com
__e- Procurement Notice for Roads and Bridge Works__

**No.O-178:** 1.Name of the work : Construction of Road and Bridge Works (07 Nos.). 2. Class of contractor : "B" & "A" , Special Class of (Odisha PWD) or relevant class of other licensing authority. 3. Estimated Cost : Varies from Rs.113.93 Lakhs to Rs.739.32 Lakhs (Approximately). 4.Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-03/2025-26 | 23.05.2025 at 11.00 A.M. | 10.06.2025 upto 5.00 P.M. | 09.06.2025 upto 2.00 P.M. | 11.06.2025 at 10.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender website.

OIPR-25182/11/0059/2526 Chief Construction Engineer, Rural Works Circle, Sunabeda

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ, ସୋନପୁର
**OFFICE OF THE SUPERINTENDING ENGINEER RURAL WATER SUPPLY & SANITATION DIVISION, SONEPUR**
Pin-767017, Ph:06654-220259 (Off), Email: eerwssdivsnpr@gmail.com
GOVERNMENT OF ODISHA "e" PROCUREMENT NOTICE
**Bid Identification No.05 of 2025-26 Dt.17.05.2025**

No.O-176: The Superintending Engineer, RWSS Division, Sonepur on behalf of the Governor of Odisha invites Percentage Rate Bids through e-procurement in Single Cover system according to norm of e-procurement system in on-line mode for the work **"Construction of Hand Pump Tube Well's Platforms (204 Nos) as per UNICEF Design & Specifications in Binka Block, B.M.Pur Block & Ullunda Block under RWS&S Sub¬division, Birmaharajpur in the district of Subarnapur."**
1. Nature of Work: - Construction of Hand Pump Tube Well's Platforms (204 Nos) as per UNICEF Design & Specifications in Binka Block, B.M.Pur Block & Ullunda Block under RWS&S Sub-division, Birmaharajpur in the district of Subarnapur. 2.Total no. of Work:- 01. 3.Tender Paper Cost:- Rs. 6000/-. 4. Value of Work :- Rs. 19.94 Lakhs. 5. Class of Contractor:- "D" & "C". 6.Period of Completion:- 90 days (Refer DTCN available in the Website **www.tendersodisha.gov.in.**

| Procurement Officer- Publisher | Bid Identification No. | Date and time of availability of documents in the portal | | Last Date & Time of Seeking Clarification on Tender/ Bid | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Sonepur | Notification No.05 of 2025-26 | Dt.21.05.2025 @11.00 AM | Dt.29.05.2025 Upto 5.00 PM | Dt.26.05.2025 upto 2.00 PM | Dt.30.05.2025 @11.00 AM |

OIPR-25037/11/0010/2526 Sd./- Superintending Engineer, RWS&S Division, Sonepur

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and Drinking Water Department, Government of Odisha
ORMAS
SIRD & PR Campus
Unit - VIII, Bhubaneswar
Odisha-751012, India
Tel : 0674-2565870/71
Email : ormashq@gmail.com
Website : www.ormas.org

**RFP No. : 1654** **Date : 19.05.2025**
PT2-ORMAS-FIN-MISC-0001-2021

__REQUEST FOR PROPOSAL__
**Selection of Agency for providing Manpower to ORMAS for "Formation and Promotion of 10000 FPOs" Scheme under ORMAS**

**No.CAD-457** : Odisha Rural Development & Marketing Society (ORMAS), Panchayati Raj & DW Department, Govt. of Odisha invites sealed proposals from eligible bidders to carry out **"Selection of Agency for providing Manpower to ORMAS for "Formation and Promotion of 10000 FPOs" Scheme under ORMAS"**. Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.ormas.org/panchayat.odisha.gov.in./ www.tendersodisha.gov.in. The major events under the bid process are :

| Sl. | List of Key Events | Critical Dates |
|---|---|---|
| 1 | Date of Issue of RFP | 20.05.2025 |
| 2 | Date of Pre-Bid Meeting | 28.05.2025 - 11.30 A.M. |
| 3 | Last Date for Submission of Proposal | 10.06.2025 - 2.00 P.M. |
| 4 | Date of Opening of Technical Proposal | 11.06.2025 - 3.00 P.M. |
| 5 | Date of Opening of Financial Proposal | 12.06.2025 - 3.00 P.M. |

The bidders must apply their proposal through e-tender process www.tendersodisha.gov.in latest by 10.06.2025 by 2 P.M. In case of any Addendum/ Clarification/ Corrigendum/ Extension regarding this tender, the same will be published in e tender portal. The proposals received beyond the last date and time will be rejected without assigning any reason. The authority reserves all the rights to reject any/all proposals at any stage without assigning any reason thereof.

**Address for Submission of Proposal :**
**The Chief Executive Officer**
**ORMAS, SIRD & PR Campus**
**Unit-VIII, Bhubaneswar, PIN-751012, Odisha**

Sd./- Chief Executive Officer
OIPR-19004/11/0020/2526

ଓଡ଼ିଶା ସରକାର No.A-197
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଯାଜପୁର ଜଳସେଚନ ବିଭାଜନ
ଫୋନ୍ ନଂ.06728-222022,ଇ-ମେଲ୍-jpt.irrigation@gmail.com
**'e'-Procurement Notice No.01/2025-26**

1. କାର୍ଯ୍ୟର ନାମ : ନଦୀବନ୍ଧ ଓ କେନାଲ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟର ସଂଖ୍ୟା : ୪୮ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୪.୨୩ ଲକ୍ଷ ରୁ ୭୯.୭୦ ଲକ୍ଷ
୪. ଇ.ଏମ୍.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/ WE Dated 05.12.2017 as Mentioned in DTCN
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ:
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ ଯାଜପୁର
II. ଅନ୍‌ଲାଇନ Biddingର ସମୟସୀମା : ତା.୨୦.୦୫.୨୦୨୫ ଦିବା ୧୦ ଘଟିକାରୁ ତା. ୨୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III.Technical ଏବଂ Financial Bid ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୯.୦୫.୨୦୨୫ ଦିବା ୧୧.୩୦
IV.Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୯.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

ଅନ୍ୟାନ୍ୟ ତଥ୍ୟ ଏହି ୱେବ୍‌ସାଇଟ୍‌ରେ ପ୍ରଦାନ କରାଯାଇଛି। www.tendersorissa.gov.in

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ,
OIPR-32130/11/0028/2526 ଯାଜପୁର ଜଳସେଚନ ବିଭାଜନ, ଯାଜପୁର

**OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION, BALLIGUDA KANDHAMAL-762103**
Tel: - 06846-295392, Fax:-06846-243066, E-mail:- dfo.baliguda@odisha.gov.in
**CLAIM ON SEIZED VEHICLE- REGARDING**
**Notification No. 2833 /Dated 15.05.2025**

**No.MM-44** : It is for information of the General public that the following vehicles are involved in transporting of contraband forest produces for which forest offence cases have been registered, as per Legal provisions confiscation proceeding U/S of Orissa Forest Act 1972 under trial. The name and address of the registered owners of some seized vehicles are could not be ascertained by the Regional Transport Authorities despite attempts of several reminders made by the authorized officers of Balliguda Forest Division. As well as some motor vehicles Regd. Number, some vehicles of engine number & chassis numbers are also not visible, addressee not found & insufficient address. And as per received from RTO information of the owner details of some seized vehicles this office has issued shows cause notice to the concerned Regd. Owner for submission of claims with substantial proof before authorized officers of Balliguda Forest Division for necessary action. But no response/claims have been received in this regard from date of receipt till date to this office. Further no claim has been made for the seized vehicles before the Authorized Officers of Balliguda Forest Division till yet. Hence anybody having property rights over the following seized vehicles are hereby invited to file representation/claim petition with substantial proof before the Authorized Officers of Balliguda Forest Division within one month from the date of publication of this notice failing of which ex-party decision will be taken as deemed proper as per Orissa Forest Act 1972 & the seized vehicles along with the seized forest produce will be confiscated to the Govt. & no further claim shall be entrained.

| Sl. No. | Name of the vehicle & bearing Regd. No | Case No. with name of range | Date of Seizure | Present status of OR/UD Cases |
|---|---|---|---|---|
| 1 | Tata Magic Regd. No. OD-12-3160 | OR Case No.110 of 2017-18 of Balliguda Range | 05.08.2017 | Show cause notice & 1st reminder issued Insufficient address & could not be traced |
| 2 | Bolero Max Pick up white colour engine No.0302AB030DN | OR Case No.26 of 2020-21 of Balliguda Range | 06.10.2020 | No engine number found as per RTO letter |
| 3 | Ashok Leyland Regd. No-OD-25B-9932 | OR Case No.21 of 2021-22 of Tumudibandha Range | 12.09.2021 | Show cause notice & 1st reminder issued, Addressee left without instruction. Returned to sender |
| 4 | Maxx Pick up Regd. No OR-03F-9578 | OR Case No.74 of 2014-15 of Balliguda Range | 13.11.2015 | Show cause notice & 3rd reminder issued, but no reply submitted |
| 5 | Massy Fegruson Tractor Regd. No. OR-12-1911 & OR-12-1912 (Trolley) | OR Case No. 168 of 2017-18 of Daringbadi Range | 31.01.2018 | Show cause notice & 1st reminder issued. Addressee not found |
| 6 | Sonalika Bhumiputra Tractor Regd.No. OD-12C-5925 (Tractor) & OD-12C-5926 (Tolley) | OR Case No.01 of 2024-25 of Kotgarh Range | 20.04.2024 | Show cause notice & 3rd reminder issued, but no reply submitted |
| 7 | Bolero Pick up OD-05-6698 | OR Case No.31 of 2024-25 of Brahmanigaon Range | 05.07.2024 | Show cause notice & 3rd reminder issued, but no reply submitted |

Sd./- Divisional Forest Officer
OIPR-08047/11/0008/2526 Balliguda Forest Division

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିମାପଡ଼ା ମେଡିକାଲରେ ସ୍ଥାପନହେଲା ହେଲ୍‌ଥ ଏଟିଏମ୍

**ରାଜ୍ୟରେ ପ୍ରଥମ**

ନିମାପଡ଼ା,୨୦।୫(ବିଚିତ୍ରାନନ୍ଦ ସାହୁ)

ରାଜ୍ୟରେ ପ୍ରଥମ ଥର ପାଇଁ ପୁରୀ ଜିଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ଥ ଏଟିଏମ୍ ମେଶିନ ମଙ୍ଗଳବାର ସ୍ଥାପନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଏହାର ଶୁଭାରମ୍ଭ କରିବେ ବୋଲି କହିଛନ୍ତି। ଏହି ମେଶିନ ସ୍ଥାପନ ଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ଓ ଗ୍ରାମୀଣ ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସଦୃଶ୍ୟ ହେବ। ଲୋକେ ଏହି ମେଶିନରେ ଟିପ ରଖିଲେ ସେମାନଙ୍କ ହାର୍ଟ, ଡାଇବେଟିସ, କୋଲେଷ୍ଟ୍ରୋଲ, ରକ୍ତଚାପ ସମେତ ବିଭିନ୍ନ ରୋଗର ପରୀକ୍ଷା ହୋଇ ସଙ୍ଗେ ସଙ୍ଗେ ମେଶିନରୁ ରିପୋର୍ଟ ବାହାରିବ। ଏଥିସହ ପ୍ରେସ୍କ୍ରିପ୍ସନ ମଧ୍ୟ ବାହାରି ପାରିବ। ଏହା ଫଳରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହଜରେ ହୋଇପାରିବ। ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ଓ ମେଶିନ ସ୍ଥାପନର ବ୍ୟବସ୍ଥାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଏଥିସହ ନିମାପଡ଼ାବାସୀ ଉପମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ଆଜି ରାଜଭବନ ଆଗରେ ବିଜେଡିର ଗଣଧାରଣା

**୨୨ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେବ କଂଗ୍ରେସ**

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ଏସ୍‌ଇବିସି ବା ଓବିସି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦାବିରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ଘେରାଉ କରାଯିବ। ଏହାସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏନେଇ ବିଜେଡି ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଛି। ରାଜ୍ୟର ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ୧୧.୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ନେଇ ଭାଜପା ସରକାର ଘୋଷଣା କରିବା ପରେ ବିଜେଡି ଏହି ଗଣଧାରଣା କରାଯିବା ନେଇ ଘୋଷଣା କରିଛି। ବିଜେଡି ପକ୍ଷରୁ ଦାବି କରାଯାଇଛି, ଏସ୍‌ଇବିସି ବା ଓବିସି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦିଆଯାଉ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ୧୧.୨୫% ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ପଛୁଆବର୍ଗଙ୍କ ଲାଗି ବିଶ୍ୱାସଘାତକତା। ରାଜ୍ୟ ସରକାରଙ୍କ ଦ୍ୱାରା ଏ ସମ୍ବନ୍ଧରେ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଛି, ଏହା କେବଳ ଅଣବୈଷୟିକ ଓ ଅଣ ବୃତ୍ତିଗତ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ। ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟ ସରକାରଙ୍କ ତରଫରୁ ପଛୁଆ ବର୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି ସେଠାରେ ଥିବା ଆସନଗୁଡ଼ିକ ପ୍ରାୟତଃ ଖାଲି ପଡୁଛି। ଖାଲି ପଡୁଥିବା ଆସନଗୁଡିକ ପାଇଁ ସଂରକ୍ଷଣ ଘୋଷଣା କରିବା ଓ ଏହାକୁ ଐତିହାସିକ ବୋଲି ଦାବି କରିବା ଧୋକା ଓ ପ୍ରବଞ୍ଚନା। ତେଣୁ ରାଜ୍ୟର ସବୁ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗଙ୍କ ନିମନ୍ତେ ୨୭% ଆସନ ସଂରକ୍ଷଣ ଲାଗୁକରିବା ପାଇଁ ବିଜେଡି ଦାବି କରିଛି।

ସେହିପରି ଆସନ୍ତା ୨୨ରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେବା ନେଇ ଘୋଷଣା କରିଛି। ଶିକ୍ଷା ସହ ନିଯୁକ୍ତି କ୍ଷେତ୍ରରେ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ଲାଗୁ କରିବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି। ସେ ଦାବି କରିଛନ୍ତି, ରାଜ୍ୟରେ ସମ୍ବିଧାନର ନିୟମାନୁଯାୟୀ ସଂରକ୍ଷଣ ନୀତି ଲାଗୁ ହେଉ। ସାମାଜିକ ନ୍ୟାୟ ନୀତିଗୁଡ଼ିକ କାର୍ଯ୍ୟକାରୀ ହେଉ ବୋଲି ସେ କହିଛନ୍ତି।

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

1989 born Niari/Kaibarta boy B.Sc. (Hons), MBA wanted to marry a fair colour beautiful graduate onwards girl. First preference Niari/ Kaibarta Caste then other caste. Contact No.- 9437969051, 9620107499. D-626

### GROOM WANTED

Beautiful Khandayat Girl, 1998, 5'4", M.Sc., Serving Officer State Govt. "SUNASANSAR". 9937512659. D-76267

Beautiful Brahmin Girl 31+, M.Sc/ Govt. Class-II Officer. 9938199964, 9090486408. D-636




## REAL ESTATE SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

Executive Corporate Office / Institute Furniture Setup for Immediate Sale. 8820512365. D-591

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397




For rent basic JCV, PC-71 & PC-130 L & T Kamsatu Government work, Private work & Comany work. Contact: 9178924698. D-608

14 Rooms with attached Bathroom, Ground Floor, Chandrasekharpur, Bhubaneswar. 9437008388. D-74730




Newly open health benefits SPA by expert therapist. Contact- 8280961126. D-76913

Full body massage by odia therapist in homely atmosphere. 9556498382. D-75386

Positively health benefits spa expert female therapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

I, Bikram Panda, S/o- Late Peetabas Panda, resident of at Plot No.- 682/683, Flat No.- 1/102, Aditya VIP Enclave, Shanti Nagar, Jharapada, P.S.- Laxmi Sagar, Bhubaneswar-751006, Dist.- Khordha, Odisha declare by this affidavit No.-52, dated 16.05.2025 that now onwards I shall be known as BIKRAMA KESHARI PANDA for all future purposes. D-85387

By virtue of an affidavit sworn before the Executive Magistrate, Boudh, No.-829, dated 19.05.25, I, Akshya Mesua, R/o. Village- Polam, P.O.- Janhapank, P.S./Dist.- Boudh declare that I have changed my son's name from Premanda Mesua to Premananda Mesua. Henceforth, he shall be known as Premananda Mesus for all purposes.
Akshya Mesua D-644

By virtue of an affidavit sworn before Notary Public, Jatni, dated 18.05.2025, I, Karishma Patel, W/o- Deepak Kumar Patel, At- Bhagabati Colony, Ramchandrapur Bazar, Jatni, Dist.- Khordha, 752050 declare that I have changed my name from Limbani Karishma Gopal to Karishma Patel. Henceforth, I shall be known as Karishma Patel for all purposes.
Karishma Patel. D-643

By virtue of an affidavit dated 16.05.2025 sworn before the Executive Magistrate, Salipur, I, Om Prakash Dash, At- Jerakanda, P.O.- Rahania, P.S.- Mahanga, Dist.- Cuttack declare that I have changed my son's name Sai Prasad Dash to Tanmaya Kumar Dash. Henceforth, he shall be known as Tanmaya Kumar Dash for all purposes. D-633

By virtue of an affidavit sworn before the Executive Magistrate, Boudh, No.-837, dated 19.05.25, I, Jogeswar Naik, R/o. Boudh Town (Keutasahi), P.O./P.S./ Dist.- Boudh, Odisha, PIN- 762014 declare that I have changed my son's name from Pritam Kumar Naik to Pritam Naik. Henceforth, he shall be known as Pritam Naik for all purposes.
Jogeswar Naik D-631

I, CHANDRO MAJHI, S/o- Kuanra Majhi, At- Umadeipur, P.O.- Pandhada, P.S.- Jharpokharia, Dist.- Mayurbhanj have changed my & my father name to CHANDRA MAJHI, S/o- Kuanr Majhi. By virtue of affidavit dated on 29.04.2025 sworn before the Executive Magistrate, Baripada, Mayurbhanj. D-630

**Email** ମାଧ୍ୟମରେ କ୍ଲାସିଫାଏଡ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, DARPAN, dated 17.05.2025, I, Dusmanta Dalai, Address: Vill- Upula, P.O.- Bantala, P.S.- Byree, Dist.- Jajpur, Odisha-754024 declare that I have changed my son's name from Omm Dalai to Dambarudhar Dalai. Henceforth, he shall be known as Dambarudhar Dalai for all purposes. D-629

By virtue of an affidavit sworn before Executive Magistrate, BBSR, dated 23.04.2025, I, Buli Choudhuri, Address: Vill- Jilunda, P.O.- Badapur, P.S.- Jarada, Dist.- Ganjam, Odisha, PIN- 761005 declare that I have changed my daughter's name from Yesmini Choudhiri to Jasmin Choudhuri. Henceforth, she shall be known as Jasmin Choudhuri for all purposes.
Buli Choudhuri D-628

By virtue of an affidavit sworn before Executive Magistrate, Bhubaneswar, dated 05.05.2025, I, Kasturi Pattnayak, Address: Plot- 392, Sahid Nagar, Bhubaneswar, PIN-751007 declare that I have changed to my name from Kasturi Baliarsingh to Kasturi Pattnayak. Henceforth, I shall be known as Kasturi Pattnayak for all purposes.
Kasturi Pattnayak D-627

By virtue of an affidavit sworn before Executive Magistrate, Bhubaneswar, CF No.-121, dtd. 20.05.2025, I, JAMMULA VENKAT PRASAD, S/o- Late JAMMULA KRISHNA RAO, resident of at NA/207, Nilachakra Apartment near Old Railway Station, Bhubaneswar- 751006 declare that now onwards I shall be known as JAMMULA VENKATA PRASAD for all future purposes. D-637

By virtue of an affidavit sworn before the Executive Magistrate, Nuagaon, dated 08.05.2025, I, Bijuli Pradhan, Vill- Krushnaprasad, P.O.- Sikrida, P.S.- Nuagaon, Dist.- Nayagarh, Odisha, PIN- 752083 declare that I have changed my daughter's name from Suni Sahoo to Soni Sahoo. Henceforth, she shall be known as Soni Sahoo for all future purpose.
Bijuli Pradhan D-638

By virtue of an affidavit sworn before the Executive Magistrate, Nuagaon, dated 20.05.2025, I, Rikina Behera, W/o- Pabitra Das, Vill- Ragadisahi, P.O.- Paradhipi. P.S.- Nuagaon, Dist.- Nayagarh, Odisha, PIN- 752094 declare that I have changed my name from Renkina Behera to Rikina Behera. Henceforth, she shall be known as Rikina Behera for all future purpose.
Rikina Behera D-642

By virtue of an affidavit (No.- 5069) sworn before Executive Magistrate, Bhadrak, dtd.19.05.2025, I, Omm Prakash Jena (19yrs.), S/o- Prasanta Kumar Jena, Vill- Birapada, P.O.- R.N. Betara, P.S.- Bhadrak(R), Dist.- Bhadrak declare that I have changed my name in my LIC Policy bearing No.- 589904697 from Priyabrata Jena to Omm Prakash Jena. Henceforth, I shall be known as Omm Prakash Jena for all purposes. D-646

By virtue of an affidavit sworn before the Notary Public, Junagarh, I, Jashobant Sabar, S/o- Sudarshan Sabar, R/o. Village- Bandibasul, P.O.- Naktiguda, P.S.- Junagarh, Dist.- Kalahandi, Odisha, PIN- 766023 declare that I have changed my name from Dushmanta Sabar to Jashobant Sabar. Henceforth, I shall be known as Jashobant Sabar for all future purposes.
Jashobant Sabar D-641

By virtue of an affidavit sworn before the Notary Public, Nuapada, No.-640, dated 20.05.25, I, Sabita Majhi, D/o- Lupsinga Majhi, R/o. Maraguda, P.O.- Patora, P.S./Dist.- Nuapada, Odisha, PIN- 766105 declare that I have changed my name from Barsa Majhi to Sabita Majhi. Henceforth, I shall be known as Sabita Majhi for all purposes.
Sabita Majhi D-640

By virtue of an affidavit No.827, dated 16.05.25 sworn before the Executive Magistrate, Boudh, I, Deepa Sahu formerly called Dipanjali Sahoo, D/o- Sambhu Sahu, R/o. Village- Palas, P.O.- Butupali, P.S./Dist.- Boudh, Odisha, PIN- 762014 declare that I have changed my name from Dipanjali Sahoo to Deepa Sahu. Henceforth, I shall be known as Deepa Sahu for all purposes.
Deepa Sahu D-635

By virtue of an affidavit sworn before the Executive Magistrate, Thuamul Rampur, dated 20.05.2025, I, Hansamani Dei formerly called Hamsamani Naik, W/o- Bayamani Naik, R/o. Village/P.O./P.S.- Th. Rampur, Dist.- Kalahandi, Odisha, PIN- 766037 declare that I have changed my name from Hamsamani Naik to Hansamani Dei. Henceforth, I shall be known as Hansamani Dei for all future purposes.
Hansamani Dei D-645

## LEGAL NOTICE

**NOTICE UNDER ORDER V, RULE 20 C.P.C. IN THE COURT OF SENIOR CIVIL JUDGE, L.R. & L.T.V., SAMBALPUR**

Civil Suit No.- 317 of 2014
Smt. Pheni @ Kuili Dharai.
....Plaintiff
Versus
Smt. Saraswati Rana and others.
.....Defendants

20. Manoranjan Bhukta, aged about 58 years, S/o- Late Keshab Bhukta, Occup -Service, by caste- Khandayat, R/o- Qr. No.-2-RB/21, near Nursing Hostel, Burla, P.O./P.S.- Burla, Tahasil and Dist.- Sambalpur.

22. Mumtaz Begum, age not known, W/o-Sheikh Asik, R/o- at Burla, I.R.202, near Doctors' Colony, P.O./P.S.- Burla, District-Sambalpur.

Whereas the Plaintiff has filed the above suit against you and summons through Court and by Registered Post have been issued against you but you have avoided to receive the same. Hence this Court thinks it proper to serve the notice under Order V Rule 20 A C.P.C. by publishing in a daily newspapers.

Take notice that the case is fixed on 25th June 2025 at 10.00 A.M. for appea rance and filing Written Statement. If you fail to appear in Court on the said date personally or through your Advocate, the case will be decided in your absence.

Given under my hand and seal of this Court this 15th day of May of 2025.

**Sd./- Senior Civil Judge, L.R.& L.T.V., Sambalpur** D-632


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


## ମନେ ପଡ଼ନ୍ତି

### ବିଂଶ ଶ୍ରାଦ୍ଧବାର୍ଷିକୀ



**ଏସୀତାନାଥ ନନ୍ଦ**
ଗାନ୍ଧୀମାର୍ଗ, ଆଠଗଡ଼

ତୁମର ତ୍ୟାଗପୂତ, ସରଳ, ନିରାଡ଼ମ୍ବର, ଆଧ୍ୟାତ୍ମିକ ଜୀବନଶୈଳୀ, କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପୂଜ୍ୟ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

**ଅମୃତମୟ ଆଶୀର୍ବାଦ ଭିକ୍ଷାରେ:**
ସ୍ତ୍ରୀ, ଝିଅ, ଶୈ, ପୁଅ, ପିଏମ୍, ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀବୋହୂମାନେ।
ଧ-୬୨୪



## ଧାନଚାଷ ପାଇଁ ପ୍ରସ୍ତୁତି

ଧାନଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ସଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣି ସାରି ଥରେ ମଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ଏକ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ଏକ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ। ତଳିପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳିପଟି ମଧ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ। ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି.ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଡିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ ।



## ରଜନୀଗନ୍ଧାରେ ସାର ପ୍ରୟୋଗ

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ...



ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ସଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ।

# ବିନା ମାଟିରେ ସବୁଜ ଗୋଖାଦ୍ୟ ଉତ୍ପାଦନ



କେଶବ କୁମାର ମହାପାତ୍ର

ଗୋ ମହିଷାଦି ପ୍ରାଣୀମାନଙ୍କ ପାଇଁ ସବୁଜ ଗୋଖାଦ୍ୟ ବା ଘାସ ହେଉଛି ମୁଖ୍ୟ ଖାଦ୍ୟ। ସେମାନଙ୍କର ଖାଦ୍ୟସାରଣୀରେ ସବୁଜ ଗୋଖାଦ୍ୟ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଦାନାର ପରିମାଣକୁ ହ୍ରାସକରେ ଏବଂ ଲାଭର ପରିମାଣ ବୃଦ୍ଧି ଘଟିଥାଏ। କିନ୍ତୁ ପାରମ୍ପରିକ ସବୁଜ ଗୋଖାଦ୍ୟ ବା ଘାସ ଉତ୍ପାଦନ କ୍ଷେତ୍ରରେ କିଛି ସମସ୍ୟା ରହିଛି । ସେଗୁଡିକ ହେଲା-

- ଅଧିକ ଜମି ଆବଶ୍ୟକତା।
- ଜଳର ଅଭାବ।
- ଅଧିକ ଶ୍ରମ ଆବଶ୍ୟକତା।
- ଅଧିକ ଦିନ ଅମଳ ସମୟ (୪୫ ରୁ ୬୦ ଦିନ)।
- ବର୍ଷ ସାରା ସମାନ ଗୁଣବତ୍ତାର ସବୁଜ ଗୋଖାଦ୍ୟ ଉପଲବ୍ଧ ହୋଇ ନ ଥାଏ।
- ଖତ ଏବଂ ସାରର ଆବଶ୍ୟକତା ରହିଥାଏ ।
- ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥାଏ।
- ରୋଗ ଏବଂ କୀଟ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥାଏ।

କିନ୍ତୁ ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ କ୍ଷେତ୍ରରେ ଏହା ସବୁଜଗୃହରେ ନିୟନ୍ତ୍ରିତ ପରିବେଶରେ ଉତ୍ପାଦିତ ହୁଏ।

- ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ବିନା ମାଟିରେ ପ୍ଲାଷ୍ଟିକ ଟ୍ରେ ଚାଷ ହୋଇଥାଏ।
- ଏଥିପାଇଁ ବହୁ କମ୍ ସ୍ଥାନ ଆବଶ୍ୟକ ହୋଇଥାଏ।
- ସାର ଏବଂ କୀଟନାଶକର ଆବଶ୍ୟକ ନାହିଁ ।
- ଜଳ ଏବଂ ବିଦ୍ୟୁତ୍‌ର ଆବଶ୍ୟକତା ବହୁ କମ୍ ଥାଏ।
- ବହୁ କମ୍ ମଜୁରି ଖର୍ଚ୍ଚ ହୋଇଥାଏ।
- ଅମଳ କରିବାର ଅବଧି ବହୁତ କମ୍ (୮-୧୦ ଦିନ) ହୋଇଥାଏ।

**ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ଉତ୍ପାଦନ ବ୍ୟବସ୍ଥା**

ହାଇଡ୍ରୋପୋନିକ୍ସ ପଦ୍ଧତିରେ ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ଆଲୋକ, ତାପମାତ୍ରା, ଆର୍ଦ୍ରତା ଏବଂ ଜଳସେଚନର ସୁବିଧା ସହ ସବୁଜ ଗୃହନିର୍ମାଣ କରାଯାଏ। ସବୁଜଘରର ଆକାର ୮'X୮'X୮' । ଏଥିରେ ୮ ରୁ ୧୦ ଦିନ ଚକ୍ରରେ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ଏହା ମଧ୍ୟରେ ୪ ଧାଡ଼ିରେ ୪୮ଟି ଟ୍ରେ ରଖିବାର ବ୍ୟବସ୍ଥା ହୋଇଥାଏ । ମକା, ଓଟ୍ , ଗହମ, ବାର୍ଲିମଞ୍ଜି ୮୫% ଗଜା ହେଉଥିଲେ ଅଧିକ ଉତ୍ପାଦନ ହୋଇଥାଏ। ୨୪ ଘଣ୍ଟା ଭିଜାଇବା ଓ ୨୪ଘଣ୍ଟା ଅଖାରେ ଗୁମ ଦେବା ସମୟକୁ ବାଦ୍ ଦେଇ କେବଳ ୧ କି.ଗ୍ରା. ବିହନରୁ ୮ଦିନରେ ୭-୮ କେଜି ସବୁଜ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ମୂଳ, ମଞ୍ଜି ଏବଂ ଗଛକୁ ପ୍ରାଣୀଙ୍କୁ ଖାଇବାକୁ ଦିଆଯାଇଥାଏ। ଏଥିରେ ଅଧିକ ପ୍ରୋଟିନ, ଚର୍ବି, ଦ୍ରବୀଭୂତ କାର୍ବୋହାଇଡ୍ରେଟ୍ ଥାଏ। କିନ୍ତୁ ଫାଇବର, ମୋଟ ପାଉଁଶ ଏବଂ ଏସିଡ୍ ଦ୍ରବୀଭୂତ ପାଉଁଶ କମ୍ ପରିମାଣରେ ଥାଏ।

"ହାଇଡ୍ରୋପୋନିକ୍ସ ପଦ୍ଧତିରେ ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ଆଲୋକ, ତାପମାତ୍ରା, ଆର୍ଦ୍ରତା ଏବଂ ଜଳସେଚନର ସୁବିଧା ସହ ସବୁଜ ଗୃହନିର୍ମାଣ କରାଯାଏ। ସବୁଜଘରର ଆକାର ୮'X୮'X୮' । ଏଥିରେ ୮ ରୁ ୧୦ ଦିନ ଚକ୍ରରେ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ଏହା ମଧ୍ୟରେ ୪ ଧାଡ଼ିରେ ୪୮ଟି ଟ୍ରେ ରଖିବାର ବ୍ୟବସ୍ଥା ହୋଇଥାଏ । ମକା, ଓଟ୍ , ଗହମ, ବାର୍ଲିମଞ୍ଜି ୮୫% ଗଜା ହେଉଥିଲେ ଅଧିକ ଉତ୍ପାଦନ ହୋଇଥାଏ। ୨୪ ଘଣ୍ଟା ଭିଜାଇବା ଓ ୨୪ଘଣ୍ଟା ଅଖାରେ ଗୁମ ଦେବା ସମୟକୁ ବାଦ୍ ଦେଇ କେବଳ ୧ କି.ଗ୍ରା. ବିହନରୁ ୮ଦିନରେ ୭-୮ କେଜି ସବୁଜ ଗୋଖାଦ୍ୟ ଉତ୍ପାଦନ ହୋଇଥାଏ। ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ମୂଳ, ମଞ୍ଜି ଏବଂ ଗଛକୁ ପ୍ରାଣୀଙ୍କୁ ଖାଇବାକୁ ଦିଆଯାଇଥାଏ।"



**ସବୁଜ ଗୃହ ନିର୍ମାଣର ଆନୁମାନିକ ଖର୍ଚ୍ଚ ଅଟକଳ**

**ଫାଇବର ଫ୍ରେମ୍‌ର ମୂଲ୍ୟ**

- ପାଇପ୍ ଯୋଡ଼ିବା ପାଇଁ ୧୫୦ଟି (T&L) ସହ ୩୫୦ ଫୁଟ ଫାଇବର ପାଇପ -୧୦,୦୦୦ ଟଙ୍କା
- ପଲିଥିନ ସିଟ୍ ୪୦୦ ବର୍ଗଫୁଟ (ତିନିକଡ ଏବଂ ନିମ୍ନଭାଗ ଘୋଡ଼ାଇବା ପାଇଁ) - ୧,୦୦୦ ଟଙ୍କା
- ସବୁଜ ଆଗ୍ରିନେଟର ମୂଲ୍ୟ (ସବୁଜ ଗୃହକୁ ଆଚ୍ଛାଦନ କରିବା ପାଇଁ )-୨୫୦୦ଟଙ୍କା
- ମାଇକ୍ରୋ ସ୍ପ୍ରିଙ୍କଲର ମୂଲ୍ୟ - ୨,୫୦୦ଟଙ୍କା

ଗୋଟିଏ ଟ୍ରେ'ର ମୂଲ୍ୟ -୨୦୦ଟଙ୍କା।

- ଆର୍ଦ୍ରତା ଓ ତାପମାତ୍ରା ମାପିବା ପାଇଁ (ହାଇଗ୍ରୋମିଟର ଇତ୍ୟାଦି )- ୧୫୦୦ଟଙ୍କା।
- ସବୁଜ ଗୃହ ନିର୍ମାଣ କରିବା ପାଇଁ ପାରିଶ୍ରମିକର ମୂଲ୍ୟ : ୨,୫୦୦ଟଙ୍କା।
- ମୋଟ ଖର୍ଚ୍ଚ : ପାଖାପାଖି ୩୦,୦୦୦ଟଙ୍କା।

**ବାର୍ଷିକ ଗୋଖାଦ୍ୟ ଉତ୍ପାଦନର ଅଟକଳ**

ପ୍ରତି ଟ୍ରେରେ ୧ କିଲୋଗ୍ରାମ ବିହନରୁ ୭-୮ କିଲୋଗ୍ରାମ ସବୁଜ ଗୋଖାଦ୍ୟ ୮-୧୦ ଦିନ ମଧ୍ୟରେ ଉତ୍ପାଦିତ ହେବ। ତେଣୁ ପ୍ରତିଦିନ ୬ ଟ୍ରେ X ୮କିଲୋଗ୍ରାମ = ୪୮ କିଲୋଗ୍ରାମ ଉତ୍ପାଦନ ହେବ। ଗୋଟିଏ ମାସରେ ୪୮ କିଲୋଗ୍ରାମ X୩୦ କୁଇଣ୍ଟାଲ ୧୬.୮୦ ବାର୍ଷିକ ୧୬.୮୦X୧୨ ମାସ = ୨୦୦ (ବାର୍ଷିକ ପାଖାପାଖି ୨୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ଉତ୍ପାଦନ ହେବ। )ଏହି ହାଇଡ୍ରୋପୋନିକ୍ସ ସବୁଜ ଗୋଖାଦ୍ୟ ଚାଷ ପ୍ରଣାଳୀ ଗ୍ରହଣକରି ଭୂମିହୀନ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଉପକୃତ ହେବେ ଏବଂ ଅନ୍ୟ କୃଷକମାନେ ମଧ ସବୁଜ ଗୋଖାଦ୍ୟ ନିଅଣ୍ଟିଆ ସମୟରେ ସବୁଜ ଗୋଖାଦ୍ୟ ଉତ୍ପାଦନ କରିପାରିବେ।

-ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା, ବାଲେଶ୍ୱର, ମୋ : ୯୪୩୭୧୧୭୪୦୬

## ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨-୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

## କୁକୁଡ଼ା ପାଳନ



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । କୁକୁଡ଼ାଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଟାଙ୍ଗିବାର ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ ।

# ଖରାଦିନେ ପ୍ରାଣୀଙ୍କ ଯତ୍ନ

(ଶେଷ ଭାଗ)



ପ୍ରାଣୀଙ୍କୁ ଅମ୍ଳରୁ ମୁକ୍ତି ପାଇବା ପାଇଁ ଏବଂ ନଡ଼ାର ଗୁଣାତ୍ମକମାନ ବଢ଼ାଇବା ପାଇଁ ୨ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ ।

**ପ୍ରଥମ ପ୍ରଣାଳୀ :** ନଡ଼ାକୁ ୩-୫ ସେମି ଲମ୍ବର ଚାଫ କଟରରେ କିମ୍ବା ଦାଆରେ କାଟି ୩-୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ। ତା'ପରେ ଏହି ନଡ଼ାଖଣ୍ଡକୁ ପାଣିରୁ ଛାଣିବା ପରେ ୨ ଘଣ୍ଟା ଶୁଖାନ୍ତୁ। ତା'ପରେ ମକାଗୁଣ୍ଡ, ମିନେରାଲ ମିକ୍ସକରି ଲୁଣ, କୁଣ୍ଡା ଆଦି ମିଶାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ନଡ଼ା ଧୋଇ ଖାଇବାକୁ ଦେବା ଦ୍ୱାରା ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳର ପ୍ରଭାବ କମିଯାଇଥାଏ ଏବଂ ନଡ଼ା ସୁସ୍ୱାଦୁ, ନରମ ଓ ପୁଷ୍ଟିଯୁକ୍ତ ହୋଇଥାଏ। ଏହାଦ୍ୱାରା ମଧ ନଡ଼ାରୁ ମଇଳା ବାହାରି ଯାଇଥାଏ ଏବଂ ଅଧିକ ନଷ୍ଟ ହୋଇ ନ ଥାଏ ।

**ଦ୍ୱିତୀୟ ପ୍ରଣାଳୀ :** ୟୁରିଆ ମିଶ୍ରିତ ନଡ଼ା ଉପଚାର । ଆବଶ୍ୟକ ଉପାଦାନ : ୧. ୟୁରିଆ ସାର ୪କେ.ଜି., ୨. ପରିଷ୍କାର ପାଣି ୫୦ଲିଟର, ୩. ନଡ଼ା କଟାଖଣ୍ଡ ୪-୫ସେ.ମି. ଲମ୍ବ ୧୦୦ କେ.ଜି।

**ପ୍ରସ୍ତୁତି :** ପ୍ରଥମେ ଏକ ପାତ୍ରରେ ୪କେ.ଜି. ୟୁରିଆକୁ ୫୦ଲିଟର ପରିଷ୍କାର ପାଣିରେ ଦ୍ରବୀଭୂତ କରାଯାଉ । ବିଛାଯାଇଥିବା କଟା ନଡ଼ାଖଣ୍ଡର ପ୍ରଥମସ୍ତର ଉପରେ ଏହି ଦ୍ରବଣ ହାତ କିମ୍ବା ସ୍ପ୍ରିଙ୍କଲର ସାହାଯ୍ୟରେ ସମାନ ଭାବେ ସିଞ୍ଚନ କରନ୍ତୁ । ପୁଣି ଏକ ସ୍ତର କଟା ନଡ଼ାଖଣ୍ଡ ଏହା ଉପରେ ରଖାଯାଇ ପୂର୍ବଭଳି ୟୁରିଆ ଦ୍ରବଣ ସିଞ୍ଚନ କରାଯାଉ । ଗୋଡ଼ ଦ୍ୱାରା ନଡ଼ା ଗଦାରୁ ବାୟୁ ନିଷ୍କାସନ ପାଇଁ ଭଲ ଭାବେ ଚାପିକରି ଗଦା କରାଯାଏ । ଏହିପରି ଗଦାଟି ସମ୍ପୂର୍ଣ୍ଣ ହୋଇଗଲେ କଳାରଙ୍ଗର ପଲିଥିନ କିମ୍ବା ଉପଚାର ନ ହୋଇଥିବା ଛଣ କିମ୍ବା ତାର୍ପୋଲିନ ଦ୍ୱାରା ନଡ଼ାଗଦାକୁ ସମ୍ପୂର୍ଣ୍ଣ ଆବଦ୍ଧ କରି ରଖାଯାଇଥାଏ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟା ପ୍ରଘଟ ପାଇଁ ୩ ସପ୍ତାହ ପର୍ଯ୍ୟନ୍ତ ଅତି କମ୍‌ରେ ରଖାଯାଇଥାଏ ।

**ସାବଧାନତା**

- ମଇଳା ବା ଅପରିଷ୍କାର ପାଣି ବ୍ୟବହାର କରନ୍ତୁ ନାହିଁ।
- ୟୁରିଆ ଦ୍ରବଣକୁ ସମାନ ଭାବେ ସବୁଆଡ଼େ ଛିଞ୍ଚନ୍ତୁ।
- ନଡ଼ାଗଦା ତିଆରି ସମୟରେ ଭଲଭାବେ ଗୋଡ଼ରେ ଚାପିରଖନ୍ତୁ।
- ୟୁରିଆ ମିଶ୍ରିତ ନଡ଼ାଗଦାକୁ ଭଲଭାବେ କଳାରଙ୍ଗ ପଲିଥିନ ଦ୍ୱାରା ନିବୁଜ ରଖନ୍ତୁ।

ତିନି ସପ୍ତାହ ପରେ ସମସ୍ତ ରାସାୟନିକ ପ୍ରକ୍ରିୟା ଘଟିବା ପରେ ନଡ଼ାର ଗୁଣାତ୍ମକ ମାନ ବଢ଼ିଯାଏ ଏବଂ ଏହା ଖାଦ୍ୟ ଉପଯୋଗୀ ଓ ସୁସ୍ୱାଦୁ ହୋଇଥାଏ ।

**ଖୁଆଇବା ପରିମାଣ**

**ପଡ଼ିଆ ଗାଈ :** ୪-୬ କେ.ଜି. ଦୈନିକ ହିସାବରେ ଖାଇଲେ, ତାହା ଶରୀରର ସମସ୍ତ ଶକ୍ତି ଏବଂ ପୁଷ୍ଟିସାର ଚାହିଦା ମେଣ୍ଟାଇଥାଏ ।

**ଦୁଧିଆଳୀ ଗାଈ :** ୪-୫କେ.ଜି. ୟୁରିଆ ଉପଚାର ନଡ଼ା ୫୦୦ଗ୍ରାମରୁ ୧କେ.ଜି. ସୁଷମ ଦାନାର ପରିମାଣ କମାଇ ଦିଏ କିମ୍ବା ୧ କେ.ଜି.ରୁ ଦେଢ଼ କେ.ଜି. କ୍ଷୀର ଉତ୍ପାଦନ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ । ବେଳେବେଳେ ଚାଷୀଭାଇମାନେ କ୍ଷୀର ଉତ୍ପାଦନ ବୃଦ୍ଧି ଲାଗି ଭୁଲ୍‌ବଶତଃ କେବଳ ୟୁରିଆ ମିଶ୍ରିତ ପାଣି ବା ଦ୍ରବଣକୁ ସିଧାସଳଖ ଗାଈଙ୍କୁ ପିଆଇଥାନ୍ତି। ଫଳରେ ଗାଈ କ୍ଷୀର ଦେବା ପରିବର୍ତ୍ତେ ମୃତ୍ୟୁବରଣ କରନ୍ତି । ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ । ବାଛୁରୀକୁ ୟୁରିଆ ଉପଚାର ନଡ଼ା ଖୁଆନ୍ତୁ ନାହିଁ।

-ଡା. ବୀରକିଶୋର ପରିଡ଼ା,
ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

# ବିଜୟ ସହ ରାଜସ୍ଥାନ ଅଭିଯାନ ଶେଷ

**ନୂଆଦିଲ୍ଲୀ,୨୦।୫**

ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ରାଜସ୍ଥାନ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୭ ରନ କରିଥିଲା। ଦଳ ପକ୍ଷରୁ ଆୟୁଷ ମହାତ୍ରେ ୪୩ (୮ ଚୌକା ଓ ୧ ଛକା), ଡେୱାଲ୍ଡ ବ୍ରେଭିସ ୪୨ (୨ ଚୌକା ଓ ୩ ଛକା) ଓ ଶିବମ ଦୁବେ ୩୯ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ଯୁଦ୍ଧବୀର ସିଂ ଚରକ ଓ ଆକାଶ ମାଧ୍ୱାଲ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ୧୭.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ସୂର୍ଯ୍ୟବଂଶୀ ୫୭ (୪ ଲେଖାଏ ଚୌକା ଓ ଛକା), ଅଧିନାୟକ ସଞ୍ଜୁ ସାମସନ ୪୧ (୩ ଚୌକା ଓ ୨ ଛକା), ଯଶସ୍ୱୀ ଜୟସ୍ୱାଲ ୩୬ (୫ ଚୌକା ଓ ୨ ଛକା), ଧ୍ରୁବ ଜୁରେଲ ଅପରାଜିତ ୩୧ (୨ ଚୌକା ଓ ୩ ଛକା) ରନ କରିଥିଲେ। ଚେନ୍ନାଇ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨ ଉଇକେଟ ନେଇଥିଲେ।


ବୋଲିଂ ଆକ୍ସନ୍‌ରେ ଯୁଦ୍ଧବୀର ସିଂ ଚରକ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୮୭/୮ (ଆୟୁଷ ମହାତ୍ରେ–୪୩, ଡେୱାଲ୍ଡ ବ୍ରେଭିସ–୪୨, ଶିବମ ଦୁବେ–୩୯, ଯୁଦ୍ଧବୀର ସିଂ ଚରକ–୩/୪୭, ଆକାଶ ମାଧୱାଲ–୩/୨୯)। ରାଜସ୍ଥାନ ରୟାଲ୍ସ: ୧୭.୧ ଓଭରରେ ୧୮୮/୪ (ବୈଭବ ସୂର୍ଯ୍ୟବଂଶୀ–୫୭, ସଞ୍ଜୁ ସାମସନ–୪୧, ଯଶସ୍ୱୀ ଜୟସ୍ୱାଲ–୩୬, ରବିଚନ୍ଦ୍ରନ ଅଶ୍ୱିନ–୨/୪୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୫ | ୭ | ୦ | ୧୦ | –୦.୫୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | –୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | –୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | –୧.୦୩୦ |

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ଦିଲ୍ଲୀ**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଜାନୁଆରୀ ୫ରୁ ହକି ଇଣ୍ଡିଆ ଲିଗ୍

**ନଏଡ଼ା, ୨୦।୫ (ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏସ୍‌ଆଇଏଲ)ର ୨୦୨୬ ସଂସ୍କରଣ ଜାନୁଆରୀ ୫ରୁ ଆରମ୍ଭ ହେବ। ଜାତୀୟ ମହାସଂଘର ସାଧାରଣ ସମ୍ପାଦକ ଭୋଲା ନାଥ ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି। ହକି ଇଣ୍ଡିଆ ଲିଗ୍ ୭ବର୍ଷ ବ୍ୟବଧାନରେ ଗତବର୍ଷ ଡିସେମ୍ବର ୨୮ରୁ ଚଳିତବର୍ଷ ଫେବ୍ରୁଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଚ୍‌ଆଇଏଲର ସମୟ ସ୍ଥିରୀକୃତ ହୋଇସାରିଛି। ପୁରୁଷ ବିଭାଗରେ ପୂର୍ବ ଭଳି ୮ଟି ଦଳ ଭାଗ ନେବେ। ମହିଳା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିବେ। ଗତବର୍ଷ ତୁଳନାରେ ଏଥିରେ ଦୁଇଟି ଅଧିକ ଦଳ ଭାଗ ନେବେ। ଟୁର୍ନାମେଣ୍ଟର ଭେନ୍ୟୁ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନାହିଁ। ସମସ୍ତ ଅଂଶୀଦାରଙ୍କ ସହିତ ଆଲୋଚନା ପରେ ଯାଇ ଏହା ଘୋଷଣା କରାଯିବ। ହକି ଇଣ୍ଡିଆ ଓ ଅମିଟି ଅନ୍‌ଲାଇନ୍ ଏଜୁକେଶନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ସିଂ ଏହି ସବୁ ସୂଚନା ଦେଇଛନ୍ତି। ବିଦେଶୀ ଖେଳାଳିମାନଙ୍କ ଭାବନା ଓ ଖ୍ରୀଷ୍ଟମାସ ପାଳନକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ହକି ଇଣ୍ଡିଆ ଲିଗ୍ ଜାନୁଆରୀ ୫ରୁ ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଗତ ଏଚ୍‌ଆଇଏଲ୍‌ରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଉପରେ କେତେଜଣ ବିଦେଶୀ ଖେଳାଳିଙ୍କର ପ୍ରାପ୍ୟ ବାକିଥିବା ବିଷୟ ରିପୋର୍ଟରେ ଯାହା ପ୍ରକାଶ ପାଇଛି ସେ ତାହାର ଖଣ୍ଡନ କରିଥିଲେ। ହକି ଇଣ୍ଡିଆର ଗାଇଡ୍ ଲାଇନ୍ ଅନୁସାରେ ଏକ ଫ୍ରାଞ୍ଚାଇଜ ଏହାର ଟପ୍ ୧୨ ଖେଳାଳିଙ୍କୁ ରିଟେନ କରି ଅବଶିଷ୍ଟଙ୍କୁ ନିଲାମ ପାଇଁ ଛାଡ଼ି ପାରିବ। ମଙ୍ଗଳବାର ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁସାରେ ଦେଶର ଖେଳାଳିମାନେ କୌଣସି ପ୍ରଫେସନାଲ କିମ୍ବା ଆଣ୍ଡର ଗ୍ରାଜୁଏଟ୍ କୋର୍ସ ପାଇଁ ଆମିଟି ୟୁନିଭର୍ସିଟିରୁ ଏକାଡେମିକ୍ ସ୍କଲାରଶିପ୍ ପାଇ ପାରିବେ।

# ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ ୨୫ରୁ



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୦।୫ (ତପନ ସ୍ୱାଇଁ)**

### ଟ୍ରଫି ଉନ୍ମୋଚିତ, ଭାଗନେବେ ୮ ଦଳ

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ଭୁବନେଶ୍ୱର ଓ କଟକର ପ୍ରତିଷ୍ଠିତ ୮ଟି ଦଳ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ୪୦ ଓଭର ବିଶିଷ୍ଟ ହେବ। ଖେଳାଳିମାନେ ପାରମ୍ପରିକ ଧଳା ପୋଷାକ ପରିଧାନ କରିବେ ଏବଂ ନାଲି ବଲ୍‌ରେ ଟୁର୍ନାମେଣ୍ଟ ଖେଳାଯିବ। ଚାମ୍ପିୟନ ଦଳକୁ ଆକର୍ଷଣୀୟ ଟ୍ରଫି ସହ ୫୦,୦୦୦ ଓ ରନରଅପ୍ ଦଳକୁ ୩୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ମ୍ୟାଚ, ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଏବଂ ବିଭିନ୍ନ ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନା ପ୍ରକାଶ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା, ବି. ଦେବୀଦତ୍ତ ବାବୁ, ସୁଧୀର ପରିଡ଼ା, ପ୍ରସନ୍ନ ନରେନ୍ଦ୍ର ଓ କ୍ଲବର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଥିଲେ। ୨୫ ତାରିଖରେ ରାଇଜିଂ ଷ୍ଟୁଡେଣ୍ଟ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଉଦ୍‌ଘାଟନୀ ତଥା ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ୨୬ରେ ପ୍ରଗତି–ୟୁନିୟନ ସ୍ପୋର୍ଟିଂ, ୨୭ରେ ପାରାମାଉଣ୍ଟ–ସହିଦ ସ୍ପୋର୍ଟିଂ ଏବଂ ୨୮ରେ ମୁକ୍ତେଶ୍ୱର ଓ ଟାଉନ୍ କ୍ଲବ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ୨୯ ଓ ୩୦ରେ ଦୁଇ ସେମିଫାଇନାଲ ଏବଂ ଜୁନ୍ ୧ରେ ଫାଇନାଲ ଅନୁଷ୍ଠିତ ହେବ।

# ‘ଦି ୱାର୍ଲ୍ଡ ବିପକ୍ଷ’ ମ୍ୟାଚ୍ ଡ୍ର ରଖିଲେ କାର୍ଲସେନ

**ବର୍ଲିନ,୨୦।୫ (ଏପି):** ବିଶ୍ୱର ୧.୪୩ ଲକ୍ଷଠାରୁ ଅଧିକ ଲୋକଙ୍କୁ ନେଇ ଗଠିତ ଦି ୱାର୍ଲ୍ଡ ବିପକ୍ଷରେ ଖେଳାଯାଇଥିବା ଅନ୍‌ଲାଇନ ଚେସ୍ ମ୍ୟାଚ୍‌କୁ ନରୱେର ଚେସ୍ ଗ୍ରାଣ୍ଡମାଷ୍ଟର ମାଗ୍ନସ କାର୍ଲସେନ ଡ୍ର’ ରଖିଛନ୍ତି। ବିଶ୍ୱର ସବୁଠୁ ବଡ଼ ଚେସ୍ ୱେବସାଇଟ୍ ଚେସ୍ ଡଟ୍ କମ୍‌ରେ ଗତ ୪ ତାରିଖରେ ଏହି ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରଥମ ଥର ପାଇଁ ଏକ ଅନ୍‌ଲାଇନ ଫ୍ରିଷ୍ଟାଇଲ ମ୍ୟାଚ୍‌ରେ ଜଣେ ୱାର୍ଲ୍ଡ ଚାମ୍ପିୟନ ସ୍ଥାନ ପାଇଥିଲେ। ଏହି ଐତିହାସିକ ମ୍ୟାଚ୍ ଟିମ ୱାର୍ଲ୍ଡ, କାର୍ଲସେନଙ୍କୁ ୩ ଥର ଚେକ୍ ଦେବା ପରେ ଡ୍ର’ରେ ଶେଷ ହୋଇଥିଲା। ଏହି ମ୍ୟାଚ୍‌ରେ କାର୍ଲସେନ ବଡ଼ ବ୍ୟବଧାନରେ ଜିତିବେ ବୋଲି ଆଶା କରାଯାଉଥିଲା। କାର୍ଲସେନ ଧଳା ଗୋଟିରେ ଖେଳିଥିବା ବେଳେ ଟିମ ୱାର୍ଲ୍ଡର ସଦସ୍ୟମାନେ ପ୍ରତ୍ୟେକ ମୁଭ ଲାଗି ଭୋଟ କରିଥିଲେ। ଆରମ୍ଭରୁ ଦି ୱାର୍ଲ୍ଡ’ ଖୁବ୍ ଭଲ ଖେଳିଥିଲା। ଯଦିଓ ସେମାନେ ଅଧିକ ସାହସୀ ବିକଳ୍ପ ବାଛି ନ ଥିଲେ, କିନ୍ତୁ ସାଧାରଣ ଚେସ୍ ଖେଳିଥିଲେ; ଯାହା କି ସର୍ବଦା ଶ୍ରେଷ୍ଠ ଷ୍ଟ୍ରାଟେଜି ନୁହେଁ। କିନ୍ତୁ ଏହା ଏଥର କାମ ଦେଇଥିଲା ବୋଲି କାର୍ଲସେନ ଶୁକ୍ରବାର କହିଛନ୍ତି। ୩୪ ବର୍ଷୀୟ କାର୍ଲସେନ ୨୦୧୦ରେ ୧୯ ବର୍ଷ ବୟସରେ ବିଶ୍ୱର ନଂ–୧ ଖେଳାଳି ହେବାର ସଫଳତା ପାଇଥିଲେ।

# ଗେଟ୍‌ବଲ୍‌ରେ ଭାଗନେବେ ଓଡ଼ିଶାର ୪ ଖେଳାଳି



ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଖେଳାଳି ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୦।୫ (ତପନ ସ୍ୱାଇଁ)**

### ୱାର୍ଲ୍ଡ ମାଷ୍ଟର୍ସ ଗେମ୍

ତାଇୱାନର ତାଇପେଠାରେ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ ଚଳିତ ମାସ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଗେଟ୍‌ବଲ୍ ୟୁନିୟନ (ଆଇଜିୟୁ) ପକ୍ଷରୁ ଓଡ଼ିଶାର ୪ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଦିଲୀନ କୁମାର ଷଡ଼ଙ୍ଗୀ। ମନୋନୀତ ଖେଳାଳିମାନେ ମଙ୍ଗଳବାର ତାଇୱାନ ଯାତ୍ରା କରିଛନ୍ତି। ପ୍ରତିଯୋଗିତାରେ ଟିମ୍ ଇଭେଣ୍ଟ ସହିତ ଡବଲ୍ସ ଓ ଟ୍ରିପଲ୍ସ ବିଭାଗରେ ମ୍ୟାଚ ଖେଳାଯିବ। ଓଡ଼ିଶା ଖେଳାଳିମାନେ ପ୍ରତି ବିଭାଗରେ ଅଂଶଗ୍ରହଣ କରିବେ ବୋଲି ଆଇଜିୟୁର ମୁଖପାତ୍ର ଦିଲୀପ ଦାସ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ଚଳିତବର୍ଷ ପ୍ରଥମଥର ପାଇଁ ଗେଟ୍ ବଲ୍‌କୁ ସାମିଲ କରାଯାଇଛି। ଖେଳାଳିମାନଙ୍କୁ ବିଦାୟୀ ଶୁଭେଚ୍ଛା ଜଣାଇବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ଆଇଜିୟୁ ପକ୍ଷରୁ ଉପସଭାପତି ସଞ୍ଜୀବ କୁମାର ପରିଡ଼ା, ସମ୍ପାଦକ ରଞ୍ଜନ କୁମାର ପାତ୍ର, ଗିରିଜା ନାୟକ, ଏଜାଜ ଅହମଦ, ବିଷ୍ଣୁପ୍ରିୟା ବେହେରା, ରଞ୍ଜିତାରାଣୀ ବେହେରା, ଅଳକା ରାୟ, ଅନିଲ ରଥ ଓ ଅଭିଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶିବ୍‌ପାଲ ପୁଣି ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୨୦।୫ (ପି.ଟି.):** ଅଲିମ୍ପିଆନ ଜାଭେଲିନ୍ ଥ୍ରୋୟର ଶିବପାଲ୍ ସିଂ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ହେଲେ ସେ ସର୍ବାଧିକ ୮ବର୍ଷ ବାସନ୍ଦ ଦଣ୍ଡ ପାଇବେ। ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିବା ଏହି ୨୯ ବର୍ଷୀୟ ଏହି ଆଥଲେଟଙ୍କଠାରୁ ଚଳିତବର୍ଷ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ସେତେବେଳେ ସେ ଏନ୍‌ଆଇଏସ୍ ପଟିଆଲାରେ ଟ୍ରେନିଂ ନେଉଥିଲେ। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡ଼ା) ଦ୍ୱାରା ସେ ବର୍ତ୍ତମାନ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ପୂର୍ବରୁ ୨୦୨୧ରେ ଶିବପାଲଙ୍କଠାରୁ ପ୍ରତିଯୋଗିତା ବାହାରେ ଡୋପ୍ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏକ ଷ୍ଟେରଏଡ୍ ପାଇଁ ତାଙ୍କର ପଜିଟିଭ ଆସିଥିଲା।

# ଏସୀୟ ଜୁ ଜିତଷୁ ପାଇଁ ଓଡ଼ିଶା ଦଳ ମନୋନୀତ

**ଭୁବନେଶ୍ୱର, ୨୦।୫ (ତପନ ସ୍ୱାଇଁ)**

ଚଳିତ ମାସ ୨୩ରୁ ୨୫ ମଧ୍ୟରେ ୯ମ ଏସୀୟ ସିନିୟର ଜୁ ଜିତଷୁ ପ୍ରତିଯୋଗିତା ଜୋର୍ଡାନରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ମନୋନୀତ ଓଡ଼ିଶାର ୪ ପ୍ରତିଯୋଗୀ ମଙ୍ଗଳବାର ଜୋର୍ଡାନ ଯାତ୍ରା କରିଛନ୍ତି। ଗତ ଜାତୀୟ ସିନିୟର ପ୍ରତିଯୋଗିତାରେ ଓଡିଶା ତରଫରୁ ପ୍ରତିନିଧି କରି ଏହି ଖେଳାଳି ମାନେ ପଦକ ହାସଲ କରିଥିଲେ। ଗତ ୪ଟି ଏସୀୟ ଜୁ ଜିତଷୁ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଦକ ବିଜୟୀ ତଥା ଗତ ଏସିଆନ ଗେମ୍ସ ରେ ଜୁ ଜିତଷୁ ଶୃଙ୍ଖଳାରେ ଭାଗ ନେଇଥିବା ଦେଶର ୧ ନମ୍ବର ଜୁ ଜିତଷୁ ଖେଳାଳି ଅନୁପମା ସ୍ୱାଇଁ ମହିଳା ୫୨ କେଜି ନି–ୱାଜା, କଣ୍ଟାକ୍ଟ ଓ ଫାଇଟ୍‌ରେ ଅଂଶଗ୍ରହଣ କରିବେ।



ମନୋନୀତ ଓଡ଼ିଶାର ୪ ଖେଳାଳି।

ସେହିପରି ସରୋଜ ଯାନୀ ଓ ଦେବାଶିଷ ସାମନ୍ତରାୟ ନି–ୱାଜା ଓ କଣ୍ଟାକ୍ଟରେ ଏବଂ ସନ୍ତୋଷ ସିଂନି ୱାଜା ଓ ଫାଇଟିଂରେ ଅଂଶଗ୍ରହଣ କରିବେ। ଓଡିଶା ଜୁ ଜିତଷୁ ସଂଘ ତରଫରୁ ମଙ୍ଗଳବାର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଏହି ଖେଳାଳି ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରଯାଇଥିଲା। ଖେଳାଳି ମାନଙ୍କୁ ରାଜ୍ୟ ସରକାର ଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥିବାରୁ ଜୁ ଜିତଷୁ ସଂଘ ତରଫରୁ ଓଡିଶା ରାଜ୍ୟ କ୍ରିଡା ବିଭାଗକୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଅହମ୍ମଦାବାଦରେ ଆଇପିଏଲ୍ ଫାଇନାଲ

**ନୂଆଦିଲ୍ଲୀ,୨୦।୫(ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫାଇନାଲ ମ୍ୟାଚ୍ ଆସନ୍ତା ୩ ତାରିଖରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଫାଇନାଲ ପୂର୍ବରୁ କ୍ୱାଲିଫାୟର–୨ ମ୍ୟାଚ୍ ଜୁନ ୧ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ। କିନ୍ତୁ ପ୍ଲେଅଫ୍ ପର୍ଯ୍ୟାୟର ପ୍ରଥମ ଦୁଇ ମ୍ୟାଚ୍ ଯଥା କ୍ୱାଲିଫାୟର–୧ ଓ ଏଲିମିନେଟର ନୂଆ ଚଣ୍ଡିଗଡ଼ସ୍ଥିତ ମୁଲାନପୁରରେ ଯଥାକ୍ରମେ ମେ’ ୨୯ ଓ ୩୦ ତାରିଖରେ ଖେଳାଯିବ। ଦେଶରେ ଧିରେ ଧିରେ ବର୍ଷା ଋତୁ ଆରମ୍ଭ ହେଉଥିବାରୁ ପାଣିପାଗକୁ ଦୃଷ୍ଟିରେ ରଖି ବିସିସିଆଇ ଆସନ୍ତା ୨୩ ତାରିଖରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ମଧ୍ୟରେ ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ଲକ୍ଷ୍ନୌ ସ୍ଥାନାନ୍ତର କରାଯାଇଛି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନ୍ତିମ ମ୍ୟାଚ୍ ଧୋଇ ଯାଇଥିଲା। ପାଣିପାଗ ଓ ଅନ୍ୟ ବିଷୟକୁ ଦୃଷ୍ଟିରେ ରଖି ଆଇପିଏଲ୍ ଗଭର୍ନିଂ କାଉନସିଲ ପ୍ଲେଅଫ୍ ଲାଗି ନୂଆ ଭେନ୍ୟୁ ଚୟନ କରିଛି। ପ୍ଲେଅଫ୍ ପର୍ଯ୍ୟାୟ ଭଳି ଲିଗ୍ ପର୍ଯ୍ୟାୟର ବଳକା ମ୍ୟାଚ୍ ପାଇଁ ପ୍ଲେଇଂ କଣ୍ଡିଶନ ଲାଗି ଏକ ଅତିରିକ୍ତ ଘଣ୍ଟା ଦିଆଯିବ ବୋଲି ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।

# ରାଠୀ ଗୋଟିଏ ମ୍ୟାଚ ପାଇଁ ସସ୍‌ପେଣ୍ଡ

**ଲକ୍ଷ୍ନୌ, ୨୦।୫ (ପି.ଟି.):** ସୋମବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଓପନର ଅଭିଷେକ ଶର୍ମାଙ୍କୁ ଆଉଟ କରିବା ପରେ ତାଙ୍କ ସହିତ ବଚସା ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଲେଗ୍ ସ୍ପିନର ଦିଗ୍‌ଭେଶ ସିଂ ରାଠିଙ୍କୁ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ଡିମେରିଟି ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚି ଯାଇଥିବାରୁ ଅହମ୍ମଦାବାଦରେ ଗୁଜରାଟ ଟାଇଟନ୍ସ ବିପକ୍ଷ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସ୍‌ଜି)ର ପରବର୍ତ୍ତୀ ମୁକାବିଲାରେ ଖେଳିବାରୁ ସେ ବଞ୍ଚିତ ହୋଇଛନ୍ତି। ସୋମବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଆଇପିଏଲ୍ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କୁ ତାଙ୍କ ମ୍ୟାଚ ଫିଁର ୫୦ ପ୍ରତିଶତ ଜରିମାନା ହୋଇଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ